# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୧୭/୨୦୧୯ (୨୦ ପୃଷ୍ଠା) | Bhubaneswar, Wednesday, July 17/2019 | ★★★★★★

୪୫ଶ ଭାଗ ୨୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଅଭିନୟରେ ନିଜକୁ ଭୁଲିଯିବାକୁ ହୁଏ: ସାରା**
ଅଭିନୟ କରିବା ବେଳେ ନିଜକୁ ଭୁଲିଯିବାକୁ ହୁଏ ବୋଲି ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ୍ କହିଛନ୍ତି ।

୦୨

୧୯

**ବିଜୟବୀରଙ୍କୁ ପୁଣି ସ୍ୱର୍ଣ୍ଣ**
ଜର୍ମାନୀର ସୁଲ୍‌ଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ଶୁଟିଂ ବିଶ୍ୱକପ୍‌ରେ ବିଜୟବୀର ସିଦ୍ଧୁ ତାଙ୍କର ତୃତୀୟ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି ।



■ ପୋଷ୍ଟମ୍ୟାନ୍ ନିଯୁକ୍ତି ପରୀକ୍ଷା ବାତିଲ

# ସ୍ଥାନୀୟ ଭାଷାରେ ପୁଣି ହେବ

**ନୂଆଦିଲ୍ଲୀ,୧୬।୭(ପି.ଟି.)**

ଗ୍ରାମାଞ୍ଚଳରେ ପୋଷ୍ଟମ୍ୟାନ୍ ଓ ଆସିଷ୍ଟାଣ୍ଟ ପଦବୀ ପାଇଁ ରବିବାର ଅନୁଷ୍ଠିତ ପରୀକ୍ଷାକୁ କେନ୍ଦ୍ର ସରକାର ବାତିଲ କରିଦେଇଛନ୍ତି। ତାମିଲ ପରିବର୍ତ୍ତେ କେବଳ ହିନ୍ଦୀ ଓ ଇଂଲିଶ୍ ଭାଷାରେ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇଥିବାରୁ ତାହାକୁ ତାମିଲନାଡୁର ଏଆଇଏଡିଏମ୍‌କେ ବିରୋଧ କରିଥିଲା। ଶେଷରେ କେନ୍ଦ୍ର ସରକାର ମୁଣ୍ଡ ନୁଆଁଇବାକୁ ବାଧ ହୋଇଛନ୍ତି। ଏଥିସହିତ ସ୍ଥାନୀୟ ଭାଷାରେ ପୁନଃ ପରୀକ୍ଷା ହେବ ବୋଲି ଘୋଷଣା କରାଯାଇଛି।

ଜୁଲାଇ ୧୪ରେ ପୋଷ୍ଟମ୍ୟାନ୍ ପଦବୀ ପାଇଁ ହୋଇଥିବା ପରୀକ୍ଷାରେ କେବଳ ହିନ୍ଦୀ ଓ ଇଂଲିଶ୍ ଭାଷାରେ ପ୍ରଶ୍ନପତ୍ର ପଡ଼ିଥିଲା। ଏହାକୁ ଏନ୍‌ଡିଏର ସହଯୋଗୀ ତଥା ତାମିଲନାଡୁର ଶାସକ ଏଆଇଏଡିଏମ୍‌କେ ପକ୍ଷରୁ ମଙ୍ଗଳବାର ରାଜ୍ୟ ସଭାରେ ବିରୋଧ କରାଯାଇଥିଲା। ଏହାସହ ଡିଏମ୍‌କେ, ସିପିଆଇ ଏବଂ ସିପିଏମ୍ ସଦସ୍ୟମାନେ ବିକ୍ଷୋଭରେ ସାମିଲ ହେବା ପରେ ଉଚ୍ଚ ସଦନର ଗୃହକାର୍ଯ୍ୟକୁ ୩ ଥର ସ୍ଥଗିତ ରଖିବାକୁ ପଡ଼ିଥିଲା। ଅପରାହ୍ନ ୨ଟାରେ ଗୃହକାର୍ଯ୍ୟ ପୁଣି ଆରମ୍ଭ ହେବା ପରେ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ସରକାର ନିଷ୍ପତ୍ତି ବଦଳାଇଛନ୍ତି। ଏହି ମର୍ମରେ ଆଇନ ଓ ନ୍ୟାୟ ଏବଂ ଆଇଟି ମନ୍ତ୍ରୀ ରବିଶଙ୍କର ପ୍ରସାଦ ରାଜ୍ୟ ସଭାରେ କହିଛନ୍ତି, ପୋଷ୍ଟମ୍ୟାନ୍ ନିଯୁକ୍ତି ପାଇଁ ଜୁଲାଇ ୧୪ରେ ହୋଇଥିବା ପରୀକ୍ଷାକୁ କେନ୍ଦ୍ର ସରକାର ବାତିଲ କରିବାକୁ ମଙ୍ଗଳବାର ନିଷ୍ପତ୍ତି ନେଇଛନ୍ତି। ୨୦୧୯ ମେ ୧୦ରେ ପ୍ରକାଶିତ ବିଭାଗୀୟ ବିଜ୍ଞପ୍ତି ଅନୁସାରେ ପୋଷ୍ଟମ୍ୟାନ୍ ନିଯୁକ୍ତି ପରୀକ୍ଷା ଏବେ ତାମିଲ ସମେତ ସମସ୍ତ ଆଞ୍ଚଳିକ ଭାଷାରେ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରର ସମ୍ମାନ ସବୁ ଭାଷା ଉପରେ ରହିଛି। ପ୍ରତ୍ୟେକ ଭାଷାକୁ ପୂର୍ଣ୍ଣପ୍ରାଣରେ ସମ୍ମାନ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ରବିଶଙ୍କର କହିଥିଲେ। ତାଙ୍କ ପ୍ରତିଶ୍ରୁତି ପରେ ବିକ୍ଷୋଭରତ ସଦସ୍ୟମାନେ ଶାନ୍ତ ପଡ଼ିଥିଲେ। ଏଆଇଏଡିଏମ୍‌କେର ଭି. ମୈତ୍ରେୟନ୍ ମନ୍ତ୍ରୀ ରବିଶଙ୍କରଙ୍କୁ ଦଳ ପକ୍ଷରୁ କୃତଜ୍ଞତା ଜଣାଇଥିଲେ। ଦଳର ଏ. ନବନୀତକ୍ରିଷ୍ଣନ୍ ମଧ୍ୟ ରବିଶଙ୍କର ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଦେଇଥିଲେ। ପୋଷ୍ଟମ୍ୟାନ୍ ପରୀକ୍ଷା ଭଳି ସମସ୍ତ ବିଭାଗର ପରୀକ୍ଷା ଆଞ୍ଚଳିକ ଭାଷାରେ କରାଇବା ପାଇଁ ସିପିଆଇ–ଏମ୍‌ର ଟି.କେ. ରଙ୍ଗରାଜନ୍ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସଭାରେ ବିରୋଧୀ ଦଳ ଉପନେତା ଆନନ୍ଦ ଶର୍ମା କହିଥିଲେ, ଏହି ବୃହତ୍ ପ୍ରସଙ୍ଗକୁ ନେଇ ଗମ୍ଭୀରତା ସହ ବିଚାର କରାଯାଇ ଆଗକୁ ଯେପରି ଏହାର ପୁନରାବୃତ୍ତି ନ ହେବ ତାହା ନିଶ୍ଚିତ କରାଯିବା ଉଚିତ। ସେଥିପାଇଁ ସରକାର ନିର୍ଦ୍ଦିଷ୍ଟ ଭାବେ ଗୃହକୁ ପ୍ରତିଶ୍ରୁତି ଦେଇପାରିବେ କି । କେନ୍ଦ୍ର ସରକାର, ସରକାରୀ ଉଦ୍ୟୋଗ ଓ ଅର୍ଦ୍ଧସାମରିକ ବାହିନୀ ପାଇଁ କରାଯାଉଥିବା ସମସ୍ତ ପରୀକ୍ଷା ଏବଂ ସାକ୍ଷାତ୍କାର ଭବିଷ୍ୟତରେ ତିନି ଭାଷା ସୂତ୍ରରେ କରାଯିବ ବୋଲି ଗୃହ ଜରିଆରେ ସରକାର ନିଶ୍ଚିତ କରିବେ କି ବୋଲି ସେ ପ୍ରଶ୍ନ କରିଥିଲେ। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ତ୍ରିଭାଷା ସୂତ୍ର ଆରମ୍ଭ କରିଥିବା ଆନନ୍ଦ ଶର୍ମା ଗୃହରେ କହିଥିଲେ।

ତେବେ ଏଭଳି ଗମ୍ଭୀର ବିଷୟ ଉପରେ ଉଚ୍ଚ ସଦନରେ ଆଲୋଚନା ଚାଲିଥିବାବେଳେ ଓଡ଼ିଶାରୁ କୌଣସି ବିଜେଡି ସଦସ୍ୟ ଏପରିକି ଭାଜପାର ଏକମାତ୍ର ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ ଉକ୍ତ ପ୍ରସଙ୍ଗ ଉଠାଇ ନ ଥିଲେ।

# ବିଶ୍ୱଭୂଷଣ ଆନ୍ଧ୍ର ରାଜ୍ୟପାଳ

■ ଉଇକେଙ୍କୁ ଛତିଶଗଡ଼ ଦାୟିତ୍ୱ



ବିଶ୍ୱଭୂଷଣ ହରିଚନ୍ଦନ



ଅନୁସୁଇୟା ଉଇକେ

**ନୂଆଦିଲ୍ଲୀ,୧୬।୭(ପି.ଟି.)/ଭୁବନେଶ୍ୱର (ବ୍ୟୁରୋ)**

ବରିଷ୍ଠ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଆନ୍ଧ୍ରପ୍ରଦେଶ ଓ ଅନୁସୁଇୟା ଉଇକେଙ୍କୁ ଛତିଶଗଡ଼ ରାଜ୍ୟପାଳ ଭାବେ ମଙ୍ଗଳବାର ନିଯୁକ୍ତ କରାଯାଇଛି। ଉଭୟଙ୍କ ନିଯୁକ୍ତି ଉପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ମୋହର ବାଜିବା ପରେ ରାଷ୍ଟ୍ରପତି ଭବନ ପକ୍ଷରୁ ଏସମ୍ପର୍କରେ ସୂଚନା ଦିଆଯାଇଛି।

ଏକ ଦଶନ୍ଧି ଧରି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଥିବା ଇଏସ୍‌ଏଲ୍ ନରସିଂହନ୍‌ଙ୍କ ସ୍ଥାନରେ ବିଶ୍ୱଭୂଷଣଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି ୧୯୫୭ ଏପ୍ରିଲ ୧୦ରେ ଜନ୍ମିତ ମଧ୍ୟପ୍ରଦେଶର ବରିଷ୍ଠ ଭାଜପା ନେତା ତଥା ରାଜ୍ୟ ସଭା ସଦସ୍ୟ ଅନୁସୁଇୟାଙ୍କୁ ଛତିଶଗଡ଼ ରାଜ୍ୟପାଳ ନିଯୁକ୍ତ କରାଯାଇଛି। ମଧ୍ୟପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ ପଟେଲ ଏହି ଅତିରିକ୍ତ ଦାୟିତ୍ୱ ତୁଲାଇଆସୁଥିଲେ। ସୂଚନାଥାଉକି, ବିଶ୍ୱଭୂଷଣ ହରିଚନ୍ଦନଙ୍କ ଜନ୍ମ ୧୯୩୪ ଅଗଷ୍ଟ ୩ରେ ଅବିଭକ୍ତ ପୁରୀ ଜିଲାର ବାଣପୁର ଅଞ୍ଚଳରେ ହୋଇଥିଲା। ୧୯୭୧ରେ ଭାରତୀୟ ଜନସଂଘର ସକ୍ରିୟ ସଦସ୍ୟ ☞ପୃଷ୍ଠା–୪

# ଗରିବଙ୍କୁ ଲୁଟୁଛନ୍ତି ଅଧିକାରୀ

**ଭୁବନେଶ୍ୱର,୧୬।୭(ବ୍ୟୁରୋ)**

**ଇନ୍ଦିରା ଆବାସ, ବିଜୁ ପକ୍କାଘର ଯୋଜନାରେ ବ୍ୟାପକ ଦୁର୍ନୀତି**

■ ୨ବର୍ଷରେ ୮୩୬ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ

■ ୭୯ ନିଲମ୍ବିତ

ଗତ ୨୦ବର୍ଷ ହେବ ବିଜେଡି ହାତରେ ରହିଛି ରାଜ୍ୟ ଶାସନ ଭାର। ଲୋକମାନଙ୍କୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ଦେଉଥିବା ସରକାର ଦାବି କରୁଛନ୍ତି। ୩–ଟି/୫–ଟି ଏମିତି କେତେ କ'ଣ ମନ୍ତ୍ର ବିଧାୟକଙ୍କଠାରୁ ଆରମ୍ଭ କରି ଅଫିସରଙ୍କୁ ଦିଆଯାଉଛି। ନିଷ୍ଠାପର ଭାବେ ଲୋକମାନଙ୍କ ସେବା କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଉଛନ୍ତି। ମାତ୍ର ସରକାରୀ ବାବୁମାନେ ଏହାକୁ ବେଖାତିର କରି ଚାଲିଛନ୍ତି। ପ୍ରଶାସନର ତୃଣମୂଳସ୍ତରରୁ ଉପର ଯାଏ ଦୁର୍ନୀତି ଭର୍ତ୍ତି ହୋଇରହିଛି। କେବଳ ପଞ୍ଚାୟତିରାଜ ବିଭାଗକୁ ଅନୁଧ୍ୟାନ କଲେ ଦୁର୍ନୀତି କେଉଁ ସ୍ତରରେ ପହଞ୍ଚିଛି ତାହା ସହଜରେ ଅନୁମାନ କରାଯାଇପାରେ। ଇନ୍ଦିରାଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଓ ବିଜୁ ପକ୍କା ଘର ଯୋଜନାରେ ଗ୍ରାମାଞ୍ଚଳ ଗରିବ ଲୋକଙ୍କୁ ଯୋଗାଇ ଦିଆଯାଉଥିବା ପକ୍କାଘର ପାଇଁ ସରକାରୀ କର୍ମଚାରୀ ପୁଲାପୁଲା ହାତଗୁଞ୍ଜା ନେଉଥିବା ଘଟଣା ପଦାକୁ ଆସିଛି। ଖୋଦ୍ ରାଜ୍ୟ ସରକାର ମଧ୍ୟ ଏକଥା ସ୍ୱୀକାର କରିଛନ୍ତି। ଗତ ୨ ବର୍ଷରେ ୮୩୬ଜଣ ଅଧିକାରୀ ଘର ଯୋଗାଇ ଦେବା ନାଁରେ ଗରିବ ଅସହାୟ ଲୋକଙ୍କୁ ଲୁଟ୍ କରିଛନ୍ତି।

କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ୨୦୧୭ରୁ ଏପର୍ଯ୍ୟନ୍ତ ଇନ୍ଦିରା ଆବାସ ଯୋଜନା (ଆଇଏୱାଇ)/ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଜି) (ପିଏମ୍‌ଏୱାଇ), ଧାନଖଳା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କେତେ ଦୁର୍ନୀତି ଅଭିଯୋଗ ହୋଇଛି। ଆଜି ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାର କାରଣ କ'ଣ ବୋଲି ପଚାରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ, ୨୦୧୭ରୁ ଏପର୍ଯ୍ୟନ୍ତ ଆଇଏୱାଇ– ପିଏମ୍‌ଏୱାଇ ଏବଂ ବିଜୁ ପକ୍କା ଘର ଯୋଜନାରେ ୮୩୬ଜଣ ଅଧିକାରୀ ଦୁର୍ନୀତିରେ ଜଡ଼ିତ ଅଛନ୍ତି। ସେମାନଙ୍କ ମଧ୍ୟରୁ ଯାଜପୁରରେ ସର୍ବାଧିକ ୧୬୨ଜଣ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହୋଇଥିବା ବେଳେ ଅନୁଗୋଳରେ ୪୦, ବାଲେଶ୍ୱରରେ ୨୪, ବରଗଡ଼ରେ ୧୮, ଭଦ୍ରକରେ ୬୧, ଢେଙ୍କାନାଳରେ ୬୦, କନ୍ଧମାଳରେ ୫୯, ଖୋର୍ଦ୍ଧାରେ ୪୬, ନବରଙ୍ଗପୁରରେ ୮୯, ନୂଆପଡ଼ାରେ ୮୧, ସମ୍ବଲପୁରରେ ୩୩ ଏବଂ ସୁନ୍ଦରଗଡ଼ରେ ସର୍ବାଧିକ ୫୮ଜଣ ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ମଧ୍ୟରୁ ୨୨ଜଣ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିବା ବେଳେ ୩୫ ଜଣଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜ କରାଯାଇଛି। ସେହିପରି ୭୯ଜଣଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ବେଳେ ୨୬୮ଜଣଙ୍କୁ କାର୍ଯ୍ୟରୁ କାହିଁକି ଅନ୍ତର କରା ନ ଯିବ ସେ ନେଇ କାରଣ ଦର୍ଶାଅ ଏବଂ ୪୩୨ଜଣଙ୍କୁ ଦୁର୍ନୀତି ଅଭିଯୋଗରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।






## ଗୁରୁପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ

ମଙ୍ଗଳବାର ଅର୍ଥାତ ଗୁରୁପୂର୍ଣ୍ଣିମା ରାତି ୧ଟା ୩୨ରେ କେତୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ ଆରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଉଠାଯାଇଥିବା ଚନ୍ଦ୍ରଗ୍ରହଣ ସମୟର କେତେକ ଫଟୋ । (ଫଟୋ–ବିକାଶ ନାୟକ)



ରାତି ୧ଟା ୩୫



ରାତି ୧ଟା ୫୭



ରାତି ୨ଟା ୦୫

**ଆଜିର ସମ୍ପାଦକୀୟ**

**ମଙ୍ଗ ଧରିଛନ୍ତି**

**ଆଜିର ମନ୍ତବ୍ୟ**

" ଟୋଲ୍ ବ୍ୟବସ୍ଥାରେ ଉତ୍ତମ ସେବା ପାଇବାକୁ ହେଲେ ଦେୟ ପଇଠ କରିବାକୁ ପଡ଼ିବା।
–ନୀତିନ ଗଡ଼କରୀ, ସଡ଼କ ପରିବହନ ମନ୍ତ୍ରୀ

## ବିଧାନସଭାରେ ବିରୋଧୀ ମୁହାଁମୁହିଁ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ବିଧାନସଭାରେ ସରକାରଙ୍କୁ ଘେରିବା ପରିବର୍ତ୍ତେ କଂଗ୍ରେସ ଓ ଭାଜପା ପରସ୍ପରକୁ ବିରୋଧ କରିବା ଦେଖିବାକୁ ମିଳୁଛି। ଭିନ୍ନ ଭିନ୍ନ ପ୍ରସଙ୍ଗରେ ଉଭୟ ଦଳ ମଙ୍ଗଳବାର ହଟ୍ଟଗୋଳ କରିଛନ୍ତି। ଭାଜପା ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଯୋଜନା ପ୍ରସଙ୍ଗ ଉଠାଇ ସରକାରଙ୍କଠାରୁ କୈଫିୟତ ତଲବ କରିବାକୁ ଚାହୁଁଥିଲା। ଅପରପକ୍ଷରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାପନ ନେଇ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କଠାରୁ ଜବାବ ତଲବ କରିଥିଲା। ଭାଜପା ଆୟୁଷ୍ମାନ ଯୋଜନା ବିଷୟରେ ଗୃହରେ ଆଲୋଚନା କରିବାକୁ ଚାହୁଁଥିବା ବେଳେ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ସରକାର ଏ ପର୍ଯ୍ୟନ୍ତ କି ପଦକ୍ଷେପ ନେଇଛନ୍ତି ସେ ବିଷୟରେ ସ୍ପଷ୍ଟ କରିବାକୁ କଂଗ୍ରେସ ଅଡି ବସିଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ ପ୍ରଶ୍ନକାଳ ପରେ ଗୃହ ଏକପ୍ରକାର ଠପ୍ ହୋଇଯାଇଥିଲା। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବାଧ୍ୟ ହୋଇ ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

**ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ କଂଗ୍ରେସର ହଟ୍ଟଗୋଳ (ପୃଷ୍ଠା–୭)**


NECC NATIONAL EGG CO-ORDINATION COMMITTEE | 16.07.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 72 | 122 | 132 |
| DKL | 72 | 122 | 132 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers







"କ୍ୟାବିନେଟ ମନ୍ତ୍ରୀ ପଦରୁ ନଭଜୋତ୍ ସିଂ ସିଦ୍ଧୁଙ୍କ ଇସ୍ତଫା ସମ୍ପର୍କରେ ବୁଧବାର ନିଷ୍ପତ୍ତି ନିଆଯିବ।"

-ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ



# ଭୁଶୁଡ଼ିଲା ଶହେ ବର୍ଷର କୋଠା: ୧୨ ମୃତ

ମୁମ୍ବାଇ,୧୬।୭(ପି.ଟି./ ଆଇଏଏନ୍ଏସ୍)



ଭଗ୍ନାବଶେଷ ତଳୁ ଜଣେ ଶିଶୁକୁ ଉଦ୍ଧାର କରୁଛନ୍ତି ଅଗ୍ନିଶମ ବାହିନୀ।

- ଭଗ୍ନାବଶେଷ ତଳେ ଚାପି ହୋଇଛନ୍ତି ୪୦ରୁ ଅଧିକ
- ମୃତକଙ୍କ ମଧ୍ୟରେ ୪ ମହିଳା, ଜଣେ ଶିଶୁ
- ୨୦୧୭ରେ କୋଠା ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲା ବିଏମ୍‌ସି

ମୁମ୍ବାଇର ଡୋଙ୍ଗ୍ରିସ୍ଥିତ ଏକ ବହୁତଳ ବିଶିଷ୍ଟ ୧୦୦ ବର୍ଷ ପୁରୁଣା ଆବାସିକ କୋଠା ମଙ୍ଗଳବାର ଭୁଶୁଡ଼ିପଡ଼ିଛି। ଫଳରେ ୪ ମହିଳା ଓ ଜଣେ ଶିଶୁଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ୪୦ରୁ ଊର୍ଦ୍ଧ୍ୱ ଚାପିହୋଇ ରହିଥିବା ଆଶଙ୍କା କରାଯାଉଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଟିମ୍ ସମେତ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଚାଲିଛି। ତେବେ ସଂକୀର୍ଣ୍ଣ ଗଳିରାସ୍ତା ଯୋଗୁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଏହି କୋଠାକୁ ଖାଲି କରିବା ପାଇଁ ବୃହନ୍‌ମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ୍ (ବିଏମ୍‌ସି) ପକ୍ଷରୁ ଦୁଇବର୍ଷ ତଳେ ନୋଟିସ ଦିଆଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏଥିଯୋଗୁ ଏତେବଡ଼ ଦୁର୍ଘଟଣା ଘଟିଗଲା ବୋଲି ମହାନଗର ନିଗମ କହିଛି। ଏହାକୁ ନେଇ ବିଏମ୍‌ସି ଏବଂ ହାଉସିଂ ଡେଭଲପ୍‌ମେଣ୍ଟ ଅଥରିଟି ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ ହୋଇଯାଇଛି।

ଦକ୍ଷିଣ ମୁମ୍ବାଇସ୍ଥିତ ଡୋଙ୍ଗ୍ରି ଅଞ୍ଚଳର ତଣ୍ଡେଲ ଷ୍ଟ୍ରିଟ୍‌ରେ ରହିଥିଲା କେଶରବାଈ କୋଠା। ଜନଗହଳିପୂର୍ଣ୍ଣ ଅଞ୍ଚଳର ଏହି ୪ ମହଲା ବିଶିଷ୍ଟ କୋଠାରେ ୧୫ ପରିବାର ରହୁଥିଲେ। ଲଗାଣ ବର୍ଷା ଯୋଗୁ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୪୦ରେ ଏହା ଭୁଶୁଡ଼ିପଡ଼ିଥିଲା। ଏହା ପରେ ମଧ୍ୟ କୋଠାର କେତେକ ଅଂଶ ଛିଡ଼ାହୋଇ ରହିଥିବାରୁ କେତେବେଳେ ଭୁଶୁଡ଼ିପଡ଼ିବ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା। ଅଗ୍ନିଶମ ବାହିନୀ, ମୁମ୍ବାଇ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ତୁରନ୍ତ ଉକ୍ତ ସ୍ଥାନକୁ ଯାଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ସଂକୀର୍ଣ୍ଣ ଗଳିରାସ୍ତା ଏବଂ ରାଜନେତାଙ୍କ ଭିଡ଼ ଯୋଗୁ ଏଥିରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଏନ୍‌ଡିଆର୍‌ଏଫ୍ ଟିମ୍ ୧୨ ମୃତଦେହ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା। ଆମ୍ବୁଲାନ୍ସ ପହଞ୍ଚି ନ ପାରି ୫୦ ମିଟର ଦୂରରେ ଛିଡ଼ା ହୋଇଥିଲା। ବହୁ ଉଦ୍ୟମ ପରେ ୧୨ ଜଣଙ୍କ ମୃତଦେହ ଠାବ କରାଯାଇଥିଲା। ୯ ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନିଆଯାଇଥିଲା। ଏବେ ମଧ୍ୟ ଭଗ୍ନାବଶେଷ ତଳେ ୪୦ରୁ ୫୦ ଜଣ ଚାପିହୋଇ ରହିଥିବା କୁହାଯାଉଛି। ବିଏମ୍‌ସି ପକ୍ଷରୁ ଇମାମ୍‌ୱାଡା ମ୍ୟୁନିସିପାଲ ସେକେଣ୍ଡାରି ଗର୍ଲସ ସ୍କୁଲରେ ଏକ ଆଶ୍ରୟସ୍ଥଳ କରାଯାଇଥିବା ମହାରାଷ୍ଟ୍ର ଗୃହ ନିର୍ମାଣ ମନ୍ତ୍ରୀ ଥିବା ରାଧାକ୍ରିଷ୍ଣ ଭିଖେ ପାଟିଲ ସୂଚନା ଦେଇଛନ୍ତି। ଉକ୍ତ କୋଠା ମହାରାଷ୍ଟ୍ର ହାଉସିଂ ଆଣ୍ଡ ଏରିଆ ଡେଭଲପ୍‌ମେଣ୍ଟ ଅଥରିଟି (ଏମ୍‌ଏଚ୍‌ଏଡିଏ)ର ବୋଲି ସ୍ଥାନୀୟ ଲୋକେ କହୁଥିବାବେଳେ ଏହାର ରିପେୟାର ବୋର୍ଡ ମୁଖ୍ୟ ବିନୋଦ ଘୋସାଲକର ଏହାକୁ ଖଣ୍ଡନ କରିଛନ୍ତି। ମୁମ୍ବାଇ ପୋଲିସ କମିଶନର ସଞ୍ଜୟ ବାର୍ଭେ, ବିଏମ୍‌ସି କମିଶନର ପ୍ରବୀଣ ପରଦେଶୀ ଉକ୍ତ ସ୍ଥାନ ପରିଦର୍ଶନ କରିଛନ୍ତି। ୨୦୧୭ ଅଗଷ୍ଟରେ କେଶରବାଈ କୋଠାକୁ ଖାଲି କରିବା ପାଇଁ ବିଏମ୍‌ସି ପକ୍ଷରୁ ଏମ୍‌ଏଚ୍‌ଏଡିଏକୁ ନୋଟିସ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ କହିଛନ୍ତି, ୧୦୦ ବର୍ଷ ପୁରୁଣା କୋଠା ହୋଇଥିଲେ ମଧ୍ୟ ଏହାକୁ ବିପଜ୍ଜନକ ତାଲିକାରେ ରଖାଯାଇ ନ ଥିଲା। ଏହାର ପୁନଃନିର୍ମାଣ ପାଇଁ ଡେଭଲପରଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଏମ୍‌ସି ଅଧ୍ୟକ୍ଷ ବିଶ୍ୱନାଥ ମହାଦେଶ୍ୱର ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଏହାକୁ ନେଇ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

## କୁଳଭୂଷଣ ଯାଦବ ମାମଲା

# ଆଇସିଜେ ରାୟ ଆଜି

ନୂଆଦିଲ୍ଲୀ/ହେଗ୍, ୧୬।୭(ପି.ଟି.)



କୁଳଭୂଷଣ ଯାଦବ ମାମଲାର ଚୂଡ଼ାନ୍ତ ରାୟ ଅନ୍ତର୍ଜାତୀୟ ନ୍ୟାୟାଳୟ (ଆଇସିଜେ)ରେ ବୁଧବାର ହେବାକୁ ଯାଉଛି। ମାମଲାର ରାୟ ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ଭାରତର ପୂର୍ବତନ ନୌସେନାଧିକାରୀ କୁଳଭୂଷଣଙ୍କୁ ଅପହରଣ କରି ପାକିସ୍ତାନ ନେଇଯାଇଥିବା ଭାରତ ଅଭିଯୋଗ କରିଥିବାବେଳେ ବେଲୁଚିସ୍ତାନରୁ ତାଙ୍କୁ ଗୁପ୍ତଚର କାର୍ଯ୍ୟ ଲାଗି ଗିରଫ କରାଯାଇଥିବା ପାକିସ୍ତାନ କହୁଛି। ଆତଙ୍କବାଦ ସହ ଯୋଡ଼ି ପାକ୍ ସେନା ଅଦାଲତ କୁଳଭୂଷଣଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଥିବାବେଳେ ଏନେଇ ଭାରତ ଆଇସିଜେରେ ଆବେଦନ କରିବାରୁ କୁଳଭୂଷଣଙ୍କ ମୃତ୍ୟୁଦଣ୍ଡ ଉପରେ ରହିତାଦେଶ ଲାଗିଛି। ପାକିସ୍ତାନ ୧୯୬୩ ଭିଏନା ରାଜିନାମା ଉଲ୍ଲଂଘନ କରିଛି ଓ ଯାଦବଙ୍କ ଲାଗି ଆଇନଗତ ସହାୟତା ପାଇଁ ଅନୁମତି ଦେଉନାହିଁ ବୋଲି ଭାରତ ଅଭିଯୋଗ କରିଛି। ଭାରତର ଏଭଳି ଅଭିଯୋଗକୁ ମଧ୍ୟ ପାକିସ୍ତାନ ଆଇସିଜେରେ ଚ୍ୟାଲେଞ୍ଜ କରିଛି। ଏନେଇ ମାମଲା ଅନ୍ତର୍ଜାତୀୟ ନ୍ୟାୟାଳୟରେ ପହଞ୍ଚିଥିବାବେଳେ ଚୂଡ଼ାନ୍ତ ରାୟ ବୁଧବାର କରାଯିବ।

## ଭାଜପା ରାଜ୍ୟ ସଙ୍ଗଠନରେ ଅଦଳବଦଳ

# ଚନ୍ଦ୍ରକାନ୍ତ ମହାରାଷ୍ଟ୍ର, ସ୍ୱତନ୍ତ୍ର ଦେବ ୟୁପି ଅଧ୍ୟକ୍ଷ



ସ୍ୱତନ୍ତ୍ର ଦେବ ସିଂ



ଚନ୍ଦ୍ରକାନ୍ତ ପାଟିଲ୍

ନୂଆଦିଲ୍ଲୀ, ୧୬।୭(ପି.ଟି.)

ଭାଜପାର ରାଜ୍ୟ ସଙ୍ଗଠନରେ କେତେକ ଅଦଳବଦଳ କରାଯାଇଛି। ଓବିସି ନେତା ଚନ୍ଦ୍ରକାନ୍ତ ପାଟିଲଙ୍କୁ ମଙ୍ଗଳବାର ମହାରାଷ୍ଟ୍ର ଭାଜପା ଅଧ୍ୟକ୍ଷଭାବେ ନିଯୁକ୍ତି ଦିଆଯାଇଥିବାବେଳେ ସ୍ୱତନ୍ତ୍ର ଦେବ ସିଂଙ୍କୁ ଉତ୍ତରପ୍ରଦେଶ(ୟୁପି)ର ଭାଜପା ଅଧ୍ୟକ୍ଷଭାବେ ନିଯୁକ୍ତି ମିଳିଛି।

ମହାରାଷ୍ଟ୍ରରେ ଚଳିତବର୍ଷ ଶେଷ ଭାଗରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ରାଓସାହେବ ଡାନ୍‌ଭେ ପାଟିଲଙ୍କୁ ଭାଜପା ମୁଖ୍ୟ ପଦରୁ ହଟାଯାଇଛି। ମରାଠା ସଂରକ୍ଷଣକୁ ନେଇ ହୋଇଥିବା ଆନ୍ଦୋଳନବେଳେ ଚନ୍ଦ୍ରକାନ୍ତ ଅଶାନ୍ତି ଦୂର କରିବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ସେହିଭଳି ଭାଜପା ପକ୍ଷରୁ ଆଶିଷ ସେଲାର୍‌ଙ୍କୁ ହଟାଯାଇ ତାଙ୍କ ସ୍ଥାନରେ ମଙ୍ଗଳପ୍ରଭାତ ଲୋଧାଙ୍କୁ ମୁମ୍ବାଇ ୟୁନିଟ ମୁଖ୍ୟଭାବେ ନିଯୁକ୍ତି ଦିଆଯାଇଛି।

ଉତ୍ତରପ୍ରଦେଶରେ କେନ୍ଦ୍ରମନ୍ତ୍ରୀଭାବେ ମହେନ୍ଦ୍ର ନାଥ ପାଣ୍ଡେଙ୍କୁ ସାମିଲ କରାଯାଇଥିବାବେଳେ ରାଜ୍ୟ ଭାଜପା ମୁଖ୍ୟଭାବେ ସ୍ୱତନ୍ତ୍ର ଦେବ ସିଂଙ୍କୁ ନିଯୁକ୍ତି ମିଳିଛି। କୁର୍ମି ସମ୍ପ୍ରଦାୟର ସେ ଜଣେ ଟାଣୁଆ ନେତା ହୋଇଥିବାରୁ ଓବିସି ଭୋଟବ୍ୟାଙ୍କ ହାତେଇବା ଲକ୍ଷ୍ୟରେ ଭାଜପା ରହିଛି।

# ଭାଜପାରେ ଚନ୍ଦ୍ରଶେଖରଙ୍କ ପୁଅ ନୀରଜ

ନୂଆଦିଲ୍ଲୀ, ୧୬।୭(ପି.ଟି.)

ଏସ୍‌ପି ଏବଂ ରାଜ୍ୟ ସଭାରୁ ଇସ୍ତଫା ଦେବାର ଦିନକ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ପୁଅ ନୀରଜ ଶେଖର ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି। ବାପାଙ୍କ ଭଳି ସେ ମଧ୍ୟ ବାଲିଆ ଆସନରୁ ନିର୍ବାଚନ ଲଢ଼ି





୨ ଥର ବିଜୟୀ ହୋଇଛନ୍ତି। ୨୦୧୪ରେ ପରାଜୟ ବରଣ କରିବା ପରେ ଏସ୍‌ପି ଟିକେଟରେ ସେ ରାଜ୍ୟ ସଭାକୁ ଆସିଥିଲେ। ଦଳ ପକ୍ଷରୁ ଗତ ସାଧାରଣ ନିର୍ବାଚନରେ ତାଙ୍କୁ ପ୍ରାର୍ଥୀ କରାଯାଇ ନ ଥିଲା। ଭାଜପା ପକ୍ଷରୁ ନୀରଜଙ୍କୁ ୟୁପିରୁ ରାଜ୍ୟ ସଭାକୁ ପଠାଯିବ ବୋଲି ଜଣାପଡ଼ିଛି।



ଆସାମସ୍ଥିତ କାଜିରଙ୍ଗା ଜାତୀୟ ଉଦ୍ୟାନର ୯୦% ଜଳମଗ୍ନ ହୋଇଯାଇଥିବାବେଳେ ଭୂଭାଗକୁ ଯାଉଛନ୍ତି ଗଣ୍ଡା।

# ଭାଜପା ମନ୍ତ୍ରୀଙ୍କୁ ମୋଦିଙ୍କ ତାଗିଦ୍ ପାର୍ଲାମେଣ୍ଟରେ ଉପସ୍ଥିତ ରୁହ

ନୂଆଦିଲ୍ଲୀ, ୧୬।୭(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟର ଉଭୟ ଗୃହରେ ଉପସ୍ଥିତ ରହିବା ଲାଗି ଭାଜପା ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାର୍ଲାମେଣ୍ଟ ଅଧିବେଶନ କାଳରେ ଅନୁପସ୍ଥିତ ରହୁଥିବା ଭାଜପା ଏମ୍‌ପିଙ୍କୁ ସତର୍କ କରାଇବା ପରେ ମଙ୍ଗଳବାର ମନ୍ତ୍ରୀମାନଙ୍କୁ ମଧ୍ୟ ସେ ସତର୍କ କରାଇଛନ୍ତି। ବହୁ ଏମ୍‌ପି ଓ ମନ୍ତ୍ରୀ ଗୃହରେ ଅନୁପସ୍ଥିତ ରହୁଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଭାଜପା ସଂସଦୀୟ ଦଳ ବୈଠକରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସରକାରୀ ଏଜେଣ୍ଡା ଅନୁଯାୟୀ କେତେକ ପ୍ରସ୍ତାବ ପାସ୍ କରିବା ଲାଗି ଅଧିବେଶନକୁ ବୃଦ୍ଧି କରାଯାଇପାରେ। ତେଣୁ ସୂଚୀ ମୁତାବକ କାର୍ଯ୍ୟରେ ଯୋଗଦେବା ଲାଗି ସେ ସମସ୍ତ ଏମ୍‌ପି ଓ ମନ୍ତ୍ରୀମାନଙ୍କୁ କହିଛନ୍ତି।

# ଜାକିରଙ୍କୁ ସଂଗୀତ ନାଟକ ଏକାଡେମୀ ଫେଲୋଶିପ୍

ନୂଆଦିଲ୍ଲୀ,୧୬।୭(ପି.ଟି.)



ବିଶିଷ୍ଟ ତବଲା ବାଦକ ଜାକିର ହୁସେନ୍, ଅହମିୟା ନୃତ୍ୟଶିଳ୍ପୀ ତଥା ନିର୍ଦ୍ଦେଶକ ଯତୀନ ଗୋସ୍ୱାମୀ(ସତ୍ରୀୟ) ଏବଂ କେ. କଲ୍ୟାଣସୁନ୍ଦରମ୍ ପିଲାଇ(ଭାରତନାଟ୍ୟମ୍)ଙ୍କୁ ସଂଗୀତ ନାଟକ ଏକାଡେମୀର ଫେଲୋଶିପ୍ ପ୍ରଦାନ କରାଯାଇଛି। ଏଥିସହିତ ଏକାଡେମୀ ୨୦୧୮ ପୁରସ୍କାର ପାଇଁ ୪୪ ଜଣଙ୍କ ନାମ ଘୋଷଣା କରିଛି। ଗୁଆହାଟୀଠାରେ ଜୁନ୍ ୨୬ରେ ଅନୁଷ୍ଠିତ ଏକାଡେମୀର ଏକ ସ୍ୱତନ୍ତ୍ର ବୈଠକରେ କଳାକାରଙ୍କ ନାମ ଚୟନ କରାଯାଇଥିଲା। ଏକାଡେମୀର ସାଧାରଣ ପରିଷଦ ବୈଠକରେ ସଂଗୀତ, ନୃତ୍ୟ, ମଞ୍ଚନାଟକ, ପାରମ୍ପରିକ ଲୋକସଂଗୀତ, ଆଦିବାସୀ ନୃତ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ହାସଲ କରିଥିବା କଳାକାରଙ୍କୁ ୨୦୧୮ର ସଂଗୀତ ନାଟକ ଏକାଡେମୀ ପୁରସ୍କାର ପାଇଁ ଚୟନ କରାଯାଇଥିଲା।

ସଂଗୀତ କ୍ଷେତ୍ରରେ ପୁରସ୍କୃତ ହେବାକୁ ଥିବା ବ୍ୟକ୍ତିବିଶେଷ ହେଉଛନ୍ତି ମଣି ପ୍ରସାଦ ଓ ମଧୁପ ମୁଦ୍‌ଗଲ(ହିନ୍ଦୁସ୍ତାନୀ ଭୋକାଲ), ତରୁଣ ଭଟ୍ଟାଚାର୍ଯ୍ୟ (ସନ୍ତୁର), ତେଜେନ୍ଦ୍ର ନାରାୟଣ ମଜୁମ୍‌ଦାର(ସରୋଦ), ଆଲାମେଲୁ ମଣି ଓ ମାଲାଡି ସୁରିବାବୁ(କର୍ନାଟକୀ ଭୋକାଲ), ସୁରେଶ ୱାଡକର ଓ ଶାନ୍ତି ହୀରାନନ୍ଦ(ସୁଗମ ସଂଗୀତ) ଏବଂ ଏଚ. ଅଶଙ୍ଗ୍‌ବି ଦେବୀ(ନାଟ ସଂକୀର୍ତ୍ତନ)। ଏସ୍. କାସିମ ଏବଂ ଏସ୍. ବାବୁଙ୍କୁ ନାଗେଶ୍ୱରମ୍ ଇନ୍‌ଷ୍ଟ୍ରୁମେଣ୍ଟ ଏବଂ ଗଣେଶ ଓ କୁମାରେଶଙ୍କୁ ଭାୟୋଲିନ୍ ପାଇଁ ଯୁଗ୍ମ ପୁରସ୍କାର ଦିଆଯିବ। ମଞ୍ଚନାଟକ କ୍ଷେତ୍ରରେ ପ୍ଲେରାଇଟିଂ ପାଇଁ ରାଜୀବ ନାଏକ ଏବଂ ଲାଙ୍ଗ୍‌ଲୁଙ୍ଗଲିଆନା ଖିଆଙ୍ଗଟେ, ନିର୍ଦ୍ଦେଶନା ପାଇଁ ସଞ୍ଜୟ ଉପାଧ୍ୟାୟ ଏବଂ ଏସ୍. ରଘୁନନ୍ଦନ, ଅଭିନୟ ପାଇଁ ସୁହାସ ଜୋଷୀ ଓ ଟିକମ ଜୋଷୀ ଏବଂ ବ୍ୟଙ୍ଗ ପାଇଁ ସ୍ୱପନ ନନ୍ଦୀଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ। ଏକାଡେମୀ ଫେଲୋଶିପ୍ ବାବଦ ୩ଲକ୍ଷ ଟଙ୍କା ଏବଂ ଆୱାର୍ଡ ବାବଦ ୧ଲକ୍ଷ ଟଙ୍କାର ଅର୍ଥରାଶି ଦିଆଯିବ।

# ଭାରତରେ ୪୧ ହଜାର ପାକିସ୍ତାନୀ

ନୂଆଦିଲ୍ଲୀ, ୧୬।୭(ପି.ଟି.)

ଭାରତରେ ୪୧,୩୩୧ ପାକିସ୍ତାନୀ ଓ ୪,୧୯୩ ଆଫଗାନିସ୍ତାନ ନାଗରିକ ଦୀର୍ଘଦିନ ହେବ ରହିଆସୁଛନ୍ତି ବୋଲି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ମଙ୍ଗଳବାର ଲୋକ ସଭାରେ ପ୍ରକାଶ କରିଛନ୍ତି। ଏହି ଦୁଇ ଦେଶରେ ଅସୁବିଧାର ସମ୍ମୁଖୀନ ହେଉଥିବା ୬ଟି ସଂଖ୍ୟାଲଘୁ ଧାର୍ମିକ ସମ୍ପ୍ରଦାୟର ଅଧିବାସୀ ଭିଜା ଜରିଆରେ ଭାରତରେ ରହିଆସୁଥିବା ସେ କହିଛନ୍ତି। ସେହିଭଳି ଆସାମରେ ୧.୧୭ ଲକ୍ଷ ଲୋକଙ୍କୁ ମାର୍ଚ୍ଚ ସୁଦ୍ଧା ଟ୍ରିବ୍ୟୁନାଲ ବିଦେଶୀ ଘୋଷଣା କରିଥିବା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ କହିଛନ୍ତି।

# ଭାରତ ପାଇଁ ପାକିସ୍ତାନ ଖୋଲିଲା ଆକାଶମାର୍ଗ

ନୂଆଦିଲ୍ଲୀ, ୧୬।୭(ପି.ଟି.)

**୧୪୦ ଦିନରେ ଏୟାର ଇଣ୍ଡିଆର ୫୬୦ କୋଟି କ୍ଷତି**

ଦୀର୍ଘ ୫ ମାସ ପରେ ପାକିସ୍ତାନର ଆକାଶମାର୍ଗ ମଙ୍ଗଳବାର ଭାରତ ଲାଗି ଖୋଲିଛି। ବାଲାକୋଟରେ ଭାରତର ଏୟାର୍‌ଷ୍ଟ୍ରାଇକ୍ (ଫେବୃୟାରୀ ୨୬)ପରେ ପାକିସ୍ତାନ ଆକାଶମାର୍ଗ ବନ୍ଦ କରିଦେଇଥିଲା। ଏହା ମଙ୍ଗଳବାର ଖୋଲିବା ପରେ ଭାରତୀୟ ବିମାନ ଚଳାଚଳ ଲାଗି ଏହା ବରଦାନ ସଦୃଶ ହୋଇଛି। ରାଷ୍ଟ୍ରାୟତ୍ତ ସଂସ୍ଥା ଏୟାର ଇଣ୍ଡିଆ ଏହାଦ୍ୱାରା ବିଶେଷ ଲାଭବାନ ହୋଇପାରିବ ବୋଲି କୁହାଯାଉଛି।

ବିମାନ ଚଳାଚଳ ଲାଗି ପାକିସ୍ତାନ ଆକାଶମାର୍ଗ ଖୋଲିବା ପରେ ଭାରତରୁ ଆମେରିକା ଓ ୟୁରୋପକୁ ଯାତ୍ରା କରିବା ବହୁ ଶସ୍ତା ହୋଇଛି। ଏଥିସହ ୱାଶିଂଟନ, ନ୍ୟୁୟର୍କ, ପ୍ୟାରିସ, ଲଣ୍ଡନ ଆଦି ସ୍ଥାନକୁ ଯିବା ୪ରୁ ୫ ଘଣ୍ଟା କମିଯିବ। ପୂର୍ବରୁ ପାକିସ୍ତାନ ଆକାଶମାର୍ଗ ଛାଡ଼ି ବିମାନଗୁଡ଼ିକ ଭିଏନାରୁ ଯାଉଥିଲା। ଫଳରେ ଅଧିକ ଖର୍ଚ୍ଚ ସହ ସମୟ ମଧ୍ୟ ଅପଚୟ ହେଉଥିଲା। ଭାରତ ପୂର୍ବରୁ ପାକିସ୍ତାନକୁ ଆକାଶମାର୍ଗ ଖୋଲିବା ଲାଗି ଅନୁରୋଧ କରିଥିଲା। ହେଲେ ଭାରତ ଫରୱାର୍ଡ ବ୍ଲକରୁ ଯୁଦ୍ଧବିମାନ ନ କାଢ଼ିବା ପର୍ଯ୍ୟନ୍ତ ପାକିସ୍ତାନ ବିମାନ ଉଡ଼ିବା ଲାଗି ଆକାଶମାର୍ଗ ଖୋଲିବନି ବୋଲି କହିଥିଲା। ଏହାଫଳରେ ଭାରତର ବେସାମରିକ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏୟାର ଇଣ୍ଡିଆକୁ ୧୪୦ ଦିନ ମଧ୍ୟରେ ୫୬୦ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା'ବୋଲି ଭାରତର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ପ୍ରକାଶ କରିଛନ୍ତି। ଘରୋଇ ବିମାନ ଇଣ୍ଡିଗୋ, ସ୍ପାଇସ୍ ଜେଟ୍ ଓ ଗୋ ଏୟାରକୁ ଯଥାକ୍ରମେ ୨୫.୧ କୋଟି, ୩୦.୭୩ କୋଟି ଓ ୨.୧ କୋଟି କ୍ଷତି ସହିବାକୁ ପଡ଼ିଥିଲା। ପାକିସ୍ତାନ ଭାରତ ଲାଗି ନିଜର ଆକାଶମାର୍ଗ ବନ୍ଦ କରିଦେବା ଫଳରେ ୫ ମାସ ମଧ୍ୟରେ ଭାରତର କ୍ଷତି ପରିମାଣ ୬୨୦ କୋଟିରେ ପହଞ୍ଚିଥିବା ଜଣାପଡ଼ିଛି।

# ଅଭିନୟରେ ହଜିଯିବାକୁ ହୁଏ

**ମୁମ୍ବାଇ:** ଅଭିନୟ କରିବା ବେଳେ ନିଜକୁ ଭୁଲିଯିବାକୁ ହୁଏ ବୋଲି ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ୍ ପ୍ରକାଶ କରିଛନ୍ତି। ସାରା 'କେଦାରନାଥ' ଏବଂ 'ସିମ୍ବା' ଭଳି ଫିଲ୍ମରେ ଅଭିନୟ କରି ଗତବର୍ଷ ଦର୍ଶକଙ୍କ ପ୍ରଶଂସାଭାଜନ ହୋଇପାରିଥିଲେ। ଏହି ଦୁଇ ଫିଲ୍ମକୁ ସମାନ ଦୃଷ୍ଟିରେ ସେ ଦେଖନ୍ତି। ସଞ୍ଜୟ ଲୀଳା ଭଂସାଲିଙ୍କ ସହିତ ଏକ ପିରିୟଡ ଫିଲ୍ମରେ କାମ କରିବାକୁ ସେ ପସନ୍ଦ କରନ୍ତି। ସହରାଞ୍ଚଳ ଜୀବନଯାପନ ସହ ଜଡ଼ିତ ଫିଲ୍ମ, ପ୍ରେମ ଓ ହାସ୍ୟାଭିନୟ, ବ୍ୟବସାୟିକ ମସଲା ମୁଭି ଏପରି କି ଆକ୍ସନ ଓ ଥ୍ରିଲର ମୁଭି ଭଳି ସବୁ ପ୍ରକାର ଫିଲ୍ମ କରିବାକୁ ସେ ଆଗ୍ରହୀ ବୋଲି ସାରା କହିଛନ୍ତି। ସାରା ତାଙ୍କର ପରବର୍ତ୍ତୀ ଫିଲ୍ମ ଇମ୍‌ତିଆଜ ଅଲିଙ୍କ 'ଲଭ୍ ଆଜ କାଲ'ର ଦ୍ୱିତୀୟ ଭାଗରେ ଅଭିନୟ କରିବାକୁ ଯାଉଛନ୍ତି। ସେ ହେଉଛନ୍ତି ଅଭିନେତା ସୈଫ ଅଲି ଖାନ୍ ଏବଂ ଅମ୍ରିତା ସିଂଙ୍କ କନ୍ୟା। 'କେଦାରନାଥ' ଅଥବା 'ସିମ୍ବା' ହେଉ, ଅଭିନୟ ବେଳର ଭାବପ୍ରବଣତା ଓ ଅନୁଭୂତି ହୃଦୟରେ ସବୁଦିନ ପାଇଁ ଲାଖି ରହିଯାଏ ବୋଲି ସେ କହିଛନ୍ତି।



ସାରା ଅଲି ଖାନ୍

# ନିର୍ଣ୍ଣାୟକ ହେବ ଆଜିର ରାୟ

ନୂଆଦିଲ୍ଲୀ,୧୬।୭(ପି.ଟି.)



**କର୍ନାଟକ ସଙ୍କଟ**

କର୍ନାଟକର ଶାସକ କଂଗ୍ରେସ-ଜେଡିଏସ୍ ମେଣ୍ଟର ଇସ୍ତଫା ଦେଇଥିବା ୧୫ ବିଧାୟକଙ୍କ ଆବେଦନର ଶୁଣାଣି ଶେଷ ହେବା ପରେ ସୁପ୍ରିମକୋର୍ଟ ମଙ୍ଗଳବାର ରାୟ ସଂରକ୍ଷିତ ରଖିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବୁଧବାର ଏହି ରାୟ ପ୍ରକାଶ କରିବେ। କୁମାରସ୍ୱାମୀ ସରକାରଙ୍କ ପାଇଁ ଏହା ନିର୍ଣ୍ଣାୟକ ହେବ ବୋଲି କୁହାଯାଉଛି।

କର୍ନାଟକର ୧୫ ବିଦ୍ରୋହୀ ବିଧାୟକଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତ୍‌ଗୀ ଶୁଣାଣି ବେଳେ ଅନ୍ତରୀଣ ଆଦେଶ ବଳବତ୍ତର ରଖି ବିଧାୟକଙ୍କ ଇସ୍ତଫା ଏବଂ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ପ୍ରସଙ୍ଗରେ ସ୍ଥିତାବସ୍ଥା ବଜାୟ ରଖିବାକୁ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ଏହାସହ କର୍ନାଟକର କୁମାରସ୍ୱାମୀ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବାରୁ ଗୃହକାର୍ଯ୍ୟ ବେଳେ ୧୫ ବିଧାୟକଙ୍କ ଉପସ୍ଥିତ ରହିବାରୁ ବାଦ୍ ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଓକିଲ ରାଜୀବ ଧୱନ କହିଥିଲେ, ଏହି ପ୍ରସଙ୍ଗରେ ସମୟବଦ୍ଧ ଭାବେ ନିଷ୍ପତ୍ତି ନେବା ପାଇଁ ବାଚସ୍ପତିଙ୍କୁ ବାଧ୍ୟ କରାଯାଇ ପାରିବ ନାହିଁ। ସୁପ୍ରିମକୋର୍ଟଙ୍କ ଏପରି ଅଧିକାର ନାହିଁ। ସେହିପରି ବାଚସ୍ପତି କେ.ଆର. ରମେଶ କୁମାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭୀ କହିଥିଲେ, ଗତବର୍ଷ ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରାଯିବାବେଳେ ରାତିଅଧିଆ ଶୁଣାଣି ହୋଇଥିଲା। ସେତେବେଳେ ଆସ୍ଥାଭୋଟର ସମ୍ମୁଖୀନ ହେବା ପାଇଁ ୟେଦୁରପ୍ପାଙ୍କୁ କୁହାଯାଇଥିବାବେଳେ ଖଣ୍ଡପୀଠ ବାଚସ୍ପତିଙ୍କୁ କୌଣସି ନିର୍ଦ୍ଦେଶ ଦେଇ ନ ଥିଲେ। ସଦ୍ୟ ଘଟଣାରେ ବିଦ୍ରୋହୀ ବିଧାୟକଙ୍କୁ ଦଣ୍ଡିତ କରିବା ପାଇଁ ବାଚସ୍ପତିଙ୍କ ପର୍ଯ୍ୟାପ୍ତ କ୍ଷମତା ଥିବାବେଳେ ସେ ଏନେଇ କିଛି ନିଷ୍ପତ୍ତି ନେଇନାହାନ୍ତି। ତେଣୁ ଅଦାଲତ ପୂର୍ବରୁ ନେଇଥିବା ନିର୍ଦ୍ଦେଶନାମାରେ ପରିବର୍ତ୍ତନ ଆଣିବାକୁ ସିଂଘଭୀ ଅନୁରୋଧ କରିଥିଲେ।

## ବିଧାୟକଙ୍କ ସହ କ୍ରିକେଟ ଖେଳିଲେ ୟେଦୁରପ୍ପା

ବେଙ୍ଗାଲୁରୁ, ୧୬।୭ : କର୍ନାଟକ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଥିବାବେଳେ ପ୍ରଦେଶ ଭାଜପା ମୁଖ୍ୟ ବି.ଏସ୍. ୟେଦୁରପ୍ପା ଦଳର ବିଧାୟକଙ୍କ ସହିତ ମିଶି ମଙ୍ଗଳବାର ବେଙ୍ଗାଲୁରୁରେ କ୍ରିକେଟ ଖେଳିଛନ୍ତି। ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ମେଣ୍ଟ ସରକାରକୁ ବଞ୍ଚାଇବା ଲାଗି ସଂଗ୍ରାମ କରୁଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦୁରପ୍ପା କ୍ରିକେଟ ଖେଳି ପରିବର୍ତ୍ତନଶୀଳ ରାଜନୀତିର ଏକ ଭିନ୍ନ ସଂକେତ ଦେଇଛନ୍ତି। ପ୍ରକାଶ ଯେ, ୧୬ ବିଧାୟକ(କଂଗ୍ରେସର ୧୩ ଓ ଜେଡିଏସ୍‌ର ୩) ଇସ୍ତଫା ଦେଇଥିବାବେଳେ ଦୁଇ ସ୍ୱାଧୀନ ବିଧାୟକ ଏସ୍. ଶଙ୍କର ଓ ଏଚ୍. ନାଗେଶ ମେଣ୍ଟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିଛନ୍ତି। ସେପଟେ ଗୁରୁବାର ହେବାକୁ ଥିବା ଆସ୍ଥାଭୋଟ ଲାଗି କଂଗ୍ରେସ-ଜେଡିଏସ୍ ମେଣ୍ଟ ସଜବାଜ ହେଉଥିବାବେଳେ ଭାଜପା ମଧ୍ୟ ରଣନୀତି ପ୍ରସ୍ତୁତିରେ ଅଛି। ସବୁ ଦଳ ନିଜ ନିଜର ବିଧାୟକଙ୍କୁ ନିର୍ଦ୍ଦିଷ୍ଟ ରେସ୍ତୋରାଁ ଭିତରେ ରଖିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଯାହା ଆସୁନା କାହିଁକି ଭାଜପା ନେତାମାନେ ଉତ୍ସାହିତ ଥିବା ୟେଦୁରପ୍ପାଙ୍କ କ୍ରିକେଟ ଖେଳରୁ ଜଣାପଡୁଛି।






# ଆଜି ସରିବ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

ଭୁବନେଶ୍ୱର, ୧୬।୭(ବ୍ୟୁରୋ)

ଯୁକ୍ତ୨ ପ୍ରଥମ ବର୍ଷ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ବୁଧବାର ଶେଷ ହେବ। ସନ୍ଧ୍ୟାରେ ନାମଲେଖା ସମ୍ପର୍କିତ ଚୂଡ଼ାନ୍ତ ତଥ୍ୟ ଇ-ସ୍ପେସ୍‌ରେ ପ୍ରକାଶ ପାଇବ। ସିଟ୍ ବଳକା ରହିଲେ ଆସନ୍ତା ୨୦ ତାରିଖରେ ସ୍ପଟ୍ ସିଲେକ୍ସନ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ ଓ ୨୫ରୁ ୨୭ ତାରିଖ ମଧ୍ୟରେ ନାମଲେଖା ହେବ। ୨୯ ତାରିଖରୁ ଯୁକ୍ତ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ଚଳିତ ଶିକ୍ଷାବର୍ଷ ପାଇଁ ୩ ଲକ୍ଷ ୭୫ ହଜାର ୯୫୮ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୩୩ ହଜାର ୫୭୩ ଛାତ୍ରୀଛାତ୍ରଙ୍କୁ ନାମଲେଖା ଲାଗି ଚୟନ କରାଯାଇଥିଲା। ରାଜ୍ୟର ୧୯୮୪ କଲେଜର ୫ଟି ବିଭାଗରେ ମୋଟ ୪ ଲକ୍ଷ ୪୮ ହଜାର ୧୯୫ ସିଟ୍ ରହିଛି। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟ ନାମଲେଖାରେ ୨ଲକ୍ଷ ୯୮ ହଜାର ୨୯୩ ସିଟ୍ ପୂରଣ ହୋଇଛି। ଆହୁରି ୧ ଲକ୍ଷ ୪୯ ହଜାର ୯୦୨ ସିଟ୍ ଖାଲି ରହିଥିଲା। ଗତ ଶନିବାର ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ ପାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କେତେ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି ତାହା ବୁଧବାର ସନ୍ଧ୍ୟାରେ ଜଣାପଡ଼ିବ।

■ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

# ଓଡ଼ିଶୀରେ ସୁରୂପା, ଛଉରେ ତପନ

- ସୋନାଲ ମାନସିଂଙ୍କୁ 'ଏକାଡେମୀ ରତ୍ନ'
- ମଧୁଲିତା, ରାକେଶଙ୍କୁ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର

ଭୁବନେଶ୍ୱର,୧୬।୭(ବ୍ୟୁରୋ)


ସୁରୂପା ସେନ


ସୋନାଲ ମାନସିଂ


ମଧୁଲିତା ମହାପାତ୍ର


ରାକେଶ ସାଇବାବୁ


ତପନ ପଟ୍ଟନାୟକ

ଘୋଷଣା ହୋଇଛି ବହୁ ପ୍ରତୀକ୍ଷିତ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ୨୦୧୮। ଏହାସହ ଉସ୍ତାଦ୍ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର ଏବଂ ଏକାଡେମୀ ଫେଲୋ(ଏକାଡେମୀ ରତ୍ନ) ମଧ୍ୟ ଘୋଷଣା କରାଯାଇଛି। ବିଶିଷ୍ଟ ଓଡିଶୀ ନୃତ୍ୟଗୁରୁ ସୋନାଲ ମାନସିଂ ସଙ୍ଗୀତ ନାଟକ ଏକାଡେମୀ ଫେଲୋ ତଥା ସମ୍ମାନଜନକ ଏକାଡେମୀ ରତ୍ନ ପାଇବାକୁ ମନୋନୀତ ହୋଇଛନ୍ତି। ସେହିଭଳି ଛଉ ନୃତ୍ୟ ପାଇଁ ଓଡ଼ିଶାରୁ ତପନ କୁମାର ପଟ୍ଟନାୟକ ଏବଂ ଓଡ଼ିଶୀ ନୃତ୍ୟ ପାଇଁ ସୁରୂପା ସେନ ସମ୍ମାନଜନକ 'କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର' ପାଇବେ। କେବଳ ଏତିକି ନୁହେଁ, ଓଡିଶୀ ନୃତ୍ୟ କ୍ଷେତ୍ରରେ ଉତ୍କର୍ଷ ଲାଗି ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ମଧୁଲିତା ମହାପାତ୍ର ଏବଂ ଛଉନୃତ୍ୟ ପାଇଁ ଯୁବ ଛଉ ନୃତ୍ୟଶିଳ୍ପୀ ରାକେଶ ସାଇବାବୁ 'ଉସ୍ତାଦ୍ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର' ଲାଗି ମନୋନୀତ ହୋଇଛନ୍ତି।

ଏକାଡେମୀର ସାଧାରଣ ପରିଷଦ ଦ୍ୱାରା ଦେଶରୁ ମୋଟ ୪୪ଜଣ କଳାକାର 'କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର' ପାଇବାକୁ ମନୋନୀତ ହୋଇଛନ୍ତି। ସଙ୍ଗୀତ, ନୃତ୍ୟ, ମଞ୍ଚ ନାଟକ, ବାଦ୍ୟ, ପାରମ୍ପରିକ ଲୋକକଳା, ଲୋକନୃତ୍ୟ, ଆଦିବାସୀ ସଙ୍ଗୀତ ଓ ନୃତ୍ୟ ଆଦି କ୍ଷେତ୍ରରୁ ପ୍ରତିଭାବାନ କଳାକାରମାନେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ନୃତ୍ୟ କ୍ଷେତ୍ରରେ ମୋଟ ୯ଜଣ କଳାକାର ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବାବେଳେ ଏଥିରେ ଓଡିଶାରୁ ଖ୍ୟାତନାମା ଛଉ ନୃତ୍ୟଶିଳ୍ପୀ ତପନ କୁମାର ପଟ୍ଟନାୟକ ରହିଛନ୍ତି। ସେହିଭଳି ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଅବଦାନ ଲାଗି ଗୁରୁ କେଳୁଚରଣ ମହାପାତ୍ରଙ୍କ ଶିଷ୍ୟା ସୁରୂପାଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ। ସୁରୂପା ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଗବେଷଣା ସହ ନୂତନ ନୃତ୍ୟଶୈଳୀ ମାଧ୍ୟମରେ ଓଡ଼ିଶୀ ନୃତ୍ୟର ପ୍ରାଚୁର୍ଯ୍ୟତାକୁ ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ ବାଙ୍ଗାଲୋରରେ ଥିବା ନୃତ୍ୟାନୁଷ୍ଠାନ 'ନୃତ୍ୟଗ୍ରାମ'ରେ ଓଡ଼ିଶୀ ନୃତ୍ୟ ଶିକ୍ଷା ପ୍ରଦାନ କରି ଏହାକୁ ବିଶ୍ୱବ୍ୟାପୀ କରାଇଛନ୍ତି।

ଅନ୍ୟପକ୍ଷରେ ସମଗ୍ର ଦେଶରୁ ୩୨ଜଣ 'ଉସ୍ତାଦ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର-୨୦୧୮' ପାଇବାକୁ ମନୋନୀତ ହୋଇଥିବା ବେଳେ ୨ ଓଡ଼ିଆ ଏହି ପୁରସ୍କାର ପାଇବେ। ଓଡ଼ିଶୀ ନୃତ୍ୟଶିଳ୍ପୀ ମଧୁଲିତା ଓ ବିଶିଷ୍ଟ ଛଉ ନୃତ୍ୟଗୁରୁ ଜନ୍ମେଜୟ ସାଇବାବୁଙ୍କ ପୁଅ ରାକେଶଙ୍କୁ ଏଥିଲାଗି ମନୋନୀତ କରାଯାଇଛି। ମଧୁଲିତା ଜଣେ ଯୁବ ପ୍ରତିଭାଭାବେ ଓଡିଶୀ ନୃତ୍ୟ କ୍ଷେତ୍ରରେ ନିଜ ପରାକାଷ୍ଠା ପ୍ରଦର୍ଶନ କରିବା ସହ ଦେଶ ବିଦେଶରେ ଏହାର ପ୍ରଚାର ପ୍ରସାର କରିଛନ୍ତି। ସେହିଭଳି ଦିଲ୍ଲୀରେ ମୟୂରଭଞ୍ଜ ଛଉର ପ୍ରଚାର ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରାକେଶ ଏହି ପାରମ୍ପରିକ କଳାକୁ ବର୍ତ୍ତମାନର ପିଢି ନିକଟରେ ପହଞ୍ଚାଇଛନ୍ତି। ଓଡ଼ିଶୀ ନୃତ୍ୟ କ୍ଷେତ୍ରକୁ ଗୁରୁ କେଳୁଚରଣ ମହାପାତ୍ରଙ୍କ ପ୍ରମୁଖ ଶିଷ୍ୟା ତଥା ବିଶିଷ୍ଟ ଓଡ଼ିଶୀ ଓ ଭାରତନାଟ୍ୟମ୍ ଶିଳ୍ପୀ ପଦ୍ମବିଭୂଷଣ ସୋନାଲ ମାନସିଂଙ୍କ ସ୍ୱତନ୍ତ୍ର ଅବଦାନ ଲାଗି ତାଙ୍କୁ 'ଏକାଡେମୀ ରତ୍ନ' ପାଇଁ ଚୟନ କରାଯାଇଛି। ତାଙ୍କ ସହ ଜାକିର ହୁସେନ, ଯତୀନ ଗୋସ୍ୱାମୀ ଓ କେ. କଲ୍ୟାଣସୁନ୍ଦରମ୍ ପିଲ୍ଲାଇ ଏହି ସମ୍ମାନଜନକ ପୁରସ୍କାର ପାଇବେ। ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତିଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯିବ।




କେନ୍ଦ୍ରାପଡ଼ା ଏମ୍‌ପିଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଘଟଣା

# ୧୬୪ରେ ଅଭିଯୋଗକାରିଣୀଙ୍କ ବୟାନ ରେକର୍ଡ

**କଟକ ଅଫିସ୍, ୧୬।୭:** କେନ୍ଦ୍ରପଡ଼ା ଏମ୍‌ପି ଅନୁଭବ ମହାନ୍ତି ଓ ତାଙ୍କ ଭାଇ ଅନୁପ୍ରାସ ମହାନ୍ତିଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣିଥିବା ମହିଳା ଖବରଦାତାଙ୍କର ମଙ୍ଗଳବାର ସିଆର୍‌ପିସି ୧୬୪ରେ ବୟାନ ରେକର୍ଡ କରିଛନ୍ତି ଜେଏମ୍‌ଏଫ୍‌ସି କୋର୍ଟ। ସେ ତାଙ୍କ ବୟାନରେ ପୂର୍ବରୁ ଯାହା ଅଭିଯୋଗ କରିଥିଲେ ସେହିକଥା ଦୋହରାଇଛନ୍ତି ବୋଲି ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ କହିଛନ୍ତି। ମହିଳା ଜଣକ ଅଭିଯୋଗ କରିଥିଲେ ଯେ, ଅନୁପ୍ରାସ ଓ ତାଙ୍କ ସାଙ୍ଗମାନେ ତାଙ୍କୁ ବହୁବାର ଅଶ୍ଳୀଳ ଭାଷାରେ କମେଣ୍ଟ କରୁଥିଲେ। ଏନେଇ ସେ ଗତ ଜୁନ୍ ୧୨ରେ ଏମ୍‌ପି ଅନୁଭବଙ୍କୁ ଅବଗତ କରିବାକୁ ପୁରୀଘାଟସ୍ଥିତ ତାଙ୍କ ବାସଭବନକୁ ଯାଇଥିଲେ। ହେଲେ ଅନୁଭବଙ୍କ ସମେତ ତାଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ଏବଂ ଭାଇ ଅନୁପ୍ରାସ ସେଠାରେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ ସଂକ୍ରାନ୍ତରେ ଜୁନ୍ ୧୪ରେ ପୀଡିତା ଜଣକ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଅନୁଭବ ଖବରଦାତା ସମ୍ମିଳନୀ ଡାକି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପୋଲିସ ଉକ୍ତ ମହିଳାଙ୍କ ଅଭିଯୋଗ ଆଧାରରେ ଅନୁଭବ, ଭାଇ ଅନୁପ୍ରାସ ଓ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହେଲେ ନ୍ୟାୟ ଦାବି କରି ଇତିମଧ୍ୟରେ ମହିଳା ଜଣକ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଆସି ନବୀନ ନିବାସ ସମ୍ମୁଖରେ ଧାରଣା ଦେଇଥିଲେ। ସେହିଭଳି ଦୁଇଦିନ ତଳେ ପୁରୀଘାଟ ଥାନାରେ ମଧ୍ୟ ଧାରଣା ଦେଇଥିଲେ।

ହାଇଟେକ୍‌ର ୬୩ କୋଟି ୫୫ ଲକ୍ଷ ବଣ୍ଟାଯିବ

# ଫେରିପାଇବେ ୨୨ ହଜାର ଜମାକାରୀ

କଟକ ଅଫିସ,୧୬।୭

**ସ୍ୱତନ୍ତ୍ର ଅଦାଲତଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି**

ହାଇଟେକ୍ ଗ୍ରୁପର ୬୩ କୋଟି ୫୫ ଲକ୍ଷ ୪୯ହଜାର ୨୨୭ ଟଙ୍କା ଜମାକାରୀଙ୍କୁ ଫେରସ୍ତ ଦିଆଯିବ। ଏହି ଟଙ୍କାକୁ ୨୨ ହଜାର ୭୦୦ ଜମାକାରୀ ଫେରି ପାଇବେ। ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ସୋମବାର ଏ ସମ୍ପର୍କିତ ଆଦେଶ ସରକାରଙ୍କୁ ଜାରି କରାଯାଇଛି। ସୂଚନାଥାଉକି, ଲୋକଙ୍କୁ ଜମି ଯୋଗାଇ ଦେବା ନିମନ୍ତେ ହାଇଟେକ୍ ଗ୍ରୁପ ଏହି ଟଙ୍କା ଆଦାୟ କରିଥିଲା। ମାତ୍ର ପରବର୍ତ୍ତୀ ଅବସ୍ଥାରେ ଉକ୍ତ ସଂସ୍ଥା ଲୋକଙ୍କୁ ଠକିଥିଲା। ଏହି ମାମଲାରେ ଗ୍ରୁପର ମୁଖ୍ୟ ତିରୁପତି ପାଣିଗ୍ରାହୀ ଗିରଫ ହୋଇଥିଲେ। ଗିରଫ ପରେ ଜାମିନ ପାଇବାକୁ ପାଣିଗ୍ରାହୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ପାଣିଗ୍ରାହୀଙ୍କୁ ଜାମିନ ଦେବା ସମୟରେ ସୁପ୍ରିମକୋର୍ଟ କେତେକ ସର୍ତ୍ତାବଳୀ ଲାଗୁ କରିଥିଲେ। ସର୍ତ୍ତାବଳୀ ଅନୁଯାୟୀ, ହାଇଟେକ୍ ଗ୍ରୁପ ଜମି ଦେବା ଲାଗି ଲୋକମାନଙ୍କଠାରୁ ଯେତିକି ଟଙ୍କା ଆଦାୟ କରିଥିଲେ ସମସ୍ତ ଟଙ୍କାକୁ ଅଦାଲତଙ୍କ ନିକଟରେ ଜମା କରିବେ। ପରେ ହାଇଟେକ୍ ଗ୍ରୁପ ପକ୍ଷରୁ ଉପରୋକ୍ତ ପରିମାଣର ଟଙ୍କା ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିଲା। ୨୦୧୬ ଅଗଷ୍ଟ ୫ ରେ ସୁପ୍ରିମକୋର୍ଟ ଉକ୍ତ ଟଙ୍କାକୁ ସ୍ୱତନ୍ତ୍ର କୋର୍ଟକୁ ପଠାଇ ଦେଇଥିଲେ। ତେବେ ରାଜ୍ୟ ସରକାରଙ୍କ ଆବେଦନକ୍ରମେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଉକ୍ତ ଟଙ୍କାକୁ ଜମାକାରୀଙ୍କୁ ଫେରସ୍ତ ଦେବା ନିମନ୍ତେ ୨୦୧୭ ଜୁଲାଇ ୨୫ରେ ଆଦେଶ ଦେଇଥିଲେ। ସରକାରଙ୍କ ଦ୍ୱାରା ନିଯୁକ୍ତ କଟକ ଅତିରିକ୍ତ ଜିଲାପାଳ ତଥା ସ୍ୱତନ୍ତ୍ର ପ୍ରାଧିକୃତ ଅଧିକାରୀ ଏହି ଅର୍ଥକୁ ବାଜ୍ୟାପ୍ତ କରିବାକୁ ସ୍ୱତନ୍ତ୍ର କୋର୍ଟରେ ମାମଲା ରୁଜୁ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁବ୍ରତ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।



**କିଛି ତଥ୍ୟ**

ଦେଶର ମୋଟ ମାଇକ୍ରୋ ଫାଇନାନ୍ସ ବାଣିଜ୍ୟ କ୍ଷେତ୍ରରେ ପୂର୍ବାଞ୍ଚଳ ରାଜ୍ୟଗୁଡିକର ୪୦% ଅଂଶ ହାସଲ କରିଛନ୍ତି। ଗତ ୪ ଆର୍ଥିକ ବର୍ଷରେ ପଶ୍ଚିମବଙ୍ଗ, ବିହାର, ଓଡିଶା ଏବଂ ଆସାମ ଭଳି ରାଜ୍ୟରେ ମାଇକ୍ରୋଫାଇନାନ୍ସ ଅଭିବୃଦ୍ଧି ହାରାହାରି ୭୨ରୁ୧୯% ରହିଛି। – **ସିଡ୍‌ବୀ ଇକ୍ୱିଫାକ୍ସ ଡାଟା**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ମାମୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ବିଶ୍ୱଭୂଷଣ ଆନ୍ଧ୍ର ...

ପ୍ରଥମ ପୃଷ୍ଠାରୁ...

ହେବା ସହ ଏହାର ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ହୋଇଥିଲେ। ଭାରତୀୟ ଜନତା ପାର୍ଟିର ଗଠନ ପରେ ରାଜ୍ୟରେ ସେ ପ୍ରତିଷ୍ଠାତା ସଭାପତିଭାବେ ଦାୟିତ୍ୱ ତୁଲାଇଥିଲେ। ୧୯୭୫ ଜରୁରିକାଳୀନ ପରିସ୍ଥିତିରେ ମିସା ଆଇନ ଦ୍ୱାରା ବିଶ୍ୱଭୂଷଣ ଗିରଫ ମଧ ହୋଇଥିଲେ। ୧୯୭୭ରୁ ଜନତା ଦଳ ଟିକେଟ୍‌ରେ ଚିଲିକା ବିଧାନସଭା ଆସନରୁ ବିଜୟୀ ହେବା ସହ ରାଜ୍ୟ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଆଇନ, ଖାଦ୍ୟ ଏବଂ ସାଧାରଣ ବଣ୍ଟନ, ଶ୍ରମ, ନିଯୁକ୍ତି, ଗୃହନିର୍ମାଣ ଏବଂ ସଂସ୍କୃତି ବିଭାଗର ଦାୟିତ୍ୱ ତୁଲାଇଥିଲେ। ୧୯୯୦ରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ହରିଚନ୍ଦନ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ମନ୍ତ୍ରୀ ହୋଇଥିଲେ। ୧୯୯୬ରେ ହୋଇଥିବା ଉପନିର୍ବାଚନରେ ଭାଜପା ପ୍ରାର୍ଥୀଭାବେ ଭୁବନେଶ୍ୱର ଆସନରୁ ବିଜୟୀ ହୋଇ ବିଧାୟକ ଦଳର ନେତା ହୋଇ ପାରିଥିଲେ। ଏହା ପରେ ବିଶ୍ୱଭୂଷଣ ୨୦୦୦ରେ ବିଧାନସଭାକୁ ଭାଜପାରୁ ନିର୍ବାଚିତ ହୋଇଥିଲା। ବିଜେଡି-ଭାଜପା ମିଳିତ ମନ୍ତ୍ରିମଣ୍ଡଳରେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱରେ ସେ ଗୁରୁତ୍ୱପୂର୍ଣ୍ଣ ଆଇନ ଓ ରାଜସ୍ୱ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ସେହିପରି ୨୦୦୪ରେ ପୁର୍ନବାର ବିଜୟୀ ହେବା ସହ ଗ୍ରାମ ଉନ୍ନୟନ, ଆଇନ ଏବଂ ଶିଳ୍ପ ବିଭାଗର ମନ୍ତ୍ରୀ ହୋଇଥିଲେ। ବିଶ୍ୱଭୂଷଣ ଚିଲିକାରୁ ଜନତା ଦଳ ବିଧାୟକଭାବେ ୨ ଥର(୧୯୭୭,୧୯୯୦) ଏବଂ ଭୁବନେଶ୍ୱର ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ଭାବେ ୩ ଥର (୧୯୯୬, ୨୦୦୦, ୨୦୦୪) ନିର୍ବାଚିତ ହୋଇଥିଲେ।

ରାଜ୍ୟପାଳ ଭାବେ ମନୋନୀତ ହେବା ପରେ ଗଣମାଧ୍ୟମକୁ ମତାମତ ଦେଇ ବିଶ୍ୱଭୂଷଣ କହିଛନ୍ତି ଯେ, ଗତକାଲି(ସୋମବାର) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଥିଲି। ଏହି ସମୟରେ କିଛି ବଡ ଦାୟିତ୍ୱ ଦେବା ନେଇ ସେ ସମ୍ୟକ ଆଭାସ ଦେଇଥିଲେ। ଏପରିକି ଅଳ୍ପଦିନରେ ତାଙ୍କୁ ଓଡ଼ିଶା ଛାଡିବା ସହ ବଡ ଦାୟିତ୍ୱ ମିଳିବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିବା ବିଶ୍ୱଭୂଷଣ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ କଥା ହେବାର ମାତ୍ର ଗୋଟିଏ ଦିନ ପରେ ତାଙ୍କୁ ରାଷ୍ଟ୍ରପତି ଭବନ ପକ୍ଷରୁ ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ଭାବେ ମନୋନୀତ କରାଯାଇଛି। ଏହା ପରେ ବିଶ୍ୱଭୂଷଣ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖଙ୍କୁ ଧନ୍ୟବାଦ ଦେଇଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଟୁଇଟ୍ କରି ବିଶ୍ୱଭୂଷଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶ୍ୱଭୂଷଣ ଅନେକ ପୁସ୍ତକ ମଧ୍ୟ ରଚନା କରିଛନ୍ତି। ତାଙ୍କ ରଚିତ ପୁସ୍ତକଗୁଡିକ ମଧ୍ୟରେ 'ମରୁ ବତାସ' ନାଟକ ଅନ୍ୟତମ। ଏହା ବ୍ୟତୀତ ମହାସଂଗ୍ରାମର ମହାନାୟକ, ସଂଗ୍ରାମ ସରିନାହିଁ, ଏ ମାଟିର ଡାକ ପ୍ରଭୃତି ତାଙ୍କର ଅନବଦ୍ୟ କୃତି।

### ସ୍ତ୍ରୀଙ୍କ ଅଭିଯୋଗ ପରେ ତଦନ୍ତ ଜାରି

# ପୋଲିସ ମାଡ଼ରେ ସ୍ୱାମୀଙ୍କ ମୃତ୍ୟୁ ଘଟିଛି

- ମୃତକଙ୍କ ବାପା ଆଣିଲେ ଶ୍ୱଶୁର ଘର ବିରୋଧରେ ଅଭିଯୋଗ
- ଥାନାରେ ହତ୍ୟା ମାମଲା ରୁଜୁ



ସ୍ୱାମୀଙ୍କ ମୃତଦେହ ନିକଟରେ ସ୍ତ୍ରୀ ଓ ତାଙ୍କ ୫ମାସର ପୁଅ।

**ଆନନ୍ଦପୁର,୧୬।୭(ସ୍ୱ.ପ୍ର.)**

ସୋମବାର ରାତିରେ ଶ୍ୱଶୁରଘର ଲୋକେ ଜ୍ୱାଇଁଙ୍କୁ ମୁମୂର୍ଷୁ ଅବସ୍ଥାରେ ଆଣି ଘରେ ଛାଡ଼ିଯିବାପରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ଆନନ୍ଦପୁର ପୌରାଞ୍ଚଳ ଅଧୀନ ଫକୀରପୁର ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମଣ୍ଟୁଣି ଦାଶଙ୍କୁ ଶ୍ୱଶୁର ଘର ଲୋକେ ଆକ୍ରମଣ କରି ମାରିଦେଇଥିବା ତାଙ୍କ ବାପା କାଶୀନାଥ ସ୍ଥାନୀୟ ଥାନାରେ ଅଭିଯୋଗ କରିବାପରେ ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ତେବେ ମୃତ ମଣ୍ଟୁଣିଙ୍କ ସ୍ତ୍ରୀ ସୁମିତ୍ରା ପୋଲିସରେ ଦେଇଥିବା ବୟାନ ଘଟଣାକୁ ଭିନ୍ନ ମୋଡ଼ ଦେଇଛି। ଭଦ୍ରକ ଟାଉନ ଥାନା ପୋଲିସ ମାଡ଼ରେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟିଛି ବୋଲି ସେ ଅଭିଯୋଗ କରିଛନ୍ତି।

ସୁମିତ୍ରା କହିଛନ୍ତି, ସୋମବାର ଭଦ୍ରକ ସ୍ଥିତ ତାଙ୍କ ଭଉଣୀଘରକୁ ମଣ୍ଟୁଣି ତାଙ୍କୁ ସାଥିରେ ନେଇ ଯାଇଥିଲେ। ସନ୍ଧ୍ୟା ୮ଟା ସମୟରେ ସେମାନେ ବାଇକ୍‌ରେ ଘରକୁ ଫେରୁଥିଲେ। ଭଦ୍ରକ ବନ୍ତ ଛକ ନିକଟରେ ଥିବା ଏକ ମଦ ଦୋକାନକୁ ଯାଇ ମଣ୍ଟୁଣି ମଦ ପିଇଥିଲେ। ପରେ ସେ ଆଉ ଗାଡ଼ି ଚଲାଇ ପାରି ନ ଥିଲେ। ସୁମିତ୍ରା ସାଥିରେ ନେଇଥିବା ୫ମାସର ଶିଶୁ ପୁତ୍ରକୁ ଧରି ସେଠାରେ ବସି କାନ୍ଦୁଥିବା ପାଟ୍ରୋଲିଂ କରୁଥିବା ଭଦ୍ରକ ଟାଉନ ଥାନା ପୋଲିସ ଦେଖି ସେମାନଙ୍କୁ ଥାନାକୁ ଧରି ନେଇଥିଲେ। ମଦ ପିଇ ଗାଡ଼ି ଚଲାଇବା ଘଟଣା ନେଇ ପୋଲିସ ମଣ୍ଟୁଣିଙ୍କୁ ନିସ୍ତୁକ ମାଡ଼ ମାରିଥଲେ। ତାଙ୍କ ଅବସ୍ଥା ଖରାପ ହୋଇପଡ଼ିବାରୁ ସୁମିତ୍ରା ନାଚାର ହୋଇ ଫୋନ କରି ବାପଘର ଲୋକଙ୍କୁ ଜଣାଇଥିଲେ। ଏହାପରେ ବାପଘର ଲୋକେ ପହଞ୍ଚି ମଣ୍ଟୁଣିଙ୍କୁ ଆଣି ଫକିରପୁର ଗାଁର ତାଙ୍କ ଘରେ ଛାଡ଼ିଥିଲେ। ପୋଲିସ ମାଡ଼ରେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟିଛି ବୋଲି ସୁମିତ୍ରା ଓ ତାଙ୍କ ବାପଘର ଲୋକେ ଜେରାବେଳେ ପ୍ରକାଶ କରିଛନ୍ତି। ସୁମିତ୍ରାଙ୍କ ବୟାନ ଅନୁଯାୟୀ ପୋଲିସ କୌଣସି ମାମଲା ରୁଜୁ କରି ନାହିଁ। ମଣ୍ଟୁଣିଙ୍କ ବାପା କରିଥିବା ଅଭିଯୋଗ ଅନୁଯାୟୀ ୩୦୨ ଓ ୨୦୧ ଦଫାରେ ଏକ ମାମଲା (ନଂ.୧୨୯/୧୯) ରୁଜୁ କରି ତଦନ୍ତ ଚଳାଇଥିବା କହିଛି। ଘଟଣାର ତଦନ୍ତ କରୁଥିବା ଆନନ୍ଦପୁର ଥାନା ଏସ୍‌ଆଇ ଏହି ସୂଚନା ଦେଇ କହିଛନ୍ତି, ମଣ୍ଟୁଣିଙ୍କର କିଭଳି ମୃତ୍ୟୁ ଘଟିଲା ତଦନ୍ତ ପରେ ସ୍ପଷ୍ଟ ହେବ। ସୁମିତ୍ରା ଦେଉଥିବା ବୟାନ ଅନୁଯାୟୀ ଭଦ୍ରକ ଟାଉନ ଥାନା ପୋଲିସ ସହ ଯୋଗାଯୋଗ କରାଯାଉଛି। ଅନ୍ୟପକ୍ଷେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ମଣ୍ଟୁଣିଙ୍କୁ ମୁମୂର୍ଷୁ ଅବସ୍ଥାରେ ଛାଡି ସୁମିତ୍ରା ଓ ତାଙ୍କ ସହ ଆସିଥିବା ଲୋକେ ସାଇଁକୁଳ ଫାଣ୍ଡି ଅଧୀନ ବାମ୍ଫିଡ଼ିସ୍ଥିତ ନିଜ ବାପ ଘରକୁ ପଳାଇଯିବା ଘଟଣା ନେଇ କାଶୀନାଥ ପ୍ରଶ୍ନ ଉଠାଇଛନ୍ତି। ମଙ୍ଗଳବାର ସକାଳେ ସୁମିତ୍ରା ଓ ତାଙ୍କ ବଡ ବାପା ଆସି ଫକିରପୁରରେ ପହଞ୍ଚିବା ପରେ ଗ୍ରାମବାସୀ ସେମାନଙ୍କୁ ଘେରିଯାଇ ପଚରାଉଚରା କରି ଏହାକୁ ମୋବାଇଲରେ ରେକର୍ଡିଂ କରିଥିଲେ।ପୋଲିସ ସେମାନଙ୍କୁ ପରେ ଗାଁରୁ ଉଦ୍ଧାର କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଦଶମ କେନ୍ଦ୍ରସ୍ଥ ଚନ୍ଦ୍ର ଆପଣଙ୍କ କାମକୁ ଧୀର ମନ୍ଥର ଗତିରେ ଆଗକୁ ବଢ଼ାଇନେବ। ସ୍ଥିର ଭାବରେ କୌଣସି ସ୍ଥାନରେ ଦୀର୍ଘ ସମୟ ରହିପାରିବେ ନାହିଁ। ପରିବାରର ସହମତି ନେଇ କାମକଲେ ସମସ୍ୟାର ସରଳ ସମାଧାନ ହୋଇପାରିବ। ବ୍ୟବସାୟିକ ସ୍ଥିତି ଭଲ ରହିବା ସହ ଭ୍ରମଣ ସୁଯୋଗ ଲାଭ କରିବେ।

**ବୃଷ**
ଧନ ଭାବରେ ରାହୁ ସହ ଶୁକ୍ର ଅବସ୍ଥାନ କରିଥିବାରୁ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅର୍ଥଶ୍ରାଦ୍ଧ କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବମାନ ଗ୍ରହଣ କରି ସମ୍ମାନ ଲାଭ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ସମସ୍ୟାବହୁଳ ରହିପାରେ।

**ମିଥୁନ**
ରବି ସହ ମଙ୍ଗଳ ଓ ବୁଧ ମୁଖଭାବ ମଣ୍ଡନ କରି ଅପ୍ରିୟ ସତ୍ୟ ବାକ୍ୟ ପ୍ରୟୋଗପୂର୍ବକ ବନ୍ଧୁଙ୍କ ସହ ମତାନ୍ତରର କାରଣ ହେବ। ଆଶା କରିଥିବା ଜିନିଷଟି ଆଜି ଅପରାହ୍ନ ସମୟରେ ପାଇପାରିବେ। ନିଷ୍ପତ୍ତିମୂଳକ ଆଲୋଚନାରେ ପ୍ରତିଦ୍ୱନ୍ଦ୍ୱୀ, ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇ ପାରନ୍ତି। ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ।

**କର୍କଟ**
ଆଜିର ଗ୍ରହାବସ୍ଥାନ ଆପଣଙ୍କୁ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ମାନସିକ ଉତ୍ତେଜନା ସୃଷ୍ଟି କରିବ। ଦୂର ସ୍ଥାନରୁ ପ୍ରତ୍ୟାବର୍ତ୍ତନ ପଥରେ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ଆଲୋଚନା ପରିସରରେ ନ୍ୟାୟୋଚିତ ପରାମର୍ଶ ଏବଂ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇପାରେ।

**ସିଂହ**
ଆଜି ଆପଣ ଏତେଦୂର କାର୍ଯ୍ୟବ୍ୟସ୍ତ ରହିବେ ଯେ– କୌଣସି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିପାରିବେ ନାହିଁ। ଯାତ୍ରା ସମୟରେ ବନ୍ଧୁଙ୍କ ସାକ୍ଷାତରୁ ଉପକୃତ ହୋଇପାରନ୍ତି। ଅନ୍ୟମାନଙ୍କ କଥାକୁ ସତ ମନେକରି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ଶନି ଯୁକ୍ତ ଚନ୍ଦ୍ର ପ୍ରଭାବରେ ମାନସିକ ଶିଥିଳତା ସହ ସନ୍ଦେହଜନକ କାର୍ଯ୍ୟରେ ଲିପ୍ତ ରହିବାର ସୂଚନା ରହିଛି।

**କନ୍ୟା**
ଦ୍ୱାଦଶ ଭାବରେ ଏକାଧିକ ଗ୍ରହ ଆପଣଙ୍କୁ ବ୍ୟୟବହୁଳ ଖର୍ଚ୍ଚାନ୍ତ କରାଇପାରେ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବିଶ୍ୱସ୍ତ କର୍ମଚାରୀଟିର ମନୋଭାବ ବଦଳିଯିବ, ଯଦ୍ୱାରା ସେ ଆପଣଙ୍କୁ ଆଉଆଖିରେ ମଧ ଚାହିଁବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।

**ତୁଳା**
କର୍ମାଧିପତି ସ୍ୱଗୃହକୁ ଦେଖୁଥିବାରୁ ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହୋଇଯିବ। ନିର୍ମାଣ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। କେତେକ କ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ ପରିସ୍ଥିତିରେ ପଡି ଖର୍ଚ୍ଚାନ୍ତ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ବିଛା**
ଚନ୍ଦ୍ରର ଏକାଦଶସ୍ଥ ବୃହସ୍ପତି ଆପଣଙ୍କୁ ବନ୍ଧୁପ୍ରିୟ କରାଇପାରେ। ପାଖ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବା କାରଣରୁ ଖୁସି ରହିବେ। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚପ୍ରଶଂସିତ ହେବେ। କଳା, ସାହିତ୍ୟ ଓ ସଙ୍ଗୀତ, ସାମ୍ବାଦିକତାରେ ସୁନାମ ଅର୍ଜନ କରିବେ। ବାଣିଜ୍ୟ, ବ୍ୟବସାୟ, ଯାନବାହନରେ ଲାଭବାନ ହେବେ।

**ଧନୁ**
ସପ୍ତମରେ ଶୁକ୍ର ଓ ପାପଗ୍ରହ ରହିଥିବାରୁ ଆଜିର ଯାତ୍ରାରେ ସାମାନ୍ୟ ହଇରାଣ ହରକତ ହେବାକୁ ପଡ଼ିପାରେ। ମନ ପାଉ ନ ଥିଲେ ମଧ ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ସହକର୍ମୀଙ୍କ ସାହାଯ୍ୟ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିବେ।

**ମକର**
ରାଶିରେ ଚନ୍ଦ୍ରଥିବାରୁ ମାନସିକ ଅସ୍ଥିରତା ମଧ୍ୟରେ କାମ କରିବାକୁ ବାଧ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। କ୍ରୀଡ଼ା, କଳା ସାହିତ୍ୟ, ସଙ୍ଗୀତ, ନୃତ୍ୟାଦିରେ ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ ହୋଇଯିବ। ଭଲ କଥା କହିଲେ ମଧ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କୁମ୍ଭ**
ପାପଗ୍ରହ ପ୍ରଭାବରେ ଆପଣ କୌଣସି କଥାରେ ଠିକ୍ ନିଷ୍ପତ୍ତି ନେବା କଷ୍ଟକର ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ସ୍ୱର୍ଣକାରର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ। ଅବଶ୍ୟ ଆର୍ଥିକ ସ୍ଥିତିରେ ଆଂଶିକ ଉନ୍ନତି ପରିଲକ୍ଷିତ ହେବ।

**ମୀନ**
ଦେବଗୁରୁଙ୍କ ଅନୁକମ୍ପାରୁ ସ୍ୱାସ୍ଥ୍ୟ ଭଲ ରହିବା ସହ କାର୍ଯ୍ୟସିଦ୍ଧି ଘଟିବ। ଆଜି ହଠାତ୍ ଆକସ୍ମିକ ଭାବରେ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ପାରିବାରିକ ସ୍ତରରେ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଆଜି ଆପଣ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିପାରନ୍ତି।

ଆଜି ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି, ଶ୍ରାବଣ କୃଷ୍ଣ ପ୍ରତିପଦା ବୁଧବାର, ଜୁଲାଇ ୧୭ ତାରିଖ, ଅନ୍ତର୍ଜାତୀୟ ନ୍ୟାୟ ଦିବସ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦକ୍ଷିଣାୟନ ବନ୍ଦାପନା, ନଦୀ ଘାତବାର, ବର୍ଷାଋତୁର ପ୍ରବେଶ, ବୋଲ୍‌ବମ୍ ଯାତ୍ରା ଆରମ୍ଭ, ରାଶି ନକ୍ଷତ୍ର–ଉତ୍ତରାଷାଢ଼ା/ମକର, କର୍କଟ ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୦ମି. ଗତେ ଘ୮।୨୯ମି. ମଧ୍ୟେ, ଘ୩।୦୫ମି. ଗତେ ଘ୪।୪୪ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୦ମି. ମଧ୍ୟେ ଘ୧୦।୦୮ମି. ଗତେ, ଘ୧।୪୭ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday
**0674-2580101, 2549302**




**BRIDE WANTED**

Vegetarian Karan bride for only Son Software Engineer, Bengaluru. 9078675914. D-65667

Gudia bride wanted for 33 years / B.Tech, ETC/5'8" working in Bangalore leading Telecom company as SWE. Contact: 9437003131. D-59860

ଗୁଡ଼ିଆ ପାତ୍ର MBA, ଗୌରବର୍ଣ୍ଣ, 5'5", 36 ବର୍ଷ, ବାଙ୍ଗାଲୋରରେ ଚାକିରି, ଭୁବନେଶ୍ୱର ବାସିନ୍ଦା ଓ ଏକ ପୁତ୍ର ସନ୍ତାନ ଥିବା ପାତ୍ର ପାଇଁ ଗୌରବର୍ଣ୍ଣା, ଉଚ୍ଚଶିକ୍ଷିତା, 5'2", 25-35 ବର୍ଷ ମଧ୍ୟରେ ଥିବା ପାତ୍ରୀ ଆବଶ୍ୟକ। ଯୋଗାଯୋଗ: 7978322364, 9437230729. D-58100

**GROOM WANTED**

Bhubaneswar ବାସିନ୍ଦା 36 ବୟସ୍କା ଗରିବ ସୁନ୍ଦର, +2 pass ବ୍ରାହ୍ମଣ ଝିଅଙ୍କ ପାଇଁ ପୁଅ ଦରକାର। 7381366108. D-13434

35 ବୟସ୍କା ଛାଡ଼ପତ୍ରପ୍ରାପ୍ତ Software ଚାକିରିଆ ସୁନ୍ଦର ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7381460016. D-13414

Khandayat bride CA 41, Nalco 40, Lecturer 38(caste-no-bar)-7873374269. D-67012

Beautiful Teli girl, 1990 B.Tech Software Engineer MNC Bangalore. 9437555525. D-58099

Now Matrimonial ads. only on Wednesday & Sunday Book 1 Get 1 FREE




**SALE**

ଭୁବନେଶ୍ୱର ରେତଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/- ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

Flat for sale of 2BHK flat at NH road side Khordha 1km. from Khordha Hospital. 9439778849, 7381883881. D-64983

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଙ୍କାରୁ ବିକ୍ରିହେବ। 9178660666. D-67304

**5000 Plus sqft. residential plot for sale in Sishu Vihar, Patia. Ideal for Tutorials also. Contact directly 9871155802, 8240107574.** D-13427

"Litigation free 2storied building with parking, 3phase electricity, 24hr water supply over freehold GA plot (60'x90') for sale at B.J.B Nagar (POSH Area), Bhubaneswar, only genuine buyer contact directly: 9583009046". D-13368

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66927

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67305

Bhubaneswar-Pitapalli Chhaka ଠାରୁ 100 ମିଟର ଦୂରରେ BDA Plot, Road, Electric, ପାଚେରି ସହିତ ଶସ୍ତାରେ କିଣନ୍ତୁ। Contact: 6371574344, 8280860015. D-13422

**Conversion demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 1200sqft. 6,60,000/-. 9437306208.** D-66728

10,000 sqft. commercial land for sale at NH-203, Cuttack-Puri bypass Bhubaneswar 2.5 crore call: 7326084916. D-67309

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66729

Carpet area 3400 sqft., built-up area 4000 sqft., Jagatpur, Cuttack. Contact: 7008642371. D-13435

1740sqft. plot for sale near Siridi Sai Temple, Tankapani Road, Bhubaneswar. Price-15lakh. 9078151122. D-67310

1BHK simplex 15,00,000/- finishing Hanspal, duplex Nakhara Road-8093465134, 9668194157. D-67013

**11000sqft. boundarywall plot for sale near Hanspal NH-5, best for godown. 9040059669.** D-67014

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m. ବାସୋପଯୋଗୀ plot 1200sqft. 5,40,000/- immediate possession/ registration. 9937032327, 9583328312. D-66730

5350sqft. land near ITER Campus. Gharabari for sale, BDA yellowzone sqft. 2000/-, 7735768268. D-66735

**LEASE**

**Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529.** D-13302




Tolet service for bachelor, family, girls, all over Bhubaneswar. 6371209927. D-64982

Full furnished 1BHK near C.S.Pur DAV School. Only IT professional, Banker single accommodation. Rent 8,000/-. 9937502162. D-64986

**Shree Hari Kalyana Mandap for Go-down, Institution etc. Nuagaon, Municipality Road, Bhubaneswar-2. 9337129414.** D-13433

1700sqft. furnished office-godown near Railway Station, Kharvelnagar, Bhubaneswar-9178577306. D-66734




Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Summer special mesmerizing offer expert therapeutic refreshing massage appointment: 9668374480. D-67307

Ayurvedic full body massage ladies & gents smart therapist. 9040900385. D-66926

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ–ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13425

**AFFIDAVIT**

I, Sarat Pradhan, son of Dhruba Charan Pradhan, At- Sujanagar, P.o- Bantaligram, Dist- Puri, vide affidavit dated on 17.06.2019 that my name was wrongly recorded in my 10th certificate as Sarata Pradhan. Sarat Pradhan and Sarata Pradhan are one and the same person. D-13431

By an affidavit before the Notary public, Sambalpur, I Bibek Bhushan Nayak, R/o- At/po- Rasanpur, Dist- Sambalpur, declared that my actual name is Bibek Bhushan Nayak but in the Board of Secondary Education Examination 1997 bearing roll no. 11FB117 my name has been wrongly mentioned as Bibek Bhushan Naik, That above both the names belongs to one and same person. D-37370

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରୋ ବିବାହ ଶୁଭେଚ୍ଛା ଟ୨୧୦/– (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

■ ସଚେତନତା ଅଭାବ: ବଢୁଛି ଦୁର୍ଘଟଣାଜନିତ ମୃତ୍ୟୁ

# ବେପରୁଆ ଗାଡ଼ିଚାଳନା ନେଉଛି ଜୀବନ

**କଟକ ଅଫିସ୍, ୧୬।୭**

ବିଗତ କିଛିବର୍ଷ ହେବ ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସରକାର, ପରିବହନ ଓ ପୋଲିସ ବିଭାଗର ଦାୟିତ୍ୱହୀନତା ଯୋଗୁ ଏଥିରେ ରୋକ ଲାଗିପାରୁନି। ଦୁର୍ଘଟଣାଜନିତ ମୃତ୍ୟୁରେ ଜାତୀୟ ହାର ୦.୬ ପ୍ରତିଶତ ରହିଥିବା ବେଳେ ଓଡ଼ିଶାରେ ତାହା ୧୧ ପ୍ରତିଶତ ଅଛି। ୨୦୧୭ ଜାନୁୟାରୀରୁ ଚଳିତବର୍ଷ ମେ ମାସ ଭିତରେ ଦୁର୍ଘଟଣାରେ ଶିକାର ହୋଇ ୧୨ହଜାର ୬୩୭ ଜଣଙ୍କର ମୃତ୍ୟୁ ଘଟିଛି। ଏଥିଯୋଗୁ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସରକାରଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଷ୍ଟେଟ୍ ଟ୍ରାନ୍ସପୋର୍ଟ ଅଥରିଟି (ଏସ୍‌ଟିଏ) ସୂଚନା ଅନୁଯାୟୀ,୨୦୧୮ ଜାନୁୟାରୀରୁ ମେ ମାସ ମଧ୍ୟରେ ୨୨୩୮ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ଚଳିତ ବର୍ଷ ଜାନୁୟାରୀରୁ ମେ ୫ମାସ ମଧ୍ୟରେ ୫୩୨ଜଣ ଲୋକଙ୍କ ଜୀବନ ଯାଇଛି। ଏହାକୁ ଦେଖିଲେ ଚଳିତବର୍ଷ ପ୍ରଥମ ୫ମାସରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ୧୩ ପ୍ରତିଶତ ବୃଦ୍ଧି ପାଇଛି। ସର୍ବାଧିକ ଦୁର୍ଘଟଣାପ୍ରବଣ ଜିଲା ଭିତରେ ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ଭଦ୍ରକ, ବୌଦ୍ଧ ଓ ରାୟଗଡ଼ା ରହିଛି। ୨୦୧୭ରେ ରାସ୍ତା ଦୁର୍ଘଟଣାରେ ୪୭୯୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୮ରେ ୫୩୧୫ ଜଣଙ୍କ ପ୍ରାଣହାନି ଘଟିଥିଲା। ଏହାକୁ ଅନୁଧ୍ୟାନ କଲେ ଓଡ଼ିଶାରେ ଦୁର୍ଘଟଣାଜନିତ ମୃତ୍ୟୁହାର ବର୍ଷକୁ ୧୧ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଜାତୀୟ ହାର ମାତ୍ର ୦.୬ ପ୍ରତିଶତ ବୃଦ୍ଧି ପାଇଛି।

ସଚେତନତାର ଅଭାବ ଯୋଗୁ ଲୋକେ ବେପରୁଆ ଗାଡ଼ିଚାଳନା କରି ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡ଼ୁଛନ୍ତି। ବିଶେଷକରି ଦ୍ରୁତ ଗତିରେ ଗାଡ଼ି ଚାଳନା, ନିଶା ସେବନ କରି ଓ ମୋବାଇଲରେ କଥା ହୋଇ ଗାଡ଼ି ଚଳାଇବା ଆଦି କାରଣରୁ ଅଧିକ ଦୁର୍ଘଟଣା ଘଟୁଛି। ସରକାର, ପରିବହନ ଏବଂ ପୋଲିସ ବିଭାଗ ପକ୍ଷରୁ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିଲେ ସୁଦ୍ଧା ତାହା ଯଥେଷ୍ଟ ନୁହେଁ। ଜିଲାସ୍ତରରେ ଗଠିତ ଡିଷ୍ଟ୍ରିକ୍ଟ ରୋଡ ସେଫ୍ଟି କମିଟି ନିୟମିତ ବ୍ୟବଧାନରେ ସଡ଼କ ସୁରକ୍ଷା ସଂକ୍ରାନ୍ତ ବୈଠକ କରୁନାହିଁ। ଫଳରେ ଲୋକେ ସଚେତନ ହୋଇପାରୁନାହାନ୍ତି। ଏହାଛଡ଼ା ଠିକ୍ ଭାବେ ଯାଞ୍ଚ ହେଉ ନ ଥିବାରୁ ଲୋକେ ଟ୍ରାଫିକ୍ ନିୟମ ମାନୁନାହାନ୍ତି। ଲୋକଙ୍କର ପୋଲିସ ପ୍ରତି ଭୟ ରହୁନାହିଁ। ଫଳରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଯାଞ୍ଚ କ୍ଷେତ୍ରରେ ପୋଲିସଠୁ ବହୁତ ପଛରେ ରହିଛି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)। ଏସ୍‌ଟିଏରୁ ମିଳିଥିବା ସୂଚନା ଅନୁଯାୟୀ, ଏବେ ଓଡ଼ିଶାରେ ୩୫ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ରହିଛି। ଏହି ସମସ୍ତ କାର୍ଯ୍ୟାଳୟକୁ ଚଳିତବର୍ଷ ଜାନୁୟାରୀରୁ ମେ ୫ମାସ ଭିତରେ ଡ୍ରଙ୍କ୍ ଆଣ୍ଡ୍ ଡ୍ରାଇଭ୍ କରୁଥିବା ୧୦ହଜାର ୯୫୦ ଚାଳକଙ୍କୁ ଧରିବାକୁ ଟାର୍ଗେଟ ଦିଆଯାଇଥିଲା। ହେଲେ ମାତ୍ର ୧୩୦୮ ଜଣଙ୍କୁ ଧରାଯାଇଛି। ଓଡ଼ିଶାରେ ଦୁର୍ଘଟଣାଜନିତ ମୃତ୍ୟୁହାର ବଢୁଥିବାରୁ ସଡ଼କ ସୁରକ୍ଷା ପାଇଁ ଗଠିତ ସୁପ୍ରିମ୍‌କୋର୍ଟ କମିଟି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନେକ ସ୍ଥାନରେ ଭୁଲ ରାସ୍ତା ନିର୍ମାଣ ପାଇଁ ମଧ୍ୟ ଦୁର୍ଘଟଣା ଘଟୁଛି। ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନକୁ ଦୁର୍ଘଟଣାପ୍ରବଣ ଅଞ୍ଚଳ ବା ବ୍ଲାକ୍‌ସ୍ପଟ ଭାବେ ଚିହ୍ନଟ କରିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଦ୍ରୁତ ଗତିରେ ଯାଉଥିବା ଗାଡ଼ିଗୁଡ଼ିକୁ ଧରିବା ପାଇଁ ସ୍ପିଡ୍ ଯାଞ୍ଚ ମେସିନ୍ କି ଦୁର୍ଘଟଣାପ୍ରବଣ ସ୍ଥାନରେ ସ୍ପିଡ୍ ବ୍ରେକର ଲଗାଯାଉନାହିଁ। ଫଳରେ ଲୋକେ ମନଇଚ୍ଛା ଗାଡ଼ି ଚଳାଇ ଦୁର୍ଘଟଣାକୁ ଡାକୁଛନ୍ତି। ଯଦି ସରକାରଙ୍କ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆ ନ ଯାଏ ତେବେ ଦୁର୍ଘଟଣାଜନିତ ହାର ଆଗାମୀ ଦିନରେ ଆହୁରି ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ନେଇ ପରିବହନ କମିଶନର ଅନିଲ କୁମାର ସାମଲଙ୍କୁ ପଚାରିବାରେ କହିଛନ୍ତି, ଦୁର୍ଘଟଣା ରୋକିବା ପାଇଁ ସମସ୍ତ ଚେଷ୍ଟା ଜାରି ରହିଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଧରିବା ପାଇଁ ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଏବଂ ଜିଲାସ୍ତରରେ ଅଧିକ ସଚେତନତାମୂଳକ କାର୍ଯ୍ୟକ୍ରମ କରିବାକୁ କୁହାଯାଇଛି। ତେବେ ପ୍ରଥମେ ଲୋକେ ନିଜେ ଏଥିପ୍ରତି ସଚେତନ ହେବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଛନ୍ତି।

- ■ ୨୯ ମାସରେ ୧୨,୬୩୭ ଜଣଙ୍କ ପ୍ରାଣହାନି
- ■ ୫ ମାସରେ ବଢ଼ିଛି ୧୩%
- ■ ଜାତୀୟ ହାରଠାରୁ ଊର୍ଦ୍ଧ୍ୱରେ ଓଡ଼ିଶା
- ■ ଯାଞ୍ଚ ନେଇ ପଛରେ ପଡ଼ିଛି ଆର୍‌ଟିଓ
- ■ ଚିହ୍ନଟ ହେଉନି ଦୁର୍ଘଟଣାପ୍ରବଣ ଅଞ୍ଚଳ



ରଥଯାତ୍ରା ପରେ ମଙ୍ଗଳବାର ଶ୍ରଦ୍ଧାଳୁଙ୍କ ପାଇଁ ବାହାରିଥିବା ପ୍ରଥମ ଅବଢ଼ା।

# ଭକ୍ତ ପାଇଲେ ନୀଳାଚଳ ଅବଢ଼ା

**ପୁରୀ ଅଫିସ,୧୬।୭:** ସରିଯାଇଛି ରଥଯାତ୍ରା। ରତ୍ନସିଂହାସନରେ ବିରାଜମାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ପୁଣି ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ଗହଳି ଚହଳି। ମଙ୍ଗଳବାର ମହାପ୍ରଭୁଙ୍କୁ ଲାଗି ହୋଇଛି ମହାପ୍ରସାଦ। ଭକ୍ତ ପାଇଛନ୍ତି ନୀଳାଚଳ ଅବଢା। ଚନ୍ଦ୍ରଗ୍ରହଣ ଥିବାରୁ ନୀତିକାନ୍ତି ବି ସଅଳ ହୋଇଛି।

ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ଶ୍ରୀମନ୍ଦିରରେ ଅବଢା ବନ୍ଦ ରହିଥିଲା। ଚତୁର୍ଦ୍ଧାବିଗ୍ରହ ନବଦିନାତ୍ମକ ଯାତ୍ରା ଶେଷକରି ବାହୁଡ଼ିଛନ୍ତି ଶ୍ରୀମନ୍ଦିର। ଖାଲିପଡ଼ିଥିବା ରତ୍ନସିଂହାସନ ମହାପ୍ରଭୁଙ୍କ ବିରାଜମାନରେ ଶୋଭାବର୍ଦ୍ଧନ କରୁଛି। ରତ୍ନସିଂହାସନରେ ଦାରୁବିଗ୍ରହଙ୍କ ଦର୍ଶନ ଓ ଆନନ୍ଦବଜାରରେ ଅବଢା ପାଇଁ ଭକ୍ତଙ୍କ ଅପେକ୍ଷା ରହିଥିଲା। ଏବେ ଏହି ପ୍ରତୀକ୍ଷାର ଅନ୍ତ ଘଟିଛି। ମଙ୍ଗଳବାର ଭୋର ୫ଟା ୪୫ରେ ଶ୍ରୀମନ୍ଦିର ଦ୍ୱାର ଫିଟିଥିଲା। ଏହାପରେ ମନ୍ଦିର ଭିତର ଶୋଧ କରାଯାଇ ସକାଳ ୬ଟା ୧୫ରେ ମଙ୍ଗଳ ଆଳତି ହୋଇଥିଲା। ୮ଟା ୧୫ରେ ଅବକାଶ ନୀତି ପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଏବଂ ଠାକୁରଙ୍କ ବେଶ ବଢିଥିଲା। ପୂର୍ବାହ୍ନ ୧୦ଟା ୧୫ରେ ଗୋପାଳବଲ୍ଲଭ ନୀତି ସମ୍ପନ୍ନ ହୋଇଥିଲା। ୧୧ଟା ୫୦ରେ ସକାଳ ଧୂପ ସରି ଅପରାହ୍ନ ୧ଟା ୩୫ରେ ଭୋଗ ମଣ୍ଡପ ବଢି ବାହାରିଥିଲା ନୀଳାଚଳ ଅବଢା। ଏହି ଅବଢା ପାଇ ଭକ୍ତ ତୃପ୍ତ ହୋଇଥିଲେ। ପ୍ରଥମ ଅବଢା ପାଇବା ପାଇଁ ଶ୍ରୀମନ୍ଦିର ଆନନ୍ଦବଜାରରେ ପ୍ରବଳ ଭିଡ଼ ହୋଇଥିଲା। ଦର ସାମାନ୍ୟ ଅଧିକ ରହିଥିଲା। ଅନ୍ୟପକ୍ଷେ ଚନ୍ଦ୍ରଗ୍ରହଣ ଥିବାରୁ ୨ଟା ୧୫ରୁ ଅପରାହ୍ନ ୪ଟା ମଧ୍ୟରେ ଦ୍ୱିତୀୟ ଭୋଗମଣ୍ଡପ ସାରିବା ଲାଗି ନୀତି ନିର୍ଘଣ୍ଟ ହୋଇଥିଲା। କିନ୍ତୁ ଏହା ପୂର୍ବରୁ ଅର୍ଥାତ୍ ୩ଟା ୪୫ରେ ଦ୍ୱିତୀୟ ଭୋଗ ମଣ୍ଡପ ବଢିଥିଲା।

**ଚନ୍ଦ୍ରଗ୍ରହଣ ଯୋଗୁ ସଅଳ ବାହାରିଲା ମହାପ୍ରସାଦ**

ଭଦ୍ରକ ମଦମୃତ୍ୟୁ ଘଟଣା

# ଜିଲାପାଳ, ଏସ୍‌ପିଙ୍କୁ ମାନବାଧିକାର କମିଶନଙ୍କ ରିପୋର୍ଟ ତଲବ

**କଟକ ଅଫିସ,୧୬।୭**

ଭଦ୍ରକ ଜିଲାରେ ବିଷାକ୍ତ ମଦମୃତ୍ୟୁ ଘଟଣାରେ ଜାତୀୟ ମାନବାଧିକାର କମିଶନ ହସ୍ତକ୍ଷେପ କରିଛନ୍ତି। ୪ ସପ୍ତାହ ମଧ୍ୟରେ ଏହି ଘଟଣା ସମ୍ପର୍କରେ ରିପୋର୍ଟ ଦେବା ଲାଗି ଭଦ୍ରକ ଜିଲାପାଳ ଓ ଏସ୍‌ପିଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଏପ୍ରିଲ୍ ୨୯ ରେ ବିଷାକ୍ତ ମଦ ପିଇ ତିହିଡି ଥାନା ଅନ୍ତର୍ଗତ ପୀରହାଟ ଅଞ୍ଚଳରେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୩୦ ଜଣ ଅସୁସ୍ଥ ହୋଇଥିଲେ। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଦ୍ୱାରା ଏହି ମଦ ବଣ୍ଟା ଯାଇଥିବା ଅଭିଯୋଗ ହୋଇଥିଲା। ମାନବାଧିକାର କର୍ମୀ ଅଖଣ୍ଡ ଏହି ଘଟଣା ପାଇଁ ସରକାରୀ ଅଧିକାରୀମାନଙ୍କୁ ଦାୟୀ କରି କମିଶନଙ୍କ ନିକଟରେ ପିଟିଶନ୍ ଦାଏର କରିଥିଲେ। ରାଜ୍ୟରେ ବିଷାକ୍ତ ମଦର ପ୍ରସ୍ତୁତି ଓ ବିକ୍ରିକୁ ବନ୍ଦ କରିବାରେ ସରକାର ବିଫଳ ହୋଇଛନ୍ତି ବୋଲି ସେ ଦର୍ଶାଇଥିଲେ। ତୁରନ୍ତ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଥିଲେ। ମାନବାଧିକାର କମିଶନ ଏହି ଘଟଣାର ବିଚାର କରି ଜିଲାପାଳ ଓ ଏସ୍‌ପିଙ୍କୁ ନୋଟିସ୍ ଜାରି କରିବା ସହ ଏହି ଘଟଣାରେ ଏ ପର୍ଯ୍ୟନ୍ତ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



## ଜିଲା ଟିପି
## ଦେବଗଡ଼

# ରେଙ୍ଗାଲି ନଦୀବନ୍ଧ ବାସଚ୍ୟୁତଙ୍କ ଦୁଃଖ

ଦେବଗଡ଼ ଜିଲାରେ ରେଙ୍ଗାଲି ବହୁମୁଖୀ ନଦୀବନ୍ଧ ଯୋଜନା ଲାଗି ୧୯୭୩ ଡିସେମ୍ବର ୨୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେ ସମୟରେ ଏହି ନଦୀବନ୍ଧ ଯୋଜନାକୁ ବିରୋଧ କରାଯାଇଥିଲା। ବୁଡ଼ି ଅଞ୍ଚଳ ଲୋକମାନେ ବନ୍ଧ ବିରୋଧୀ ଆନ୍ଦୋଳନ କରି ଲାଠିମାଡ଼ ଖାଇବା ସହ ଜେଲ ଯାଇଥିଲେ। ରେଙ୍ଗାଲି ବହୁମୁଖୀ ନଦୀବନ୍ଧ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବନ୍ୟା ନିୟନ୍ତ୍ରଣ ସହ ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ କରିବା। ଏହି ବନ୍ଧ ହେବା ଦ୍ୱାରା ସରକାରଙ୍କ ଉଦ୍ଦେଶ୍ୟ ପୂରଣ ହୋଇଯାଇଛି ସତ ହେଲେ ବାସଚ୍ୟୁତ ହୋଇଥିବା ପରିବାର ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିଚାଲିଛି। ରେଙ୍ଗାଲି ନଦୀବନ୍ଧ ୧୯୯୧ରେ ଶେଷ ହୋଇଥିଲା। ଏହା ଭିତରେ ୨୮ବର୍ଷ ବିତିଯାଇଛି। ହେଲେ ବାସଚ୍ୟୁତ ପରିବାରଙ୍କ ସମସ୍ୟା ଏ ପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ସେମାନଙ୍କୁ ଥଇଥାନ କରାଯାଇପାରି ନାହିଁ। ଫଳରେ ଅନେକ ବାସଚ୍ୟୁତ ପରିବାର ବହୁତ ଅସୁବିଧାରେ ରହିଆସୁଛନ୍ତି। ଏହି ନଦୀବନ୍ଧ ଯୋଜନା ହେବା ଫଳରେ ଦେବଗଡ଼ ଜିଲାରେ ୧୧୬ ଗ୍ରାମ ସମ୍ପୂର୍ଣ୍ଣ ବୁଡ଼ି ଓ ୧୨୩ ଗ୍ରାମ ଆଂଶିକ ବୁଡ଼ି ହୋଇଥିଲା। ୧୧,୨୮୯ ପରିବାର କ୍ଷତିଗ୍ରସ୍ତ ହେଲେ। ସେ ସମୟରେ ସରକାର କ୍ଷତଗ୍ରସ୍ତ ପରିବାରଙ୍କୁ ଉଚିତ ମୂଲ୍ୟରେ କ୍ଷତିପୂରଣ ନ ଦେଇ ଶାଗମାଛ ଦରରେ ଏକର ପିଛା ୪ହଜାର ୫ଶହ ଟଙ୍କାରୁ ଜମିର କିସମ ଅନୁଯାୟୀ ପନ୍ଦର ଶହ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦିଆଗଲା। ଯାହାକି ଲୋକଙ୍କୁ ସମ୍ପୂର୍ଣ୍ଣ ଭାବରେ ପ୍ରତାରିତ କରାଗଲା। ରେଙ୍ଗାଲି ବନ୍ଧ ବାସଚ୍ୟୁତ ସୁରକ୍ଷା ସମିତି ତରଫରୁ ୧୫।୨।୨୦୦୮ଠାରୁ ସେମାନଙ୍କ ୨୨ଦଫା ଦାବି ଉପସ୍ଥାପନ କରି ଅନେକ ଆନ୍ଦୋଳନ କରି ଆସୁଛନ୍ତି। ସରକାର ସେମାନଙ୍କ ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ୨୦୦୮ରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ମନମୋହନ ସାମଲଙ୍କ ପକ୍ଷରୁ ସୁରକ୍ଷା ସମିତିକୁ ଡାକି ଏକ ବର୍ଷ ମଧ୍ୟରେ ବୁଡ଼ି ଅଞ୍ଚଳ ଲୋକଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଫଳପ୍ରସୂ ହୋଇପାରିଲା ନାହିଁ। ଶେଷରେ ୯।୭।୨୦୧୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଙ୍ଗାଲି ବାସଚ୍ୟୁତ ସୁରକ୍ଷା କମିଟି ସହିତ ଆଲୋଚନା କରି ସମସ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ଏକ୍ସଗ୍ରାସିଆ ଆକାରରେ ଏକର ପିଛା ପଚାଶ ହଜାର ଟଙ୍କା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଲେ। ମାତ୍ର ଏ ପର୍ଯ୍ୟନ୍ତ ସେ ଆଲୋଚନା କାର୍ଯ୍ୟକାରୀ ହୋଇପାରିନାହିଁ। ଏହା ବାବଦରେ ଚିଠି ନମ୍ବର ୧୮୫ ତା.୧୮।୩।୨୦୧୦ରେ ତତ୍କାଳୀନ ରିସେଟଲମେଣ୍ଟ ଓ ରିହାବିଲିଟେଶନ୍ ଅଫିସରଙ୍କ ଦ୍ୱାରା ରେଙ୍ଗାଲି ବୁଡ଼ି ଅଞ୍ଚଳ କ୍ଷତିଗ୍ରସ୍ତ ପରିବାରଙ୍କୁ ଏକର ପିଛା ପଚାଶ ହଜାର ଟଙ୍କା ଦେବା ପାଇଁ ସରକାରଙ୍କ ନିକଟକୁ ସୁପାରିସ ପତ୍ର ପଠାଗଲା। କିନ୍ତୁ ସରକାର ଏହି ସୁପାରିସ ପତ୍ରକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରିନାହାନ୍ତି। ପ୍ରକାଶ ଥାଉକି କିଛି ବୁଡ଼ି ଅଞ୍ଚଳ ପରିବାର ଉଚ୍ଚ ନ୍ୟାୟାଳୟକୁ ଯିବାଦ୍ୱାରା ସରକାର ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇସାରିଛନ୍ତି। କିନ୍ତୁ ଅଧିକାଂଶ ପରିବାର ଟଙ୍କା ଅଭାବରୁ ଉଚ୍ଚ ନ୍ୟାୟାଳୟକୁ ଯାଇପାରୁ ନାହାନ୍ତି। ଫଳରେ ସେମାନଙ୍କୁ କ୍ଷତିପୂରଣ ମିଳିପାରୁନାହିଁ। ରେଙ୍ଗାଲି ବାସଚ୍ୟୁତ ପରିବାରଙ୍କ ମଧ୍ୟରୁ ୭୨୪ ପରିବାର ରିହାବିଲିଟେଶନ୍ ପାଉଣା ବାକି ଥିବାବେଳେ ୧୭୨୬ ପରିବାରଙ୍କ ୧୮(କ) ଆଇନ ଅନୁସାରେ ଫଇସଲା ମଧ୍ୟ ହୋଇପାରିନାହିଁ। ଅନେକ କ୍ଷତିଗ୍ରସ୍ତ ପରିବାର ଲିଜ୍ ଜମି ପାଇଥିଲେ ମଧ୍ୟ ସେମାନଙ୍କୁ ପଟ୍ଟା ମିଳିପାରି ନାହିଁ। ଚିହ୍ନଟ ସମୟରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ୧୦୧ଟି ଗ୍ରାମର ଲୋକଙ୍କୁ କ୍ଷତିପୂରଣ ବା ଥଇଥାନ କରାଯାଇନାହିଁ। ଏପରି କି କେତେକ ନୂତନ ଭାବେ ଥଇଥାନ ହୋଇଥିବା ଗ୍ରାମକୁ ରାଜସ୍ୱ ଗ୍ରାମଭାବେ ଅନୁମୋଦନ ମିଳି ନ ଥିବାରୁ ସେମାନେ ସରକାରଙ୍କ ଆନୁଷଙ୍ଗିକ ସମସ୍ତ ସୁବିଧା ମଧ୍ୟ ପାଇପାରୁ ନାହାନ୍ତି। ସମ୍ବଲପୁର ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ରେଙ୍ଗାଲି ବୁଡ଼ି ଅଞ୍ଚଳ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରୁ ନାହିଁ। ତେଣୁ ରେଙ୍ଗାଲି ବନ୍ଧ ବାସଚ୍ୟୁତ ପରିବାରଙ୍କ ପୁଞ୍ଜୀଭୂତ ଅସନ୍ତୋଷ ବଢ଼ିବଢ଼ି ଚାଲିଛି।

–ଶଶାଙ୍କ ଶେଖର ଝାଙ୍କର

# ଦିବ୍ୟାଙ୍ଗଙ୍କୁ ଟାଣିନେଲା କୁମ୍ଭୀର

**ଆଳି, ୧୬।୭ (ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳର ଜନୈକ ଦିବ୍ୟାଙ୍ଗ ଯୁବକଙ୍କୁ ମଙ୍ଗଳବାର ପୂର୍ବାହ୍ନରେ କୁମ୍ଭୀର ଟାଣିନେଇଛି। ସେ ହେଲେ ବଡାମ୍ବିଳା ପଞ୍ଚାୟତ ଅଧୀନ ସାହୁପଡ଼ା ଗ୍ରାମର ସୁବାସ ବରାଳ(୪୫)। ସ୍ଥାନୀୟ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଓ ଅଞ୍ଚଳବାସୀଙ୍କ ବହୁ ଚେଷ୍ଟା ସତ୍ତ୍ୱେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଯୁବକଙ୍କୁ ଉଦ୍ଧାର କରାଯାଇପାରି ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ସୁବାସ ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ବେଳେ ବ୍ରାହ୍ମଣୀ ନଦୀର ନିମନାଳ ତୁଠକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ଏକ କୁମ୍ଭୀର ଝାମ୍ପ ମାରି ତାଙ୍କୁ ପାଣି ଭିତରକୁ ଟାଣି ନେଇଥିଲା। ତେବେ ସେହି ସ୍ଥାନରେ ଉପସ୍ଥିତ ଥିବା ଲୋକମାନେ ସଙ୍ଗେ ସଙ୍ଗେ ମାଛଧରା ଡଙ୍ଗାରେ କୁମ୍ଭୀର ପଛେ ପଛେ ଯାଇଥିଲେ ବି ସୁବାସଙ୍କୁ ଉଦ୍ଧାର କରିପାରି ନ ଥିଲେ। ଖବରପାଇ ଆଳି ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଜାଲ ପକାଇ କୁମ୍ଭୀରକୁ ଘେରାଉ କରିବା ସହ କାତ ଯୋଗେ ଆଘାତ ଦେଇଥିଲେ। ମାତ୍ର କୁମ୍ଭୀରଟି ଜାଲ କାଟି ପଳାଇଥିଲା। ଦୀର୍ଘ ସମୟ ଧରି ଖୋଜା ଖୋଜି କରାଯାଇଥିଲେ ବି ସୁବାସଙ୍କର ପତ୍ତା ମିଳିପାରି ନାହିଁ। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତୁରନ୍ତ ସୁବାସଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଉକ୍ତ ତୁଠରେ ଏଭଳି ଏକାଧିକ ଘଟଣା ଘଟୁଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ୨୦୧୩ ଜୁଲାଇ ୧୩ରେ ଉକ୍ତ ଗ୍ରାମର ଦଶମ ଶ୍ରେଣୀ ଛାତ୍ରୀ ସରସ୍ୱତୀ ପରିଡା କୁମ୍ଭୀର ଆକ୍ରମଣର ଶିକାର ହୋଇଥିବା ବେଳେ ସେହି ଗ୍ରାମର ବୁଧଦେବ ପରିଡା ସୌଭାଗ୍ୟବଶତଃ ବଞ୍ଚି ଯାଇଥିଲେ। କୁମ୍ଭୀର ଯା'ଆସ କରୁଥିବା ଅଞ୍ଚଳର ନଦୀରେ ଗାଧୁଆ ତୁଠଗୁଡ଼ିକରେ ତାର ଜାଲି ଓ ବହ୍ଲା ପୋତା ଯିବା ପାଇଁ ନିୟମ ଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି। ଫଳରେ ସ୍ଥାନୀୟ ଲୋକଙ୍କ ଧନ ଜୀବନ ହାନି ଘଟୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।


ସୁବାସ ବରାଳ।

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
DEBTS RECOVERY TRIBUNAL
COURT OF THE RECOVERY OFFICER
Plot No. C/71, Sector-7, CDA, Cuttack-753014
FORM NO ITCP-1
NOTICE OF DEMAND TO THE CERTIFICATE DEBTORS
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institution Act. 1993)
R.P. No. 115/2018/CTC
(Arising out of OA No.: 306 of 2013)

**Next Date: 19.08.2019**

*State Bank of India, Stressed Assets Management Branch (SAMB) Bhubaneswar, At: OSCARD Bank Building, Pandit Jawaharlal Nehru Marg, Bhubaneswar, Dist. Khurda, PIN-751 001*

*Certificate Holder Bank*

*Vs.*

*M/s. Seema Granites & Others* *Certificate Debtors*

**To,**
1. **M/s. Seema Granites. At. Bhojpur. P.O.: Karamdihi. Dist. Sundargarh-770 002, (Represented through its Proprietress. Smt. Seema Manjari Patel).**
2. **Smt. Seema Manjari Patel. W/o. Shri Gagan Kumar Mishra, At: Bhojpur. P.O. : Karamdihi. Dist. Sundargarh-770 002.**
3. **Shri. Suresh Chandra Patel, S/o. Late Mitrabhanu Patel, At: Lokedega. Sargipalli. Dist. Sundargarh-770 002.**

Take notice that Certificate arising out of OA No. 306 of 2013 issued by the Hon'ble Presiding Officer, Debts Recovery Tribunal, Cuttack under Section 19(22) of the Recovery of Debts due to Banks and Financial Institutions Act. 1993 and forwarded to the undersigned for recovery of **Rs. 82,89,413.85 (Rupees Eighty Two Lac Eighty Nine Thousand Four Hundred Thirteen and Paise Eighty Five Only)** together with interest till realisation of the dues, cost, charges as per the certificate, the details of which are given below.

| | | | |
|---|---|---|---|
| 1. Decretal Dues | | : Rs. | 82,89,413.85 |
| 2. Cost Allowed | (+) | : Rs. | 89,000.00 |
| 3. Interest @13.75% p.a with quarterly rests from 08.07.2013 to 30.06.2018 | | : Rs. | 35,94,835.02 |
| Total | | : Rs. | 1,19,73,248.87 |
| 4. Recovery Amount made from 08.07.2013 to 30.06.2018 | (-) | : Rs. | 64,14,600.00 |
| | | **Rs.** | **55,58,648.87** |

**(Rupees Fifty Five Lac Fifty Eight Thousand Six Hundred forty Eight and Paise Eighty Seven Only)** with of Interest @ 13.75% p.a. with quarterly rests on the amount due from 01.07.2018 till realization of the entire Dues.
2. You are hereby directed to pay the above stated sum within **15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **19.08.2019** and report the details of payment made by you.

Given under my hand & seal at Cuttack on this **8th** day of **July, 2019.**

**Sd/- (S.R. Parida)**
**Recovery Officer**

**COLLEGE OF ENGINEERING & TECHNOLOGY (Autonomous)**
NAAC 'A'
(A Constituent College of Biju Patnaik University of Technology, Odisha)
Techno Campus, P.O.- Mahalaxmi Vihar, Bhubaneswar - 751029, Odisha, India

**Ref No. 1805/CET** **Date: 16.07.2019**

**NOTICE FOR REPORTING OF CANDIDATES FOR FINAL ADMISSION INTO 1st YEAR B. TECH, B. PLAN, B.ARCH. AND INTEGRATED M.Sc. PROGRAMME IN THE ACADEMIC SESSION 2019-20 UNDER AUTONOMOUS SYSTEM**

The candidates allotted by OJEE-2019 for admission into CET for 1st year **B. Tech, B. Plan, B.Arch. and Integrated M.Sc. Programmes** in the academic session 2019-20 under Autonomous system are instructed to report in CET on the scheduled dates as mentioned below for final admission:

| Sl. No. | Programme | Date of Admission Reporting Time : 9.30 AM | (*) Balance fees payable by candidates in Rupees | | | |
|---|---|---|---|---|---|---|
| | | | General | SC / ST | TFW | PC |
| 1 | B. Tech (Civil Engineering) | 29.07.2019 | 32,400/- | 37,400/- | 20,400/- | 25,400/- |
| 2 | B. Tech (Comp. Science & Engg) | 29.07.2019 | 76,500/- | 81,500/- | 31,500/- | 36,500/- |
| 3 | B. Tech (Mechanical Engineering) | 30.07.2019 | 32,400/- | 37,400/- | 20,400/- | 25,400/- |
| 4 | B. Tech (Information Technology) | 30.07.2019 | 76,500/- | 81,500/- | 31,500/- | 36,500/- |
| 5 | B. Tech (Electrical Engineering) | 31.07.2019 | 32,400/- | 37,400/- | 20,400/- | 25,400/- |
| 6 | B. Tech (Biotechnology) | 31.07.2019 | 76,500/- | 81,500/- | 31,500/- | 36,500/- |
| 7 | B. Tech (Instru. & Electronics) | 01.08.2019 | 32,400/- | 37,400/- | 20,400/- | 25,400/- |
| 8 | B. Tech (Fashion & Apparel Tech.) | 01.08.2019 | 76,500/- | 81,500/- | 31,500/- | 36,500/- |
| 9 | B. Tech (Textile Engineering) | 02.08.2019 | 32,400/- | 37,400/- | 20,400/- | 25,400/- |
| 10 | B. Plan | 02.08.2019 | 32,400/- | 37,400/- | 20,400/- | 25,400/- |
| 11 | B.Arch. | 02.08.2019 | 32,400/- | 37,400/- | 20,400/- | 25,400/- |
| 12 | Integrated M.Sc., Applied Physics | 03.08.2019 | 32,400/- | 37,400/- | 20,400/- | 25,400/- |
| 13 | Integrated M.Sc.,Applied Chemistry | 03.08.2019 | 32,400/- | 37,400/- | 20,400/- | 25,400/- |
| 14 | Integrated M.Sc.,Mathematics & Computing | 03.08.2019 | 32,400/- | 37,400/- | 20,400/- | 25,400/- |

(*) The above fee is subject to any revision at any time as per instruction of Govt./University.
The above fees payble at the time of admission is excluding the fees already paid by the candidates (i.e. **Rs.10,000/-** by the **general** category candidates and **Rs. 5,000/-** by **SC, ST and PC** category candidates) at the OJEE Nodal Centres at the time of verification of documents. The admission fees shall be deposited in form of Demand Draft issued in favour of ***Principal, CET Bhubaneswar***. All the fees must be deposited in one installment only in form of D.D. at the time of reporting for final admission. Part fee payment at the time of admission is not allowed. In the 2nd Semester (Jan-2019), all the candidates have to pay Rs1500/- only towards subject registration fees. The candidates are required to submit one set Xerox copy of all mark sheets and certificates, two pass port size photographs, original CLC, conduct certificate, rank card, **final allotment letter, Aadhar card** along with all original relevant documents for verification purpose. **After admission is over, interested candidates may apply for hostel in the prescribed format, available at the admission venue on the same day.** Limited hostel allotment will be done strictly based on JEE Rank. The list of candidates (both for boys and girls) selection for hostel accommodation as per JEE Rank will be notified on **10.08.2019** in college website. The orientation programme will be held on **13/08/2019** for CE / ME / CSE / IT / BT / B.Arch. and **14.08.2019** for EE / I&E / TE / FT / B.Plan / Integrated M.Sc. Programmes as mentioned below.

| Date | Time | Orientation Programme | Time | Orientation Programme |
|---|---|---|---|---|
| 13.08.2019 | 10:00 AM to 01:00 PM | CE, CSE & Arch. | 02:00 PM to 05:00 PM | ME, IT & BT |
| 14.08.2019 | 10:00 AM to 01:00 PM | EE, TE & FT | 02:00 PM to 05:00 PM | I&E, B.Plan & M.Sc. |

The commencement of classes will start from **16/08/2019.** For further details visit the college website **www.cet.edu.in.**

**Sd/-**
**PRINCIPAL**

ଯେଉଁମାନେ ସତ୍ୟପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି-ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ, ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରନ୍ତି। -ଶ୍ରୀମା

# ମଙ୍ଗ ଧରିଛନ୍ତି

କର୍ନାଟକରେ ରାଜନୈତିକ ସଙ୍କଟ ଦୂର ହୋଇପାରୁ ନାହିଁ। ଇସ୍ତଫା ଦେଇଥିବା ବିଧାୟକଙ୍କ ପତ୍ରକୁ ବାଚସ୍ପତି ଗ୍ରହଣ କରିବା ନେଇ ସୁପ୍ରିମକୋର୍ଟରେ ହୋଇଥିବା ଆବେଦନ ଉପରେ ୧୭ ଜୁଲାଇରେ ରାୟ ଶୁଣାଯିବ ବୋଲି ସର୍ବୋଚ୍ଚ ଅଦାଲତ ୧୬ ଜୁଲାଇରେ କହିଛନ୍ତି। ସାଧାରଣ ଭାରତୀୟ ଉଚ୍ଚତମ ନ୍ୟାୟାଳୟର ଏହି ତତ୍ପରତାକୁ ନିଶ୍ଚିତ ଭାବେ ପ୍ରଶଂସା କରିବେ। ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ନ୍ୟାୟ ପାଇବା କେଉଁଭଳି ବିଳମ୍ବିତ ହୁଏ, ତାହା ପ୍ରାୟ ସମସ୍ତେ ଜାଣନ୍ତି। ସେଥିପାଇଁ ରତନ ଟାଟା କିମ୍ବା ଅମ୍ବାନୀ ଭ୍ରାତାଙ୍କ ମାମଲାକୁ ଯେଉଁଭଳି ଅତିଶୀଘ୍ର ମୀମାଂସା କରିଦିଆଯାଏ, ସେହିଭଳି ଭାବେ ପ୍ରତ୍ୟେକ ଦିନ କର୍ନାଟକ ବିଦ୍ରୋହୀ ବିଧାୟକଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏକ ସ୍ୱାଗତଯୋଗ୍ୟ ନଜିର ସୃଷ୍ଟି କରୁଛନ୍ତି। ଏହିଭଳି ତ୍ୱରିତ ନ୍ୟାୟ ସାଧାରଣ ନାଗରିକଙ୍କୁ ମଧ୍ୟ ମିଳିପାରିବ ବୋଲି ଯେଉଁ ଆଶା ଜାଗ୍ରତ ହେଉଛି, ତାହାକୁ ବିଚାରପତିମାନେ ସମ୍ମାନ ଦେଇପାରିବେ କି ନାହିଁ ଦେଖିବାକୁ ଜନସାଧାରଣ ଆଗ୍ରହର ସହ ଦୀର୍ଘଦିନ ଧରି ଅପେକ୍ଷା କରି ବସିଛନ୍ତି। କହିବା ପାଇଁ କୁହାଯାଏ, ନ୍ୟାୟ ବ୍ୟବସ୍ଥା ସମସ୍ତଙ୍କ ପାଇଁ ସମାନ ଆଭିମୁଖ୍ୟ ପୋଷଣ କରିଥାଏ। କିନ୍ତୁ ବାସ୍ତବ ପରିସ୍ଥିତି ସବୁବେଳେ ସମ୍ପୂର୍ଣ୍ଣ ଭିନ୍ନ ହେଉଥିବାର ଦେଖିବାକୁ ମିଳୁଛି।

ଏବେ କର୍ନାଟକ ସହିତ ଗୋଆ ରାଜନୀତି ଏକସଙ୍ଗେ ମୁଣ୍ଡ ଟେକିଥିବାରୁ ନ୍ୟାୟାଳୟ ଉପରେ ରାଜନୈତିକ ଚାପ ରହିଛି ବୋଲି କହିବା ଉଚିତ ହେବ ନାହିଁ। ସେହି ଦୁଇ ରାଜ୍ୟର ରାଜନୀତିକୁ ଦେଖିଲେ, କର୍ନାଟକ ତ୍ରିଶଙ୍କୁ ଅବସ୍ଥାରେ ଥିବା ବେଳେ ଗୋଆରେ ଯେଉଁଭଳି ଭାବେ ୧୫ କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ୧୦ ଜଣ ଦଳବଦଳ କରି ଭାଜପାରେ ଯୋଗଦେଲେ, ତାହା ଏବେ ଦେଶର ରାଜନୈତିକ ବାତାବରଣକୁ ଚଳଚଞ୍ଚଳ କରିଦେଇଛି। କର୍ନାଟକ ବିଧାନସଭାରୁ କଂଗ୍ରେସ ଓ ଜେଡି(ଏସ୍)ର ୧୬ ଜଣ ସଦସ୍ୟ ଇସ୍ତଫା ଦେବା ପରେ ୯ ଜୁଲାଇରେ ଲୋକ ସଭାରେ

**ତଥାଗତ ସତପଥୀ**

କଂଗ୍ରେସ ଦଳ ନେତା ଅଧୀର ରଞ୍ଜନ ଚୌଧରୀ ଭାଜପା ବିରୋଧରେ ଅଭିଯୋଗ ଆଣିଥିଲେ। ଦଳବଦଳ ଷଡ଼ଯନ୍ତ୍ର କରି ଭାଜପା ଫାଇଦା ନେବାକୁ ପ୍ରୟାସ କରୁଛି ବୋଲି ସେ କହିଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ବିଧାୟକ ଶିକାର ପ୍ରସଙ୍ଗ ଗୃହରେ ଉଠାଇଥିଲେ। ହେଲେ ଏହାର କୌଣସି ପ୍ରଭାବ ଭାଜପା ଉପରେ ପଡ଼ି ନ ଥିଲା। ବରଂ ଅଣଭାଜପା ରାଜ୍ୟରେ କିଭଳି ଶାସନ ପ୍ରତିଷ୍ଠା କରି ହେବ, ସେହି ଲକ୍ଷ୍ୟରେ ଧାଉଁଥିବା ଗୈରିକ ଦଳ ନିଜ ସ୍ଥିତି ମଜଭୁତ କରିବାରେ ବ୍ୟସ୍ତ। ଗୋଆରେ ଭାଜପା ସରକାର ଥିଲେ ମଧ୍ୟ ସଂଖ୍ୟାକୁ ସୁଦୃଢ଼ କରିବା ଲାଗି କଂଗ୍ରେସ ବିଧାୟକଙ୍କୁ ନିଜ ସପକ୍ଷକୁ ଆଣି ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ୧୩ ଜୁଲାଇରେ ମନ୍ତ୍ରୀ ପଦ ଦିଆଯାଇଛି। ରାଜନୀତିରେ କେହି ସ୍ଥାୟୀ ବନ୍ଧୁ ଓ ଶତ୍ରୁ ନ ଥିବା କଥା କୁହାଯାଇଥାଏ। ମନୋହର ପାରିକରଙ୍କ ଦେହାନ୍ତ ପରେ ପ୍ରମୋଦ ସାୱନ୍ତ ଗୋଆର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେତେବେଳେ ଭାଜପା ସହଯୋଗୀ ଗୋଆ ଫରୱାର୍ଡ ପାର୍ଟି (ଜିଏଫ୍‌ପି)ରୁ ୩ ଜଣଙ୍କୁ ମନ୍ତ୍ରୀ କରାଯାଇଥିଲା। ହେଲେ ଏବେ ନୂଆ ରାଜନୈତିକ ସମୀକରଣ ସୃଷ୍ଟି ହେବା ପରେ ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇ ନୂଆ କରି ସାମିଲ ହୋଇଥିବା କଂଗ୍ରେସ ବିଧାୟକଙ୍କୁ ମନ୍ତ୍ରୀପଦ ଦିଆଯାଇଛି। ଏହି ଘଟଣାରୁ ପ୍ରମାଣିତ ହେଲା ଯେ, ଉଭୟ ଜାତୀୟ ଦଳ କଂଗ୍ରେସ ଓ ଭାଜପା ସମାନ ଚରିତ୍ର ପୋଷଣ କରିଥାଆନ୍ତି। ପୂର୍ବରୁ କୁହାଯାଉଥିଲା, କଂଗ୍ରେସ ସହିତ ମେଣ୍ଟ କରି ସରକାର ଗଢ଼ିବା ବୁଦ୍ଧିମାନର କାମ ନୁହେଁ, କାରଣ ଚରଣ ସିଂଙ୍କଠାରୁ ଚନ୍ଦ୍ରଶେଖରଙ୍କ ପର୍ଯ୍ୟନ୍ତ ସବୁ ସରକାରକୁ ଭାଙ୍ଗିବା ପଛରେ କଂଗ୍ରେସ ତା'ର ସମର୍ଥନ ପ୍ରତ୍ୟାହାର କରିଥିବାର ଉଦାହରଣ ରହିଛି। ଏବେ ଗୋଆ ଘଟଣାକୁ ଦେଖିଲେ ଭାଜପା ନିଜର ସୁବିଧା ପାଇଁ ଜିଏଫ୍‌ପିଠାରୁ ସାହାଯ୍ୟ ଲୋଡ଼ି ୧୪ ମାର୍ଚ୍ଚ ୨୦୧୭ରୁ ପ୍ରଥମେ ମନୋହର ପାରିକର ଓ ପରେ ସାୱନ୍ତଙ୍କ ସରକାରକୁ ଆଜି ପର୍ଯ୍ୟନ୍ତ ସ୍ଥିରତାର ସହିତ ରଖି ଆସିଥିଲା। ଆଜି ଯେତେବେଳେ କଂଗ୍ରେସର ବିଦ୍ରୋହୀମାନେ ସିଧାସଳଖ ଭାଜପାରେ ମିଶିଲେ, ସେତେବେଳେ ସବୁ ନୈତିକ ଭାଷଣକୁ ସମୁଦ୍ର ଢେଉରେ ଭସାଇ ଦେଇ ଦଳବଦଳକାରୀଙ୍କୁ ପୁରସ୍କୃତ କରାଯାଇଛି। ଏଥିରୁ ବୁଝିବାକୁ ହେବ ଯେ, କୌଣସି ଦଳରେ ନୈତିକତା କିମ୍ବା ରାଜନୈତିକ ବିଶ୍ୱାସକୁ ଗୁରୁତ୍ୱ ଦିଆଯାଉ ନାହିଁ।

ଗୋଟିଏପଟେ କ୍ଷମତାକୁ ସହଯୋଗ କରିବା ଲାଗି ଉତ୍କଣ୍ଠାର ସହ ଅପେକ୍ଷା କରି ବସିଥିବା ନ୍ୟାୟାଳୟ ଏବଂ ଅନ୍ୟପଟେ ସୁବିଧାବାଦ ବ୍ୟତୀତ କୌଣସି ସ୍ୱଷ୍ଟ ଚିନ୍ତାଧାରାରେ ବିଶ୍ୱାସ ନ ରଖୁଥିବା ରାଜନୈତିକ ବ୍ୟବସ୍ଥା ଏବେ ମିଳିମିଶି ଭାରତର ଭବିଷ୍ୟତ ସୃଷ୍ଟି କରିବା ପାଇଁ ମଙ୍ଗ ଧରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଜୁଲାଇ ୧୯୯୪**

- ମୟୂରଭଞ୍ଜ ଜିଲାର ବଳାତ୍କାର ଓ ହତ୍ୟାକାରୀ ଆସାମୀ ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ସର୍କଲ ଜେଲରେ ଫାଶୀ ଦିଆଗଲା।
- ଗତବର୍ଷ ବମ୍ବେ ବିସ୍ଫୋରଣ ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ଜଣେ ଆଫଗାନ୍ ନାଗରିକ ୟୁପିର କାନପୁରଠାରେ ସିବିଆଇ ଦ୍ୱାରା ଗିରଫ।
- କର୍ନାଟକରେ ପ୍ରବଳ ବନ୍ୟା ଯୋଗୁ ୪୫ ଜଣଙ୍କ ପ୍ରାଣହାନି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 3 | | 5 | | | | | | | 0 | 1 |
| | | 0 | C | | 7 | 1 | | | | | 6 | | | |
| A | 6 | 5 | | | | | D | | | 4 | | | 8 | |
| 7 | 3 | 2 | | | A | | E | | | | | 6 | 9 | |
| | | | 4 | | | 9 | | 8 | 3 | | C | | | |
| 4 | 1 | | | | | 8 | 5 | 9 | | | | | 6 | |
| 3 | | | B | 4 | | 0 | | 2 | C | | | 1 | | |
| | | | | C | 8 | | 3 | | | | 2 | E | | |
| | | | | | D | | | | 8 | | | 0 | | |
| | | E | | 5 | | | | C | 6 | | 1 | | D | 3 |
| | A | | | | 2 | | | | 9 | | | 4 | | |
| 1 | 5 | 4 | | | 9 | | | | | | | | | |
| | | | | 0 | | | 2 | | | 8 | | | A | D |
| | 0 | D | | 6 | 1 | 4 | C | | | A | | | 3 | 2 |
| | 2 | | | E | | A | | 7 | 0 | | B | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 5 | 1 | 3 | 6 | 0 | E | 9 | C | A | 7 | 8 | D | 2 | B |
| 3 | 2 | D | 9 | 8 | C | 5 | 7 | 4 | 1 | E | B | 6 | 0 | A |
| 8 | C | 7 | B | D | 1 | A | 2 | 0 | 9 | 6 | 3 | 5 | 4 | E |
| 6 | B | A | 4 | 7 | E | 1 | D | 3 | 0 | 2 | 5 | 9 | C | 8 |
| E | 9 | 0 | A | 5 | 2 | 6 | B | 8 | C | 4 | D | 7 | 1 | 3 |
| 1 | A | 2 | 7 | 3 | 5 | B | C | 6 | D | 8 | E | 4 | 9 | 0 |
| 7 | E | C | 0 | 4 | 6 | 8 | A | 9 | 2 | 3 | 1 | B | D | 5 |
| 0 | 4 | B | 2 | 9 | D | 3 | 5 | E | 7 | C | 6 | 8 | A | 1 |
| 9 | 8 | 6 | C | E | A | 4 | 1 | D | B | 5 | 0 | 2 | 3 | 7 |
| D | 3 | 5 | 8 | 1 | B | 7 | 0 | 2 | 4 | A | 9 | C | E | 6 |
| 5 | D | 8 | 1 | C | 3 | 9 | E | 7 | 6 | 0 | 2 | A | B | 4 |
| B | 7 | E | 6 | 2 | 8 | 0 | 4 | A | 3 | D | C | 1 | 5 | 9 |
| C | 1 | 4 | E | A | 9 | 2 | 3 | 5 | 8 | B | 7 | 0 | 6 | D |
| 2 | 6 | 9 | 5 | 0 | 4 | D | 8 | B | E | 1 | A | 3 | 7 | C |
| A | 0 | 3 | D | B | 7 | C | 6 | 1 | 5 | 9 | 4 | E | 8 | 2 |

ଗତକାଲିର ଉତ୍ତର

# ମନୁଷ୍ୟକୃତ ଆଲୋକ ପ୍ରଦୂଷଣ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ପିଲା କାନ୍ଦିଲେ ତାକୁ ତୁନେଇବାକୁ ହେଉ ଅଥବା ସେ ନ ଶୋଇ ମା'କୁ ହଇରାଣ କରିବା ବିଷୟରେ ହେଉ, ମା'ମାନେ ଏହି ଅଝଟ ଶିଶୁ ପାଇଁ ଗୋଟିଏ ଗୀତ ମଧୁର ସ୍ୱରରେ ବୋଲିଥାନ୍ତି –

''ଆ' ଜହ୍ନମାମୁ ସରଗ ଶଶୀ,
ମୋ କାହ୍ନୁ କୋଳରେ ପଡ଼ ତୁ ଖସି।''

ରାତି ହୋଇଥିଲେ ପିଲାଟି କୋଳରେ ଗୋଟିଏ ଦର୍ପଣ ରଖି ଜହ୍ନ ଆଡକୁ ଆଙ୍ଗୁଠି ଦେଖାଇଥାନ୍ତି। କିନ୍ତୁ ଏମିତି ଦିନ ଆସିବ ଯେ, ମେଘମୁକ୍ତ ଆକାଶରେ ପୂର୍ଣ୍ଣମୀ ତିଥିରେ ମଧ୍ୟ ଆଉ ଜହ୍ନ ଦେଖାଯିବ ନାହିଁ। ତାରାମାନେ ବି। ଜହ୍ନ ଆକାଶରେ ଉଦୟ ହୋଇଥିଲେ ହୋଇଥାଉ, ମାତ୍ର ତାହା ସମ୍ପୂର୍ଣ୍ଣ ନିଷ୍ପ୍ରଭ ହୋଇଯିବ, ଦର୍ପଣ ଯେଉଁ ଆଡକୁ ମୁହାଁଇ ଯେତେ ଚେଷ୍ଟା କରନ୍ତୁ ନା କାହିଁକି।

ଚନ୍ଦ୍ରକୁ ଦୃଷ୍ଟାନ୍ତ ଭାବେ ନେଇ ସଂସ୍କୃତ ପଣ୍ଡିତମାନେ ଗୋଟିଏ ଶ୍ଳୋକ ଆବୃତ୍ତି କରିଥାନ୍ତି–
''ବରମେକୋ ଗୁଣୀ ପୁତ୍ରୋ ନ ଚ ମୂର୍ଖଶତାନ୍ୟପି।
ଏକଶ୍ଚନ୍ଦ୍ରସ୍ତମୋ ହନ୍ତି ନ ଚ ତାରାଗଣୋଽପି ଚ।।''

ଏହି ନୀତିଶ୍ଳୋକରେ ଚନ୍ଦ୍ରର ଗୁଣଗାନ କରି ତାରାମାନଙ୍କୁ ଅପେକ୍ଷାକୃତ ଦୁର୍ବଳ ଭାବେ ଦେଖାଯାଇଛି। ଅବଶ୍ୟ ଏହା ଅନ୍ୟ ଅର୍ଥକୁ ସ୍ପଷ୍ଟ କରିବା ପାଇଁ, ଯଥା ଆକାଶରେ ଶତ ଶତ ନକ୍ଷତ୍ର ଥିଲେ ମଧ୍ୟ ଅନ୍ଧକାର ଦୂର ହୋଇ ନ ଥାଏ, ଯେମିତି ଅମାବାସ୍ୟାରେ। କିନ୍ତୁ ଚନ୍ଦ୍ର ଗୋଟିଏ ମାତ୍ର ହେଲେ ସୁଦ୍ଧା ଏହାର ଉପସ୍ଥିତି ପୃଥିବୀକୁ ତିଥି ଅନୁସାରେ ଆଲୋକିତ କରେ। ସେମିତି ଗୋଟିଏ ଗୁଣବାନ୍ ସନ୍ତାନ ସଂଖ୍ୟାଧିକ ମୂର୍ଖଙ୍କଠାରୁ ଅଧିକ ଶ୍ରେୟଃ। ତେବେ ପରିସ୍ଥିତି ଏମିତି ହେବାକୁ ଯାଉଛି ଯେ, ଏକ ବା ଅନେକ ମଧ୍ୟରେ ବାଛିବାକୁ ନ ଥିବ। ଉଭୟେ ଗାଏବ ହୋଇଯିବେ। ନିଃସନ୍ତାନ ଘରେ ଚନ୍ଦ୍ର (କୁଳଚନ୍ଦ୍ରମା) ଦେଖାଦେବେ ନାହିଁ ଧରାପୃଷ୍ଠରେ। ସେତେବେଳେ ଏହି ଶ୍ଳୋକକୁ ବୁଝିବ କିଏ? ତାରାମାନେ ମିଞ୍ଜି ମିଞ୍ଜି ଦେଖାଯାଉଥିଲେ ମଧ୍ୟ ସେମାନଙ୍କ ନିଜର ଆଲୋକ ଅଛି। ତେବେ ଚନ୍ଦ୍ରର ନିଜ ଆଲୋକ ନ ଥାଇ ସୂର୍ଯ୍ୟଙ୍କ ପ୍ରତିଫଳିତ କିରଣରୁ ଉଜ୍ଜ୍ୱଳ ଦେଖାଯାଏ। ମାତ୍ର ନକ୍ଷତ୍ରମାନେ ଅତିଶୟ ଦୂରରେ ଥିବା ଯୋଗୁ ଏମିତି କ୍ଷୀଣ ପ୍ରତୀତ ହେଉଛନ୍ତି। ବାସ୍ତବରେ ସେମାନେ ପ୍ରତ୍ୟେକେ ଗୋଟିଏ ଗୋଟିଏ ସୂର୍ଯ୍ୟ। ଯାହାହେଉ ପିଲାମାନେ ଗାଉଥିବା କବିତା (ରାଇମ୍)ରେ ଲୋକପ୍ରିୟ ଭାବେ ତାରାମାନଙ୍କ ସୌନ୍ଦର୍ଯ୍ୟ ପ୍ରକାଶିତ ହୋଇଛି। ଯଥା–

''ଟ୍ୱିଙ୍କଲ୍ ଟ୍ୱିଙ୍କଲ ଲିଟଲ୍ ଷ୍ଟାର,
ହାଓ ଆଇ ୱଣ୍ଡର ହ୍ୱାଟ୍ ୟୁ ଆର୍,
ଅପ୍ ଏବଭ୍ ଦି ୱାର୍ଲ୍ଡ ସୋ ହାଇ
ଲାଇକ୍ ଏ ଡାଇମଣ୍ଡ୍ ଇନ୍ ଦ ସ୍କାଇ।''

ବିଦ୍ୟାରମ୍ଭ ପରେ ପରେ ଏହି ଗୀତଟି ଆବୃତ୍ତି କରିବାରେ ପିଲାଏ ଆନନ୍ଦିତ ହୁଅନ୍ତି। ଆକାଶର ତାରାଗଣଙ୍କୁ ଦେଖି ମୁଗ୍ଧ ହୁଅନ୍ତି। କିନ୍ତୁ ଆଉ କେତେ ବର୍ଷ ପରେ ଏହା କ'ଣ ସମ୍ଭବ? ସେମାନଙ୍କୁ ଲାଗିବ ଏହି ଗୀତଟି ଅପ୍ରାସଙ୍ଗିକ।

ସମ୍ପତ୍ତି କ୍ରୟ ବିକ୍ରୟ ଦଲିଲରେ 'ଯାବତ୍ ଚନ୍ଦ୍ରାର୍କ' ବାକ୍ୟାଂଶଟି ବ୍ୟବହୃତ ହୁଏ, ଏଥିପାଇଁ ଯେ ଚନ୍ଦ୍ରସୂର୍ଯ୍ୟ ଆକାଶରୁ କେବେ ହଟିବେ ନାହିଁ ଓ ବିକ୍ରି ସମ୍ପତ୍ତିଟି ସେମିତି ସୁରକ୍ଷିତ ରହିବ। ମାତ୍ର ଆଗକୁ ଏହାର ବ୍ୟବହାର ପ୍ରଶ୍ନବାଚୀ ହେବ।

ଏହାର ରହସ୍ୟ ଜାଣିବାକୁ ଆମେ ଭବିଷ୍ୟତକୁ ଆଖିଆଗରେ ରଖି ବିଶ୍ଳେଷଣ କରିବା। ଏହାର ପ୍ରକୃତ କାରଣ ହେଉଛି ମନୁଷ୍ୟକୃତ ଆଲୋକ ପ୍ରଦୂଷଣ।

ଆଲୋକ ପ୍ରଦୂଷଣ ଯେ କ୍ରମେ ଗମ୍ଭୀରତା ଆଡକୁ ମୁହାଁଉଛି, ଏହା ଜଳ ଜଳ ଦେଖାଯାଉଛି।

ଜୁନ୍ ୨୦୧୯ର ପ୍ରଥମ ଭାଗରେ ତାମିଲନାଡୁ ସରକାର ଗୋଟିଏ ନିଷ୍ପତ୍ତି ଘୋଷଣା କଲେ ଯେ, ଏଣିକି ଚେନ୍ନାଇର ଦୋକାନୀମାନେ ଚାହିଁଲେ ୨୪×୭ ଅହର୍ନିଶ ଦୋକାନ ଖୋଲା ରଖିପାରିବେ। ଏହି ଆଦେଶ ୩ବର୍ଷ ପାଇଁ ଲାଗୁହେବ। ପୂର୍ବରୁ କେନ୍ଦ୍ରୀୟ ଶ୍ରମ ଓ କର୍ମଯୋଗାଣ ମନ୍ତ୍ରଣାଳୟ 'ଶପ୍ସ ଆଣ୍ଡ୍ ଏଷ୍ଟାବ୍ଲିଶ୍‌ମେଣ୍ଟ (ରେଗୁଲେଶନ ଅଫ୍ ଏମ୍ପ୍ଲୟମେଣ୍ଟ ଆଣ୍ଡ୍ କଣ୍ଡିସନ୍ସ ଅଫ୍ ସର୍ଭିସ ବିଲ୍), ୨୦୧୬' ଜରିଆରେ ରାଜ୍ୟଗୁଡ଼ିକୁ ଅନୁମତି ଦେଇ ସାରିଥିଲେ ଯେ ସେମାନେ ନିଜର ଚାହିଦା ମୁତାବକ ଉକ୍ତ ବିଲ୍ ଅନୁରୂପ ଅଥବା ପରିବର୍ତ୍ତନ ସହ ଏହା କାର୍ଯ୍ୟକାରୀ କରିପାରିବେ।

ଏହାର ଫଳସ୍ୱରୂପ ଆଇନ ଶୃଙ୍ଖଳା ଆଳରେ ପୋଲିସମାନେ ଆଉ ବ୍ୟବସାୟୀମାନଙ୍କୁ ହଇରାଣ କରିପାରିବେ ନାହିଁ। ସ୍ଥାନୀୟ ଅଞ୍ଚଳର ଏହି ଯୋଜନା ଦ୍ୱାରା ଅର୍ଥନୀତି ସୁଦୃଢ଼ ହେବ। ରାତିରେ ଦୋକାନ-ବଜାରରେ ଲୋକଙ୍କ ଭିଡ଼ ଓ ରାସ୍ତାର ଗହଳ ଚହଳ ଯୋଗୁ ଅପରାଧ ସଂଖ୍ୟାରେ ହ୍ରାସ ଘଟିବ। ଅବଶ୍ୟ ଏହି ଆଦେଶରେ ଦଶ ବା ତଦୂର୍ଦ୍ଧ୍ୱ କର୍ମଚାରୀ ଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡିକ କେବଳ ଅନ୍ତର୍ଭୁକ୍ତ ହୋଇଥିବାରୁ ଛୋଟ ବେପାରୀମାନେ ଏହି ସର୍ତ୍ତ ଉଠାଇଦେବାକୁ ଦାବି କରୁଛନ୍ତି।

ତେବେ ଲକ୍ଷ୍ୟ କରିବା କଥା ଯେ, ଏହି ଆଦେଶଟିକୁ ମୋଟାମୋଟି ଭାବେ ବିକ୍ରେତା ଓ ଗ୍ରାହକମାନେ ସ୍ୱାଗତ କରୁଛନ୍ତି। ସରକାର ପ୍ରାଥମିକ ପଦକ୍ଷେପ ଭାବେ ଚେନ୍ନାଇକୁ ବାଛିଛନ୍ତି। କିନ୍ତୁ ପରେ ଅନ୍ୟ ସହରଗୁଡ଼ିକୁ ଏଥିପାଇଁ ସୁଯୋଗ ଦେବେ।

ହୁଏ ତ ଆମ ଦେଶ ପାଇଁ ଏହା ହଠାତ୍ ବିଚିତ୍ର ଲାଗିପାରେ। କିନ୍ତୁ ବିଦେଶରେ ଏହା ପୂର୍ବରୁ ପ୍ରଚଳିତ ହୋଇଛି। ଉଦାହରଣ ଭାବେ ଜାପାନର ସୁଲଭ ଦୋକାନଗୁଡ଼ିକୁ ନିଆଯାଇପାରେ। ଦିନରାତି ଖୋଲା ରହୁଥିବା ଏହି ଛୋଟବଡ଼ ଦୋକାନଗୁଡ଼ିକୁ 'କୋମ୍ବିନି' ବୋଲି ନାମିତ କରାଯାଇଛି। ସେଠାରେ ଜନ୍ମସଂଖ୍ୟାରେ ହ୍ରାସ ଘଟୁଥିବା ବେଳେ ଲୋକମାନେ ଦୀର୍ଘାୟୁ। ତେଣୁ ଶ୍ରମିକ ସମସ୍ୟା ଉତ୍କଟ। ଏହି ପରିବେଶରେ କୋମ୍ବିନିଗୁଡ଼ିକ କେବଳ ଜିନିଷପତ୍ର ସଉଦା ପାଇଁ ନୁହେଁ, ସେଠାରେ ବହୁବିଧ କାର୍ଯ୍ୟ ଯଥା ଜେରକ୍ସିଂ, ଡାକ, ଯୋଗାଯୋଗ ଇତ୍ୟାଦି ସକାଶେ ବ୍ୟବସ୍ଥା ରହିଛି। ପୂର୍ବ ଓସାକା ସିଟି ଏଥିପାଇଁ ବିଶ୍ୱବିଖ୍ୟାତ।

ଏହି ବଜାର-ସଭ୍ୟତା ଦିନକୁ ଦିନ ଚତୁର୍ଦ୍ଦିଗରେ ପ୍ରସାରିତ ହେଉଛି। ତା' ସହ ରାତିରେ ଶାନ୍ତ ଅନ୍ଧାର ଅଦୃଶ୍ୟ ହେବାରେ ଲାଗିଛି। ଦିନବେଳେ ସୂର୍ଯ୍ୟକିରଣରେ ଆମେ ଯେମିତି କୃତ୍ରିମ ଆଲୋକଉତ୍ସ ବିନା ଚଳପ୍ରଚଳ କରୁଛେ, ଏଣିକି ରାତିରେ ମଧ୍ୟ ଦୋକାନଗୁଡ଼ିକର ତୀବ୍ର କୃତ୍ରିମ ଆଲୋକ ଚତୁର୍ଦ୍ଦିଗରେ ବିଛାଡି ହୋଇ ପଡୁଥିବାରୁ ଏହା ସେହି ପ୍ରକାର ପରିସ୍ଥିତି ସୃଷ୍ଟି କରିବ। ଯେଉଁଆଡ଼ ଦେଖିବ ଉଜ୍ଜ୍ୱଳ ହିଁ ଉଜ୍ଜ୍ୱଳ।

ଏମିତିରେ ଖାଲି ଆଖିରେ ଚନ୍ଦ୍ରତାରାମାନେ ନିଜ ତେଜ ହରାଇଥିବା ପରି ମନେ ହେବ। ସେମାନଙ୍କୁ ଆକାଶରେ ଠାବ କରିବା ଆଉ ସହଜ ହେବନାହିଁ।

ଭକ୍ତକବି ମଧୁସୂଦନ ରାଓ ଲେଖିଥିଲେ–
''ଆକାଶ ଦିଶେ କି ସୁନ୍ଦର,
ତାହାକୁ ରଚିଲେ ଈଶ୍ୱର।
ଈଶ୍ୱର ଦୟାର ସାଗର
ତାଙ୍କର ମହିମା ସୁମର।''

ଆଗାମୀ ଦିନରେ ଆକାଶକୁ ଚାହିଁଲେ ଚତୁର୍ଦ୍ଦିଗରେ ଦେଖାଯିବ ଗୋଟିଏ ଧଳା ପରଦା, ଆଉ ଆକାଶର ସୁଷମା ରହିବ ତ?

ଆମେ ସିନେମା ହଲ୍‌କୁ ଯାଉ ରୁପେଲି ପରଦାରେ ବିଭିନ୍ନ ଲୀଳାଖେଳା ଦେଖିବାକୁ। କିନ୍ତୁ ରୁପେଲି ପରଦା ଯଦି ସାରା ତିନିଘଣ୍ଟା ଫିଲ୍ମର ଅବଧିରେ କେବଳ ଧଳା ରହିବ, ସେଠାକୁ କାହିଁକି କିଏ ଯିବ? ଏତେ ସୁନ୍ଦର ଆକାଶ ଆଲୋକ-ପ୍ରଦୂଷଣରୁ ଖଣ୍ଡେ ଧଳା ଶାଢି ପିନ୍ଧିବା ପରି ଲାଗିବ– ଯେମିତି ପୂର୍ବକାଳରେ ବିଧବାମାନଙ୍କ ବେଶ ରହୁଥିଲା। ହେ ଭଗବାନ୍! ଆମକୁ ତୁମର ସୁନ୍ଦର ସୃଷ୍ଟିକୁ ବିବର୍ଣ୍ଣ ନ କରିବାର ଶକ୍ତି ଓ ସାମର୍ଥ୍ୟ ଦିଅ।

ମୋ-୯୪୩୭୦୨୬୬୫୧

# ବାଣିଜ୍ୟିକ ବୈରତାର ଦୁଇ ଦ୍ୱନ୍ଦ୍ୱଯୋଦ୍ଧା



ମାୟାଧର ନାୟକ

ପୃଥିବୀରେ ପୁଣି ଏକ ଭୟାବହ ଯୁଦ୍ଧର ସମ୍ଭାବନା ଦେଖାଦେଇଛି। ଯେଉଁ ଦୁଇଟି ମହାଯୁଦ୍ଧ ପୃଥିବୀରେ ସଂଗଠିତ ହୋଇଛି, ତା' ମୂଳରେ ନାରୀ, ସମ୍ପତ୍ତି, କ୍ଷମତା, ଦେଶ ଦଖଲ ହିଁ ମୂଳ କାରଣ। ଆଗେ ଅସ୍ତ୍ରରେ ଯୁଦ୍ଧ ହେଉଥିଲା, ଏବେ କିନ୍ତୁ ଅସ୍ତ୍ର ସହ ଅର୍ଥ ଯୋଡ଼ିହୋଇଯାଇଛି। ସମ୍ପ୍ରତି ବିଶ୍ୱର ଦୁଇ ସୁପର୍ ପାୱାର ଆମେରିକା-ଚାଇନା ବାଣିଜ୍ୟିକ ଯୁଦ୍ଧରେ ଅବତୀର୍ଣ୍ଣ। ସେମାନଙ୍କର ଏହି ବାଣିଜ୍ୟିକ ବୈରତା ବିଶ୍ୱ ଅର୍ଥନୀତିକୁ ଧ୍ୱଂସମୁଖୀ କରିବାକୁ ବସିଛି।

ବିଶ୍ୱର ୨୦ଟି ଧନଶାଳୀ ଦେଶ, ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ଜାତିସଂଘ ପ୍ରତିନିଧିମାନଙ୍କର ମିଳିତ ଆଲୋଚନାରେ ବିଶ୍ୱର ଆର୍ଥିକ ସଂକଟକୁ ମୁକାବିଲା କରିବାର କୌଣସି ବାସ୍ତବ ସୂତ୍ର ବାହାରିପାରିନି ଏ ଯାବତ୍। ସମାଜବାଦୀ ବଜାରର ପତନ ପରେ ସମ୍ପ୍ରତି ସମଗ୍ର ବିଶ୍ୱବଜାରକୁ ନିୟନ୍ତ୍ରଣ କରୁଛି ଆମେରିକା। କୁତ୍ସିତ କୁବେରତନ୍ତ୍ରୀ କଳା କାରବାରର କାର୍ପଟ୍‌ଦାରଙ୍କୁ ମୁକାବିଲା କରୁଛି ଚାଇନା। ଚାଇନା ଓ ଆମେରିକା ମଧ୍ୟରେ ଦେଖାଦେଇଥିବା ବାଣିଜ୍ୟିକ ଲଢ଼େଇ ଏବେ ଜୋର୍‌ଦାର ହେବାରେ ଲାଗିଛି।

ଆମେରିକା ଚାଇନା ଉପରେ ଅଧିକ ଆମଦାନୀ ଶୁଳ୍କ ଲଗାଇବା ଦ୍ୱାରା ଆମେରିକୀୟ ଅର୍ଥନୀତି ପ୍ରଭାବିତ ହେବ। ଫଳରେ ଲକ୍ଷ ଲକ୍ଷ ଲୋକ ଛଟେଇ ହେବେ ଏବଂ ଉପଭୋକ୍ତାମାନେ ମଧ୍ୟ ପ୍ରଭାବିତ ହେବେ। ଆମେରିକାର ବ୍ୟବସାୟ, କୃଷକ ଏବଂ ସାଧାରଣ ଲୋକଙ୍କ ଉପରେ ଏହା ନକାରାତ୍ମକ ପ୍ରଭାବ ପକାଇବ। ଗତମାସରେ ଆମେରିକା ୨୦୦ ବିଲିୟନ ଡଲାରର ଚାଇନା ସାମଗ୍ରୀ ଆମଦାନି ଉପରେ ଶୁଳ୍କକୁ ୧୦ରୁ ୨୫%କୁ ବୃଦ୍ଧି କରିଛି। ୩୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ଉପରେ ଶୁଳ୍କବୃଦ୍ଧିର ଧମକ ଦେଇଛି। ଆମେରିକୀୟ କମ୍ପାନୀଗୁଡ଼ିକର କହିବା ଅନୁସାରେ ଚାଇନାରୁ ଆସୁଥିବା ଦ୍ରବ୍ୟ ଉପରେ ଯେଉଁ ଶୁଳ୍କ ଲାଗୁ କରାଯାଉଛି, ତାକୁ ଚାଇନା ନୁହେଁ ବରଂ ଆମେରିକାବାସୀଙ୍କୁ ହିଁ ଦେବାକୁ ପଡୁଛି। ଦୁଇ ଦେଶ ମଧ୍ୟରେ ଏହି ବିବାଦ କାରଣରୁ ବଜାରରେ ମଧ୍ୟ ଏକ ଭିନ୍ନ ବାତାବରଣ ସୃଷ୍ଟି ହେଉଛି। ଆମେରିକୀୟ କମ୍ପାନୀଗୁଡ଼ିକ ଟ୍ରମ୍ପ୍‌ଙ୍କୁ ଚିଠି ଲେଖିଛନ୍ତି– ୩୦୦ ବିଲିୟନ ଡଲାରର ଚାଇନା ଉତ୍ପାଦ ଉପରେ ୨୫% ଶୁଳ୍କ ଲଗାଗଲେ ୪ ସଦସ୍ୟବିଶିଷ୍ଟ ଏକ ପରିବାରର ହାରାହାରି ମାସିକ ଖର୍ଚ୍ଚ ୨୦୦୦ ଡଲାର ବୃଦ୍ଧି ପାଇବ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାଇନା ଅର୍ଥନୀତି ଓ ବାଣିଜ୍ୟ ସମ୍ପର୍କରେ ଏକ ପ୍ରକାର ଅଜ୍ଞ। କିନ୍ତୁ ଚାଇନା ପ୍ରଶାସନ ଗତ ୨୦୦୮ ମାନ୍ଦାବସ୍ଥାରୁ ମୁକୁଳିବା ପାଇଁ ନାନା କୌଶଳ ଅବଲମ୍ବନ କରିଥିଲା। ତାହା ଅବଶ୍ୟ ସମ୍ପୂର୍ଣ୍ଣ ସଫଳ ହୋଇପାରିନାହିଁ। ଚାଇନା ନିଯୁକ୍ତି କ୍ଷେତ୍ରରେ ପ୍ରାୟ ୧୦୦ଟି ବଡ଼ ବଡ଼ ସହରରେ ୪୦-୫୦ ମହଲା ଆପାର୍ଟମେଣ୍ଟ ନିର୍ମାଣ କରିଥିଲା। ଏ ସବୁ ଆପାର୍ଟମେଣ୍ଟର ଅଳ୍ପ କେତେକ କିମ୍ବା ସମୁଦାୟ ଆଦୌ ବ୍ୟବହୃତ ହୋଇନାହିଁ। ତାହା ସତ୍ତ୍ୱେ ଆପାର୍ଟମେଣ୍ଟ ନିର୍ମାଣ ଚାଲିଛି। ଏହି ଟାୱାର ନିର୍ମାଣ କ୍ଷେତ୍ରରେ ସିନା କିଛି ଲୋକ ନିଯୁକ୍ତି ପାଇବେ, ବାସ୍ତବରେ ବିନିଯୋଗର ଅର୍ଥ ପାଇପାରିବେ ନାହିଁ। ଭବିଷ୍ୟତରେ ଏହି ଟାୱାରଗୁଡିକ ହୁଏତ କାମରେ ଲାଗିପାରେ।

ବାଣିଜ୍ୟ କ୍ଷେତ୍ରରେ ଚାଇନା ଆମେରିକାକୁ ଟକ୍କର ଦେଉଛି। କିନ୍ତୁ ବାସ୍ତବରେ ଅନ୍ୟାନ୍ୟ ଦେଶର ଅର୍ଥନୀତି ମାନ୍ଦାବସ୍ଥାରୁ ଏପର୍ଯ୍ୟନ୍ତ ମୁକୁଳି ପାରିନାହିଁ। ଏଭଳି ପରିସ୍ଥିତିରେ ଆମେରିକା-ଚାଇନା ବାଣିଜ୍ୟିକ ଯୁଦ୍ଧ ଲାଗିଗଲେ ୨୦୦୮ରୁ ଆରମ୍ଭ ହୋଇଥିବା ଅର୍ଥନୈତିକ ମାନ୍ଦାବସ୍ଥା ଭଳି ଆହୁରି ଭୟଙ୍କର ବିପଦ ମାଡ଼ିଆସିବ।

ଏବେ ଭାରତ ଓ ଆମେରିକା ମଧ୍ୟରେ ବେପାରକୁ ନେଇ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। ଆମେରିକା ସରକାର ଭାରତକୁ ବେପାର ପାଇଁ ଯେଉଁ ସ୍ୱତନ୍ତ୍ର ମାନ୍ୟତା ଦେଇଥିଲା, ତାହା ଜୁନ୍ ପହିଲାରୁ ପ୍ରତ୍ୟାହାର କରିନେଇଛି ଏବଂ ଇସ୍ପାତ ଓ ଆଲୁମିନିୟମ୍ ସାମଗ୍ରୀ ଉପରେ ଅଧିକ ଆମଦାନୀ ଶୁଳ୍କ ଲାଗୁ କରିଛି। ଏଥିପାଇଁ ଭାରତ କ୍ଷତିଗ୍ରସ୍ତ ହୋଇଛି। ଭାରତ ମଧ୍ୟ ଜବାବୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଆମେରିକୀୟ ସାମଗ୍ରୀ ଆମଦାନି ଉପରେ ଅଧିକ ଟିକସ ଲାଗୁ କରିଛି, ଯାହାଫଳରେ ଟ୍ରମ୍ପ୍ ଓ ମୋଦି ସରକାର ମୁହାଁମୁହିଁ ହୋଇଛନ୍ତି। ଏବେ ଆମେରିକାର ଭାରତବିରୋଧୀ ନୀତି ଉଭୟ ଦେଶର ସଂପର୍କକୁ ଦୁର୍ବଳ କରିପାରେ।

ବର୍ତ୍ତମାନ ବିଶ୍ୱବଜାରକୁ ନିୟନ୍ତ୍ରଣ କରୁଛି ଆମେରିକା। ଆମେରିକା ହେଉଛି କୁତ୍ସିତ କୁବେରତନ୍ତ୍ରର ସେଇ କଳାକାରବାରର କାର୍ପଟ୍‌ଦାର, ଯିଏ ଅର୍ଥ ଜରିଆରେ ଅନର୍ଥ ବୁଣେ ସାରା ପୃଥିବୀରେ। ଅର୍ଥ ବିନିମୟରେ ସଂସ୍କୃତିହୀନ ଏହି ସଭ୍ୟତା ଅନ୍ୟଠୁ କିଣିନିଏ ବୁଦ୍ଧି, ବୈଷୟିକ ଜ୍ଞାନକୌଶଳ ଓ ବିରଳପ୍ରତିଭା। ଧରାକୁ ସରା ମଣୁଥିବା ଏଇ ମାରାତ୍ମକ ମହାଦେଶର ମୁନାଫାଖୋର ସୌଦାଗରମାନେ ବହୁ ୟୁରୋପୀୟ, ଏସୀୟ ରାଷ୍ଟ୍ରଙ୍କୁ ନିଜ ଯୁକ୍ତି ଓ ଚୁକ୍ତିରେ ବାନ୍ଧିସାରିଲେଣି। ସେମାନେ ବିଭିନ୍ନ ଦେଶରେ ବାଣିଜ୍ୟ ବ୍ୟବସାୟର ଚକ୍ରବ୍ୟୂହ ବିସ୍ତାର କରି ପ୍ରଥମେ ଦୁର୍ନୀତିଗ୍ରସ୍ତ କରିପକାନ୍ତି ଶାସନ ବ୍ୟବସ୍ଥାକୁ। ଆମେରିକାର ସାମରିକ ଓ ରାଜନୈତିକ ଯୁଦ୍ଧ ସରିଆସୁଛି– ଆରମ୍ଭ ହୋଇଯାଇଛି ଏକ ଅଭୂତପୂର୍ବ ଅର୍ଥନୈତିକ ଯୁଦ୍ଧ। ଏ ଯୁଦ୍ଧ ହେଉଛି ଏକ ଅଦୃଶ୍ୟ ତୃତୀୟ ବିଶ୍ୱଯୁଦ୍ଧର ଆଭାସ ମାତ୍ର!

ବିଶ୍ୱ ମାନଚିତ୍ରରେ ବଜାରଧର୍ମୀ ପାଶ୍ଚାତ୍ୟ ସଭ୍ୟତା ଉପରେ ଗଢ଼ିଉଠିଥିବା ୟୁରୋପ ଅପେକ୍ଷା କୃଷିଭିତ୍ତିକ ପାଶ୍ଚାତ୍ୟ ସଭ୍ୟତା ଆଧାରିତ ଏସିଆ ମହାଦେଶକୁ ହିଁ ଅଧିକ କ୍ଷୟକ୍ଷତିରେ ଆକ୍ରାନ୍ତ କରିବାର ଚକ୍ରାନ୍ତ କରିଛି ଆମେରିକା। ଏସିଆ ପାଲଟିବାକୁ ଯାଉଛି ଗୋଟାଏ 'ଟ୍ରାଜିକ୍ ଟାର୍ଗେଟ୍'– ନିଜ ଅଜ୍ଞାତସାରରେ। ମାରଣାସ୍ତ୍ରରେ ମୁନାଫାର ମିନାର ଆକାଶଛୁଆଁ। ଏପରି କି ଏହି ମୁନାଫାର ମାତ୍ର ୫% ଉତ୍କୋଚରେ ବହୁ ଏସୀୟ ରାଷ୍ଟ୍ରର ଶାସନ ଓ ପ୍ରଶାସନ ଆମେରିକାର ସଖୀ କଣ୍ଢେଇ ସାଜିବାକୁ ସଜବାଜ। ଅଧିକାଂଶ ରାଷ୍ଟ୍ରର ଶାସନ ଓ ପ୍ରଶାସନର ସୂତ୍ରଧରମାନଙ୍କୁ କଳାଟଙ୍କାର କାରବାରରେ ହରଦମ୍ ଦୋରସ୍ତ କରିବାରେ କୃତକାର୍ଯ୍ୟ ହୋଇସାରିଛି ସଫେଦ ସୌଦାଗର। ଭାରତ-ଚାଇନା-ଜାପାନ ଯଦି କେବେ ନା କେବେ ପୁନର୍ଜାଗରଣର ମନ୍ତ୍ରଶକ୍ତି ଦ୍ୱାରା ଏକତ୍ର ଉଦ୍‌ବୁଦ୍ଧ ହୋଇଯିବେ, ତା'ହେଲେ ଏସିଆ ହୋଇଉଠିବ ଏକ ଅଦ୍ଭୁତ ଅପରାଜେୟ ମହାଶକ୍ତି, ଯାହା ସ୍ୱର୍ଗ, ମର୍ତ୍ତ୍ୟ, ପାତାଳଗାମୀ ମାର୍କିନ ସାମରିକ ସୌଦାଗରଙ୍କୁ ପରାହତ କରିବାରେ ସମର୍ଥ ହେବ।

ଯାଜପୁରରୋଡ୍, ମୋ: ୯୮୬୧୦୩୪୧୬୩

## ଏଇ ଭାରତରେ

ଦୁନିଆରେ ଏମିତି ଜଣେ ଜଣେ ବ୍ୟକ୍ତି ଥାଆନ୍ତି ଯିଏ ଦାନ କରି ମହାନତାର ପରିଚୟ ଦିଅନ୍ତି। ଏମିତି ଜଣେ ମହାନ୍ ବ୍ୟକ୍ତିତ୍ୱର ଅଧିକାରୀ ହେଉଛନ୍ତି ସିବିଆର୍ ପ୍ରସାଦ। ସେ ୪୦ବର୍ଷ ପରେ ତାଙ୍କର ସମସ୍ତ ପେନ୍‌ସନ ଅର୍ଥ ୧କୋଟି ଟଙ୍କା ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଦାନ କରିଛନ୍ତି। ସୋମବାର ରାଜନାଥ ସିଂଙ୍କୁ ଭେଟି ସେ ଏହି ପରିମାଣର ଏକ ଚେକ୍ ପ୍ରଦାନ କରିଛନ୍ତି। ପ୍ରାୟ ୯ ବର୍ଷ କାଳ ଭାରତୀୟ ବାୟୁସେନାରେ କାମକରିବା ପରେ ରେଲୱେରେ ଭଲ ସୁଯୋଗ ମିଳିବାରୁ ସେ ବାୟୁସେନାରୁ ଅବସର ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କୁ ରେଲୱେରେ ଚାକିରି ମିଳି ନ ଥିଲା। ଏଥିରେ ସେ ଭାଙ୍ଗି ନ ପଡ଼ି ଏକ କୁକୁଡା ଫାର୍ମ ଆରମ୍ଭ କରିଥିଲେ। ସେଥିରୁ ଯାହା ରୋଜଗାର ହେଉଥିଲା ପରିବାର ପ୍ରତିପୋଷଣ କରୁଥିଲେ ପ୍ରସାଦ। ଆଉ ତାଙ୍କୁ ଯେଉଁ ପେନ୍‌ସନ ମିଳୁଥିଲା ସେ ସମସ୍ତ ଅର୍ଥକୁ ସାଇତି ରଖି ଏବେ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଦାନ କରିଛନ୍ତି। ପ୍ରସାଦ କହିଛନ୍ତି ଅବସର ପରେ ସେନା ତାଙ୍କୁ ଯାହା ଦେଇଛି ତାକୁ ସେ ଫେରାଇ ଦେବାକୁ ଚିନ୍ତାକରି ଏପରି କରିଛନ୍ତି। ଏଥିରେ ସେ ଓ ତାଙ୍କ ପରିବାର ବେଶ୍ ଗର୍ବ ଅନୁଭବ କରିଥିବା ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ସବୁ ଧର୍ମ ପରେ ଯେଉଁ ଜୀବ-ଧର୍ମ
ଚିର ପ୍ରତିଷ୍ଠିତ
ତାହାର ସନ୍ଧାନେ ଧାଏଁ ଅବିରାମ
ନବୀନର ଚିତ୍ତ।
ଏ ବିଶ୍ୱର ଏକତମ କେନ୍ଦ୍ର ଯାହା
ଚଉପାଶେ ଯା'ର
ଘୂରିବୁଲେ କୋଟି ଗ୍ରହ ବହି କୋଟି
ଆଚାର ବିଚାର।
ଦୟା ପ୍ରେମ ଜ୍ଞାନ ଧ୍ୟାନ ଦୁଃଖ ସୁଖ
ମାନ ଅପମାନ
ସକଳ ଊର୍ଦ୍ଧ୍ୱରେ ଉଡ଼େ ଜୀବନର
ବିଜୟ ନିଶାଣ।
ତାହାରି ଉଦ୍ଦେଶ୍ୟେ ଜାତ ସବୁ ଧର୍ମ
ନୀତି ଆଲୋଚନା
ସକଳ ସମସ୍ୟା ଦ୍ୱନ୍ଦ୍ୱ ଦିବା ନିଶି
ପ୍ରାଣାନ୍ତ ସାଧନା।

(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କମ୍ପାନୀମାନେ ଗ୍ରାହକଙ୍କୁ ଶୋଷଣ କରୁଛନ୍ତି

ମହାଶୟ,

ବର୍ତ୍ତମାନ ଯୁଗରେ ଯୁବତୀଯୁବକଙ୍କର ମୁଖ୍ୟ ଆବଶ୍ୟକତା ହେଲା ମୋବାଇଲ ଏବଂ ମଟରସାଇକେଲ। କଲେଜପଢୁଆ ଛାତ୍ରୀଛାତ୍ର ବାଇକ୍ ପାଇଁ ମାଆବାପାଙ୍କ ପାଖରେ ଜୁଲମ୍ କରୁଛନ୍ତି। ମାଆବାପାଙ୍କ କିଣିବାର ଶକ୍ତି ଥାଉ ବା ନ ଥାଉ ସେମାନେ ଦଶ କୋଡ଼ିଏ ହଜାର ଟଙ୍କା ଧାର କରି ପିଲାଙ୍କ ପାଇଁ କିସ୍ତିରେ ଗାଡ଼ି କିଣୁଛନ୍ତି। ଫାଇନାନ୍ସ କମ୍ପାନୀମାନେ ଜାଲ ବିଛେଇ ବସିଛନ୍ତି ଏପରି ଗ୍ରାହକଙ୍କୁ ଫାନ୍ଦରେ ପକାଇବା ପାଇଁ। ନ ଜାଣିଥିବା ଲୋକଟିଏ ତାଙ୍କ ପାଖକୁ ଗଲେ ସେମାନେ କହିବେ ଗାଡ଼ିର ଦାମ୍ ଷାଠିଏ ହଜାର, ଆପଣ ଯାହା ନଗଦ ଦେବେ, ବାକି ଟଙ୍କା ଉପରେ ସୁଧ ଲାଗିବ ଏବଂ କିସ୍ତିରେ ଶୁଝିବେ। ଆପଣ କୋଡିଏ ହଜାର ଟଙ୍କା ଦେଇ ଗାଡ଼ି କିଣିଲେ ଓ ତାଙ୍କ କାଗଜପତ୍ରରେ ଦସ୍ତଖତ କଲେ। ଦସ୍ତଖତ ପରେ ସେ ଆପଣଙ୍କୁ କହିବେ ଚାଳିଶ ହଜାର ଟଙ୍କା ଉପରେ ୧୩% ସୁଧରେ ଆପଣଙ୍କୁ ଶୁଝିବାକୁ ପଡ଼ିବ। ଶୁଣିବାକୁ ସହଜ ଜଣା ପଡୁଛି କିନ୍ତୁ ଅସଲ କଥା ହେଲା ଚାଳିଶ ହଜାର ଟଙ୍କା ଉପରେ ସୁଧ ଲଗାଇ ମୋଟ ଯେତେ ଟଙ୍କା ହେଲା ତାକୁ ସମାନଭାବେ କିସ୍ତିରେ ଭିଡ଼ିବେ। ଆପଣ ହିସାବ କରି ଦେଖିଲା ବେଳକୁ ଚାଳିଶ ହଜାର ଜାଗାରେ ଆପଣ ଅଶୀ ହଜାର ଟଙ୍କା ଶୁଝୁଛନ୍ତି। ଗ୍ରାହକମାନେ ବୁଝିଶୁଝି ସବୁଆଡୁ ହିସାବ କରି ଗାଡ଼ି କିଣିବା ଦରକାର।

ରଘୁନାଥ ମହାପାତ୍ର, ସତ୍ୟଶ୍ରୀ ନିବାସ, ତାରାଚାନ୍ଦ ପାଟଣା, କଟକ

### ଆପାର୍ଟମେଣ୍ଟରେ ଅଗ୍ନିନିର୍ବାପକ ରଖାଯାଉ

ଆମ ରାଜ୍ୟ ସମେତ ଦେଶର ବିଭିନ୍ନ ସ୍ଥାନରେ ସ୍ଥାପିତ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିବା ପରେ ନିକଟରେ ଗୁଜରାଟର ସୁରଟଠାରେ ଏକ କୋଚିଂ ସେଣ୍ଟରରେ ଅଗ୍ନିକାଣ୍ଡ ଘଟି ୨୪ ଜଣ ଛାତ୍ରୀଛାତ୍ର ପ୍ରାଣ ହରାଇଛନ୍ତି। ଅନେକେ ତଳକୁ ଡେଇଁ ଆହତ ହୋଇଛନ୍ତି। ଏହି ଅଘଟଣ ପରେ ଆମ ରାଜ୍ୟରେ କୋଚିଂ ସେଣ୍ଟର ଉପରେ ଚଢାଉ ହୋଇ ଅଗ୍ନିକ ନିରାପତ୍ତା ଯାଞ୍ଚ କରାଯାଉଛି। ତେବେ ଅଧୁନା କି ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସର୍ବତ୍ର ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ଗଢ଼ିଉଠିଛି। ଏଠାରେ ଘର କିଣି ଓ ଭଡାରେ ବାସିନ୍ଦାମାନେ ରହୁଛନ୍ତି। ସିକ୍ୟୁରିଟି ବ୍ୟବସ୍ଥା ମଧ୍ୟ ରହିଛି। ମାତ୍ର ଏଠାରେ ଅଗ୍ନିକ ନିରାପତ୍ତା ଶୂନ। ନିବେଦନ, ପ୍ରତ୍ୟେକ ଆପାର୍ଟମେଣ୍ଟରେ ଅଗ୍ନିନିର୍ବାପକ ଯନ୍ତ୍ର ରଖାଯାଉ ଓ ତା'ର କିପରି ବ୍ୟବହାର କରାଯିବ, ସେ ସମ୍ପର୍କରେ ଲୋକଙ୍କୁ ତାଲିମ ଦିଆଯାଉ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପ୍ରସଙ୍ଗ

# ବିଧାନସଭାରେ କଂଗ୍ରେସର ହଟ୍ଟଗୋଳ

ଭୁବନେଶ୍ୱର,୧୬।୭(ବ୍ୟୁରୋ)

ବିଧାନସଭାରେ ମଙ୍ଗଳବାର ଶୂନ୍ୟକାଳରେ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ ସ୍ଥାପନ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ରାଜ୍ୟ ସରକାର ଲୋକଦେଖାଣିଆ ଭାବେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ବସି ଯାଉଛନ୍ତି। ପଶ୍ଚିମ ଓଡ଼ିଶା ଲୋକଙ୍କୁ ସରକାର ଧୋକା ଦେଉଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଯଶୱନ୍ତ ସିଂ କମିଶନ ପଶ୍ଚିମ ଓଡ଼ିଶାର ବଲାଙ୍ଗୀରଠାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ସ୍ଥାପନ କରିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଯେଉଁ ଅଞ୍ଚଳ ପଛୁଆ ହୋଇଥିବ ଏବଂ ହାଇକୋର୍ଟକୁ ସେଠାକାର ଲୋକେ ଯାଇପାରୁ ନ ଥିବେ, ସେଭଳି ସ୍ଥାନରେ ସ୍ଥାୟୀ ବେଞ୍ଚ ସ୍ଥାପନ କରିବା ଲାଗି କମିଶନ ସୁପାରିସ କରିଥିଲେ। ବଲାଙ୍ଗୀର ଜିଲା ଲୋକେ କଟକ ଯାଇପାରୁନାହାନ୍ତି। ଏହି ଜିଲାରେ ଶିଳ୍ପ ନାହିଁ। ଯେତେ ଯୋଜନା କଲେ ମଧ୍ୟ ଏଠାରେ ବିକାଶ ହୋଇପାରୁନାହିଁ। ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ ସ୍ଥାପନ କରିବା ଲାଗି ପାଲ୍ କମିଶନ ଗଠନ କରିଥିଲେ। ଛଅମାସ ମଧ୍ୟରେ କମିଶନ ଆକ୍ସନ ଟେକେନ୍ ରିପୋର୍ଟ ଦେବା କଥା। ହେଲେ ଛଅବର୍ଷ ବିତିଯାଇଥିଲେ ସୁଦ୍ଧା ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ। ସ୍ଥାୟୀ ବେଞ୍ଚ ସ୍ଥାପନ ଲାଗି ପଶ୍ଚିମ ଓଡ଼ିଶାର ଓକିଲମାନେ ବିଭିନ୍ନ ସମୟରେ ବନ୍ଦ ପାଳନ କରିବାରୁ କୋର୍ଟ ବନ୍ଦ ରହୁଛି। ଲୋକମାନେ ନ୍ୟାୟ ପାଇପାରୁନାହାନ୍ତି। ବଲାଙ୍ଗୀର ଓକିଲମାନେ ଆସି ଭୁବନେଶ୍ୱରରେ ଧାରଣା ଦେଉଛନ୍ତି। ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ଲାଗି ଅନୁମତି ମାଗିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିନିଧି ପଠାଇ ଧାରଣାରତ ଲୋକଙ୍କ ସହ ଆଲୋଚନା କରନ୍ତୁ। ଶାନ୍ତିପୂର୍ଣ୍ଣ ଭାବେ ସମସ୍ୟାର ସମାଧାନ କରାଯାଉ। ଏହା ନ ହେଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ମାଓବାଦୀ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧିପାଇବ ବୋଲି ନରସିଂହ ଚେତାବନୀ ଦେଇଥିଲେ। ମୁଖ୍ୟମନ୍ତ୍ରୀ କିମ୍ବା ଆଇନମନ୍ତ୍ରୀ ଏ ନେଇ ଆଲୋଚନା କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଦାବି କରିଥିଲେ।



ବିଧାୟକ ସନ୍ତୋଷ ସିଂ ସାଲୁଜା ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଦାବି ଉପସ୍ଥାପନ କରୁଛନ୍ତି।

କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଗୁଆହାଟୀ, ବମ୍ବେ, ଜବଲପୁର, ଯୋଧପୁର, ଆଲ୍ଲାହାବାଦ, ବାଙ୍ଗାଲୋର, ମାଡ୍ରାସ ଆଦି ୧୧ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ କରାଯାଇଛି। ମାତ୍ର ଓଡ଼ିଶାରେ କାହିଁକି ହେଉନାହିଁ ତାହା ବୁଝାପଡୁନାହିଁ। ଯଶୱନ୍ତ ସିଂ କମିଶନ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ କରିବା ଲାଗି ସୁପାରିସ କରିଥିଲେ। ରାଜ୍ୟ ସରକାର ଗଠନ କରିଥିବା ପାଲ୍ କମିଶନ ମଧ୍ୟ ଏ ନେଇ ପ୍ରସ୍ତାବ ଦେଇଥିଲେ। ଗୋଟିଏ ରାଜ୍ୟରେ ୩ଟି ସ୍ଥାୟୀ ବେଞ୍ଚ ହୋଇଥିଲେ ହେଁ ଓଡ଼ିଶାରେ କାହିଁକି ହେଉନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ ଧାରଣାରତ ଓକିଲଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରନ୍ତୁ ବୋଲି ସାଲୁଜା ଦାବି କରିଥିଲେ। ଏହି ସମୟରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଭାଜପା ସଭ୍ୟ ବିଷ୍ଣୁ ଚରଣ ସେଠୀଙ୍କୁ କହିବାକୁ ଅନୁମତି ଦେଇଥିଲେ। ସେ କହିବା ଆରମ୍ଭ କରିବା କ୍ଷଣି କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି, ରମେଶ ଜେନା ଏବଂ ଅନ୍ୟ ସଦସ୍ୟ ଗୃହର ମଧ୍ୟଭାଗକୁ ଆସି ପଶ୍ଚିମ ଓଡ଼ିଶା ଓକିଲଙ୍କ ସହ ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ଲାଗି ଦାବି କରିଥିଲେ। ବାଚସ୍ପତି ସେମାନଙ୍କୁ ନିଜ ଆସନରେ ବସିବା ପାଇଁ ଅନୁରୋଧ କରିଥିଲେ। ଶୂନ୍ୟକାଳରେ ସମସ୍ତ ସଦସ୍ୟ ସେମାନଙ୍କର ସମସ୍ୟା ଉଠାଇବା ବ୍ୟବସ୍ଥା ରହିଛି। ଗଣ୍ଡଗୋଳ ନ କରି ସହଯୋଗ କରନ୍ତୁ ବୋଲି ବାଚସ୍ପତି କହିଥିଲେ। ମାତ୍ର କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ କଥା ହୁତ୍‌କାରି ମାଡ଼ି ଉଡ଼ାଇ ଦେଇଥିଲେ ଏବଂ ହଟ୍ଟଗୋଳ କରିଥିଲେ। କଂଗ୍ରେସ ସଦସ୍ୟଙ୍କ ଏଭଳି ଆଚରଣ ଦେଖି ବିଷ୍ଣୁ କ୍ରୋଧାନ୍ୱିତ ହୋଇଯାଇଥିଲେ। ସେ କହିଥିଲେ ଯେ, ଆମକୁ ଗୃହରେ କହିବାକୁ ସୁଯୋଗ ନ ଦେବା ଲାଗି ଏହା ଏକ ବିଧିବଦ୍ଧ ଚକ୍ରାନ୍ତ। ଆପଣ ଆମକୁ ସୁରକ୍ଷା ଦିଅନ୍ତୁ। ନଚେତ ଆମେ ଗୃହରେ ଧାରଣା ଦେବୁ। କଂଗ୍ରେସ ସଦସ୍ୟ ଜାଣିଶୁଣି ଏଭଳି ଆଚରଣ କରୁଛନ୍ତି। ବିଜେଡି-କଂଗ୍ରେସ ମିଶି ଏଭଳି ଷଡ଼ଯନ୍ତ୍ର କରୁଛନ୍ତି ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଗୃହର ମଧ୍ୟଭାଗରେ କଂଗ୍ରେସ ସଦସ୍ୟମାନେ 'ସରକାର ଆମର ଦାବି ମାନିନିଅ, ମାନିନିଅ' ସ୍ଲୋଗାନ ଦେଇ ହୋ-ହଲ୍ଲା କରିଥିଲେ। ବାଚସ୍ପତି ଗୃହକୁ ୧୨ଟା ୬ରୁ ୧୨ ଟା ୧୧ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଗୃହର ଅଚଳାବସ୍ଥା ଦେଖି ବାଚସ୍ପତି ଗୃହକୁ ପୁଣି ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ।



## ବିଧାନସଭା ପ୍ରଶ୍ନୋତ୍ତର

# ୩୩୨୩ ଗ୍ରାମକୁ ରାସ୍ତା ନାହିଁ

ଭୁବନେଶ୍ୱର,୧୬।୭(ବ୍ୟୁରୋ)

ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ଯୋଜନା କରୁଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ରାଜ୍ୟରେ ୩୩୨୩ ଗ୍ରାମକୁ ପଞ୍ଚାୟତ କାର୍ଯ୍ୟାଳୟ ସହ ଯୋଡ଼ା ଯାଇପାରିନାହିଁ। ଅନୁଗୋଳ ଜିଲାର ୯୫ଟି ଗ୍ରାମକୁ ରାସ୍ତା ନ ଥିବା ବେଳେ ବଲାଙ୍ଗୀର ୩୨, ବାଲେଶ୍ୱର ୫୯, ବରଗଡ଼ ୨, ଭଦ୍ରକ ୧୬୭, ବୌଦ୍ଧ ୫୩, କଟକ ୩୧, ଦେବଗଡ଼ ୧୨, ଢେଙ୍କାନାଳ ୩୦, ଗଜପତି ୧୩୩, ଜଗତ୍‌ସିଂହପୁର ୧୪, ଝାରସୁଗୁଡ଼ାର ୧୧ଟି ଗ୍ରାମ ଓ ପଡ଼ାଗ୍ରାମକୁ ରାସ୍ତା ସଂଯୋଗ କରାଯାଇନାହିଁ। ସେହିଭଳି କଳାହାଣ୍ଡି ଜିଲାର ୪୭୩, କନ୍ଧମାଳ ୨୫୮, କେନ୍ଦ୍ରାପଡ଼ା ୬୪୭, କେନ୍ଦୁଝର ୬୪, ଖୋର୍ଦ୍ଧା ୭୪, କୋରାପୁଟ ୧୮୫, ମାଲକାନଗିରି ୨୯୫, ମୟୂରଭଞ୍ଜ ୦୮, ନୟାଗଡ଼ ୮୯, ନବରଙ୍ଗପୁର ୭୦, ନୂଆପଡ଼ା ୭୨, ପୁରୀ ୦୩, ସମ୍ବଲପୁର ୦୪, ସୋନପୁର ୦୩ ଏବଂ ସୁନ୍ଦରଗଡ଼ ଜିଲାର ୦୪ଟି ଗ୍ରାମକୁ ରାସ୍ତା ନାହିଁ। ଏ ସମସ୍ତ ଗ୍ରାମକୁ ସଂଯୋଗ କରିବା ଲାଗି ୨୬୯୯.୭୦୧୭ କିମି ରାସ୍ତାର ଆବଶ୍ୟକତା ରହିଛି। ଏଥିଲାଗି ୧୯୫୫୨୪.୦୧ ଲକ୍ଷ ଟଙ୍କାର ଆବଶ୍ୟକ ହେବ। ପ୍ରଶ୍ନକାଳରେ ଭାଜପା ସଦସ୍ୟ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ମଙ୍ଗଳବାର ବିଧାନସଭାରେ ଏକଥା କହିଛନ୍ତି।

# ୧୮୩ ଥର ହେଲିକପ୍ଟର ବ୍ୟବହାର କରିଛନ୍ତି ନେତା, ଅଫିସର

ଭୁବନେଶ୍ୱର, ୧୬।୭(ବ୍ୟୁରୋ)

ବିଜେଡିର ବହୁ ନେତା ବିଗତ ଦିନରେ ସରକାରୀ ଅର୍ଥରେ ହେଲିକପ୍ଟର ବ୍ୟବହାର କରୁଥିବା ବିରୋଧୀ ଦଳ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଥିଲା। ଏନେଇ ବିଧାୟକ ତାରା ପ୍ରସାଦ ବାହିନୀପତି ମଙ୍ଗଳବାର ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଲିଖିତ ଉତ୍ତର ରଖି ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଦର୍ଶାଇଛନ୍ତି, ୨୦୧୪ ପରଠାରୁ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଏବଂ ସଚିବମାନେ ହେଲିକପ୍ଟର ଯୋଗେ ବହୁଥର ବିଭିନ୍ନ ଅଞ୍ଚଳକୁ ଗସ୍ତ କରିଛନ୍ତି। ଏହି ସମସ୍ତ ଗସ୍ତ ସମ୍ପୂର୍ଣ୍ଣ ସରକାରୀ ଏବଂ ରାଜ୍ୟର ସ୍ୱାର୍ଥ ସମ୍ବନ୍ଧିତ ବୋଲି ସେ କହିଛନ୍ତି। ତାଙ୍କ ତଥ୍ୟ ଅନୁଯାୟୀ, ରାଜ୍ୟର ବହୁ ମନ୍ତ୍ରୀ ଏବଂ ଅଫିସର୍ ହେଲିକପ୍ଟର ବ୍ୟବହାର କରି ବିଭିନ୍ନ ଅଞ୍ଚଳକୁ ଗସ୍ତ କରିଛନ୍ତି। ଏଥିପାଇଁ ସେମାନେ ମୋଟ ୧୮୩ ଥର ହେଲିକପ୍ଟର ବ୍ୟବହାର କରିଛନ୍ତି। ଏଥି ମଧ୍ୟରୁ ଅଧିକାଂଶ ସରକାରୀ ଅଧିକାରୀ ଏକାଧିକବାର ବ୍ୟବହାର କରିଥିବା ଦର୍ଶାଯାଇଛି। ଅନ୍ୟପଟେ ଏନେଇ ସରକାରଙ୍କ ପକ୍ଷରୁ କେତେ ଖର୍ଚ୍ଚ ହୋଇଛି ସେ ସମ୍ପର୍କରେ ମନ୍ତ୍ରୀ ଉଲ୍ଲେଖ କରିନାହାନ୍ତି। ଅନ୍ୟପଟେ ମନ୍ତ୍ରୀଙ୍କ ଏହି ଉତ୍ତର ଦେଖିବା ପରେ ବିରୋଧୀ ଦଳର କେତେଜଣ ସଦସ୍ୟ କଡ଼ା ସମାଲୋଚନା କରିଛନ୍ତି।

# ୪ ବର୍ଷରେ ହାତୀ ଆକ୍ରମଣରେ ୩୬୯ ମୃତ

ଭୁବନେଶ୍ୱର, ୧୬।୭(ବ୍ୟୁରୋ)

ରାଜ୍ୟରେ ହାତୀ ଆକ୍ରମଣରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୧୫ରୁ ୨୦୧୯ ମଧ୍ୟରେ ରାଜ୍ୟରେ ଜଙ୍ଗଲୀ ହାତୀ ଆକ୍ରମଣରେ ୩୬୯ ଜଣ ମୃତ୍ୟୁବରଣ କରିଛନ୍ତି। ଏହାସହ ୨୦୭ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ହାତୀ ଆକ୍ରମଣରେ ମୃତ୍ୟୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି କୁହାଯାଉଛି। ହେଲେ ସରକାର ନିୟମ କରିଦେଲେ କିଛି ଫଳ ମିଳୁ ନ ଥିବା ବିଭିନ୍ନ ମହଲରୁ ଅଭିଯୋଗ ଆସିବାରେ ଲାଗିଛି। ମଙ୍ଗଳବାର ବିଧାନସଭାରେ ବିଧାୟକ ମୁକେଶ କୁମାର ପାଲଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ହାତୀ ଆକ୍ରମଣରେ ଶିକାର ହୋଇଥିବା ତଥ୍ୟ ରଖିଛନ୍ତି। ଏହାସହ ମନ୍ତ୍ରୀ ଏହି ପ୍ରକାର ମୃତ୍ୟୁ ରୋକିବା ପାଇଁ ଗ୍ରହଣ କରିଥିବା ବ୍ୟବସ୍ଥା ସମ୍ପର୍କରେ ଦର୍ଶାଇଛନ୍ତି। ହାତୀମାନେ ଜନବସତି ଅଞ୍ଚଳକୁ ନ ଆସିବା ଲାଗି ସମ୍ବେଦନଶୀଳ ଅଞ୍ଚଳରେ ପଥର ପାଚେରି, ଖାଇ, ସୌରଶକ୍ତି ଚାଳିତ ତାରବାଡ ନିର୍ମାଣ କରାଯାଇଛି। ଏହାସହ ହାତୀମାନଙ୍କ ଖାଦ୍ୟ ଉପଯୋଗୀ ବୃକ୍ଷ ରୋପଣ, ନୂତନ ଜଳାଶୟ ଖନନ, ପୁରାତନ ଜଳାଶୟ ଗୁଡିକର ପୁନରୁଦ୍ଧାର କରାଯାଇଛି। ହାତୀଙ୍କୁ ଜଙ୍ଗଲ ଆଡକୁ ଘଉଡାଇବା ପାଇଁ ଉପଦ୍ରବ ନିରୋଧୀ ଦଳ, ବନ୍ୟଜୀବ ସୁରକ୍ଷା ଦଳ, ହାତୀ ଅନୁସରଣ ଦଳ ଏବଂ ପାରା ଷ୍ଟାଫମାନଙ୍କୁ ନିୟୋଜିତ କରାଯାଇଛି। ମୋବାଇଲ ଆପ୍ ମାଧ୍ୟମରେ ହାତୀମାନଙ୍କ ପ୍ରଚଳନକୁ ଜାଣି ସେମାନଙ୍କୁ ନିୟନ୍ତ୍ରଣ କରାଯିବା ସହ ଜନସାଧାରଣଙ୍କୁ ସତର୍କ କରାଯାଉଛି ବୋଲି କହିଛନ୍ତି।

ବିଧାନସଭାରେ ବିବୃତି ରଖିଲେ ମୁଖ୍ୟମନ୍ତ୍ରୀ

# ଜମିବାଡ଼ି ବିବାଦରୁ ଘଟିଛି ପୁରୀ ଟ୍ରିପଲ୍ ମର୍ଡର

ଭୁବନେଶ୍ୱର,୧୬।୭(ବ୍ୟୁରୋ)

**୬ ଅଭିଯୁକ୍ତ ଗିରଫ**

ଦୀର୍ଘଦିନର ଜମିବାଡି ବିବାଦ ଘଟଣାରୁ ପୁରୀ ଟ୍ରିପଲ୍ ମର୍ଡର ହୋଇଛି। ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ବିଧାନସଭାରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଅପରାହ୍ନରେ ଗୃହରେ ପୁରୀ ଜିଲାର ସଦାନନ୍ଦପୁର ଗ୍ରାମରେ ହୋଇଥିବା ହତ୍ୟାକାଣ୍ଡ ସମ୍ପର୍କରେ ବିବୃତି ଦେଇ କହିଛନ୍ତି ଯେ ୨୦୧୯ ଜୁଲାଇ ୧୪ ତାରିଖରେ ୩ ଜଣଙ୍କୁ ହତ୍ୟା କରାଯିବା ଘଟଣା ଦୁର୍ଭାଗ୍ୟଜନକ। ଏହି ନେଇ ସତ୍ୟବାଦୀ ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ଏହାକୁ ଅତି ଗୁରୁତର ସହ ନେଇ ତଦନ୍ତ ଜାରି ରଖିଛି। ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଆତ୍ମଗୋପନ କରିଥିବା ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବାକୁ ଚଢାଉ ଜାରି ରହିଛି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ମୃତକ ଏବଂ ଅଭିଯୁକ୍ତ ଗୋଟିଏ ଅଞ୍ଚଳରେ ବାସ କରନ୍ତି ଏବଂ ସେମାନେ ଦୂର ସମ୍ପର୍କୀୟ। ଦୀର୍ଘ ଦିନର ଜମିବାଡି ବିବାଦ ମାମଲାକୁ ନେଇ ସେମାନଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଏହାକୁ ନେଇ ହତ୍ୟାକାଣ୍ଡ ଘଟିଛି। ପୋଲିସ ଏନେଇ ତ୍ୱରିତ ପଦକ୍ଷେପ ନେଇ ଅଭିଯୁକ୍ତଙ୍କୁ ଗିରଫ କରି ପାରିଛି। ଏଥିସହିତ ସଂଗଠିତ ଅପରାଧକୁ ରୋକିବାକୁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ କରାଯାଉଛି। ରାଜ୍ୟରେ ଆଇନଶୃଙ୍ଖଳା ଠିକ୍ ଅଛି। ରାଜ୍ୟରେ ଶାନ୍ତି ରହିଛି। ମାଓବାଦୀ ଦମନ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ହୋଇଛି। ଉପଯୁକ୍ତ ସୁରକ୍ଷା କାରଣରୁ ରାଜ୍ୟରେ ଗତ ସାଧାରଣ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ବାତ୍ୟା ଫନୀ ବେଳେ ପୋଲିସ କେବଳ ଆଇନ ଶୃଙ୍ଖଳା ଦାୟିତ୍ୱ ତୁଲାଇ ନ ଥିଲା ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟରେ ସହଯୋଗର ହାତ ବଢାଇଥିଲା। ରାଜ୍ୟରେ ଲୋକମାନଙ୍କ ଧନଜୀବନ ସୁରକ୍ଷା ଦେବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ମୋ ସରକାର ବଦ୍ଧ ପରିକର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ, ପୁରୀ ଜିଲାରେ ଟ୍ରିପଲ୍ ମର୍ଡର କେସ,କେନ୍ଦ୍ରାପଡା ଗୁଳିକାଣ୍ଡ ଏବଂ ଅନ୍ୟାନ୍ୟ ଘଟଣାକୁ ନେଇ ବିରୋଧୀ ଦଳ ସୋମବାର ବିଧାନସଭାରେ ହଙ୍ଗାମା କରିଥିଲେ। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଛି। ମୁଖ୍ୟମନ୍ତ୍ରୀ ଏ ନେଇ ବିବୃତି ଦିଅନ୍ତୁ ବୋଲି ଉଭୟ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିଥିଲେ।





# ଅବକାରୀ ମନ୍ତ୍ରୀଙ୍କ ବାସଭବନ ଆଗରେ ବିକ୍ଷୋଭ

ଭୁବନେଶ୍ୱର, ୧୬।୭(ବ୍ୟୁରୋ)

ରାଜ୍ୟ ସରକାରଙ୍କ ମଦ ବ୍ୟବସାୟ ପ୍ରୋତ୍ସାହନକୁ ବିରୋଧ କରି ମଙ୍ଗଳବାର ଅବକାରୀ ମନ୍ତ୍ରୀଙ୍କ ବାସଭବନ ଆଗରେ ଖୋର୍ଦ୍ଧା ନିଶା ନିବାରଣ ଅଭିଯାନ ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଛି। ଚଳିତବର୍ଷ ଗାନ୍ଧିଜୀଙ୍କ ୧୫୦ ତମ ଜନ୍ମବାର୍ଷିକୀ ପାଳନ ହେଉଥିବା ବେଳେ ବିଧାନସଭା ଷ୍ଟାଣ୍ଡିଂ କମିଟି ମଦ ବ୍ୟବସାୟୀଙ୍କୁ ପୁରସ୍କାର ଦେବା ଅଧିନିୟମ ଜାରି କରିଛି। ଏହା ଗାନ୍ଧି ନୀତିର ଉପହାସ ବୋଲି ଅଭିଯାନ ପକ୍ଷରୁ କୁହାଯାଇଛି। ସରକାର ତୁରନ୍ତ ଏହାକୁ ପ୍ରତ୍ୟାହାର କରନ୍ତୁ ବୋଲି ଅଭିଯାନର ସଦସ୍ୟମାନେ ଦାବି କରିଥିଲା।

# ଜଳ ସମ୍ପଦ ବିଭାଗ ଖର୍ଚ୍ଚଦାବି ଗୃହୀତ

ଭୁବନେଶ୍ୱର,୧୬।୭(ବ୍ୟୁରୋ)

**ବ୍ୟୟ ଅଟକଳ**
**୯୭,୨୪,୮୬,୪୪,୦୦୦ ଟଙ୍କା**

ବିଧାନସଭାରେ ମଙ୍ଗଳବାର ଜଳସମ୍ପଦ ବିଭାଗର ଖର୍ଚ୍ଚଦାବି ଗୃହୀତ ହୋଇଯାଇଛି। ଏହାର ପରିମାଣ ୯୭,୨୪,୮୬,୪୪,୦୦୦ ଟଙ୍କା ରହିଛି। ଦ୍ୱିତୀୟାର୍ଦ୍ଧରେ ଗୃହ ସ୍ୱାଭାବିକ ହେବା ସହ ଜଳସମ୍ପଦ ବିଭାଗର ଖର୍ଚ୍ଚଦାବି ନେଇ ଆଲୋଚନା ହୋଇଥିଲା। ସଦସ୍ୟମାନଙ୍କ ଆଲୋଚନା ଓ ବିଭାଗୀୟ ପରାମର୍ଶ ପରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଗୃହରେ ଉତ୍ତର ରଖିଥିଲେ।

ରଘୁନନ୍ଦନ କହିଥିଲେ ଯେ, ବର୍ଷା ଜଳ ସଂରକ୍ଷଣକୁ ଗୁରୁତ୍ୱ ଦିଆଯିବ। ବାର୍ଷିକ ବୃଷ୍ଟିର ଦିନଗୁଡିକ କମିକମି ୬୦ରୁ ୭୦ ଦିନ ହୋଇ ଗଲାଣି। ତେଣୁ ବର୍ଷା ଜଳ ସଂରକ୍ଷଣ ଓ ଉପଯୋଗକୁ ଗୁରୁତ୍ୱ ଦିଆଯିବ। ୫ ବର୍ଷରେ କେବଳ ଜଳସେଚନ କ୍ଷେତ୍ରରେ ୫୦ ହଜାର କୋଟିରୁ ଅଧିକ ଅର୍ଥବିନିଯୋଗ କରାଯିବାର ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଗଭୀର ନଳକୂପ ଖନନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ କୃଷି ବଜେଟ୍‌ରେ ୫୪୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପରେ ୧୭୭୬.୬୭ କୋଟି ଟଙ୍କା, ଜିଆଇସିଏ ଋଣ ସହାୟତାରେ ରେଙ୍ଗାଲି ବାମପାର୍ଶ୍ୱ କେନାଲ ପାଇଁ ୩୦୦ କୋଟି ଟଙ୍କାର ପ୍ରସ୍ତାବ ରହିଥିବା ମନ୍ତ୍ରୀ ରଘୁନନ୍ଦନ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡିକ ପାଇଁ ୭୦୩.୪୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗଙ୍ଗାଧର ମେହେର ଉଠାଜଳସେଚନ ପାଇଁ ୧୦୦ କୋଟି ଟଙ୍କା ଏବଂ ବିଜୁ କୃଷକ ବିକାଶ ଯୋଜନାରେ ୧୦୦୦ଟି ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ୪୦୦ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବନ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ୭୩୩ କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରହିଛି। ଏହା ଦ୍ୱାରା ରାଜ୍ୟର ୨୦,୫୦୦ ହେକ୍ଟର ଜମିକୁ ବନ୍ୟା ଦାଉରୁ ରକ୍ଷା କରିବା ନେଇ ପଦକ୍ଷେପ ନିଆଯାଇଛି। ଜଳ ନିଷ୍କାସନ ନାଳ ଉନ୍ନତୀକରଣ ପାଇଁ ୨୨୦ କୋଟି ଟଙ୍କାର ବ୍ୟୟବରାଦ ସହ ୧୫,୫୪୦ ହେକ୍ଟର ଜଳପ୍ଲାବିତ ଚାଷ ଜମିର ପୁନରୁଦ୍ଧାର ଲକ୍ଷ୍ୟ ରଖାଯାଇଛି। ନଦୀ ସଂରକ୍ଷଣ କାର୍ଯ୍ୟକ୍ରମରେ ୧୦ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି। ସେହିପରି ନଦୀ ଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପ ଜରିଆରେ ଭୁବନେଶ୍ୱର ନିକଟସ୍ଥ କୁଆଖାଇ ନଦୀତଟରେ କାର୍ଯ୍ୟ କରାଯିବ। ଏଥିପାଇଁ ୨.୯୫ କୋଟି ଟଙ୍କାର ବ୍ୟୟବରାଦ ରହିଥିବା ମନ୍ତ୍ରୀ କହିଛନ୍ତି।

# ୫୯୬ ଗ୍ରାମପଞ୍ଚାୟତର ନିଜସ୍ୱ ନୂତନ ଗୃହ ନାହିଁ

ଭୁବନେଶ୍ୱର,୧୬।୭(ବ୍ୟୁରୋ)

ରାଜ୍ୟର ୨୯ ଜିଲାର ୫୯୬ଟି ଗ୍ରାମ ପଞ୍ଚାୟତର ନିଜସ୍ୱ ନୂତନ ଗୃହ ନାହିଁ। ଏଥିସହିତ ପଞ୍ଚାୟତ ମୁଖ୍ୟାଳୟଗୁଡିକରେ ବିଦ୍ୟୁତ୍ ସଂଯୋଗ, ପାଇଖାନା, ପାଚେରି ଓ ଗୋଦାମ ଘର ନାହିଁ। ଖୋଦ୍ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ବିଧାନସଭାରେ ଏକଥା ସ୍ୱୀକାର କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ, ତନ୍ମଧ୍ୟରୁ କେବଳ ୬୨ଟି ଗ୍ରାମ ପଞ୍ଚାୟତର ନିଜସ୍ୱ ଘର, ପାଇଖାନା, ବିଦ୍ୟୁତ୍ ସଂଯୋଗ, ଗୋଦାମ ଘର ଓ ପାଚେରି ନିର୍ମାଣ କରାଯାଇଥିବା କୁହାଯାଇଛି। ଅବଶିଷ୍ଟ ପଞ୍ଚାୟତଗୁଡିକର କାମ ଚଳିତ ବର୍ଷ ଶେଷ ସୁଦ୍ଧା ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଜେନା ଉଲ୍ଲେଖ କରିଛନ୍ତି।

ଶାସକ ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ଅଣତାରକା ପ୍ରଶ୍ନ ନଂ. ୮୪୩ର ଉତ୍ତର ଦେଇ ମନ୍ତ୍ରୀ ଜେନା ଏହି ତଥ୍ୟ ଦେଇଛନ୍ତି। ସେହି କାମ ଶେଷ ପାଇଁ ୨୦୧୭-୧୮ ଆର୍ଥିକବର୍ଷରେ ୮୯.୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଓଡ଼ିଶା ଏକ ଗ୍ରାମବହୁଳ ରାଜ୍ୟ। ଗ୍ରାମ ପଞ୍ଚାୟତ ସ୍ଥାନୀୟ ସ୍ୱାୟତ୍ତ ଶାସନର ମୁଖ୍ୟାଳୟ ହୋଇଥାଏ। ଆନୁମାନିକ ଭାବେ ପ୍ରତି ପଞ୍ଚାୟତରେ ସର୍ବନିମ୍ନ ୫ଟି ଗାଁ ରହିଥାଏ। ସେହି ହିସାବରେ ୫୯୬ଟି ଗ୍ରାମପଞ୍ଚାୟତର ପ୍ରାୟ ୨୯୮୦ରୁ ଅଧିକ ଗ୍ରାମର ପ୍ରଶାସନିକ କାର୍ଯ୍ୟ ପାଇଁ ସାଧାରଣ କାର୍ଯ୍ୟାଳୟଟିଏ ନାହିଁ। ତେଣୁ ତୃଣମୂଳରେ ଶାସନ କିପରି ଚାଲୁଛି, ତାହା ସହଜରେ ଅନୁମେୟ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି।

# ନିମ୍ନମାନର ପିଏମ୍‌ଜିଏସ୍‌ୱାଇ ରାସ୍ତା

ଭୁବନେଶ୍ୱର,୧୬।୭(ବ୍ୟୁରୋ)



■ ବିଧାନସଭାରେ ଉଦ୍‌ବେଗ
■ ରାସ୍ତାର ଗୁଣବତ୍ତାକୁ ନେଇ ମନ୍ତ୍ରୀଙ୍କୁ ଘେରିଲେ ଶାସକ, ବିରୋଧୀ
■ ଠକ ଠିକାଦାରଙ୍କଠାରୁ ୧.୭୧ କୋଟି ଜରିମାନା ଆଦାୟ
■ ୭ ଦିନ ମଧ୍ୟରେ ପଦକ୍ଷେପ ନେବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ
■ ରାସ୍ତା କାମ ଦେଖୁଛନ୍ତି ତ୍ରିସ୍ତରୀୟ ସଂସ୍ଥା:ମନ୍ତ୍ରୀ

ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତା ଅତ୍ୟନ୍ତ ନିମ୍ନମାନର। ନିର୍ମାଣ ସମୟରେ ରାସ୍ତାର ମାନ ଠିକ୍ ରହୁ ନ ଥିବାରୁ ଶୀଘ୍ର ନଷ୍ଟ ହୋଇଯାଉଛି। ଠିକାଦାର କିମ୍ବା ଯନ୍ତ୍ରୀଙ୍କ ବିରୋଧରେ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ରାସ୍ତା କାମ ପାଇଁ କାର୍ଯ୍ୟାଦେଶ ହୋଇଥିଲେ ମଧ୍ୟ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଏହା ଆରମ୍ଭ ହେଉନାହିଁ। କଣ୍ଟ୍ରାକ୍ଟରମାନେ ଇଣ୍ଡିଆନ୍ ଅଏଲ(ଭାରତୀୟ ତୈଳ କମ୍ପାନୀ)ରୁ ପିଚୁ ନ ଆଣି ଶସ୍ତାରେ ବିଶାଖାପାଟଣା ଏବଂ ରାୟପୁରରୁ ପିଚୁ ଆଣି ପକାଉଥିବାରୁ ଏହାର ମାନ ଖରାପ ହେଉଛି। ସରକାର ଏ ଦିଗରେ ଧ୍ୟାନ ଦେଉନାହାନ୍ତି। ଏହାକୁ ନେଇ ଉଭୟ ଶାସକ ଏବଂ ବିରୋଧୀ ଦଳ ସଦସ୍ୟମାନେ ଗୃହରେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ)ରେ ନିର୍ମାଣ ହୋଇଥିବା ରାସ୍ତାଗୁଡ଼ିକର ଶୀଘ୍ର ମରାମତି ପାଇଁ ଦାବି କରିଥିଲେ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ମୂଳ ପ୍ରଶ୍ନରେ କହିଥିଲେ ଯେ, ରକ୍ଷଣାବେକ୍ଷଣ ନ ହେବା ଓ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ନଷ୍ଟ ହୋଇଯାଉଛି। ଏହାର ମରାମତି ପାଇଁ କି ପଦକ୍ଷେପ ନିଆଯାଇଛି। ଏଥିପାଇଁ ଦାୟୀ ଠିକାଦାର ଏବଂ ଯନ୍ତ୍ରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଧାୟକ ନୃସିଂହ ସାହୁ, ମହୀଧର ରଣା, ବିଷ୍ଣୁ ଚରଣ ସେଠୀ, ପ୍ରଦୀପ ମହାରଥୀ, ମୀନାକ୍ଷୀ ମହନ୍ତ, ଭାସ୍କର ମଢ଼େଇ, ନାଉରୀ ନାୟକ, ମୁକେଶ ପାଲ ଏବଂ ସନ୍ତୋଷ ସିଂ ସାଲୁଜା ପ୍ରମୁଖ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତାର ଗୁଣବତ୍ତା ନେଇ ପ୍ରଶ୍ନ ଉଠାଇଥିଲେ। ଏହି ରାସ୍ତାଗୁଡ଼ିକ ନଷ୍ଟ ହୋଇଯାଇଥିବାରୁ ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଶେଷ ହେବା ପରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଠିକାଦାରମାନେ ରକ୍ଷଣାବେକ୍ଷଣ କରିବେ। ଏହି ଯୋଜନାରେ ଏ ପର୍ଯ୍ୟନ୍ତ ରାଜ୍ୟରେ ୫୫୦୬୩.୪୪ କିମି ଦୈର୍ଘ୍ୟର ରାସ୍ତା ନିର୍ମାଣ ହୋଇଛି। ଗତ ୫ ବର୍ଷ ମଧ୍ୟରେ ୨୨୩୧୮ କିମି ରାସ୍ତା ଠିକାଦାରଙ୍କ ଦ୍ୱାରା ରକ୍ଷଣାବେକ୍ଷଣ କରାଯାଇଛି। ବେଳେବେଳେ ଠିକାଦାରମାନେ କାର୍ଯ୍ୟରେ ଅବହେଳା କରିବା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବର୍ତ୍ତମାନ ସୁଦ୍ଧା କାର୍ଯ୍ୟରେ ଅବହେଳା କରିଥିବା ଠିକାଦାରଙ୍କ ସିକ୍ୟୁରିଟି ଟଙ୍କାରୁ ୧.୭୧କୋଟି ଟଙ୍କା ଆଦାୟ କରାଯାଇଛି। ରାସ୍ତାର ଗୁଣବତ୍ତା ଯାଞ୍ଚ କରିବା ଲାଗି ତ୍ରିସ୍ତରୀୟ ବ୍ୟବସ୍ଥା ରହିଛି। ପ୍ରଥମ ସ୍ତରରେ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ମଣ୍ଡଳ ଅଧୀକ୍ଷଣ ଯନ୍ତ୍ରୀ ରାସ୍ତାର ଗୁଣବତ୍ତା ଯାଞ୍ଚ କରିଥାନ୍ତି। ଦ୍ୱିତୀୟ ସ୍ତରରେ ରାସ୍ତାର ଗୁଣବତ୍ତା ଯାଞ୍ଚ କରିବା ଲାଗି ୫୧ଜଣ ଅଭିଜ୍ଞ ଇଞ୍ଜିନିୟରଙ୍କୁ ନେଇ ଷ୍ଟେଟ୍ କ୍ୱାଲିଟି ମନିଟରିଂ ଭାବେ ନିଯୁକ୍ତି ଦିଆଯାଇଛି। ଏହାଛଡ଼ା ତୃତୀୟସ୍ତରରେ ଭାରତ ସରକାରଙ୍କ ଦ୍ୱାରା ନିୟୋଜିତ ଗୁଣବତ୍ତା ନିରୀକ୍ଷକଙ୍କୁ ରାସ୍ତାର ମାନ ଯାଞ୍ଚ କରିବା ଲାଗି କେନ୍ଦ୍ର ସରକାର ପଠାଇଥାନ୍ତି। ଏଥିଯୋଗୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ଗୁଣବତ୍ତା ବଜାୟ ରଖାଯାଉଛି। ରାସ୍ତା ନିର୍ମାଣ ଯଦି ୫ ବର୍ଷ ମଧ୍ୟରେ ଖରାପ ହେଲା ସମ୍ପୃକ୍ତ ଠିକାଦାର ନିଜସ୍ୱ ଅର୍ଥରେ ଏହାର ପୁନଃନିର୍ମାଣ କରିବା ବ୍ୟବସ୍ଥା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣକୁ ନେଇ ସଦସ୍ୟମାନଙ୍କ ଉଦ୍‌ବେଗକୁ ଦୃଷ୍ଟିରେ ରଖି ବାଚସ୍ପତି ଆସନ୍ତା ୭ଦିନ ମଧ୍ୟରେ ପଦକ୍ଷେପ ନେବା ଲାଗି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଧାନମନ୍ତ୍ରୀ କିଷାନ ଯୋଜନାକୁ ନେଇ ସରକାରଙ୍କୁ ଘେରିଲା ଭାଜପା

ଭୁବନେଶ୍ୱର, ୧୬।୭(ବ୍ୟୁରୋ)

ଶୂନ୍ୟକାଳରେ କଂଗ୍ରେସ ବିଧାୟକମାନେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ ଉଠାଇବା ପୂର୍ବରୁ ଭାଜପା ପ୍ରଧାନମନ୍ତ୍ରୀ କିଷାନ ଯୋଜନାକୁ ନେଇ ସରକାରଙ୍କୁ ଘେରିଥିଲା। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଥିଲେ ଯେ, ରାଜ୍ୟ ସରକାର ୫୦ ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ କରି ୫ ହଜାର ଟଙ୍କା ଦେଉଛନ୍ତି। ମାତ୍ର ପ୍ରଧାନମନ୍ତ୍ରୀ କିଷାନ ଯୋଜନା ପାଇଁ ୯ ଲକ୍ଷ ଚାଷୀଙ୍କ ତାଲିକା ଦେଉନାହାନ୍ତି। ଯେଉଁ ଅଫିସରମାନେ ଏହି ତାଲିକା ଦେଉନାହାନ୍ତି ସେମାନଙ୍କ ବିରୋଧରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**୩ ବର୍ଷରେ ୪୦୦ ଆତଙ୍କବାଦୀଙ୍କ ଅନୁପ୍ରବେଶ**

ଗତ ୩ ବର୍ଷ ମଧରେ ଜମ୍ମୁ-କଶ୍ମୀରରେ ପ୍ରାୟ ୪୦୦ ଆତଙ୍କବାଦୀ ଅନୁପ୍ରବେଶ କରିଥିଲେ ଓ ସେମାନଙ୍କ ମଧରୁ ୧୨୬ଜଣଙ୍କୁ ସୁରକ୍ଷା କର୍ମୀମାନେ ମାରିଥିବା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ ମଙ୍ଗଳବାର ଲୋକ ସଭାରେ ପ୍ରକାଶ କରିଛନ୍ତି। ଆତଙ୍କବାଦୀଙ୍କ ସହ ଲଢ଼େଇରେ ୨୭ ସୁରକ୍ଷା କର୍ମୀ ଶହୀଦ ହୋଇଥିବାବେଳେ ୪ ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିବା ସେ କହିଛନ୍ତି।

## ରାଜସ୍ଥାନରେ ଲଜ୍ଜା: ୯ ପୋଲିସଙ୍କ ବିରୋଧରେ ଅଭିଯୋଗ

# ହାଜତରେ ଦଳିତ ମହିଳାଙ୍କୁ ଗଣବଳାତ୍କାର

ଜୟପୁର,୧୬।୭



**ହାଜତରେ ଦିଅରଙ୍କ ମୃତ୍ୟୁ ହେବା ପରେ ବି ମହିଳାଙ୍କୁ ଛାଡ଼ି ନ ଥିଲା ପୋଲିସ**

ରାଜସ୍ଥାନର ଚୁରୁସ୍ଥିତ ଏକ ଥାନା ହାଜତରେ ଜଣେ ଦଳିତ ମହିଳାଙ୍କୁ ୯ ପୋଲିସ କର୍ମଚାରୀ ଅନେକ ଦିନ ଧରି ଗଣବଳାତ୍କାର କରିଛନ୍ତି। ମିଛ ଚୋରି ମାମଲାରେ ସମ୍ପୃକ୍ତ ମହିଳାଙ୍କ ଦିଅରଙ୍କୁ ଥାନାକୁ ନେଇ ପିଟିପିଟି ମାରିଦିଆଯାଇଛି। ପୋଲିସ ପ୍ରମାଣ ଲିଭାଇବା ପାଇଁ ଦିଅରଙ୍କ ମୃତଦେହକୁ ପୋଡ଼ିଦେଇଛି ବୋଲି ମହିଳା ଜଣକ ଅଭିଯୋଗ ଆଣିଛନ୍ତି। ମାମଲା ରୁଜୁ ହେବା ପରେ ଏବେ ଏହି ଘଟଣା ସାମ୍ନାକୁ ଆସିଛି।

୩୫ ବର୍ଷୀୟା ଦଳିତ ମହିଳାଙ୍କ ଅଭିଯୋଗ ହେଲା ଏକ ୬ ମାସ ପୁରୁଣା ଚୋରି ମାମଲାରେ ପୋଲିସ ତାଙ୍କ ୨୨ ବର୍ଷୀୟ ଦିଅରଙ୍କୁ ଫସାଇ ଜୁନ୍ ୩୦ରେ ହାଜତକୁ ନେଇଥିଲା। ପୋଲିସ ତାଙ୍କୁ ଅକଥନୀୟ ନିର୍ଯାତନା ଦେବା ପରେ ହାଜତରେ ଜୁଲାଇ ୬ରେ ଦିଅରଙ୍କ ମୃତ୍ୟୁ ଘଟିଥିଲା। ଏହାର ଦିନକ ପରେ ପୋଲିସ ପ୍ରମାଣ ଲିଭାଇବା ପାଇଁ ତାଙ୍କ ମୃତଦେହକୁ ଜାଳି ଦେଇଥିଲା। କେବଳ ଏତିକି ନୁହେଁ, ଜୁଲାଇ ୩ ତାରିଖରେ ମହିଳାଙ୍କୁ ମଧ ସର୍ଦ୍ଦାରସହର ଥାନାକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଅନେକ ଦିନ ଧରି ଏସ୍ଏଚ୍ଓ ରଣବୀର ସିଂ ଏବଂ ଅନ୍ୟ ୮ ପୋଲିସ କର୍ମଚାରୀ ଗଣବଳାତ୍କାର କରିଥିଲେ। ଏପରି କି ଦିଅରଙ୍କ ମୃତ୍ୟୁ ପରେ ବି ତାଙ୍କୁ ହାଜତରୁ ଛାଡ଼ି ନ ଥିଲେ। ପୀଡ଼ିତାଙ୍କୁ ଜୟପୁରସ୍ଥିତ ସଓ୍ୱାଇ ମାନ୍ ସିଂ ହସ୍ପିଟାଲରେ ଗତ ୧୧ରେ ଭର୍ତ୍ତି କରାଯିବା ପରେ ସେ ନ୍ୟାୟ ଆଶାରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ପତ୍ର ଲେଖିଥିଲେ। ଏସ୍ଏଚ୍ଓ ରଣବୀରଙ୍କ ପରେ ରାମପ୍ରତାପ ଗୋଧରା, ହେମରାଜ, ବୀରେନ୍ଦ୍ର କୁମାର, କୈଳାସ, ଜନକେଶ, କ୍ରିଷ୍ଣା, ମହେଶ ଓ ସଚିନ ତାଙ୍କର ଇଜ୍ଜତ ଲୁଟିଥିଲେ। ଅଭିଯୁକ୍ତ ପୋଲିସ ଅଧିକାରୀମାନଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ କରିବାକୁ ସେ ଏଥିରେ ଅନୁରୋଧ କରିଥିଲେ। ଏହା ପରେ ପରିବାର ଲୋକେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଶନିବାର ଏକ ଗଣବଳାତ୍କାର ମାମଲା ରୁଜୁ କରିଛି। ଗଣବଳାତ୍କାର ଅଭିଯୁକ୍ତ ଏସ୍ଏଚ୍ଓ, ଜଣେ ହେଡ୍ କନ୍ଷ୍ଟେବଲ ଓ ୬ କନ୍ଷ୍ଟେବଲଙ୍କୁ ନିଲମ୍ବନ କରାଯାଇଛି। ଅନ୍ୟ ୨୬ ପୋଲିସ କର୍ମଚାରୀଙ୍କୁ ପଚରାଉଚରା କରାଯାଉଛି। ଚୁରୁ ଏସ୍ପି ରାଜେନ୍ଦ୍ର କୁମାର ଶର୍ମାଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। କ୍ରାଇମ୍ବ୍ରାଞ୍ଚର ଅପରାଧ ତଦନ୍ତ ବିଭାଗ (ସିଆଇଡି)କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି। କିନ୍ତୁ ହାଜତ ମୃତ୍ୟୁ ନେଇ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଜଣାପଡ଼ିଛି। ଗଣବଳାତ୍କାର ମାମଲାରେ ଏଫ୍ଆଇଆର୍ ହେବା ପରେ ପୋଲିସ ତତ୍ପରତା ଦେଖାଇ କାର୍ଯ୍ୟାନୁଷ୍ଠାନ ନେଇଛି ବୋଲି ରାଜସ୍ଥାନ ଆଇନମନ୍ତ୍ରୀ ଶାନ୍ତି ଧରିଓ୍ୱାଲ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଉଡ଼ ହୁଡ଼ିଲେ ଦିନେ,**
**ଚଷା ହୁଡ଼ିଲେ ବରଷେ,**
**ଗେରସ୍ତ ହୁଡ଼ିଲେ ପୁରୁଷେ ।**

ହେଳାରେ ଗାଈକୁ ଦୁହିଁ ନ ପାରିଲେ କ୍ଷୀର ପାଇଁ ଗଉଡ଼କୁ ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ। ଚାଷ କାର୍ଯ୍ୟରେ ହେଳା କରିଥିବା ଚାଷୀଟିକୁ ପୁନଶ୍ଚ ଚାଷକାର୍ଯ୍ୟ କରିବା ପାଇଁ ପୂରା ବର୍ଷଟିଏ ଅପେକ୍ଷା କରିବାକୁ ପଡ଼ିଥାଏ। ସେହିପରି ଘରର ମୁଖ୍ୟ ନିକମା ବା ଅଯୋଗ୍ୟ ହେଲେ ଘରର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇଯାଇଥାଏ। ଫଳସ୍ୱରୂପ ଘରର ଉନ୍ନତି ପାଇଁ ଉତ୍ତର ପିଢ଼ି ପର୍ଯ୍ୟନ୍ତ ଅପେକ୍ଷା କରିବା ଛଡ଼ା ଆଉ କିଛି ଚାରା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୁଣ ଚିହ୍ନେ ଗୁଣୀ;**
**ଗଞ୍ଜେଇ ଚିହ୍ନେ ମୁଣି ।**

ଗୁଣୀ ବ୍ୟକ୍ତି ଗୁଣର ମହତ୍ତ୍ୱକୁ ଠିକ୍ ଚିହ୍ନିଥାନ୍ତି। ସେହିପରି ଧୂଆଁପତ୍ର ସେବନକାରୀ ବା ସେଥିରେ ଅଭ୍ୟସ୍ତ ବ୍ୟକ୍ତି ଧୂଆଁପତ୍ର ରଖାଯାଉଥିବା ମୁଣି ସହ ବେଶ୍ ଭଲଭାବେ ପରିଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ନୂଆଦିଲ୍ଲୀର ଏକ ରାସ୍ତାକଡ଼ରେ ଜଣେ ବୁଲା ବିକାଳିଙ୍କ ଶିଶୁ ଦୋଳିରେ ଝୁଲୁଛି।

## [ଇତିହାସର ଆଇନାରେ] ଜୁଲାଇ ୧୭ର ପ୍ରମୁଖ ଘଟଣା

୧୯୮୪ ଜୁଲାଇ ୧୭ରେ ଆମେରିକାରେ ନ୍ୟାଶନାଲ ଡ୍ରିଙ୍କିଙ୍ଗ୍ ଏଜ୍ ୧୮ରୁ ୨୧କୁ ବୃଦ୍ଧି କରାଯାଇଥିଲା। ଦି ନ୍ୟାଶନାଲ ମିନିମମ୍ ଡ୍ରିଙ୍କିଙ୍ଗ୍ ଏଜ୍ ଆକ୍ଟ ଅଫ୍ ୧୯୮୪ ଆମେରିକା କଂଗ୍ରେସ ଦ୍ୱାରା ଗୃହୀତ ହୋଇଥିଲା।

୨୦୧୫ ଜୁଲାଇ ୧୭ରେ ଇରାକ୍ର ଦିୟାଲା ଗଭର୍ନୋରେଟ୍ରେ ଆତ୍ମଘାତୀ ବୋମା ବିସ୍ଫୋରଣ ଯୋଗୁ ୧୨୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧୩୦ ଆହତ ହୋଇଥିଲେ। ଏକ ଲୋକାଲ ମାର୍କେଟକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଥିଲା।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୪ | ୨୫.୬ |
| ଚାନ୍ଦବାଲି | ୩୭.୫ | ୨୭.୫ |
| କଟକ | ୩୬.୬ | ୨୪.୮ |
| ପାରାଦ୍ୱୀପ | ୩୫.୦ | ୨୭.୫ |
| ଭୁବନେଶ୍ୱର | ୩୬.୪ | ୨୬.୦ |
| ଗୋପାଳପୁର | ୩୧.୩ | ୨୬.୧ |
| ପୁରୀ | ୩୪.୬ | ୨୬.୫ |
| ଅନୁଗୋଳ | ୩୫.୭ | ୨୨.୬ |
| ବାରିପଦା | ୩୭.୦ | ୨୮.୦ |
| ଝାରସୁଗୁଡ଼ା | ୩୪.୮ | ୨୫.୨ |
| କେନ୍ଦୁଝର | ୩୪.୧ | ୨୫.୬ |
| ସମ୍ବଲପୁର | ୩୫.୮ | ୨୫.୯ |
| ସୁନ୍ଦରଗଡ଼ | ୩୨.୦ | ୨୧.୦ |
| ହୀରାକୁଦ | ୩୫.୪ | ୨୬.୩ |
| ତାଳଚେର | ୩୪.୭ | ୨୫.୪ |
| ଭବାନୀପାଟଣା | --- | ୨୪.୫ |
| ବଲାଙ୍ଗୀର | ୩୬.୩ | ୨୫.୫ |
| କୋରାପୁଟ | ୩୦.୦ | ୧୯.୬ |
| ଫୁଲବାଣୀ | ୩୪.୦ | ୨୩.୩ |
| ଟିଟିଲାଗଡ଼ | ୩୪.୦ | ୨୨.୫ |
| ମାଲକାନଗିରି | ୩୫.୨ | ୨୦.୨ |
| ସୋନପୁର | ୩୫.୮ | ୨୨.୦ |
| ଦାରିଙ୍ଗିବାଡ଼ି | --- | ୧୯.୫ |

ଡିଗ୍ରୀ ସେଲ୍ସିୟସ୍



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

# ପ୍ରେସ୍ ସ୍ୱାଧୀନତା ପ୍ରତି ବିପଦ ଅନୁଭବ କରନ୍ତି ୭୧% ଭାରତୀୟ

ନୂଆଦିଲ୍ଲୀ,୧୬।୭(ପି.ଟି.)

ଭାରତରେ ପ୍ରେସ୍ ସ୍ୱାଧୀନତା ପ୍ରତି ବିପଦ ରହୁଥିବା ୭୧ ପ୍ରତିଶତ ଲୋକ ଅନୁଭବ କରନ୍ତି। ଟେକ୍ନୋଲୋଜି ପ୍ଲାଟଫର୍ମ 'ନେଟା ଆପ୍' ଦ୍ୱାରା ଦେଶର ପ୍ରେସ୍ ସ୍ୱାଧୀନତା ଉପରେ ବିଭିନ୍ନ ରାଜ୍ୟର ଲୋକଙ୍କ ମତ ସଂଗ୍ରହ କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ ଦେଶର ୧୯ ରାଜ୍ୟର ୭୫,୦୦୦ରୁ ଊର୍ଦ୍ଧ୍ୱ ଲୋକ ଅଂଶଗ୍ରହଣ କରିଥିଲେ। ଏଥିରେ କୁହାଯାଇଛି, ଭାରତରେ ୭୧ ପ୍ରତିଶତ ଲୋକ ପ୍ରେସ୍ ସ୍ୱାଧୀନତା ପ୍ରତି ବିପଦ ଥିବା ଅନୁଭବ କରୁଥିବାବେଳେ ୨୬ ପ୍ରତିଶତ ପ୍ରେସ୍ ସ୍ୱାଧୀନତା ଅତ୍ୟନ୍ତ ଭଲ ବୋଲି କହିଛନ୍ତି। ଏଥିରେ ୩ ପ୍ରତିଶତ ଲୋକ କୌଣସି ମତାମତ ଦେଇ ନ ଥିଲେ।

ତେବେ ବିହାର, ଝାଡଖଣ୍ଡ ଓ ମଧ୍ୟପ୍ରଦେଶ ଭଳି ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ପ୍ରେସ୍ ସ୍ୱାଧୀନତା ପ୍ରତି ଅଧିକ ଧମକ ଥିବା ଅନୁଭବ କରାଯାଉଥିବାବେଳେ ତେଲେଙ୍ଗାନା, କେରଳ ଓ ତାମିଲନାଡୁ ଭଳି ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ଏହି ବିପଦ କମ୍ ଅନୁଭବ କରାଯାଏ ବୋଲି 'ନେଟା ଆପ୍' ପ୍ରତିଷ୍ଠାତା ପ୍ରଥମ୍ ମିତ୍ତଲ ପ୍ରକାଶ କରିଛନ୍ତି।

ଉକ୍ତ ସର୍ବେକ୍ଷଣ ଅନୁଯାୟୀ, ଝାଡଖଣ୍ଡର ୮୮.୮୯ ପ୍ରତିଶତ ଅଂଶଗ୍ରହଣକାରୀ ଦେଶରେ ପ୍ରେସ୍ ସ୍ୱାଧୀନତା ପ୍ରତି ବିପଦ ଥିବା ଅନୁଭବ କରୁଥିବାବେଳେ ତେଲେଙ୍ଗାନାର ୫୫ ପ୍ରତିଶତ ଲୋକ ଏହା ଅନୁଭବ କରୁଥିବା ପ୍ରକାଶ କରିଛନ୍ତି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

See Color Display Classified on every Tuesday & Friday

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

EDUCATION

R.C.M SCIENCE COLLEGE KHALLIKOTE
ADMISSION NOTICE IN M.Sc (CHEMISTRY) & M.A (ODIA) 2019-20
Applications are invited for admission into M.Sc (Chemistry) & M.A (Odia) in R.C.M Science College, Khallikote for the session 2019-20. Eligible candidates desirous of taking admission may visit the college website www.rcmscollegekhallikote.com. Details of Application form & Prospectus are available in the college website from 15.07.2019 may be downloaded for offline filling up of the Application form. The duly filled in Application form along with a Bank Draft of Rs. 500/- drawn in favour of Principal, R.C.M Science College, Khallikote in any Nationalized Bank payable at Khallikote be submitted in the college office between 11:00 AM and 02:00 PM on any working day. Last date for submission of application form for joining in M.Sc (Chemistry) & M.A (Odia): 29.07.2019 by 04:00 PM.
Sd./- Sri S.S. Padhi Principal

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

DHARITRI Career appointment Every Wednesday and Saturday


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସହାନୁଭୂତିପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ମାତୃବିହାର, ଖଣ୍ଡଗିରି, ସକାଳ ୮ଟା ୩୦ରୁ ରାତି ୯ଟା।
- ଦି ଇନଷ୍ଟିଚ୍ୟୁଟ ଅଫ କୋଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ ଇଣ୍ଡିଆ ପକ୍ଷରୁ ଯୁବ ସଶକ୍ତୀକରଣ ଓ ପ୍ରେରଣାଦାନ କାର୍ଯ୍ୟକ୍ରମ, ସିଏମଏ ଭବନ, ନୀଳକଣ୍ଠ ନଗର, ନୟାପଲ୍ଲୀ, ପୂର୍ବାହ୍ନ ୧୦ଟା ୩୦।
- କାଞ୍ଚନ ଫାଉଣ୍ଡେଶନ ପକ୍ଷରୁ ପ୍ରଥମ କାଞ୍ଚନ ସମ୍ମାନ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ନୃତ୍ୟ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟାରୁ ରାତି ୯ଟା।

**କଟକ**

- ୨୧ତମ କମନୱେଲଥ ଟେବୁଲ ଟେନିସ ଚାମ୍ପିୟନଶିପ ଉଦ୍‌ଘାଟନ, ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା ୩୦।
- ସିପିଆଇ(ଏମ୍) କଟକ ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ, ମ୍ୟୁନିସିପାଲିଟି ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।

**ବାଲିଅନ୍ତା**

- ଗୋପୀନାଥ ଦେବଙ୍କ ବାର୍ଷିକ ଉତ୍ସବରେ ଭାଗବତ ଗୀତାଯଜ୍ଞ, ପୂର୍ଣ୍ଣାହୁତି, ନହରକଣ୍ଟା, ଅପରାହ୍ନ ୫ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ତଡ଼ପ ଲାଗିହୋଇ ରହିଲେ ସାକ୍ଷୀଗୋପାଳ



**ସାକ୍ଷୀଗୋପାଳ, ୧୬।୭(ଡି.ଏନ୍.ଏ.):** ଚନ୍ଦ୍ର ଗ୍ରହଣ ପାଇଁ ସାକ୍ଷୀଗୋପାଳ ମନ୍ଦିରେ ମଙ୍ଗଳବାର ଦେବନୀତି ପାକତ୍ୟାଗ ପୂର୍ବରୁ ଶେଷ ହୋଇଛି। ଶୀଘ୍ର ଦେବନୀତି ଆରମ୍ଭ କରାଯାଇ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳଧୂପ, ବୀରକେଶରୀ ବଲ୍ଲଭ, ଦ୍ୱିପ୍ରହର ଧୂପ, ଗୋଧନ ବାହୁଡା ଭୋଗ, ସନ୍ଧ୍ୟାଧୂପ, ବଡସିଂହାର ଧୂପ ସମାପନ କରାଯାଥିଲା। ଅପରାହ୍ନ ସାଢ଼େ ୪ଟା ମଧରେ ଠାକୁରଙ୍କୁ ଗ୍ରହଣ ବେଶ ଓ ତଡ଼ପ ଲାଗି କରାଯାଇଥିଲା। ଗର୍ଭଗୃହକୁ ପ୍ରବେଶ ନିଷେଧ କରାଯାଇ କଳାହାଟ ଦ୍ୱାର ନିକଟରୁ ସାଧାରଣ ଦର୍ଶନ ପାଇଁ ମନ୍ଦିର ଉନ୍ମୁକ୍ତ ରଖାଯାଇଥିଲା। ଗ୍ରହଣ ସମୟରେ ଶ୍ରୀମନ୍ଦିର ଦେବନୀତି ଅନୁଯାୟୀ ଗ୍ରହଣ ଲାଗିବା ପରେ ଠାକୁରଙ୍କୁ ଗ୍ରହଣ ସ୍ନାନ, ଗ୍ରହଣ ଭୋଗ କରାଯିବା ପରେ ପୁଷ୍ପାଞ୍ଜଳୀ କରାଯାଇ ପହୁଡ ନୀତି ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି ବୋଲି ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର କହିଛନ୍ତି।

### ଆକର୍ଷିତ କରିପାରିଲାନି ବଡ଼ ବଡ଼ ଇଭେଣ୍ଟ

# ବିଦେଶୀ ପର୍ଯ୍ୟଟକ ଆଗମନ ହାର କମିଲା

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

- ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟା ବି କମିଛି
- ଦେଶକୁ ଆସିଥିବା ବିଦେଶୀ ପର୍ଯ୍ୟଟକଙ୍କ ମଧରୁ ୧ପ୍ରତିଶତ ବି ଓଡ଼ିଶା ଆସିନାହାନ୍ତି




ଭାରତ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ଏକ ବିଶେଷ ସ୍ଥାନ ରହିଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ବିସ୍ତୀର୍ଣ୍ଣ ବେଳାଭୂମି ଦେଶ ତଥା ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବିଗତ କେତେବର୍ଷ ଧରି ରାଜ୍ୟ ସରକାର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ବିଭିନ୍ନ ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏତେ ସବୁ ପରେ ବି ରାଜ୍ୟକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟାରେ ଆଖିଦୃଶିଆ ବୃଦ୍ଧି ଘଟୁନାହିଁ। ଯଦି ବର୍ଷକୁ ବର୍ଷ ବିଦେଶୀ ପର୍ଯ୍ୟଟକଙ୍କ ବୃଦ୍ଧି ହାର ଦେଖାଯାଏ, ତାହେଲେ ଏହା ଗତବର୍ଷ ଅପେକ୍ଷା ଚଳିତବର୍ଷ କମିଥିବା ଜଣାପଡ଼ିଛି। ରାଜ୍ୟ ପର୍ଯ୍ୟଟନ ବିଭାଗର ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ୨୦୧୬-୧୭ ବର୍ଷରେ ରାଜ୍ୟକୁ ଯେତିକି ବିଦେଶୀ ପର୍ଯ୍ୟଟକ ଆସିଥିଲେ, ୨୦୧୭-୧୮ରେ ସେଥିରେ ୩୨.୯୦ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ହେଲେ ୨୦୧୭-୧୮ ତୁଳନାରେ ୨୦୧୮-୧୯ରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟାରେ ମାତ୍ର ୧୦.୪୧ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଛି। ରାଜ୍ୟକୁ କ'ଣ ପାଇଁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କମୁଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବାକୁ ରାଜ୍ୟ ସରକାର ମାଳମାଳ କାର୍ଯ୍ୟକ୍ରମ କରୁଛନ୍ତି। ବିଶେଷକରି ୨୦୧୮-୧୯ ବର୍ଷରେ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ସର୍ବାଧିକ କାର୍ଯ୍ୟକ୍ରମ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ଇଭେଣ୍ଟର ଆୟୋଜନ କରାଯାଇଛି। ପୁରୁଷ ହକି ବିଶ୍ୱକପ୍, ଇଣ୍ଟରନ୍ୟାଶନାଲ ଟେନିସ୍ ମିଟ୍, ଏସିଆ ରଗ୍‌ବି ଚାମ୍ପିୟନଶିପ୍ ଭଳି ବିଶ୍ୱସ୍ତରୀୟ କ୍ରୀଡା ଇଭେଣ୍ଟ ଓଡ଼ିଶାକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ପାଇଁ ବାଟ ଖୋଲିଛି। ଏହାବ୍ୟତୀତ ରୋଡ୍ ଶୋ', ଫ୍ୟାମ୍ ଟ୍ରିପ୍, ଟ୍ରାଭେଲ ଓ ଟ୍ରେଡ୍ ବଜାର ଆଦିର ଆୟୋଜନ କରି କୋଟି କୋଟି ଟଙ୍କା ବ୍ୟୟ କରାଯାଇଛି। ସେହିଭଳି ବ୍ରାଣ୍ଡିଂ ଏବଂ ବିଜ୍ଞାପନରେ ମଧ ପ୍ରଚୁର ଅର୍ଥ ବ୍ୟୟ ହୋଇଛି। ହେଲେ ଏତେସବୁ ପରେ ବି ଫଳ ଶୂନ। ୨୦୧୮-୧୯ ବର୍ଷରେ ରାଜ୍ୟକୁ ମାତ୍ର ୧,୧୩,୭୨୧ ବିଦେଶୀ ପର୍ଯ୍ୟଟକ ଆସିଥିବା ଜଣାପଡ଼ିଛି। ଏହିବର୍ଷ ଭାରତ ଭ୍ରମଣରେ ଆସିଥିବା ବିଦେଶୀ ପର୍ଯ୍ୟଟକଙ୍କର ଏକ ପ୍ରତିଶତ ବି ଓଡ଼ିଶା ଆସିନାହାନ୍ତି। ଷ୍ଟାଣ୍ଡିଂ କମିଟି ରିପୋର୍ଟ ମୁତାବକ, ୨୦୧୪-୧୫ ବର୍ଷ ଓଡ଼ିଶାକୁ ୭୨,୨୧୫ ବିଦେଶୀ ପର୍ଯ୍ୟଟକ ଆସିଥିଲେ। ସେହିଭଳି ୨୦୧୫-୧୬ରେ ମାତ୍ର ୬୭,୩୬୪ ଏବଂ ୨୦୧୬-୧୭ରେ ୭୭, ୪୯୬ ବିଦେଶୀ ଓଡ଼ିଶା ବୁଲିବାକୁ ଆସିଥିଲେ। ଏହିବର୍ଷ ବିଦେଶୀଙ୍କ ଆଗମନରେ ୧୫.୦୪ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ତେବେ ୨୦୧୭୧-୧୮ ବର୍ଷ ରାଜ୍ୟକୁ ଲକ୍ଷାଧିକ ଅର୍ଥାତ୍ ୧,୦୨,୯୯୫ ପର୍ଯ୍ୟଟକ ଆସିଥିବା ବେଳେ ଏହିବର୍ଷ ସର୍ବାଧିକ ୩୨.୯୦ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏଥିପାଇଁ ଉଭୟ ରାଜ୍ୟ ସରକାର ଏବଂ ପର୍ଯ୍ୟଟନ ବିଭାଗ ବେଶ୍ ବାହାବା ନେଇଥିଲେ। ଏହାପରେ ୨୦୧୮-୧୯ ବର୍ଷରେ ଯେପରି ବିଦେଶୀ ପର୍ଯ୍ୟଟକ ଆଗମନରେ ଅହେତୁକ ବୃଦ୍ଧିହେବ ସେଥିପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇଥିଲା। ଏପରିକି ୨୦୨୦ ସୁଦ୍ଧା ୨.୫କୋଟି ପର୍ଯ୍ୟଟକଙ୍କୁ ଆଣିବା ପାଇଁ ଲକ୍ଷ୍ୟ ରଖିଥିଲା ପର୍ଯ୍ୟଟନ ବିଭାଗ। ହେଲେ ୨୦୧୮-୧୯ରେ ମାତ୍ର ୧,୧୩,୭୨୧ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସିଥିଲେ, ଯାହାକି ମାତ୍ର ୧୦.୪୧ ପ୍ରତିଶତ। ଅନ୍ୟପକ୍ଷରେ ଡୋମେଷ୍ଟିକ୍ ତଥା ଦେଶ ମଧରୁ ଆସିଥିବା ପର୍ଯ୍ୟଟକଙ୍କ ବୃଦ୍ଧି ଅନୁପାତରେ ମଧ ହ୍ରାସ ପାଇଛି। ୨୦୧୭-୧୮ରେ ଦେଶୀୟ ପର୍ଯ୍ୟଟକଙ୍କ ଆଗମନ ୮.୭୬ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ୨୦୧୮-୧୯ରେ ୮.୭୫ ପ୍ରତିଶତ ବୃଦ୍ଧି ଘଟିଛି। ସେହିଭଳି ମୋଟ ପର୍ଯ୍ୟଟକ ବୃଦ୍ଧି ଅନୁପାତ ମଧ ହ୍ରାସପାଇଛି। ଗତବର୍ଷ ପର୍ଯ୍ୟଟକ ଆଗମନରେ ୮.୯୦ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ୨୦୧୮-୧୯ରେ କିନ୍ତୁ ୮.୭୬ ପ୍ରତିଶତ ବୃଦ୍ଧି ଘଟିଛି। ୨୦୧୭-୧୮ରେ ଓଡ଼ିଶାକୁ ୧,୪୩,୬୪,୫୪୧ ପର୍ଯ୍ୟଟକ ଆସିଥିବା ବେଳେ ୨୦୧୮-୧୯ରେ ୧,୫୬,୨୩,୨୫୦ ପର୍ଯ୍ୟଟକ ଆସିଥିବା ଏହି ରିପୋର୍ଟରୁ ଜଣାପଡ଼ିଛି। ତେବେ ରାଜ୍ୟରେ ଥିବା ୩୫୭ ପର୍ଯ୍ୟଟନସ୍ଥଳୀରେ ବିପର୍ଯ୍ୟସ୍ତ ଭିତ୍ତିଭୂମି, ପର୍ଯ୍ୟଟକଙ୍କ ଲାଗି ମୌଳିକ ସୁବିଧା ସୁଯୋଗର ଅଭାବ, ପର୍ଯ୍ୟଟକଙ୍କ ସୁରକ୍ଷାକୁ ଅବହେଳା ଓ ଅନ୍ତର୍ଜାତୀୟ ବିମାନ ସେବା ନ ଥିବା ପର୍ଯ୍ୟଟକ ସଂଖ୍ୟା ହ୍ରାସର ପ୍ରମୁଖ କାରଣ ରହିଛି।



## ରଥରୁ ସାରଥିଙ୍କୁ ଓହ୍ଲାଗଲା

**ପୁରୀ ଅଫିସ, ୧୬।୭:** ନୀଳାଦ୍ରିବିଜେ ଅବସରରେ ସୋମବାର ଶ୍ରୀମନ୍ଦିର ରତ୍ନସିଂହାସନକୁ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ଏହାପରେ ଏବେ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ମଙ୍ଗଳବାର ତିନିରଥରୁ ସାରଥିଙ୍କୁ ଓହ୍ଲାଯାଇଥିବାବେଳେ ଘୋଡା, ସଖୀ, ପାର୍ଶ୍ୱ ଦେବଦେବୀ, ହଂସପଟା, କନ୍ୟାପଟା, ଚାରମାଳ ପ୍ରଭୃତି ଖୋଲାଯାଇଛି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ୭୭ଜଣ ଭୋଇସେବକ ଏଥିରେ ନିୟୋଜିତ ହୋଇଥିଲେ। ଭୋଇ ସର୍ଦ୍ଦାରଙ୍କ ସୂଚନା ମୁତାବକ, ତିନିରଥରୁ ସାରଥିଙ୍କୁ ଓହ୍ଲାଯାଇ ଦୋଳବେଦି କୋଣ ପରିସରରେ ରଖାଯାଇଛି। ସେହିପରି ପାର୍ଶ୍ୱ ଦେବଦେବୀ, ହଂସପଟା, କନ୍ୟାପଟା ପ୍ରଭୃତି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ଶ୍ରୀମନ୍ଦିର ପ୍ରଶାସନଠାରୁ ନିର୍ଦ୍ଦେଶ ପାଇବା ପରେ ରଥ ଭଙ୍ଗା କାମ ଆରମ୍ଭ ହେବ ବୋଲି ଭୋଇ ସର୍ଦ୍ଦାର କହିଛନ୍ତି।



ରାଜଭବନ ସମ୍ମୁଖରେ ଥିବା ବିପ୍ଳବୀ ଚକ୍ରଧର ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

## ମହାନ୍ ବିପ୍ଳବୀ ଥିଲେ ଚକ୍ରଧର ବେହେରା

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ବିପ୍ଳବୀ ଚକ୍ରଧର ବେହେରା କେବଳ ଜଣେ ମହାନ୍ ବିପ୍ଳବୀ ନ ଥିଲେ, ସେ ଜଣେ ପ୍ରଜାନେତା ଥିଲେ ବୋଲି ଏଠାରେ ମତପ୍ରକାଶ ପାଇଛି। କନିକାର ପ୍ରଜାନେତା, ପୂର୍ବତନ ବିଧାୟକ ତଥା ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ବକ୍ତାମାନେ ଏହା କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ପାଳନ ହୋଇଥିବା ଏହି ଜୟନ୍ତୀ ଉତ୍ସବ ସନ୍ଧ୍ୟାରେ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସକାଳେ ରାଜଭବନ ଛକ ନିକଟସ୍ଥ ଚକ୍ରଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସହ ବିଧାୟକ ପ୍ରଫୁଲ୍ଲ ସାମଲ, ବ୍ୟୋମକେଶ ରାୟ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସେହିଭଳି ସନ୍ଧ୍ୟାରେ ଅନୁଷ୍ଠିତ ସାଧାରଣ ସଭାରେ ମନ୍ତ୍ରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମହାନ୍ ବିପ୍ଳବୀଙ୍କ ଅବଦାନ ଓ ତାଙ୍କ ପ୍ରଜାବତ୍ସଳ ନୀତି ସମ୍ପର୍କରେ ଅବତାରଣା କରିଥିଲେ। ପ୍ରାରମ୍ଭିକ ସଭାପରେ ଗାୟକ ଆଶାମୁକୁଳ ବାରିକ ଓ ସାଥୀ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ ହରପ୍ରିୟା ସ୍ୱାଇଁ, ଜୟୀରାଜ ମିଶ୍ର, ଅର୍ପିତା ଦାଶ, କେଶବ ଚନ୍ଦ୍ର ମହାରଣା ଓ ନମ୍ରତା ରାଉତ ପ୍ରମୁଖଙ୍କ ଗୀତ ବେଶ୍ ଆକର୍ଷଣୀୟ ହୋଇଥିଲା।

### ପରିପୂର୍ଣ୍ଣା ନୃତ୍ୟ ଉତ୍ସବ 'ନାୟିକା- ୨୦୧୯'

# ଆଲୋକା କାନୁନ୍‌ଗୋଙ୍କୁ 'ପରିପୂର୍ଣ୍ଣା' ସମ୍ମାନ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ଗୁରୁ ଦେବପ୍ରସାଦ ଦାସ ଫାଉଣ୍ଡେଶନ ପକ୍ଷରୁ ତୃତୀୟ ପରିପୂର୍ଣ୍ଣା ନୃତ୍ୟ ଉତ୍ସବ 'ନାୟିକା-୨୦୧୯' ମଙ୍ଗଳବାର ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥିଭାବେ ଯୋଗଦେଇଥିବା ବେଳେ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡର ସଦସ୍ୟା ନମ୍ରତା ଚଢ଼ା, ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଜୟନ୍ତୀ ରଥ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ଆଲୋକା କାନୁନ୍‌ଗୋଙ୍କୁ 'ପରିପୂର୍ଣ୍ଣା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ସ୍ୱରୂପ ଅର୍ଥରାଶି, ମାନପତ୍ର, ଉପଢୌକନ ଏବଂ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭିକ ସଭାପରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ରୂପଶ୍ରୀ ମହାପାତ୍ର, ଗୁରୁ ମଞ୍ଜୁଶ୍ରୀ ପଣ୍ଡା, ଗୁରୁ ସୋନାଲି ମହାପାତ୍ର ପ୍ରମୁଖ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ବିରଞ୍ଚି ଦାସଙ୍କ ନୃତ୍ୟ ରଚନାରେ ପୁରାତନ କବି ଗୋପାଳକୃଷ୍ଣଙ୍କ ଓଡ଼ିଆ ଗୀତ 'ହେଟି ମା' କିଏ ଟି'ରେ ନୃତ୍ୟଶିଳ୍ପୀ ମୂର୍ଚ୍ଛନା ଦାସ ନୃତ୍ୟାଭିନୟ ପରିବେଷଣ କରିଥିଲେ। ଯାହାକି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ରହିଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଫାଉଣ୍ଡେଶନ୍‌ର ସଭାପତି ସନ୍ତୋଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ନୃତ୍ୟାଙ୍ଗନା ମଞ୍ଜୁଶ୍ରୀ ପଣ୍ଡା।




ଅତିଥିମାନେ ନୃତ୍ୟଶିଳ୍ପୀ ଆଲୋକା କାନୁନ୍‌ଗୋଙ୍କୁ ସମ୍ମାନିତ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସଞ୍ଜିତା



ଲିପୁନ୍



ରାହୁଲ



ବେଦମ୍ ପ୍ରକାଶ



ତପନ



ସଚିନ୍



ଅଖିଳେଶ



କ୍ରିଷ୍ଣା



ପ୍ରତ୍ୟେକ ମହତ୍ କାର୍ଯ୍ୟ ପ୍ରଥମେ ଅସମ୍ଭବ ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ସଂକ୍ଷେପରେ

### କ୍ୟାନ୍ସର ହସ୍ପିଟାଲ ପାଇଁ ଟାଟା ଟ୍ରଷ୍ଟକୁ ଜମି ଦିଆଯିବ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ):** ବାରଙ୍ଗଠାରେ ହେବାକୁ ଥିବା କ୍ୟାନସର ହସ୍ପିଟାଲ ପାଇଁ ଆବଶ୍ୟକ ପଡୁଥିବା ଜମି ଚଳିତମାସ ଶେଷସୁଦ୍ଧା ଟାଟା ଟ୍ରଷ୍ଟକୁ ହସ୍ତାନ୍ତର କରାଯିବ। କଟକ ଜିଲାପାଳଙ୍କ ସହିତ ଆଲୋଚନା ପରେ ହସ୍ପିଟାଲ ନିକଟକୁ ମାସକ ମଧ୍ୟରେ ରାସ୍ତା କାର୍ଯ୍ୟ ଆରମ୍ଭ ହେବ ବୋଲି ଓଡ଼ିଶା କ୍ୟାନ୍ସର କେୟାର ଫାଉଣ୍ଡେଶନ (ଓସିସିଏଫ୍)ର ଦ୍ୱିତୀୟ ପରିଚାଳନା ମଣ୍ଡଳୀ ବୈଠକରେ ନିଷ୍ପତ୍ତି ହୋଇଛି। ସେହିଭଳି ଭିମ୍ସାର, ଏମ୍କେସିଜି, କୋରାପୁଟ ଓ କେନ୍ଦୁଝର ମେଡିକାଲ କଲେଜରେ ରେଡିଓଥେରାପି, କେମୋଥେରାପି, କ୍ୟାନସର ଚିହ୍ନଟ ଓ ଚିକିତ୍ସାର ବିକାଶ କରାଯିବ। ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ରେଡିଓ ଥେରାପି ପାଇଁ ସ୍ୱତନ୍ତ୍ର ବ୍ଲକ ଓ ସମ୍ପ୍ରସାରଣ ପାଇଁ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ଯଥାଶୀଘ୍ର ପ୍ରସ୍ତୁତ କରାଯିବ। ଏପରିକି କ୍ୟାନସରକୁ ଏକ ନୋଟିଫିକେବୁଲ ରୋଗ ହିସାବରେ ବିବେଚନା ଲାଗି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ସଚିବାଳୟଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବିଭାଗର ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, କଟକ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଲଲାଟେନ୍ଦୁ ଷଡ଼ଙ୍ଗୀ, ଖ୍ୟାତନାମା କ୍ୟାନସର ବିଶେଷଜ୍ଞ ଡା. ଦିନେଶ ପଣ୍ଡରକର ଓ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ଧାରଣାରୁ ହଟିଲେ ଜଳ ଓ ପରିମଳ ମିଶନ କର୍ମଚାରୀ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ):** ଚାକିରିରୁ ଛଟେଇ ପ୍ରତିବାଦରେ ଲୋୟର ପିଏମଜିଠାରେ ଧାରଣା ଦେଇଥିବା ଜଳ ଓ ପରିମଳ ମିଶନ କର୍ମଚାରୀ ସଂଘ ମଙ୍ଗଳବାର ଧାରଣାକୁ ସ୍ଥଗିତ କରିଛନ୍ତି। ଗତ ୮ ତାରିଖରୁ ୯ ଦିନ ଧରି ଧାରଣାରେ ବସିବା ପରେ ସରକାର ସେମାନଙ୍କ କଥା ନ ଶୁଣିବାରୁ ସଂଘ ଧାରଣାରୁ ହଟିଯାଇଛି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆସନ୍ତା ୧୫ ତାରିଖ ସୁଦ୍ଧା ପୁନଃ ନିଯୁକ୍ତି ଦିଆ ନ ଗଲେ ସପରିବାର ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି।

## ପଟ୍ଟନାୟିକିଆ ଛକ ଟ୍ରିପଲ ମର୍ଡର ଘଟଣା

# ୬ ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

**ପୁରୀ ଅଫିସ/ ସାକ୍ଷୀଗୋପାଳ(ଡି.ଏନ.ଏ), ୧୬।୭**

ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ପଟ୍ଟନାୟିକିଆ ଛକରେ ରବିବାର ଅପରାହ୍ନ ପ୍ରାୟ ୪ଟାରେ ଘଟିଥିଲା ଟ୍ରିପଲ ମର୍ଡର। ନିକଟସ୍ଥ ସଦାନନ୍ଦପୁର ଗ୍ରାମର ଦୁଇ ଭାଇ ପୂର୍ଣ୍ଣ ବେହେରା (୪୫), କୃଷ୍ଣ ବେହେରା (୪୨) ଓ ସେମାନଙ୍କ ଦାଦା ପୁଅ ଭାଇ ପଞ୍ଚୁଆ ବେହେରା (୪୪)ଙ୍କୁ ଦୁର୍ବୃତ୍ତମାନେ ବିଚ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁବଳ ବେହେରା, ଭିକାରୀ ବେହେରା, ହରିହର ବେହେରା, ମନୁଆ ବେହେରା, ସହଦେବ ବେହେରା ଏବଂ ଶଙ୍କର ବେହେରା। ସଦାନନ୍ଦପୁରର ସୁବଳ ଘଟଣାର ମାଷ୍ଟରମାଇଣ୍ଡ ହୋଇଥିବାବେଳେ ଜମିବାଡ଼ି ଓ ବ୍ୟବସାୟକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିଲା ବୋଲି ମଙ୍ଗଳବାର ପୁରୀଠାରେ ଏକ ଖବରଦାତା ସମ୍ମିଳନୀରେ ଏସ୍ପି ଡା. ଉମାଶଙ୍କର ଦାଶ କହିଛନ୍ତି। ଏଥିରେ ବ୍ୟବହୃତ ମାରଣାସ୍ତ୍ର ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ୩ଜଣ ବାହାର ରାଜ୍ୟରେ ଧରାପଡ଼ିଛନ୍ତି। ଉକ୍ତ ଘଟଣାରେ ଆହୁରି ୭ରୁ ୮ଜଣ ସମ୍ପୃକ୍ତ ରହିଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଏଥିଲାଗି ଗୋଟିଏ ଟିମ୍ ବାହାର ରାଜ୍ୟରେ ଚଢାଉ ଜାରି ରଖିଛି। ଘଟଣାର ତଦନ୍ତ ଚାଲିଛି। ୨୦୧୮ରେ ପୂର୍ଣ୍ଣ ଓ କୃଷ୍ଣଙ୍କ ଭାଇ ତଥା ସଦାନନ୍ଦପୁର ପଞ୍ଚାୟତର ସରପଞ୍ଚ ଅଜୟ ବେହେରାଙ୍କ ମୃତଦେହ ସ୍ଥାନୀୟ ରେଳଲାଇନ ପାର୍ଶ୍ୱରୁ ମିଳିଥିଲା। ସେହି ଘଟଣା ସହ ଉପରୋକ୍ତ ଘଟଣାର ଲିଙ୍କ୍ ଥିବା ଅନୁମାନ କରାଯାଉଛି। ତେଣୁ ଅଜୟ ବେହେରା ମୃତ୍ୟୁ ଘଟଣାର ପୁନଃ ତଦନ୍ତ ଲାଗି ରେଲୱେ ପୋଲିସକୁ ଚିଠି ଲେଖାଯାଇଛି। ଷ୍ଟାଟସ୍ ରିପୋର୍ଟ ଦେବାକୁ ମଧ୍ୟ କୁହାଯାଇଛି ବୋଲି ଏସ୍ପି ଦାଶ ସୂଚନା ଦେଇଛନ୍ତି।



### ପୋଲିସର ଅପାରଗତା ଦାୟୀ

୨୦୧୮ରେ ବୀରରାମଚନ୍ଦ୍ରପୁର ପଞ୍ଚାୟତର ସରପଞ୍ଚ ଥିବା ଅଜୟ ବେହେରାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ସଦାନନ୍ଦପୁର ରେଳଧାରଣା କଡ଼ରୁ ପୋଲିସ ଜବତ କରିଥିଲା। ସେତେବେଳେ ପରିବାର ଲୋକେ ଏହାକୁ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ଦାବି କରିଥିଲେ ମଧ୍ୟ ପୋଲିସ ଗୁରୁତ୍ୱ ଦେଇ ନ ଥିଲା। କେବଳ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାକୁ ଚାପି ଦେଇଥିଲା। ମୃତ ଅଜୟଙ୍କ ସ୍ତ୍ରୀ ଦୀପା ବେହେରା କହିଛନ୍ତି, ତାଙ୍କ ସ୍ୱାମୀଙ୍କୁ ଷଡ଼ଯନ୍ତ୍ର କରି ମାରି ଦିଆଯାଇଥିଲା। ପୋଲିସ ସେତେବେଳେ ଏହାକୁ ଗୁରୁତ୍ୱ ଦେଇଥିଲେ, ହୁଏତ ଆଜି ସେଭଳି ଘଟଣାର ପୁନରାବୃତ୍ତି ଘଟି ନ ଥାନ୍ତା। ସେହି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ତେବେ ପୋଲିସର ଅପାରଗତା ଓ ଦୁର୍ବଳ ତଦନ୍ତ ଯୋଗୁ ଏବେ ପୁଣି ୩ଟି ଜୀବନ ଚାଲିଗଲା।

### ଜଙ୍ଗଲରେ ପ୍ରସ୍ତୁତ ହୋଇଥିଲା ବ୍ଲୁ ପ୍ରିଣ୍ଟ

କୁହାଯାଉଛି ଯେ, ଏହି ହତ୍ୟାକାଣ୍ଡ ପୂର୍ବରୁ ନିକଟସ୍ଥ ଜଙ୍ଗଲରେ ପ୍ରସ୍ତୁତ ହୋଇଥିଲା ବ୍ଲୁ ପ୍ରିଣ୍ଟ। ମାଷ୍ଟରମାଇଣ୍ଡ ଥିଲେ ସୁବଳ। କିପରି, କେଉଁଠି ଓ କେଉଁ ସମୟରେ ଆକ୍ରମଣ କରାଯିବ, କିଏ କିଏ ଆକ୍ରମଣ କରିବେ ଆଦି ବିଷୟରେ ସେ ଯୋଜନା ପ୍ରସ୍ତୁତ କରିଥିଲେ।

### ହତ୍ୟାକାଣ୍ଡ ପୂର୍ବରୁ ହୋଇଥିଲା ଟ୍ରାଏଲ

ହତ୍ୟାକାଣ୍ଡ ଯେପରି ସଫଳ ହେବ ସେଥିଲାଗି ପୂର୍ବରୁ ଏକ ଟ୍ରାଏଲ କରାଯାଇଥିଲା। ୪ରୁ ୫ଜଣ ଆକ୍ରମଣ କରିବେ, ଅନ୍ୟମାନେ ରାସ୍ତାର ଉଭୟ ପାର୍ଶ୍ୱରେ ସଜାଗ ରହିବେ। ହତ୍ୟା ପରେ ସେମାନେ ଗାଡ଼ି ଧରି କିପରି ଫେରାର ହୋଇଯିବେ ଆଦି ସମ୍ପର୍କରେ ସୁବଳ ଟ୍ରେନିଂ ଦେଇଥିଲେ ବୋଲି କୁହାଯାଉଛି।

- ଅଜୟ ମୃତ୍ୟୁ ଘଟଣା ସହ ଲିଙ୍କ୍ ଥିବା ସନ୍ଦେହ
- ପୁନଃ ତଦନ୍ତ ଲାଗି ରେଲୱେ ପୋଲିସକୁ ଚିଠି

### ୩ ମାସ ପୂର୍ବରୁ ହୋଇଥିଲା ଷଡ଼ଯନ୍ତ୍ର

ମୃତ ପୂର୍ଣ୍ଣଙ୍କ ସ୍ତ୍ରୀ ଲିପିକା କହିଛନ୍ତି, ଗତ ମେ' ମାସରେ ସାତଶଙ୍ଖ ମେଳଣ ଯାତ୍ରା ପଡ଼ିଆରେ କୌଣସି କାରଣରୁ ମୋ' ଦିଅର ବିଜୟଙ୍କ ସହ ଅପରଗୋଷ୍ଠୀର ଡୁଙ୍ଗଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଡୁଙ୍ଗ ଉତ୍କ୍ଷିପ୍ତ ହୋଇ ବିଜୟଙ୍କୁ ଆକ୍ରମଣ କରିବାବେଳେ ସେ ବିରୋଧ କରିଥିଲେ। ଏଥିଯୋଗୁ ତାଙ୍କୁ ଡୁଙ୍ଗ ଗାଳିଗୁଲଜ କରିଥିଲେ। ଏହି ଘଟଣାରେ ଡୁଙ୍ଗ ଗିରଫ ହୋଇ ହାଇକୋର୍ଟରୁ ଜାମିନ ଆଣିବା ପରେ ହିଂସ୍ର ପରାୟଣ ହୋଇପଡ଼ିଥିଲେ। ଅଜୟଙ୍କୁ ସବୁଦିନ ଲାଗି ରାସ୍ତାରୁ ହଟାଇବାକୁ ଷଡ଼ଯନ୍ତ୍ର ରଚିଥିଲେ।

### ୩ ଦିନ ପୂର୍ବରୁ ରଖିଥିଲେ ନଜର

ହତ୍ୟାକାଣ୍ଡର ୩ଦିନ ପୂର୍ବରୁ ଦୁର୍ବୃତ୍ତମାନେ ପୂର୍ଣ୍ଣ, କୃଷ୍ଣ ଓ ସେମାନଙ୍କ ଦାଦା ପୁଅ ଭାଇ ପଞ୍ଚୁଆଙ୍କ ଉପରେ ସବୁବେଳେ ନଜର ରଖୁଥିଲେ। ଘଟଣା ଦିନ ଅପରାହ୍ନରେ ପଟ୍ଟନାୟିକିଆ ଛକ ଶୂନଶାନ ଥିଲା। ରାସ୍ତାର ଉଭୟ ପାର୍ଶ୍ୱ ମଧ୍ୟ ଫାଙ୍କା ଥିଲା। ସୁବଳଙ୍କ ଯୋଜନା ଅନୁଯାୟୀ, ସେଠାରେ ୬ଜଣ ଯୁବକ ପହଞ୍ଚିଥିଲେ। କଟୁରି, ଫାର୍ସା, ଭୁଜାଲି, ଚାପଡ଼ ଓ ଖଣ୍ଡା ଧରି ହଠାତ୍ ପୂର୍ଣ୍ଣ, କୃଷ୍ଣ ଓ ପଞ୍ଚୁଆଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ସେମାନେ ଖସି ଯିବାକୁ ବାଟ ପାଇ ନ ଥିଲେ। ହତ୍ୟାକାରୀମାନେ ଫିଲ୍ମ ଷ୍ଟାଇଲରେ ୩ ଭାଇଙ୍କୁ ଗୋଡ଼ାଇ ଗୋଡ଼ାଇ ଅତି ନିଷ୍ଠୁର ଭାବେ ଚୋଟ ପରେ ଚୋଟ ମାରିଥିଲେ।

### ହତ୍ୟା ଧମକ ଦେଉଛନ୍ତି ଅଭିଯୁକ୍ତ

ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ବର୍ତ୍ତମାନ ସୁଦ୍ଧା ଗିରଫ କରାଯାଇନାହିଁ ବୋଲି ଲିପିକା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସୁବଳଙ୍କ ଇଙ୍ଗିତରେ ମିଟୁ ଓରଫ ଏକା, ନିରଞ୍ଜନ, ଟିକି ପୁନିଆ ଓରଫ ଜୋକର ଚରଣ, ରବି ବେହେରା ପ୍ରମୁଖ ଘଟଣାସ୍ଥଳରେ ପୂର୍ଣ୍ଣ, କୃଷ୍ଣ ଓ ପଞ୍ଚୁଆଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ମୁଖ୍ୟ ହତ୍ୟାକାରୀ ଏବେ ସୁଦ୍ଧା ବାହାରେ ବୁଲୁଛନ୍ତି। ସେ ଆମ ପରିବାରକୁ ଧମକଚମକ ଦେଉଛନ୍ତି। ପୋଲିସକୁ ଜଣାଇଲେ ଅଥବା ଗଣମାଧ୍ୟମକୁ କୌଣସି ଖବର ଦେଲେ ଆମ ପରିବାରର ସମସ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଉଛନ୍ତି। ଫଳରେ ଆମେ ସମସ୍ତେ ଏବେ ଭୟଭୀତ ଅବସ୍ଥାରେ ରହିଛୁ। କେତେବେଳେ କ'ଣ ଘଟିବ କିଛି କହି ହେଉନି ବୋଲି ସେ ପ୍ରକାଶ କରିଛନ୍ତି।

### ସୁବଳ ଗ୍ରାମକୁ ଫେରିବା ପରେ ବଢିଥିଲା ଅଶାନ୍ତି

ସଦାନନ୍ଦପୁର ଗ୍ରାମର ଜଣେ ବରିଷ୍ଠ ନାଗରିକ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଘଟଣାର ମୁଖ୍ୟ ହେଉଛନ୍ତି ସୁବଳ ବେହେରା। ସେ ଗତ କିଛିବର୍ଷ ହେଲା ଭୁବନେଶ୍ୱରରେ ରହି ଗ୍ରାମକୁ ଫେରିବା ପରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଗ୍ରାମର ବେକାର ଯୁବକମାନଙ୍କୁ ନେଇ ଏକ ଗ୍ୟାଙ୍ଗ ଗଢିଥିଲେ। ଗ୍ରାମର ସବୁ କାର୍ଯ୍ୟରେ ସେ ବାଧା ସୃଷ୍ଟି କରୁଥିଲେ। କେହି ବାଧା ଦେଲେ ତାଙ୍କୁ ଆକ୍ରମଣ, ହତ୍ୟା ଧମକ ଦେଉଥିଲେ। ଏହି ହତ୍ୟାକାଣ୍ଡ ନେଇ ସେ ଷଡ଼ଯନ୍ତ୍ର କରିଥିବା ଚର୍ଚ୍ଚା ହେଉଛି। ତେବେ ଭୟରେ କେହି ମୁହଁ ଖୋଲିବାକୁ ନାରାଜ।

### ୩ ଜଣଙ୍କୁ କଳିଙ୍ଗ ସାହିତ୍ୟ ପୁରସ୍କାର

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ଖ୍ୟାତନାମା ଲେଖକ ପବନ କୁମାର ବର୍ମା, ରାଜେନ୍ଦ୍ର କିଶୋର ପଣ୍ଡା ଓ ପାରୋ ଆନନ୍ଦଙ୍କୁ ଚଳିତବର୍ଷ କଳିଙ୍ଗ ସାହିତ୍ୟ ପୁରସ୍କାର ପ୍ରଦାନ କରାଯିବ। ସେହିଭଳି ଯୁବ ଲେଖକ କେଦାର ମିଶ୍ରଙ୍କୁ କଳିଙ୍ଗ ସାହିତ୍ୟ ଯୁବ ପୁରସ୍କାର ୨୦୧୯ ପ୍ରଦାନ କରାଯିବ। ରାଜେନ୍ଦ୍ର କିଶୋର ପଣ୍ଡା ଚଳିତବର୍ଷ ପାଇଁ କଳିଙ୍ଗ ସାହିତ୍ୟ ପୁରସ୍କାର ପାଇବେ। ସେହିଭଳି ପବନ କୁମାର ବର୍ମା କଳିଙ୍ଗ ଅନ୍ତର୍ଜାତୀୟ ସାହିତ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ପାରୋ ଆନନ୍ଦ ୨୦୧୯ ମସିହା ଲାଗି କଳିଙ୍ଗ କାରୁବାକୀ ପୁରସ୍କାର ପାଇବେ ବୋଲି କଳିଙ୍ଗ ସାହିତ୍ୟ ମହୋତ୍ସବର ନିର୍ଦ୍ଦେଶକ ରଶ୍ମି ରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି। ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ଅବଦାନ ନିମନ୍ତେ କଳିଙ୍ଗ ସାହିତ୍ୟ ମହୋତ୍ସବ(କେଏଲ୍ଏଫ୍) ପକ୍ଷରୁ ବାର୍ଷିକ ପୁରସ୍କାର ପ୍ରଦାନ କରାଯାଇଥାଏ।

### ଗର୍ତ୍ତରେ ଖସି ପଡ଼ିଲା ବସ୍, ୧୦ ଯାତ୍ରୀ ଆହତ



**ନରସିଂହପୁର, ୧୬।୭(ସ୍ୱ.ପ୍ର.)**

କଟକ ଜିଲା କାନପୁର ଥାନା ଅନ୍ତର୍ଗତ ରକ୍ଷିପଡ଼ା ରାସ୍ତାରେ ମଙ୍ଗଳବାର (ଦଳବେହେରା) ନାମକ ଏକ ଘରୋଇ ବସ୍ ଭାରସାମ୍ୟ ହରାଇ ସ୍ଥାନୀୟ ଦୁର୍ଗାମଣ୍ଡପ ନିକଟ ଏକ ଗର୍ତ୍ତରେ ଖସିପଡ଼ିଛି। ଫଳରେ ଏଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୧୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କୁ କାନପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ଛାଡ଼ିଦିଆଯାଇଛି। ବସ୍‌ଟି ନୟାଗଡ଼ରୁ ବାଲିଝରୀ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋକୁ ସାଇଡ୍ ଦେବାକୁ ଯାଇ ଏଭଳି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା କୁହାଯାଉଛି। ଖବର ପାଇ କାନପୁର ଥାନା ଅଧିକାରୀ ସସ୍ମିତା ରଣା ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଆହତମାନଙ୍କ ପରିଚୟ ମିଳି ପାରିନାହିଁ।

### ଶର୍ଟସର୍କିଟରୁ ଦୋକାନରେ ଅଗ୍ନିକାଣ୍ଡ

**କଟକରୋଡ, ୧୬।୭(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଅଧୀନ କଳ୍ପନା ଛକ ନିକଟରେ ମଙ୍ଗଳବାର ରାତିରେ ଏକ ଦୋକାନରେ ଅଗ୍ନିକାଣ୍ଡ ଘଟିଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ୯ଟା ୩୦ରେ ଏକ ହୋଟେଲ ନିକଟରେ ଥିବା ଏକ ବ୍ୟାନର ଓ ହୋର୍ଡିଙ୍ଗ ଲେଖାଯାଉଥିବା ଦୋକାନରେ ହଠାତ ନିଆଁ ଲାଗିଯାଇଥିଲା। ଖବରପାଇ କଳ୍ପନା ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ତେବେ ଏହି ଅଗ୍ନିକାଣ୍ଡରେ ବିଶେଷ କୌଣସି କ୍ଷତି ହୋଇ ନଥିବା ବେଳେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗିଥିବା ଅଗ୍ନିଶମ କର୍ମଚାରୀ ପକ୍ଷରୁ କୁହାଯାଇଛି।




ତ୍ରିଧାରା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଅନୁଷ୍ଠିତ ୩୩ତମ ଗୁରୁ ଦେବପ୍ରସାଦ ଦାସଙ୍କ ଶ୍ରଦ୍ଧାଞ୍ଜଳି ସମାରୋହରେ କଳାକାରଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ।

## କାର୍‌ରୁ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର, ଗୁଳିଭରା ପିସ୍ତଲ ଜବତ: ୩ ଗିରଫ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଏକ ଆନ୍ତଃରାଜ୍ୟ ଚୋରା ବ୍ରାଉନସୁଗାର ର୍‍ୟାକେଟକୁ ଧରିଛି। ର୍‍ୟାକେଟରେ ସମ୍ପୃକ୍ତ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନେ ବ୍ୟବହାର କରୁଥିବା କାରରୁ ୧୩୦ ଗ୍ରାମର ବ୍ରାଉନସୁଗାର, ପିସ୍ତଲ ଓ ଦୁଇ ରାଉଣ୍ଡ ଗୁଳି ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ସେକ୍ ଆଜବାହାର, ପଶ୍ଚିମବଙ୍ଗ ମେଦିନାପୁର ଜିଲା ମହେଶପୁର ଥାନା ଅଞ୍ଚଳର ସେକ୍ ଆଜାଦ ଓରଫ ନାଲୁ ଏବଂ ପୁରୀ ଜିଲା ଚନ୍ଦନପୁର ଥାନା ଅଞ୍ଚଳର ରମାକାନ୍ତ ସାହୁ ଓରଫ ଗୁଲୁ। ସୂଚନା ମୁତାବକ, ଚୋରା ବ୍ରାଉନସୁଗାର କାରବାର ନେଇ ଏସଟିଏଫ୍‌କୁ ସୋମବାର ଖବର ମିଳିଥିଲା। ର୍‍ୟାକେଟକୁ ଧରିବା ପାଇଁ ଏସଟିଏଫ୍ ଅଧିକାରୀ ଆଲୋକ କୁମାର ଜେନାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ସଜାଗ ରହିଥିଲା। ଖୋର୍ଦ୍ଧା ପିତାପଲ୍ଲୀ ପୁରୁଣା ଟୋଲ୍‌ପ୍ଲାଜା ନିକଟରେ ସନ୍ଦେହଜନକ ଅବସ୍ଥାରେ ଯାଉଥିବା ବେଳେ ଓଡି୦୨ ଏଏ୭୧୨ ନମ୍ବର ବିଶିଷ୍ଟ କାରକୁ ଏସଟିଏଫ ଟିମ୍ ଅଟକାଇବା ସହ ସଦସ୍ୟମାନେ ଚାରିପଟୁ ଘେରି ଯାଇଥିଲେ। ସେଥିରେ ଥିବା ୩ଜଣଙ୍କୁ ଯାଞ୍ଚ କରାଯାଇଥିଲା। ଆଜବାହାରଙ୍କ ନିକଟରୁ ୫୦ ଗ୍ରାମ, ନାଲୁ ନିକଟରୁ ୩୦ ଗ୍ରାମ ଏବଂ ଗୁଲୁ ନିକଟରୁ ୨୦ ଗ୍ରାମ ବ୍ରାଉନସୁଗାର ମିଳିଥିଲା। କାର୍‌କୁ ଯାଞ୍ଚ କରିବା ପରେ ଲୁଚାଇ ରଖାଯାଇଥିବା ବନ୍ଧୁକ ଓ ଗୁଳିକୁ ଜବତ କରାଯାଇଥିଲା। ଏ ନେଇ ଏସ୍‌ଟିଏଫ ୧୨/୧୯ରେ ଏକ ମାମଲା ରୁଜୁ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ପରେ କୋର୍ଟ ଚାଲାଣ କରିଛି। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଲୁଟ୍ ଓ ଚୋରି ଗ୍ୟାଙ୍ଗ୍ ଠାବ

# ୪ ଗିରଫ, ବାହାରିଲା ବନ୍ଧୁକ, ଗୁଳି

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ରାଜଧାନୀରେ ସକ୍ରିୟ ଥିବା ଏକ ଅପରାଧୀ ଗ୍ୟାଙ୍ଗ୍‌କୁ କମିଶନରେଟ ପୋଲିସ ଠାବ କରିଛି। ଖଣ୍ଡଗିରି ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମଙ୍ଗଳବାର ଗ୍ୟାଙ୍ଗ୍‌ର ୩ଜଣଙ୍କ ସମେତ ମୋଟ ୪ଜଣଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ୩ ରାଉଣ୍ଡ ଗୁଳି ସହ ଗୋଟିଏ ପିସ୍ତଲ ମିଳିଛି। ସେହିଭଳି ଦୁଇଟି ଲୁଟ୍ କାର, ୪ଟି ବାଇକ୍, ଦେଢଶହ ଗ୍ରାମର ଚୋରି ସୁନା ଅଳଙ୍କାର, ୫ ଏଲ୍‌ସିଡି ଟିଭି, ଲାପ୍‌ଟପ ଏବଂ ସାଉଣ୍ଡ ସିଷ୍ଟମ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଶହୀଦନଗର ଆଖଣ୍ଡଳମଣି ବସ୍ତିରେ ରହୁଥିବା ବାଲେଶ୍ୱର ସଦରଥାନା ବର୍ଦ୍ଧନପୁର ସହଜନଗର ଗ୍ରାମର ଗଣେଶ ପୂର୍ତ୍ତି, ଝରଣାବସ୍ତିରେ ରହୁଥିବା ପୁରୀ ଡେଲାଙ୍ଗ ଘୋରଡିଆ ମୁସଲିମ ସାହିର ସେକ୍ ସଦ୍ଦାମ ହୁସେନ, ବାଲିଅନ୍ତା ଭିଙ୍ଗାରପୁର ଶାସନର ବଳରାମ ନାୟକ ଓ ସାଲିଆସାହି ମଇଳା ଟାଙ୍କୀ ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ବୋଲଗଡ ସିଆଳିଆ ନୂଆସାହିର ପ୍ରଦୀପ କୁମାର ସାହୁ। ଖଣ୍ଡଗିରି, ତମାଣ୍ଡୋ, ଏୟାରଫିଲ୍ଡ, ସାଲିଆ ସାହି ଅଞ୍ଚଳରେ ଚଢାଉ କରାଯାଇ ଏମାନଙ୍କୁ ପୋଲିସ ଗିରଫ କରିଥିଲା। ୩ଜଣଙ୍କ ନାମରେ ଚୋରି, ଲୁଟ୍ ଆଦି ବହୁ ଆପରାଧିକ ମାମଲା ରହିଛି। ପୋଲିସ ପ୍ରଥମେ ସେକ୍ ସଦ୍ଦାମକୁ ଧରି ପଚରାଉଚରା ପରେ ତାଙ୍କ ବୟାନ ଆଧାରରେ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିବା ଡିସିପି ଅନୁପ କୁମାର ସାହୁ କହିଛନ୍ତି। ସୂଚନା ମୁତାବକ, ଖଣ୍ଡଗିରି ଏବଂ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଚାଳକଙ୍କୁ ମାଡ଼ମାରି କାର ଲୁଟ୍ ଘଟଣା ବଢ଼ିବା ପରେ ପୋଲିସର ଚିନ୍ତା ବଢ଼ିଯାଇଥିଲା। ସମ୍ପୃକ୍ତ ଅଭିଯୁକ୍ତଙ୍କ ଠାବ ପାଇଁ ପୋଲିସ ଜୋର୍‌ଦାର ଉଦ୍ୟମ ଚଳାଇଥିଲା। ତେବେ ଜବତ ଦୁଇ କାର୍ ଉପରୋକ୍ତ ଦୁଇ ଥାନାଞ୍ଚଳରୁ ଲୁଟ୍ ହୋଇଥିଲା। ସେହିଭଳି ଜବତ ହୋଇଥିବା ସୁନା ଗହଣା ଖଣ୍ଡଗିରି ଏବଂ ଏୟାରପୋର୍ଟ ଥାନାଞ୍ଚଳରୁ ଚୋରି ହୋଇଥିଲା। ଏଥିସହ ୪ଟି ବାଇକ ରାଜଧାନୀର ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଜବତ କରିଥିବା ଲାପ୍‌ଟପ, ସୁନା ଅଳଙ୍କାର, ଏଲ୍‌ସିଡି ଟିଭି ଏବଂ ବାଇକ ଚୋରିକୁ ସମ୍ପୃକ୍ତ ଲୋକଙ୍କୁ ହସ୍ତାନ୍ତର କରାଯିବ। ଡିସିପି ସାହୁ କହିଛନ୍ତି ଯେ, ଗଣେଶ ଜଣେ ଅଭ୍ୟାସଗତ ଅପରାଧୀ। ଚୋରି ଲୁଟ ଓ ଡକାୟତି ପରି ସଙ୍ଗିନ ମାମଲାରେ ସମ୍ପୃକ୍ତ ଥାଇ ପୂର୍ବରୁ ୨ ଥର ଜେଲ ଯାଇଛନ୍ତି। କମିଶନରେଟ ପୋଲିସ ଅଞ୍ଚଳର ବିଭିନ୍ନ ଥାନାରେ ତାଙ୍କ ନାମରେ ୭ ସଙ୍ଗିନ ମାମଲା ରହିଛି। ସେହିପରି ସେକ୍ ସଦ୍ଦାମ ଓ ବଳରାମ ନାୟକଙ୍କ ନାମରେ ମଧ୍ୟ କମିଶନରେଟ ପୋଲିସରେ ମାମଲା ରହିଛି। ତେବେ ପ୍ରଦୀପ ଏମାନଙ୍କଠାରୁ ଚୋରି ଏଲ୍‌ସିଡି ଟିଭି କିଣି ଗିରଫ ହୋଇଥିବା ସେ ସୂଚନା ଦେଇଛନ୍ତି।



- ୫ଲକ୍ଷ ଟଙ୍କାର ଅଳଙ୍କାର, ୨ ଲୁଟ୍ କାର୍, ବାଇକ୍ ଜବତ
- ୩ଜଣଙ୍କ ନାଁରେ ରହିଛି ଏକାଧିକ ମାମଲା

## ଫଟୋରେ ଖବର



ମାସକୁ ୨୦ହଜାର ଟଙ୍କା ଦରମା ଓ ଅନ୍ୟ କେତେକ ଦାବି ନେଇ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ମଙ୍ଗଳବାର ଅନୁଷ୍ଠିତ ବିଶାଳ ବିକ୍ଷୋଭ ଶୋଭାଯାତ୍ରା।




ସ୍ଥାୟୀ ନିଯୁକ୍ତି, ସର୍ବନିମ୍ନ ମଜୁରି, ସାମାଜିକ ସୁରକ୍ଷା ଆଦି କେତେକ ଦାବି ନେଇ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଓଡ଼ିଶା କୃଷକ ସାଥୀ ସଂଘ ପକ୍ଷରୁ ଦିଆଯାଇଥିବା ଧାରଣା।



ପାପକୁ ସ୍ୱୀକାର କରିବା ମାତ୍ରେ ହିଁ ଲୋକ ମୁକ୍ତି ପଥରେ ଚାଲିବା ପାଇଁ ବଳ ପାଇଥାଏ।
- ମାର୍ଟିନ ଲୁଥର

## ସଂକ୍ଷେପରେ

### ନାବାଳିକାଙ୍କୁ ଗଣବଳାତ୍କାର, ହତ୍ୟା ମାମଲା
### ସାକ୍ଷୀ ଦେଲେ ପୀଡ଼ିତାଙ୍କ ବାପା

**କଟକ ଅଫିସ,୧୬।୭:** ୨୦୧୮ ଫେବୃୟାରୀ ୧୧ ତାରିଖରେ ନିଆଳି ଗୋବିନ୍ଦପୁର ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରାଯାଇ ପରେ ଗଣବଳାତ୍କାର ଓ ହତ୍ୟା କରାଯାଇଥିଲା। ଉକ୍ତ ମାମଲାରେ ମୃତା ପୀଡ଼ିତାଙ୍କ ବାପା ମଙ୍ଗଳବାର ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତରେ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ସୂଚନାଥାଉକି, ନାବାଳିକାଜଣକ ରାତିରେ ପରିସ୍ରା ଲାଗି ବାହାରକୁ ଉଠିଥିବାବେଳେ ତାଙ୍କୁ କେତେକ ଯୁବକ ଜୋରଜବରଦସ୍ତ ଉଠାଇ ନେଇଥିଲେ। ପରେ ନାବାଳିକାଙ୍କୁ ସେମାନେ ଭୁବନେଶ୍ୱରର ଏକ ଘରେ ରଖି ଦୀର୍ଘ ୧ ମାସ ଧରି ଗଣବଳାତ୍କାର କରିବା ପରେ ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ୪ କେଜି ଗଞ୍ଜେଇ, ବାଇକ୍ ଜବତ: ୨ ଗିରଫ

**କଟକ ଅଫିସ୍, ୧୬।୭:** ଗଞ୍ଜେଇ ନେଇ ଯାଉଥିବା ବେଳେ ଚଢ଼ାଉ କରି ସିଡିଏ ଫେଜ୍-୨ ଥାନା ପୋଲିସ ମଙ୍ଗଳବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତିଗିରିଆ ଥାନା ଅନ୍ତର୍ଗତ କଲିବିରି ଅଞ୍ଚଳର ପ୍ରଦୀପ ବାରିକ୍, ଆଠଗଡ ଥାନା ଅଞ୍ଚଳର ନିର୍ମଳ ପଣ୍ଡା। ଏମାନଙ୍କଠାରୁ ୪ କେଜି ୨୫୦ଗ୍ରାମ୍ ଗଞ୍ଜେଇ, ଏକ ବାଇକ୍ (ଓଡି୦୫ଏଡି୦୨୬୬) ଜବତ ହୋଇଛି। ଏ ନେଇ ଥାନାରେ। ଏକ ମାଲା (ନଂ. ୪୩/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ସୋମବାର ଅଭିଯୁକ୍ତଦ୍ୱୟ ବାଇକ୍‌ରେ ଆଠଗଡରୁ ସିଡିଏ ଅଞ୍ଚଳକୁ ଗଞ୍ଜେଇ ନେଇ ଆସୁଥିଲେ। ଏ ସମ୍ପର୍କରେ ସୂଚନା ପାଇ ପୋଲିସ ସେମାନଙ୍କ ପିଛା କରିବା ସହ ନରାଜ ଆଇବି ନିକଟରେ ସେମାନଙ୍କୁ ଧରିଥିଲା।

### ୩ କେଜି ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**କଟକ ଅଫିସ,୧୬।୭:** ବେଆଇନ ଗଞ୍ଜେଇ ବେପାର କରୁଥିବା ଅଭିଯୋଗରେ ବାଦାମବାଡି ପୋଲିସ ମଙ୍ଗଳବାର ପୁରୀଘାଟ ଥାନା ଅନ୍ତର୍ଗତ ହରିପୁର ଅଞ୍ଚଳର ସୁରଜ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ତାଙ୍କ ଠାରୁ ୩ କେଜି ୨୦୦ଗ୍ରାମ୍ ଗଞ୍ଜେଇ ଜବତ କରଛି। ଏନେଇ ଥାନାରେ ଏକ ମାମଲା(ନଂ.୧୫୪/୧୯) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ବାଦାମବାଡି ବସଷ୍ଟାଣ୍ଡ ପାଖ ଏକ ଦୋକାନରେ ଗଞ୍ଜେଇ ବିକୁଥିବା ନେଇ ପୋଲିସ ସୂଚନା ପାଇଁ ଚଢାଉ କରିଥିଲା। ଯାଞ୍ଚ ସମୟରେ ଦୋକାନରୁ ଏହି ଗଞ୍ଜେଇ ବାହାରିଥିଲା।

### ମାନସିକ ନିର୍ଯାତନା ଦେଇ ଦମ୍ପତି ଗିରଫ

**କଟକ ଅଫିସ୍,୧୬।୭:** ଲାଲ୍‌ବାଗ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ମଙ୍ଗଳବାର ଏକ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବକ୍ସିବଜାର ଅଞ୍ଚଳର ଲକ୍ଷ୍ମୀକାନ୍ତ ମହାନ୍ତି ଓ ତାଙ୍କ ସ୍ତ୍ରୀ ଶାଶ୍ୱତୀ ମହାନ୍ତି। ସୂଚନା ମୁତାବକ, ଉକ୍ତ ଥାନା ଅନ୍ତର୍ଗତ ଗଡ଼ରପଡ଼ା ଅଞ୍ଚଳର ଏକ ଆପାର୍ଟମେଣ୍ଟରେ ଜଣେ ମହିଳା ତାଙ୍କର ଏକ ପିଲା ସହ ରୁହନ୍ତି। ତାଙ୍କ ସ୍ୱାମୀ ରାଜ୍ୟ ବାହାରେ ଚାକିରି କରୁଥିବାରୁ ସେ ତାଙ୍କ ପିଲା ସହ ସେଠାରେ ଏକାକୀ ରହୁଛନ୍ତି। ଏହାର ସୁଯୋଗ ନେଇ ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ଓ ଶାଶ୍ୱତୀ ତାଙ୍କୁ ବ୍ଲାକମେଲ କରୁଥିଲେ। ସେମାନେ ସମ୍ପୃକ୍ତ ମହିଳାଙ୍କ ପରିଚିତ ହୋଇଥିବାରୁ ତାଙ୍କ ବିଷୟରେ ବହୁ କିଛି ଜାଣିଥିଲେ। ସେମାନେ ଉକ୍ତ ମହିଳାଙ୍କୁ ବ୍ଲାକମେଲିଂ କରିବା ସହ ତାଙ୍କ ଫୋନ୍‌କୁ ଅଶ୍ଳୀଳ ମେସେଜ ଦେବା, ଗାଳିଗୁଲଜ କରିବା, ପିଛା କରିବା ଭଳି କାମ ଦୀର୍ଘଦିନ ହେବ କରି ଆସୁଥିଲେ। ଏପରିକି ୬୦ହଜାର ଟଙ୍କା ନ ଦେଲେ ତାଙ୍କୁ ବଦନାମ କରିଦେବେ ବୋଲି ଧମକ ଦେଉଥିଲେ। ଶେଷରେ ସୋମବାର ମହିଳା ଜଣକ ଏ ନେଇ ଥାନାରେ ଏତଲା ଦେଇଥିଲେ।

# ବେଟିଂ ଆଡ୍ଡାରେ ଚଢ଼ାଉ, ୩ ଗିରଫ

## ୧୧,୬୫୦ ଟଙ୍କା, ବୋର୍ଡ ଜବତ



ଗିରଫ ୩ ଅଭିଯୁକ୍ତ।



ଜବତ ଟଙ୍କା ଓ ବୋର୍ଡ।

**କଟକ ଅଫିସ,୧୬।୭**

ଏକ ବେଟିଂ ଆଡ୍ଡାରେ ଚଢାଉ କରି ଦରଘାବଜାର ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ନାରୀସେବା ସଦନ ଅଞ୍ଚଳର ଦିନେଶ ରାଓ(୧୮), ଦରଘାବଜାର ଥାନା ଅନ୍ତର୍ଗତ ବାଉଁଶଗଳି ଅଞ୍ଚଳର ଜି. ନାଗରାଜୁ(୨୮), ଏ. ରବି(୩୦)। ଏମାନଙ୍କ ନିକଟରୁ ୧୧ହଜାର ୬୫୦ଟଙ୍କା, ଏକ ଖାତା ଏବଂ ନମ୍ବର ଲେଖାଥିବା ଏକ ବୋର୍ଡ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୫୬/୧୯) ରୁଜୁ ହୋଇଛି। ଅଭିଯୁକ୍ତମାନେ ଲକ୍ଷାଧିକ ଟଙ୍କା କାରବାର ଚଳାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ସୂଚନା ଅନୁଯାୟୀ, ବାଉଁଶଗଳି ଅଞ୍ଚଳରେ ବେଟିଂ ଚାଲିଥିବା ନେଇ ପୋଲିସ ସୂଚନା ପାଇ ସୋମବାର ରାତି ୧୦ଟାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ସେଠାରେ ଉପସ୍ଥିତ ଥିବା ୧୦ରୁ ଅଧିକ ବ୍ୟକ୍ତି ଖସି ପଳାଇଥିବା ବେଳେ ପୋଲିସ ୩ ଅଭିଯୁକ୍ତଙ୍କୁ ଧରିଥିଲା। ପଚରାଉଚରା ପରେ ଜଣାପଡିଥିଲା ଯେ, ସେମାନେ ବିଭିନ୍ନ ନମ୍ବର ଲେଖାଥିବା ଏକ ବୋର୍ଡ ରଖିଥିଲେ। ଲୋକମାନଙ୍କୁ ଉକ୍ତ ବୋର୍ଡରେ ଥିବା ଏକ ନମ୍ବର ଚୟନ କରିବାକୁ କହୁଥିଲେ। ଠିକ୍ ନମ୍ବର ଚୟନ କଲେ ଲଗାଇଥିବା ଟଙ୍କାର ଦୁଇ ଗୁଣା ଟଙ୍କା ଲୋକମାନଙ୍କୁ ଦେଉଥିଲେ। ହେଲେ ଭୁଲ୍ ନମ୍ବର ଚୟନ କଲେ ସେ ଲଗାଇଥିବା ଟଙ୍କା ଫେରାଯାଉ ନ ଥିଲା। ଏହିପରି ଲୋକଙ୍କୁ ଆକୃଷ୍ଟ କରି ବେଟିଂ କାରବାର ଚଳାଉଥିବା ଅଭିଯୁକ୍ତମାନେ ମାନିଥିବା ପୋଲିସ କହିଛି।

## ଚାରିଚକିଆ ଯାନକୁ ହେଲ୍‌ମେଟ୍ ଜରିମାନା

**କଟକ ଅଫିସ,୧୬।୭**

ଚାରିଚକିଆ ଯାନକୁ ହେଲ୍‌ମେଟ ଜରିମାନା। କଟକ କମିଶନରେଟ୍ ପୋଲିସରେ ଦେଖିବାକୁ ମିଳିଛି ଏଭଳି ଘଟଣା। ଏଭଳି ଜରିମାନା ପୁଣି ହାଇକୋର୍ଟରେ ଓକିଲାତି କରୁଥିବା ଜଣେ ଓକିଲଙ୍କ କ୍ଷେତ୍ରରେ ଲାଗୁ କରାଯାଇଛି। ପୋଲିସର ଏଭଳି ଖାମଖିଆଲ କାର୍ଯ୍ୟକ୍ରମକୁ ନେଇ ସହରରେ ଚର୍ଚ୍ଚା ସୃଷ୍ଟି ହୋଇଛି। କେବଳ ସେତିକି ନୁହେଁ ପୋଲିସ ପକ୍ଷରୁ ଗାଡ଼ି ଚାଳକଙ୍କ ବିରୋଧରେ ମିଥ୍ୟା ଜରିମାନା କାଟିବା ଘଟଣା ସ୍ୱଷ୍ଟ ହୋଇଯାଇଛି। ଗାଡ଼ିକୁ ନ ଦେଖି କମିଶନରେଟ୍ ପୋଲିସ ଅଫିସରେ ବସି ମନଇଚ୍ଛା ଅନ୍‌ଲାଇନରେ ଜରିମାନା କାଟିବା ଏବେ ଅଭ୍ୟାସରେ ପରିଣତ ହୋଇଯାଇଛି ବୋଲି ଲୋକେ କହୁଛନ୍ତି।

ସୂଚନା ଅନୁଯାୟୀ, ମର୍କତନଗର ସେକ୍ଟର-୬ ସ୍ଥିତ ପ୍ଲଟ ନଂ. ଡି-୯୮୨ରେ ରହୁଥିବା ଆଇନଜୀବୀ ଶ୍ରଦ୍ଧା ଦାସଙ୍କ ମାରୁତି ୱାଗନର (ଓଡି୦୫ଏନ୍-୪୫୫୫)କୁ କମିଶନରେଟ ପୋଲିସ ୧୭୭ ଧାରାରେ ହେଲ୍‌ମେଟ ନ ପିନ୍ଧିବା କାରଣରୁ ୧୦୦ ଟଙ୍କାର ଜରିମାନା ଇ-ଚାଲାଣରେ ପୈଠ କରିବାକୁ ନୋଟିସ୍ କରାଯାଇଛି। ଆଇନଜୀବୀ ଶ୍ରଦ୍ଧା କୁହନ୍ତି ଯେ, ପୋଲିସ ପକ୍ଷରୁ ତାଙ୍କ ବିରୋଧରେ ଯେଉଁ ନୋଟିସ୍ ଜାରି ହୋଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା। କାରଣ ସେଦିନ ତାଙ୍କ ଗାଡ଼ିକୁ ଗ୍ୟାରେଜ୍‌ରୁ ସେ ବାହାର କରିନାହାନ୍ତି। ମାତ୍ର ପୋଲିସ କିଭଳି ଭାବେ ତାଙ୍କ ଚାରିଚକିଆ ଯାନକୁ ବିନା ହେଲମେଟ୍‌ରେ ଯାତାୟାତ କରୁଥିବା ନେଇ ନୋଟିସ୍ ପଠାଇଲା ତାହା ତାଙ୍କୁ ବିସ୍ମିତ କରିଛି। ଏ ସମ୍ପର୍କରେ ଡିସିପି ଅଖିଳେଶ୍ୱର ସିଂଙ୍କୁ ପଚାରିବାରେ ତାଚ୍ଛଲ୍ୟ କରି କୁହନ୍ତି, ଯିଏ ଏହି ନୋଟିସ୍ ପଠାଇଛନ୍ତି, ସେଭଳି ପୋଲିସଙ୍କୁ ପୁରସ୍କୃତ କରିବା କଥା।

## ଘର ଦେବାକୁ କହି ୨.୫ ଲକ୍ଷ ଠକେଇ, ଜଣେ ଗିରଫ

**କଟକ ଅଫିସ୍,୧୬।୭:** ଘର ଦେବାକୁ କହି ଅଢ଼େଇ ଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ଲାଲବାଗ ପୋଲିସ ମଙ୍ଗଳବାର ମାଇକା ଲେନ୍‌ର ସେକ୍ ହସନ୍‌କୁଗିରଫ କରିକୋର୍ଟଚାଲାଣ କରିଛି। କୁଆଖାଇ ଗଳିର ସେକ୍ ହାଫିଜ୍ ଦୁଇବର୍ଷ ପୂର୍ବେ ଏକ ଘର କିଣିବା ପାଇଁ ହସନ୍‌ଙ୍କୁ ୨ଲକ୍ଷ ୫୦ହଜାର ଟଙ୍କା ଦେଇଥିଲେ। ଦୀର୍ଘଦିନ ପରେ ତାଙ୍କୁ ଘର ନ ମିଳିବାରୁ ସେ ଥାନାରେ ଅଭିଯୋଗ କରିଥିଲେ।



ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ ରାଜ୍ୟପାଳ ଡ. ପ୍ରଫେସର ଗଣେଶୀ ଲାଲଙ୍କୁ ସ୍ମାରକି ପ୍ରଦାନ କରୁଛନ୍ତି।

## ପଲିଥିନମୁକ୍ତ ହେବ କଟକ

**କଟକ ଅଫିସ,୧୬।୭**

କଟକ ସହରକୁ ପଲିଥିନ ମୁକ୍ତ କରିବା ଦାବି ନେଇ ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଦଳ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟିଥିଲେ। ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ପଛରେ ପଲିଥିନ ମୁଖ୍ୟ ଭାବେ ଦାୟୀ। ପଲିଥିନ ବ୍ୟବହାର ଉପରେ କଡାକଡ଼ି କଟକଣାକୁ କାର୍ଯ୍ୟକାରୀ କରାଯିବା ଦିଗରେ ରଞ୍ଜନ ରାଜ୍ୟପାଳଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ସାମୁଦ୍ରିକ ଝଡ଼ ଫନୀ ପରେ ଭୁଷୁଡ଼ି ପଡ଼ିଥିବା ସହରର ସୌନ୍ଦର୍ଯ୍ୟକରଣକୁ ଫେରାଇ ଆଣିବାକୁ ଚେଷ୍ଟା କରାଯାଉ ବୋଲି ଦାବି ହୋଇଥିଲା। ଏହି ଅବସରରେ ରାଜ୍ୟପାଳଙ୍କୁ ଏକ ସ୍ମାରକି ମଧ୍ୟ ପ୍ରଦାନ କରାଯାଇଥିଲା।

## ୨୫ ସୁଦ୍ଧା ରେଳ ଡାକସେବା କାର୍ଯ୍ୟକାରୀ ନ ହେଲେ ଆନ୍ଦୋଳନ

**କଟକ ଅଫିସ,୧୬।୭**

ରେଳ ଡାକସେବା କାର୍ଯ୍ୟାଳୟ ସ୍ଥାନାନ୍ତରଣକୁ ନେଇ ବିବାଦ ଥମିବାର ନାଁ ନେଉନି। କଟକ କ୍ରୟାନୁଷ୍ଠାନ କମିଟି ପକ୍ଷରୁ ରେଳଡାକସେବା ସ୍ଥାନାନ୍ତରକୁ ବିରୋଧ କରାଯାଉଛି। ଆସନ୍ତା ୨୫ତାରିଖ ସୁଧା କଟକରେ ଏହା କାର୍ଯ୍ୟକାରୀ ନ ହେବ କିମ୍ବା ତାର ପୂର୍ବ ଅଫିସରେ ତାହା ହେଲେ କମିଟି ପକ୍ଷରୁ ଯେଉଁ ନିଷ୍ପତ୍ତି ନିଆଯିବ ସେଥିପାଇଁ ମୁଖ୍ୟ ମହାଡାକପାଳ ଦାୟୀ ରହିବେ ବୋଲି ଆବାହକ ରବୀନ୍ଦ୍ର ନାଥ ଧଳ କହିଛନ୍ତି। ୬୩ ବର୍ଷର ପୁରୁଣା ରେଳ ଡାକସେବା କାର୍ଯ୍ୟାଳୟ ସ୍ଥାନନ୍ତର ଖବର ପାଇବା ପରେ ଏହାର ସ୍ଥାନାନ୍ତରକୁ ଏହି କମିଟି ବିରୋଧ କରୁଛି। ବାତ୍ୟାରେ ଘର ଭାଙ୍ଗିଯିବା ବାହାନାରେ ଏହି କାର୍ଯ୍ୟାଳୟ ଭୁବନେଶ୍ୱରକୁ ସ୍ଥାନନ୍ତର କରାଯାଇଥିଲା। ଏହାର ପ୍ରତିବାଦରେ ବିକ୍ଷୋଭ କରାଯାଇଥିଲେ ମଧ ମୁଖ୍ୟ ଡାକପାଳ ଦୃଷ୍ଟି ଦେଉନାହାଁନ୍ତି। ମାଛୁଆ ବଜାରସ୍ଥିତ ଅଫିସର କୌଣସି କ୍ଷତି ହୋଇ ନ ଥିଲେ ମୁଖ୍ୟ ମହାଡାକପାଳ ଏଠାକୁ ଆଣିବା ପାଇଁ ଆଦେଶ ନ ଦେବା ତଥା ବରିଷ୍ଠ ଅଧୀକ୍ଷକଙ୍କ ଆଦେଶନାମାକୁ ନାକଚ କରିବା ଅର୍ଥ ଅନ୍ୟାୟକୁ ସମ୍ପୂର୍ଣ୍ଣ ଭାବେ ସମର୍ଥନ କରିବା ଛଡା ଆଉ କିଛି ନୁହଁ ବୋଲି ଆବାହକ ଧଳ କହିଛନ୍ତି। ଏହି କାର୍ଯ୍ୟାଳୟ ସ୍ଥାନନ୍ତରିତ ନ କରିବା ନେଇ ଏମ୍‌ପି ଭର୍ତ୍ତୃହରି ମହତାବ ବାରମ୍ବାର ଆଲୋଚନା ସତ୍ତ୍ୱେ ମହାଡାକପାଳ କୋଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଆଗାମୀ ୨୫ତାରିଖ ସୁଧା ଏହା କଟକ ସହରରେ କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।




ଜାତି, ଧର୍ମ ନାମରେ କରାଯାଉଥିବା ହତ୍ୟା ଓ ଅତ୍ୟାଚାର ପ୍ରତିବାଦରେ ନେତାଜୀ ଜନ୍ମସ୍ଥାନ ଯୁବ ଏବଂ ମହିଳା ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

### ଜଷ୍ଟିସ୍ ପି.କେ. ମହାନ୍ତିଙ୍କ ଘରୁ ଚୋରି ଘଟଣା
## କୋର୍ଟରେ ସାକ୍ଷ୍ୟ ପ୍ରଦାନ କଲେ ପୁଅ

**କଟକ ଅଫିସ,୧୬।୭**

୨୦୧୫ ଜୁନ ୩୦ ବିଳମ୍ବିତ ରାତିରେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ପି.କେ. ମହାନ୍ତିଙ୍କ ଘରୁ ଚୋରି ହୋଇଥିଲା। ଉକ୍ତ ମାମଲାର ଶୁଣାଣି ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଚାଲିଛି। ମଙ୍ଗଳବାର ଏହି ମାମଲାରେ ଜଷ୍ଟିସ ମହାନ୍ତିଙ୍କ ପୁଅ ହରପିଦ କୋର୍ଟରେ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ସାକ୍ଷ୍ୟ ପ୍ରଦାନ କରି ହରପିଦ କହିଥିଲେ ଯେ, ଘରୁ ଡକାୟତି ହେବା ରାତିରେ ସେ ଘରେ ଉପସ୍ଥିତ ନ ଥିଲେ। ପରଦିନ ସକାଳୁ ବାପାଙ୍କଠାରୁ ଏହି ଖବର ପାଇଥିଲେ। ଘରେ ପହଞ୍ଚି ଜାଣିଥିଲେ ଯେ, ଟଙ୍କା, ସୁନା, ଗହଣା ସହିତ ତାଙ୍କର ଏକ କାର୍ ମଧ ଚୋରି ହୋଇଯାଇଛି। ସୂଚନାଥାଉକି, ଏହି ଘଟଣାରେ ପୋଲିସ୍ ଏକାଧିକ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଏପିପି ନୀଳାମ୍ବର ଜେନା ମାମଲା ପରିଚାଳନା କରୁଛନ୍ତି।

## ଆସେଣ୍ଡ କ୍ରିଏସନ୍‌ର ଏମ୍‌ଡି, ନିର୍ଦ୍ଦେଶକଙ୍କୁ ଖଲାସ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ,୧୬।୭**

ଆସେଣ୍ଡ କ୍ରିଏସନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଚନ୍ଦ୍ରଶେଖର ପତି ଏବଂ ଅନ୍ୟତମ ନିର୍ଦ୍ଦେଶକ ନିରଞ୍ଜନ ପତିଙ୍କୁ ତୁରନ୍ତ ଜେଲ୍‌ରୁ ଖଲାସ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଆସେଣ୍ଡ କ୍ରିଏସନ୍ ଲୋକଙ୍କୁ ଜମି ଦେବାକୁ କହି ପରବର୍ତ୍ତୀ ଅବସ୍ଥାରେ ଜମି ଦଖଲ ଦେଇ ନ ଥିଲା। ଏହାକୁ ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖାରେ ୨୦୧୪ ରେ ଏକ ମାମଲା (ନଂ.୧୫/୧୪) ରୁଜୁ ହୋଇଥିଲା। ମାମଲାକୁ ଆଧାର କରି କ୍ରାଇମବ୍ରାଞ୍ଚ ଚନ୍ଦ୍ରଶେଖର ଓ ନିରଞ୍ଜନଙ୍କୁ ଗିରଫ କରିଥିଲା। ଗିରଫ ପରେ ପରବର୍ତ୍ତୀ ସମୟରେ ଉଭୟ ଜାମିନରେ ମୁକୁଳିଥିଲେ। ଉଭୟେ ଜାମିନରେ ମୁକୁଳିବା ପରେ ଠକାମିର ଶିକାର ହୋଇଥିବା ତାରିଣୀ ରଞ୍ଜନ ସାହୁ ନାମକ ଜଣେ ବ୍ୟକ୍ତି ଅର୍ଥନୈତିକ ଅପରାଧ ଶାଖାରେ ଉଭୟଙ୍କ ବିରୋଧରେ ଆଉ ଏକ ଏତଲା ଦେଇଥିଲେ। ଏହି ଏତଲାକୁ ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଗ୍ରହଣ କରାଯାଇ ନ ଥିଲା। ତାରିଣୀ ଯେଉଁ ଅଭିଯୋଗ କରିଥିଲେ ପୂର୍ବରୁ ସମାନ ଅଭିଯୋଗରେ ଉଭୟଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଗିରଫ କରାଯାଇଥିଲା। ଅର୍ଥନୈତିକ ଅପରାଧ ଶାଖାରୁ ନିରାଶ ହେବା ପରେ ତାରିଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାରିଣୀଙ୍କ ଆବେଦନର ଶୁଣାଣି ହାଇକୋର୍ଟ କହିଥିଲେ ଯେ, ଯଦି ଆବେଦନକାରୀ ଯାହାଙ୍କ ବିରୋଧରେ ଅଭିଯୋଗ କରୁଛନ୍ତି ସେମାନଙ୍କ ବିରୋଧରେ ଯଦି ପୂର୍ବରୁ ସମାନ ଅଭିଯୋଗରେ କୌଣସି ମାମଲା ରୁଜୁ ହୋଇନାହିଁ ତେବେ ସାନି ମାମଲା ରୁଜୁ କରାଯାଇ ପାରିବ। କିନ୍ତୁ ଅର୍ଥନୈତିକ ଅପରାଧ ଶାଖା ହାଇକୋର୍ଟଙ୍କ ଆଦେଶକୁ ଅନୁପାଳନ କରିବା ବଦଳରେ ପୁନର୍ବାର ଉଭୟଙ୍କ ବିରୋଧରେ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରିଥିଲା। ଏହାକୁ ଚ୍ୟାଲେଞ୍ଜ କରି ଚନ୍ଦ୍ରଶେଖର ଓ ନିରଞ୍ଜନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ଉଭୟଙ୍କ ବିରୋଧରେ ଥିବା ମାମଲାକୁ ଖାରଜ କରିବା ସହିତ ତୁରନ୍ତ ଜେଲ୍‌ରୁ ଖଲାସ କରିବା ପାଇଁ ଆଦେଶ ଦେଇଛନ୍ତି। ଆବେଦନକାରୀ ଚନ୍ଦ୍ରଶେଖର ଓ ନିରଞ୍ଜନଙ୍କ ପକ୍ଷରୁ ଆଡଭୋକେଟ ଅଶ୍ୱିନୀ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

## କ୍ୟାନ୍‌ସର ହସ୍ପିଟାଲରେ ନିର୍ମାଣ ହେବ ଅତ୍ୟାଧୁନିକ ବଙ୍କର
### ୬ କୋଟି ୨୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳ

**କଟକ ଅଫିସ,୧୬।୭**

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ କେନ୍ଦ୍ରରେ ନିର୍ମାଣ କରାଯିବ ଅତ୍ୟାଧୁନିକ ବଙ୍କର। ବିକିରଣ ଚିକିତ୍ସା ନିମନ୍ତେ ଦୁଇଟି ବଙ୍କର ନିର୍ମାଣ କରାଯିବ। ବଙ୍କର୍‌ର ଛାତ ଏବଂ କାନ୍ଥର ମୋଟେଇ ୩ ମିଟର ଲେଖାଏ ରହିବ। ବିକିରଣ ଚିକିତ୍ସା ଯେପରି ବାହାରକୁ ଯାଇ ନ ପାରେ ସେଥିନିମନ୍ତେ ବଙ୍କର୍ ନିର୍ମାଣରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ୬ କୋଟି ୨୭ ଲକ୍ଷ ଟଙ୍କାର ବଜେଟ୍ ପ୍ରସ୍ତୁତ କରାଯାଇଛି। ବଙ୍କର୍ ନିର୍ମାଣ ସରିଲେ ୧୮କୋଟି ଏବଂ ୮କୋଟି ଟଙ୍କା ମୂଲ୍ୟର ଦୁଇଟି ଅତ୍ୟାଧୁନିକ ଲିନାକ୍ ମେଶିନ ଆସିବ। ଏହା ସହିତ ସିମୁଲେଟର, ବ୍ରାକିଥେରାପି ଓ ଡୋସି ଭଳି ଅତ୍ୟାଧୁନିକ ଯନ୍ତ୍ରପାତି କ୍ୟାନସର ହସ୍ପିଟାଲକୁ ଆସିବାକୁ ଥିବା ଜଣାପଡ଼ିଛି। ୨୦୨୦ ସୁଦ୍ଧା ବଙ୍କର୍ ନିର୍ମାଣ ସହିତ ଏହିସବୁ ଯନ୍ତ୍ରପାତି କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସୂଚନାଥାଉକି, ବର୍ତ୍ତମାନ କ୍ୟାନସର ହସ୍ପିଟାଲରେ ଦୁଇଟି ଲିନାକ୍ ମେଶିନ ରହିଛି। କିନ୍ତୁ ରୋଗୀସଂଖ୍ୟା ବୃଦ୍ଧି କାରଣରୁ ଏହି ଦୁଇଟି ମେଶିନ ପର୍ଯ୍ୟାପ୍ତ ହେଉନାହିଁ।

## ଡେଙ୍ଗୁ ପ୍ରତିରୋଧ, ନିୟନ୍ତ୍ରଣ ସଚେତନତା ବୈଠକ

**କଟକ ଅଫିସ,୧୬।୭**




ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଜିଲାରେ ଡେଙ୍ଗୁ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ଡେଙ୍ଗୁ ପ୍ରତିରୋଧ ମାସ ପାଳନ ସଚେତନତା ବୈଠକ ଜିଲା ସ୍ୱାସ୍ଥ୍ୟ ଭବନ ସଭାଗୃହରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି ବୈଠକରେ ଜିଲାପାଳ ଡେଙ୍ଗୁ ପ୍ରତିରୋଧ ନିମନ୍ତେ ନିଆଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ସମସ୍ତ ଶିଳ୍ପସଂସ୍ଥାଗୁଡ଼ିକର ପାରିପାର୍ଶ୍ୱିକ ପରିବେଶ ସଫା ନ ରହୁଥିବାରୁ ଡେଙ୍ଗୁ ଜ୍ୱର ଦେଖାଦେଇଛି। ଏଡିସ୍ ମଶା ଏହି ଜ୍ୱରର କାରଣ ହୋଇଥିବାରୁ ଶିଳ୍ପାଞ୍ଚଳ ମଧ୍ୟରେ ଏହି ମଶାର ବଂଶ ବୃଦ୍ଧିର ଉତ୍ସ ଓ ଅଣ୍ଡାଦାନ ସ୍ଥାନକୁ ସମୂଳେ ନିପାତ କରିବାକୁ ଜିଲାପାଳ ଚୟନୀ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଶିଳ୍ପ କାରଖାନାର କର୍ତ୍ତୃପକ୍ଷମାନେ ସଫେଇ କାର୍ଯ୍ୟରେ ନିଜ ନିଜର କର୍ମଚାରୀଙ୍କୁ ନିୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଏମ୍‌ସି ପକ୍ଷରୁ ସଫେଇ ଓ ମଶା ଧୂଆଁ ସ୍ପ୍ରେ, ମଶା ତେଲ ପକା କାର୍ଯ୍ୟ ଜାରିରହିଥିବା ସ୍ଥଳେ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଏକ ମନିଟରିଂ ସେଲ୍ ରଖିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଆୟୁଷ ଡାକ୍ତରମାନେ ଜିଲାର ବିଭିନ୍ନ ସ୍କୁଲକୁ ଯାଇ ଛାତ୍ରୀଛାତ୍ରଙ୍କୁ ଡେଙ୍ଗୁ ରୋଗର କାରଣ ଓ ତାହାର ପ୍ରତିକାର ସମ୍ପର୍କରେ ସଚେତନ କରାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରିବାର ଓ ଗୋଷ୍ଠୀର ସଦସ୍ୟମାନେ ଘରେ, ସାହିରେ, ଗାଁରେ ତଥା ୱାର୍ଡମାନଙ୍କରେ ପରିଷ୍କାର ପରିଚ୍ଛନ୍ନତା ପାଇଁ ସାମୂହିକ ଉଦ୍ୟମ ଜାରି ରଖିଲେ ଡେଙ୍ଗୁର ପ୍ରତିରୋଧ କରିବା ସମ୍ଭବ ହୋଇପାରିବ ବୋଲି ଜିଲାପାଳ ଚୟନୀ କହିଥିଲେ। ଏଥିସହିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଭୂତି ଭୂଷଣ ନାୟକ ଆସନ୍ତା ଅଗଷ୍ଟ ୮, ୯ ଓ ୧୦ ତାରିଖରେ ବାତଜ୍ୱର ନିରାକରଣ ପାଇଁ ସାର୍ବଜନୀନ ଔଷଧସେବନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲା ଭେକ୍ଟର ରୋଗର ପରାମର୍ଶଦାତ୍ରୀ ତୃପ୍ତି ନାୟକ ଭେକ୍ଟର ବାହିତ ରୋଗର ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ।



ପାନେ ବିଷ ଜଣକୁ ମାରି ଦେଇପାରେ, କିନ୍ତୁ ଖଣ୍ଡିଏ ଖରାପ ପୁସ୍ତକ ଯୁଗ ଯୁଗ ଧରି ମନୁଷ୍ୟ ସମାଜରେ ବିଷ ସଞ୍ଚାର କରୁଥାଏ।
-ଥୋମାସ ମୁରେ



## ସଂକ୍ଷେପରେ

### ସାଇ ମନ୍ଦିରରେ ଗୁରୁ ପୂର୍ଣ୍ଣିମା ମହୋତ୍ସବ

**ବାଲିଅନ୍ତା,୧୬।୭(ଡି.ଏନ୍.ଏ.):** ବାଲିଅନ୍ତା ବଂଶୀବିହାରସ୍ଥିତ ଶିରିଡି ସାଇ ମନ୍ଦିରରେ ମଙ୍ଗଳବାର ଗୁରୁ ପୂର୍ଣ୍ଣିମା ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଭୋର ୫ଟାରେ କାକଡ ଆଳତି କରାଯାଇଥିଲା। ପରେ କୁଶଭଦ୍ରା ନଦୀରୁ କଳସ ଯାତ୍ରା ଆସି ମନ୍ଦିରସ୍ଥିତ ଯଜ୍ଞମଣ୍ଡପରେ ପହଞ୍ଚିଥିଲେ। ଏହାପରେ ପୂଜାପାଇଥିବା ସାଇବାବାଙ୍କ ମହାଭିଷେକ କରାଯାଇଥିଲା। ପରେ ସାଇ ସତଚରିତ ପାରାୟଣ, ହୋମଯଜ୍ଞ, ମଧ୍ୟାହ୍ନ ଆଳତି, ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଶତାଧିକ ସାଇଭକ୍ତ ଯୋଗଦେଇ ବାବାଙ୍କ ଆଶ୍ରିତ ଭିକ୍ଷା କରିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ଶତପଥୀ ପୂଜାର୍ଚ୍ଚନା କରିଥିବାବେଳେ ଶ୍ରୀ ସାଇସେବା ସଦନର ନିରଞ୍ଜନ ରଣା, ଚିତ୍ତରଞ୍ଜନ ପଣ୍ଡା, ଚନ୍ଦ୍ରମଣୀ ସ୍ୱାଇଁ, ମୂରଲୀଧର ପରିଡା ଓ କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ଡକାୟତି ଅଭିଯୋଗରେ ୨ ଗିରଫ

**ବାରଙ୍ଗ,୧୬।୭(ଡି.ଏନ୍.ଏ.):** ବାରଙ୍ଗ ଥାନା ଅଞ୍ଚଳରେ ସୋମବାର ଏକ ଟ୍ରକ ଚାଳକଙ୍କଠାରୁ ଡକାୟତି ଅଭିଯୋଗରେ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ଅଞ୍ଚଳର ଯଚୀନ୍ଦ୍ର କୁମାର ସାମଲ ଓରଫ ମୁନା ଓ ମହାକାଳପଡା ଥାନା ଅନ୍ତର୍ଗତ ମାସକାନି ଗ୍ରାମର ଦୀପ୍ତିମୟ ସାମନ୍ତରାୟ। ପୋଲିସ ସେମାନଙ୍କଠାରୁ ଡକାୟତିରେ ବ୍ୟବହୃତ ବାଇକ୍ ଓ ଏଟିଏମ୍ କାର୍ଡକୁ ଜବତ କରିଛି। ସୂଚନା ଅନୁଯାୟୀ, ଭିଏସ୍ଏସ୍ ନଗରର ଟ୍ରକ ଚାଳକ ପ୍ରଶନବନ୍ଧୁ ନାୟକ ହେଲପର ସହ ସୋମବାର ସକାଳେ ଏକ ଟ୍ରକ ନେଇ ଭୁବନେଶ୍ୱରରୁ କଟକ ଅଭିମୁଖେ ଆସୁଥିଲେ। କୃଷ୍ଣଚନ୍ଦ୍ରପୁରର ଜଷ୍ଟିସଗଡା ପାଖରେ ଟ୍ରକନେଇ ପହଞ୍ଚିବାବେଳେ ଦୁଇ ଅଭିଯୁକ୍ତ ଓଆରସି-୩୫୫୪ନଂ ହିରୋହୋଣ୍ଡାରେ ଆସି ତାଙ୍କୁ ଅଟକାଇଥିଲେ। ମାରଣାସ୍ତ୍ର ଦେଖାଇ ପ୍ରଶନବନ୍ଧୁଙ୍କଠାରୁ ନଗଦ ୧୫ଶହ ଟଙ୍କା ସହ ଦୁଇଟି ଏଟିଏମ ନେଇ ପଳାଇଯାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ ୧୧୬/୧୯ରେ ଏକ ମାମଲା ରୁଜୁକରି ତଦନ୍ତ କରି ଉଭୟଙ୍କୁ ଗିରଫ କରିଛି।

### ସୁଧାଂଶୁ ମିଶ୍ର ସ୍ମାରକୀ ବକ୍ତୃତା 'ବିକଳ୍ପ ବିଚାର'

ଭୁବନେଶ୍ୱର, ୧୬।୭(ବ୍ୟୁରୋ)- ସାମାଜିକ ଅନୁଷ୍ଠାନ ମମତାର ପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ସ୍ୱର୍ଗତ ସୁଧାଂଶୁ ଭୂଷଣ ମିଶ୍ରଙ୍କ ୭୮ତମ ଜନ୍ମଦିବସ ସୋମବାର ଭାରତୀୟ ବିଦ୍ୟାଭବନରେ ପାଳିତ ହୋଇଯାଇଛି। ଏହି ଅବସରରେ 'ବିକଳ୍ପ ବିଚାର' ବିଷୟବସ୍ତୁ ଉପରେ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ସାତକୋଡ଼ି ହୋତା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମୁଖ୍ୟ ଆୟକର କମିଶନର ଧିରେନ୍ଦ୍ର ରାୟ ଓ ବିଶିଷ୍ଟ ସାହିତ୍ୟିକ ହର ପ୍ରସାଦ ଦାସ ଯୋଗ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଜଗଦାନନ୍ଦ ସଭାର ଅଧକ୍ଷତା କରିଥିଲେ। ଏହି ଅବସରରେ ମମତାର ଅଧକ୍ଷା ଡ. ବିଜୟା ମିଶ୍ରଙ୍କ ନାରୀ ସମସ୍ୟା ଉପରେ ଆଲେଖ୍ୟ ସଂକଳନ ଲୋକାର୍ପିତ ହୋଇଥିଲା। ଏହା ବ୍ୟତୀତ ସହାୟ ଅନାଥ ଆଶ୍ରମରେ ପଢୁଥିବା ପିଲାଙ୍କ ସ୍କୁଲ ଡ୍ରେସ ପାଇଁ ଅର୍ଥ ପ୍ରଦାନ କରାଯାଇଥିଲା। ପୂର୍ବରୁ ରମାଦେବୀ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ବିଦ୍ୟାଭବନ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରଙ୍କ ମଧରେ ହୋଇଥିବା ତର୍କ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ଦିଆଯାଇଥିଲା।



ରୋଟାରୀ କ୍ଲବ୍ ଭୁବନେଶ୍ୱର ମେଟ୍ରୋ ପକ୍ଷରୁ ମଙ୍ଗଳବାର ଗୋଠପାଟଣାସ୍ଥିତ ବୁଢ଼ା ମହାବୀର ମନ୍ଦିର ପ୍ରାଙ୍ଗଣରେ ଚାରା ରୋପଣ କରାଯାଇଛି।

# କମିଟି ଅଛି, ଠିକ୍ ସମୟରେ ବସୁନାହିଁ ବୈଠକ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ରିଜିଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟର, ଓଡିଶା ବନ୍ୟ ପ୍ରାଣୀ ବୋର୍ଡ, କେନ୍ଦୁପତ୍ର ଉନ୍ନୟନ ବୋର୍ଡ ଏବଂ ରାଜ୍ୟ କାମ୍ପା ମ୍ୟାନେଜମେଣ୍ଟ କମିଟି ଗଠନ ଯେଉଁ ଉଦ୍ଦେଶ୍ୟରେ କରାଯାଇଥିଲା ତାହା ଠିକ୍ ଢଙ୍ଗରେ ପାଳନ କରାଯାଉ ନାହିଁ। ଏହି କମିଟିଗୁଡିକୁ ପରିଚାଳନା କରିବା ପାଇଁ ରହିଥିବା ନିୟମକାନୁନକୁ ସରକାର ଫୁ କରି ଉଡାଇ ଦେଉଛନ୍ତି। ଚିଲିକା ହ୍ରଦର ପରିବେଶ ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ୧୯୯୧ ମସିହାରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଗଠନ କରିଥିଲେ। ମୁଖ୍ୟତଃ ଚିଲିକା ଚତୁଃପାର୍ଶ୍ୱ ଉନ୍ନତୀକରଣ ହିଁ କର୍ତ୍ତୃପକ୍ଷ ଗଠନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିଚାଳନା ବୈଠକ ପ୍ରତ୍ୟେକ ୩ ମାସରେ ଥରେ ବସିବା ପାଇଁ ନିର୍ଦ୍ଧାରଣ କରାଯାଇଛି। ହେଲେ ଦୁଃଖର ବିଷୟ ଉକ୍ତ ବୈଠକ ଶେଷଥର ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଫେବୃୟାରୀ ୨୦୧୫ରେ ଅନୁଷ୍ଠିତ ହୋଇଥିଲା। ବିଧାୟକ ମୋହନ ମାଝି ପଚାରିଥିବା ଏକ ପ୍ରଶ୍ନରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଲିଖିତ ଉତ୍ତର ଜରିଆରେ ଏହା ଦର୍ଶାଇଛନ୍ତି। ମନ୍ତ୍ରୀ ଆହୁରି ଉଲ୍ଲେଖ କରିଛନ୍ତି ଯେ, ରିଜିଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟର ରାଜ୍ୟ ସରକାରଙ୍କ ଏକ ରେଜିଷ୍ଟ୍ରିଭୁକ୍ତ ସଂସ୍ଥା । ଏହାର ରେଜିଷ୍ଟ୍ରେଶନ ସଂଖ୍ୟା ୭୭୬-୩୩୬/୧୯୮୪-୮୫। ରାଜ୍ୟର ଉଦ୍ଭିଦ ସମ୍ପଦର ସର୍ବେକ୍ଷଣ, ସଂରକ୍ଷଣ, ଉଦ୍ଭିଦ ଜଗତର ବଂଶ ବିସ୍ତାର ଏବଂ ଏହି ସମ୍ବନ୍ଧୀୟ ଗବେଷଣା ରିଜିଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟରର ମୁଖ୍ୟ ଉଦ୍ଦେଶ୍ୟ। ଏହି କେନ୍ଦ୍ରର ପରିଚାଳନା ବୈଠକ ବର୍ଷରେ ୩ଥର ହେବା ପାଇଁ ସ୍ଥିର କରାଯାଇଛି। ହେଲେ ଏଥିରେ ମଧ ରାଜ୍ୟ ସରକାର ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳିଛି। ଏହାର ଶେଷ ପରିଚାଳନା ବୈଠକ ୨୦୧୫ ମାର୍ଚ୍ଚରେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ହୋଇଥିଲା। ମାର୍ଚ୍ଚ ୨୦୧୯ରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସେହିପରି ୨୦୦୩ ସେପ୍ଟେମ୍ବରରେ ୨୦୦୨ର ଧାରା ୭ ଅନୁଯାୟୀ ଓଡିଶା ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଗଠନ କରାଯାଇଥିଲା। ବନ୍ୟପ୍ରାଣୀ ସମ୍ପର୍କରେ ଆବଶ୍ୟକୀୟ ପରାମର୍ଶ ଦେବା ଏହି ବୋର୍ଡର ମୁଖ୍ୟ କାର୍ଯ୍ୟ ଅଟେ। ଓଡିଶା ବନ୍ୟପ୍ରାଣୀ ବୋର୍ଡର କାର୍ଯ୍ୟକାଳ ୩ ବର୍ଷ ଏବଂ ନିୟମାନୁଯାୟୀ ବର୍ଷକୁ ୨ଥର ବୋର୍ଡ ବସିବାକୁ ଧାର୍ଯ୍ୟ ହୋଇଥିଲା। ବୋର୍ଡ ଗଠନ ହେବା ଦିନଠାରୁ ଏ ପର୍ଯ୍ୟନ୍ତ ସର୍ବମୋଟ ୩ଟି ବୈଠକ ହୋଇଛି। ଏହାର ଶେଷ ବୈଠକ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ୨୦୧୪ ଫେବୃୟାରୀରେ ହୋଇଥିଲା। ସେହିଭଳି ୨୦୧୪ ଜାନୁୟାରୀ ୨୮ରୁ କେନ୍ଦୁପତ୍ର ଉନ୍ନୟନ ବୋର୍ଡ ଗଠନ କରାଯାଇଛି। କେନ୍ଦୁପତ୍ର କ୍ରୟ ମୂଲ୍ୟ ଧାର୍ଯ୍ୟ କରିବା ଏହି ବୋର୍ଡର ମୁଖ୍ୟ ଦାୟିତ୍ୱ। ଏହି ବୋର୍ଡର ଶେଷ ବୈଠକ ଚଳିତ ମାସ ୯ ତାରିଖରେ ଅନୁଷ୍ଠିତ ହୋଇଛି। ଅନ୍ୟପଟେ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ଭାରତ ସରକାର ଆଡ୍ହକ କାମ୍ପା ଗଠନ କରିଛନ୍ତି। ୨୦୦୯ରେ ଏହା ଗଠିତ ହୋଇଥିଲା। ରାଜ୍ୟ କାମ୍ପା ପରିଚାଳନା ପାଇଁ ୩ଟି କମିଟି ଗଠନ କରାଯାଇଛି। ସେଗୁଡିକ ହେଉଛି କାର୍ଯ୍ୟକାରୀ କମିଟି, ଷ୍ଟିୟରିଂ କମିଟି ଏବଂ ଗଭର୍ନିଂ ବଡି। କାର୍ଯ୍ୟକାରୀ ଏବଂ ଷ୍ଟିୟରିଂ କମିଟି ବୈଠକ ପ୍ରତ୍ୟେକ ୩ ମାସରେ ଏବଂ ଗଭର୍ନିଂ ବଡିର ବୈଠକ ପ୍ରତି ୬ ମାସରେ ଥରେ ବସିବା ଲାଗି ନିୟମ ରହିଛି। ହେଲେ କାର୍ଯ୍ୟକାରୀ ଏବଂ ଷ୍ଟିୟରିଂ କମିଟିର ଶେଷ ବୈଠକ ଡିସେମ୍ବର ୨୦୧୨ରେ ଅନୁଷ୍ଠିତ ହୋଇଥିଲା। ସେହିପରି ଗଭର୍ନିଂ ବଡିର ବୈଠକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଶେଷଥର ଲାଗି ଜୁନ୍ ୨୦୧୩ରେ ଅନୁଷ୍ଠିତ ହୋଇଥିଲା।

## ନ୍ୟାୟ ପାଇଁ ବିଧାନସଭା ସମ୍ମୁଖରେ ମହିଳାଙ୍କ ପ୍ରତିବାଦ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**



ବିଧାନସଭାର ମୁଖ୍ୟ ଫାଟକ ସମ୍ମୁଖରେ ମଙ୍ଗଳବାର ହଠାତ୍ ଜଣେ ମହିଳା ପ୍ରତିବାଦ କରୁଥିବା ଦେଖିବାକୁ ମିଳିଥିଲା। ବିଧାନସଭା ଅଧିବେଶନ ଚାଲୁଥିବାରୁ ମୁତୟନ ହୋଇଥିବା ମହିଳା ପୋଲିସ ସେଠାରେ ପହଞ୍ଚି ଘଟଣା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ପରେ ବୁଝାଶୁଝା କରି ସେଠାରୁ ତାଙ୍କୁ ଉଠାଇ ନିଆଯାଇ ଜୋନ ୬ ଏସିପି ତରୁଣ କୁମାର ଦାସଙ୍କ ସହ ଭେଟ କରାଯାଇଥିଲା। ଏସିପି ଦାସ ମହିଳାଙ୍କ ଅଭିଯୋଗ ଶୁଣିଥିଲେ। ମହିଳାଙ୍କ ଅଭିଯୋଗ ମୁତାବକ, ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବକ ବଳାତ୍କାର କରିଥିଲେ। ପରବର୍ତ୍ତୀ ସମୟରେ ଯୁବକ ଜଣକ ଅନ୍ୟାଜଣଙ୍କୁ ବିବାହ କରିଥିଲେ। ଏ ନେଇ ଇନଫୋସିଟି ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନାହିଁ। ତେଣୁ ନ୍ୟାୟ ପାଇଁ ସେ ବିଧାନସଭା ସମ୍ମୁଖରେ ପ୍ରତିବାଦ କରିବାକୁ ବାଧ୍ୟ ହୋଇଥିଲେ ବୋଲି ମହିଳା ଜଣକ କହିଥିଲେ। ଏ ନେଇ ଇନ୍ଫୋସିଟି ଥାନା ଅଧିକାରୀ ବିଶ୍ୱଜିତ ମହାନ୍ତି କହିଛନ୍ତି, ଏ ନେଇ ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବାରେ ପୋଲିସ ଯଥାସମ୍ଭବ ସମସ୍ତ ପ୍ରକାର ସହଯୋଗ କରୁଛି। ଏହି ମାମଲାର ତଦନ୍ତରେ କୌଣସି ଅବହେଳା ପ୍ରଦର୍ଶନ କରାଯାଇ ନାହିଁ।

## ମିଳିତ ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ୍ର ଜବରଦଖଲ ଉଚ୍ଛେଦ



ଡ୍ରୋଜର ଦ୍ୱାରା ଜବରଦଖଲ ଉଚ୍ଛେଦ ହେଉଛି।

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ମିଳିତ ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ମଙ୍ଗଳବାର ଚନ୍ଦ୍ରଶେଖରପୁରର ନାଲକୋ ଛକରେ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ), ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଓ କମିଶନରେଟ ପୋଲିସର ମିଳିତ ସ୍କ୍ୱାଡ ପକ୍ଷରୁ ପୂର୍ବାହ୍ନ ସାଢେ ୧୦ଟାରୁ ଏହି ଉଚ୍ଛେଦ ଆରମ୍ଭ ହୋଇଥିଲା। ନାଲକୋ ଛକ ଟ୍ରାଫିକ ପୂର୍ବରୁ ଥିବା ପ୍ରୟାସ ଭେଣ୍ଡିଂ ଜୋନ ବ୍ୟବସାୟୀ କରିଥିବା ବେଆଇନ ଜବରଦଖଲକୁ ଭଙ୍ଗା ଯାଇଛି। ସେମାନଙ୍କୁ ମିଳିଥିବା ଦୋକାନଘର ବ୍ୟତୀତ ଅତିରିକ୍ତ ସ୍ଥାନରେ ହୋଇଥିବା ଚାଳିଆ ତଥା ଅସ୍ଥାୟୀ ନିର୍ମାଣକୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ କାର୍ଯ୍ୟରେ ବିଡିଏ ପକ୍ଷରୁ ଗୋଟିଏ ପ୍ରୋକଲିନ୍ ମେଶିନ ଓ ଗୋଟିଏ ବୁଲଡୋଜରକୁ ନିୟୋଜିତ କରାଯାଇଥିଲା। ଉଚ୍ଛେଦରେ ମିଳିତ ଏନ୍ଫୋର୍ସମେଣ୍ଟ ସ୍କ୍ୱାଡ, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ(ବିଏସ୍ସିଏଲ)ର କର୍ତ୍ତୃପକ୍ଷ, ବିଏମ୍ସି ଉତ୍ତରପୂର୍ବ ଜୋନ ସ୍କ୍ୱାଡ, ଉଚ୍ଛେଦ ଅଧିକାରୀ, ପ୍ରମୋଦ କୁମାର ପାତ୍ର, ଯୋଗସୂତ୍ର ଅଧିକାରୀ ସୁଧାଂଶୁ ଶେଖର ମହାନ୍ତି ସେଠାରେ ଉପସ୍ଥିତ ଥିଲେ।

## ସ୍ମାର୍ଟ ଯୋଜନା ବୁଲି ଦେଖୁଛନ୍ତି ପୋର୍ଟବ୍ଲେୟାର ପୌର ସଦସ୍ୟ



ପୋର୍ଟବ୍ଲେୟାର ପୌର ସଦସ୍ୟ ସହ ନୂତନ ନିଯୁକ୍ତ ଓଏଏସ୍ ଅଫିସର ସ୍ମାର୍ଟ ସିଟି ସେଣ୍ଟର ବୁଲି ଦେଖୁଛନ୍ତି।

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ପୋର୍ଟବ୍ଲେୟାର ପୌର ପରିଷଦ ପକ୍ଷରୁ ୧୫ ଜଣିଆ କାଉନ୍ସିଲର ଟିମ୍ ରାଜଧାନୀରେ ସ୍ମାର୍ଟ ସିଟି ପ୍ରକଳ୍ପ ବୁଲି ଦେଖୁଛନ୍ତି। ପୋର୍ଟବ୍ଲେୟାର ସ୍ମାର୍ଟ ସିଟିକୁ ଆହୁରି ଉନ୍ନତ କରିବାକୁ ଏହି ଟିମ୍ ଦୁଇଦିନିଆ ଭୁବନେଶ୍ୱର ଗସ୍ତରେ ଆସିଛି। ସ୍ମାର୍ଟସିଟି ଲିମିଟେଡର ବିଭିନ୍ନ ପ୍ରକଳ୍ପ ବୁଲି ଦେଖି ପୋର୍ଟବ୍ଲେୟାର କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଜଣାଇବେ। ସେମାନେ ସ୍ୱେରେଜ ଟ୍ରିଟମେଣ୍ଟ, ସ୍ମାର୍ଟ ଜନପଥ, ଟ୍ରାଫିକ ସିଗ୍ନାଲ ଆଦି ବୁଲି ଦେଖିଛନ୍ତି। ପୋର୍ଟବ୍ଲେୟାର ପୌର ପରିଷଦ ଅଧକ୍ଷା ଅନସୂୟା ଦେବୀ ଭୁବନେଶ୍ୱରର ଅନେକ ପ୍ରକଳ୍ପ ଓ ଯୋଜନାକୁ ପ୍ରଶଂସା କରିଛନ୍ତି ବୋଲି ସ୍ମାର୍ଟସିଟି କର୍ତ୍ତୃପକ୍ଷ ଗଣମାଧମକୁ କହିଛନ୍ତି। ଏବେ କାମ ଚାଲୁଥିବା ଭୂତଳ ବିଦ୍ୟୁତୀକରଣ, ପାର୍କିଂ ବ୍ୟବସ୍ଥାକୁ ସେମାନେ ଖୁବ୍ ପସନ୍ଦ କରିଛନ୍ତି ବୋଲି ସ୍ମାର୍ଟସିଟି କର୍ତ୍ତୃପକ୍ଷ ଜଣାଇଛନ୍ତି।

ଏହା ସହ ମଙ୍ଗଳବାର ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରୁ ୪୦ ଜଣ ନୂଆ ନିଯୁକ୍ତ ହୋଇଥିବା ଓଏଏସ୍ ଅଫିସର ସ୍ମାର୍ଟସିଟି ଅପରେଶନ ସେଣ୍ଟର ଆସି ବିଭିନ୍ନ କାର୍ଯ୍ୟ ପରିଚାଳନା ଦେଖିଥିଲେ। ଶିକ୍ଷାର୍ଥୀମାନଙ୍କୁ ସ୍ଥାନ ଅନୁଯାୟୀ ଯୋଜନା, ଆଇଟି, ଭିତ୍ତିଭୂମି ଓ ଉନ୍ନତ ଜ୍ଞାନକୌଶଳ ବ୍ୟବହାର ବିଷୟରେ ବୁଝାଯାଇଥିଲା ବୋଲି ସ୍ମାର୍ଟସିଟି କର୍ତ୍ତୃପକ୍ଷ କହିଛନ୍ତି।

## ନ୍ୟାୟ ପାଇଁ ଆସି ଆକ୍ରମଣର ଶିକାର

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ସ୍ୱାମୀ ନିର୍ଯାତନା ଦେବା ଘଟଣାରେ ନ୍ୟାୟ ପାଇଁ ସ୍ତ୍ରୀ ମଙ୍ଗଳବାର ଭୁବନେଶ୍ୱରସ୍ଥ ମହିଳା କମିଶନଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବାବେଳେ ଆକ୍ରମଣ ଓ ଲୁଟର ଶିକାର ହୋଇଛନ୍ତି। ଏ ନେଇ ଖାରବେଳନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ମାତ୍ର ଥାନାରେ ତାଙ୍କୁ ନ୍ୟାୟ ମିଳିବା ବଦଳରେ ଅନେକ ହଇରାଣ ହେବାକୁ ପଡ଼ିଥିବା ସମ୍ପୃକ୍ତ ମହିଳା ଗଣମାଧମ ଆଗରେ ଅଭିଯୋଗ ଆଣିଛନ୍ତି। ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳର ସୁପ୍ରିୟା ସ୍ୱାଇଁଙ୍କର ୪ବର୍ଷର ଝିଅ ଥିବା ବେଳେ ତାଙ୍କୁ ସ୍ୱାମୀ ଗ୍ରହଣ ନ କରି ଘର ଛାଡ଼ି ଚାଲିଯାଇଛନ୍ତି। ଏ ନେଇ ନ୍ୟାୟ ପାଇଁ ପରିବାର ଓ ସମ୍ପର୍କୀୟଙ୍କ ସହ ମିଶି ସେ ମହିଳା କମିଶନକୁ ଅଭିଯୋଗ କରିବାକୁ ଅସିଥିଲେ। ମାତ୍ର ତାଙ୍କ ସ୍ୱାମୀଙ୍କ ସମ୍ପର୍କୀୟମାନେ ମହିଳା କମିଶନ ଅଫିସ ଆଗରେ ତାଙ୍କଠାରୁ ଅଭିଯୋଗପତ୍ର ଛଡ଼ାଇ ଚିରି ଦେବା ସହ ମୋବାଇଲ ଓ ଭ୍ୟାନିଟି ବ୍ୟାଗ ନେଇଯାଇଥିଲେ। ସୁପ୍ରିୟାଙ୍କ ସମ୍ପର୍କୀୟମାନେ ଗୋଡ଼ାଇ ଗୋଡ଼ାଇ ଭ୍ୟାନିଟି ଛଡ଼ାଇଥିବା ବ୍ୟକ୍ତିଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ମାତ୍ର ବିଳମ୍ବିତ ରାତି ପର୍ଯ୍ୟନ୍ତ ସମସ୍ତଙ୍କୁ ଥାନରେ ପୋଲିସ ବସାଇ ରଖିବା ସହ ଅଭିଯୋଗ ପତ୍ର ବଦଳାଇ ଲେଖିବାକୁ କହିଥିଲା ବୋଲି ସୁପ୍ରିୟା ଗଣମାଧକୁ ଜଣାଇଛନ୍ତି। ଏ ନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ଉଭୟ ପକ୍ଷର ଅଭିଯୋଗକୁ ଗ୍ରହଣ କରାଯାଇ ତଦନ୍ତ ଜାରି ରହିଛି।

## ଅଣନିଯୁକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ସମ୍ପର୍କରେ ସରକାରଙ୍କୁ ସ୍ମାରକପତ୍ର ଦିଆଯିବ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ତରଫରୁ ମହିଳା ସ୍ୱାସ୍ଥ୍ୟ କର୍ମୀ (ଏଏନ୍ଏମ୍)ଙ୍କ ନିଯୁକ୍ତି ସମ୍ପର୍କରେ ମଙ୍ଗଳବାର ସୂଚନାଭବନ ପରିସର ଗୀତଗୋବିନ୍ଦ ସଦନଠାରେ ଏକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ପାର୍ଥସାରଥି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଶିଷ୍ଟ ସାମାଜିକ କର୍ମୀ ଚିତ୍ତରଞ୍ଜନ ବେହେରା ଯୋଗଦେଇ କହିଲେ, ଏଏନ୍ଏମ୍ଙ୍କ ନିଯୁକ୍ତି ସମ୍ପର୍କରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବା ଦରକାର। ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ସରକାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରସ୍ତୁତି କରାଯାଇଥିଲା। ଉକ୍ତ ଦାବିପତ୍ର ଆସନ୍ତା ଦିନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ ବୋଲି ସଂଘ ସଭାପତି ପାର୍ଥସାରଥୀ ଜେନା ସୂଚନା ଦେଇଛନ୍ତି। ସଂଘର କାର୍ଯ୍ୟକାରୀ ସଭାପତି ବିଷ୍ଣୁପ୍ରିୟା ଖଣ୍ଡାଇ ଧନ୍ୟବାଦ ଦେଇଥିଲେ। ଉକ୍ତ ଆଲୋଚନାଚକ୍ରରେ ବହୁ ରାଜନେତା, ସାମାଜିକ କର୍ମୀ, ବିଶିଷ୍ଟ ବ୍ୟକ୍ତି, ସମସ୍ତ ଜିଲାର ୨୫୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଓ ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଦସ୍ୟା ଯୋଗଦେଇଥିଲେ।

### କାର୍ଯ୍ୟକ୍ଷମ ହେଉନାହିଁ ବିନ୍ଦୁସାଗରର ଆଲୋକୀକରଣ ବ୍ୟବସ୍ଥା

## ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି ବିଶ୍ରାମ ଘାଟ

**ପୁରୁଣା ଭୁବନେଶ୍ୱର, ୧୬।୭ (ଡି.ଏନ.ଏ.)**

ପର୍ଯ୍ୟଟନ ବିଭାଗ ପକ୍ଷରୁ ବିନ୍ଦୁସାଗରକୁ ପର୍ଯ୍ୟଟକଙ୍କ ଅଧିକ ଆକର୍ଷିତ କରିବାକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ବର୍ଷକ ତଳେ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ମୋହିନୀ ଘାଟରେ ଲାଇଟ ଆଣ୍ଡ ସାଉଣ୍ଡ ଶୋ (ଜଳ ଫୁଆରା) କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ୪ ପଟେ ବୁଲି ମଜ୍ଜା ଉଠେଇବା ଥିଲା ଶ୍ରଦ୍ଧାଳୁମାନଙ୍କର ଲକ୍ଷ ଏବେ କିନ୍ତୁ ତାହା ଅସମ୍ଭବ ହୋଇପଡ଼ିଛି। ବାତ୍ୟା ଫନୀଠାରୁ ବିଶ୍ରାମ ଘାଟର ପ୍ରାୟ ଆଲୋକୀକରଣ ବନ୍ଦ ରହିଛି। ଯାହାର ଫାଇଦା ଉଠାଉଛନ୍ତି ଅସାମାଜିକ ବ୍ୟକ୍ତି। ସନ୍ଧ୍ୟା ହେଲେ ଏଠାରେ ନିଶା ଖୋର



ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଏପରିକି ଆମିଷ ବ୍ୟଞ୍ଜନର ଅଇଁଠା ଖଲିପତ୍ର, ପଲିଥିନ୍, ପ୍ଲାଷ୍ଟି ବୋତଲ ପଡ଼ିଥିବା ଦେଖିବାକୁ ମିଳୁଛି। ସପ୍ତାହକ ମଧ୍ୟରେ ଲିଙ୍ଗରାଜ ଥାନା ପୋଲିସ ଏଠାରେ ଚଢାଉ କରି ୫୦ରୁ ଉର୍ଦ୍ଧ୍ୱ ନିଶାଡ଼ିଆଙ୍କୁ ଧରି ଫାଇନ କାଟି ଛାଡ଼ିଥିବା ଜଣାପଡ଼ିଛି। ଲକ୍ଷ୍ୟାଧିକ ଟଙ୍କା ବ୍ୟୟର ଏଠାରେ ହୋଇଥିବା ଆଲୋକୀକରଣ ବ୍ୟବସ୍ଥାକୁ ପୁଣି କାର୍ଯ୍ୟକ୍ଷମ କରାଇବାକୁ ବିଭିନ୍ନ ମହଲରେ ଦାବି ହୋଉଛି। ନଚେତ୍ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଐତିହ୍ୟ ସ୍ଥଳଟି ବିଶେଷତ୍ୱ ହରାଇବ। ଟ୍ୟୁରିଜିମ ବିଭାଗର ଟ୍ୟୁରିଷ୍ଟ ଅଫିସର ଅଜୟ କୁମାର ରାଉତଙ୍କୁ ପଚାରିବାରେ ଫନୀ ପରେ ସମସ୍ତ ଲାଇଟ ଷ୍ଟାଣ୍ଡ, ଲାଇଟ୍ ପୁଣି ମରାମତି ନେଇ ଏଷ୍ଟିମେଣ୍ଟ କରାଯାଇ ବିଭାଗକୁ ପଠାଯାଇଥିଲା। ବିଲ୍ ହୋଇ ଟଙ୍କା ଆସିଲେ ଖୁବ୍ଶୀଘ୍ର ଲାଇଟ୍ କାମ ହେବ ବୋଲି ସେ କହିଥିଲେ।

### ରାସ୍ତାପାର୍ଶ୍ୱରେ ଗଛ ଲଗାଇଲେ କ୍ଲବ ପିଲା

**ବାରଙ୍ଗ,୧୬।୭(ଡି.ଏନ୍.ଏ.)**

ଦାରୁଠେଙ୍ଗର ପିଣ୍ଡିକି ୟୁଥ କ୍ଲବ ପକ୍ଷରୁ ଔଷଧୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦାରୁଠେଙ୍ଗର ଖଣ୍ଡୁଆଳଠାରୁ ଅଳସୁଆ ଗ୍ରାମ ପର୍ଯ୍ୟନ୍ତ ପ୍ରାୟ୨କିମି ରାସ୍ତାରେ ନିମ୍ବ, କାଜୁ, ବାହାଡା, କରଞ୍ଜ, ଅଁଳା ଆଦି ବୃକ୍ଷର ଚାରାରୋପଣ କରାଯାଇଥିଲା। ଏଥିରେ କ୍ଲବର ସଭାପତି ଅକ୍ଷୟ ପାହଡସିଂ, ସମ୍ପାଦକ ପବିତ୍ର ମୋହନ ବଳିଆରସିଂ, ସହସମ୍ପାଦକ ଉମାଶଙ୍କର ପଟ୍ଟନାୟକ, ଅଧ୍ୟାପକ ମାନସ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସହକାରୀ ପ୍ରଫେସରଙ୍କୁ ତାଲା ପକାଇଲେ କର୍ମଚାରୀ

■ଦେଢଘଣ୍ଟା ପରେ ପୋଲିସ ସହାୟତାରେ ମୁକୁଳିଲେ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ସହକାରୀ ପ୍ରଫେସରଙ୍କ କ୍ଷେତ୍ରରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ସହକାରୀ ପ୍ରଫେସର ଜଣକ ଏକ ରୁମ୍ରେ ବସିଥିବାବେଳେ ବିଭାଗୀୟ କର୍ମଚାରୀ ଅଜଣାତରେ ତାଙ୍କୁ ବାହାର ପଟୁ ଭୁଲବଶତଃ ତାଲା ପକାଇ ଦେଇଥିଲେ। ଫଳରେ ସେ ଦେଢଘଣ୍ଟା ଧରି ସେହି ରୁମ୍ରେ ରହିଥିଲେ। ମୁକୁଳିବାକୁ ବହୁ ଚେଷ୍ଟା କରି ନିରାଶ ହେବାରୁ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ବିଭାଗୀୟ କର୍ମଚାରୀଙ୍କୁ ଡକାଇ ତାଲା ଖୋଲିବା ପରେ ସେ ବାହାରକୁ ବାହାରିଥିଲେ। ଏହି ଘଟଣାକୁ କ୍ୟାମ୍ପସରେ ନିନ୍ଦା କରାଯାଇଛି। ସୂଚନା ମୁତାବକ, ମନସ୍ତତ୍ତ୍ୱବିତ୍ ବିଭାଗରେ କାର୍ଯ୍ୟରତ ସହକାରୀ ପ୍ରଫେସର ମହେଶ୍ୱର ଶତପଥୀ ପାଠପଢା ସାରିବା ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିଲେ। ଅପରାହ୍ନ ୫ଟା ୩୦ରେ ତାଙ୍କର ଅଜାଣତରେ ବିଭାଗୀୟ କର୍ମଚାରୀ ତାଲା ପକାଇ ଚାଲିଯାଇଥିଲେ। ପରେ ସେ ବାହାରୁ ଆସିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। କର୍ମଚାରୀଙ୍କୁ ଫୋନ କଲେ ମଧ ଘଟଣାସ୍ଥଳକୁ ଯାଇ ନ ଥିଲେ। ଫଳରେ ସେ ଶହୀଦନଗର ଥାନାକୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ପୋଲିସ ପହଞ୍ଚି ବିଭାଗୀୟ କର୍ମଚାରୀଙ୍କୁ ଡାକି ତାଲା ଖୋଲାଇଥିଲା। ସନ୍ଧ୍ୟା ୭ଟାରେ ପ୍ରଫେସର ଶତପଥି ବାହାରକୁ ଆସିଥିଲେ। ପ୍ରତିଦିନ ସାଢେ ୫ଟାରେ ବିଭାଗର ମୁଖ୍ୟଦ୍ୱାରରେ ତାଲା ପକାଇବାକୁ ବିଭାଗୀୟ ମୁଖ୍ୟ ଭାସ୍ୱତୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ ରହିଥିବା କର୍ମଚାରୀଙ୍କ ପକ୍ଷରୁ ଜାଣିବାକୁ ମିଳିଥିଲା।

## ସ୍ମାର୍ଟ ପ୍ରକଳ୍ପ ବୁଲି ଦେଖିଲେ ଗବେଷକ



**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ରାଜଧାନୀରେ ସ୍ମାର୍ଟ ସିଟିର ମିଶନଗୁଡିକ ବିଷୟରେ ଗବେଷଣା କରିବା ଲାଗି ନୂଆଦିଲ୍ଲୀରୁ ୩ ଜଣ ଗବେଷିକା ଆସିଛନ୍ତି। ପ୍ରଫେସର କେ.ଟି. ରବିନ୍ଦ୍ରନଙ୍କ ନେତୃତ୍ୱରେ ୩ ଗବେଷିକା ଶୁଭାଶ୍ୱେତୀ ସିହ୍ନା, ମାନସୀ ନାଇଡୁ ଓ କୀର୍ତ୍ତି କଓ୍ୱାଲେ ସୋମବାରଠାରୁ ରାଜଧାନୀକୁ ଆସିଛନ୍ତି। ବିଶେଷକରି ସର୍ବସାଧାରଣ ସ୍ଥାନଗୁଡିକରେ କିଭଳି ଜନ ଉପଯୋଗୀ ପ୍ରକଳ୍ପ ଓ ଶିଶୁମାନଙ୍କୁ ଧ୍ୟାନ ଦିଆଯାଇଛି ତାକୁ ସେମାନେ ଅନୁଧ୍ୟାନ କରୁଛନ୍ତି। ଏଥିସହ ଏସବୁ ପ୍ରକଳ୍ପ ଦ୍ୱାରା ସୁସ୍ଥ ବାତାବରଣ କିପରି ତିଆରି ହେଉଛି ତାକୁ ମଧ୍ୟ ପରଖୁଛନ୍ତି। ସ୍ମାର୍ଟ ସିଟି ପ୍ରକଳ୍ପ ସହ ଐତିହାସିକ ଅଞ୍ଚଳ 'ଏକାମ୍ର କ୍ଷେତ୍ର' ବୁଲି ଦେଖୁଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ସ୍ମାର୍ଟ ସହରରେ ଜାଣିବା ସହ ବିଭିନ୍ନ ଦିଗ ଉପରେ କେତେକ ପ୍ରସ୍ତାବ ମଧ୍ୟ ସେ ଦେବେ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଅଧୀନରେ ଗବେଷଣା କରୁଥିବା ଗବେଷିକାମାନେ ନଗର ଉନ୍ନୟନ ଯୋଜନା, ଆଇଟି, ଅର୍ବାନ ମୋବିଲିଟି, ଫାଇନାନ୍ସ, ସାମାଜିକ ଓ ପରିବେଶ କ୍ଷେତ୍ରରୁ ଆସିଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ଗଣବଳାତ୍କାର: ୪ ଅଭିଯୁକ୍ତ ଗିରଫ

ବେଦବ୍ୟାସ, ୧୬।୭ (ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଚିକଟମାଟି ଗ୍ରାମସ୍ଥିତ ମାମୁ ଘରକୁ ବୁଲିବାକୁ ଆସିଥିବା ଜନୈକା ନାବାଳିକା (୧୫)ଙ୍କୁ ଗଣବଳାତ୍କାର କରାଯାଇଛି। ପୋଲିସ ମଙ୍ଗଳବାର ୪ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଥିବା ଜଣେ ନାବାଳକଙ୍କୁ ମଧ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଗିରଫ ଯୁବକମାନେ ହେଲେ ଭାଲୁପତ୍ରା ଗ୍ରାମର ବିକାଶ ତିର୍କୀ, ଅମିତ କିଶପଟ୍ଟା, ପ୍ରଶାନ୍ତ ଟପ୍ପୋ ଓ ରବୀନ କିଶପଟ୍ଟା। ପୋଲିସ ସୂଚନାନୁଯାୟୀ ନାବାଳିକା ଗତ ରବିବାର ମାମୁଁ ଘର ଚିକଟମାଟି ଗ୍ରାମକୁ ବୁଲିବାକୁ ଆସିଥିଲେ। ଚିକଟମାଟି ନିକଟ ଭାଲୁପତ୍ରା ଗ୍ରାମର ବିକାଶ ତିର୍କୀ ନାବାଳିକାଙ୍କୁ ମାମୁ ଘରୁ ଡାକି ନେଇଯାଇଥିଲେ। ଅନ୍ୟ ଅଭିଯୁକ୍ତମାନଙ୍କ ସହ ମିଶି ନାବାଳିକାଙ୍କୁ ଶଙ୍ଖନଦୀ କୂଳକୁ ନେଇ ଜଣେ ପରେ ଜଣେ ବଳାତ୍କାର କରିଥିଲେ। ଏନେଇ ନାବାଳିକା ଘରକୁ ଆସି ମାମୁଙ୍କୁ ଜଣାଇବା ପରେ ସୋମବାର ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୧୮୦/୨୦୧୯) ରୁଜୁ କରିଛି। ପ୍ରାଥମିକ ତଦନ୍ତ ଆରମ୍ଭ ସହ ନାବାଳିକାଙ୍କୁ ଡାକ୍ତର ମାଇନା କରାଯାଇଛି।

### ଏସ୍‌ସିବିରେ ଖୋଲିଲା ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ

■ ପ୍ରଥମ ଦିନରେ ୩ ରୋଗୀଙ୍କ ରକ୍ତରେ ପଜିଟିଭ

କଟକ ଅଫିସ,୧୬।୭: ଏସ୍‌ସିବି ମେଡିକାଲରେ ମଙ୍ଗଳବାରଠାରୁ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ଖୋଲିଛି। କାଜୁଆଲିଟି କୋଠାର ତୃତୀୟ ମହଲାରେ ୫୦ ବେଡ୍ ବିଶିଷ୍ଟ ଏହି ୱାର୍ଡ ଖୋଲାଯାଇଛି। ପ୍ରଥମ ଦିନରେ ୬୯ ଜଣ ରୋଗୀଙ୍କ ରକ୍ତ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଜଣ ରୋଗୀଙ୍କ ରକ୍ତରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ପଜିଟିଭ ରୋଗୀଙ୍କ ମଧ୍ୟରେ ୨ ଜଣ ଭଦ୍ରକ ଜିଲାର ହୋଇଥିବା ବେଳେ ଜଣେ ଦେବଗଡ଼ ଅଞ୍ଚଳର ବୋଲି ୱାର୍ଡ ଦାୟିତ୍ୱରେ ଥିବା ମେଡିସିନ ବିଭାଗର ସହକାରୀ ପ୍ରଫେସର ଡା. ଶ୍ରୀପ୍ରସାଦ ମହାନ୍ତି ସୂଚନା ଦେଇଛନ୍ତି।

# ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ନେଇ ଉଦ୍‌ବେଗ

## ମହାନଦୀ ଜଳ ବିବାଦ

ଭୁବନେଶ୍ୱର,୧୬।୭(ବ୍ୟୁରୋ)

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଜଳସେଚନ କୃଷି କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ। ତେଣୁ ରାଜ୍ୟରେ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ଭୂମିକା ରହିଛି। ଜଳସେଚନ ବ୍ୟତୀତ ବନ୍ୟା ଜଳ ନିଷ୍କାସନ ମଧ ଏହି ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ରାଜ୍ୟର ଅଧିକାଂଶ ଜଳସେଚନ ପ୍ରକଳ୍ପ ଅଧାପନ୍ତରିଆ, ମହାନଦୀ ବିବାଦ, ଡ୍ୟାମଜନିତ ବିସ୍ଥାପନ ଆଦି ପ୍ରସଙ୍ଗରେ ଉଭୟ ଶାସକ ଓ ବିରୋଧୀଙ୍କ ସଦସ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ।

ଆଲୋଚନାରେ ଭାଗ ନେଇ ଭାଜପା ସଭ୍ୟ ସୁକାନ୍ତ ନାୟକ କହିଥିଲେ ଯେ, ରାଜ୍ୟରେ ବିଭିନ୍ନ କ୍ଷୁଦ୍ର, ମଧ୍ୟମ ଏବଂ ବୃହତ ଜଳସେଚନ ପ୍ରକଳ୍ପର ସ୍ଥିତି କ'ଣ, ସେ ନେଇ ତଥ୍ୟ ରଖନ୍ତୁ। ଆଡିବନ୍ଧ ଯୋଜନାର କାର୍ଯ୍ୟ କ'ଣ। ଅସମ୍ପୂର୍ଣ୍ଣ ପ୍ରକଳ୍ପର ପରିଧି ନେଇ ବିବରଣୀ ରଖାଯାଉ। ମହାନଦୀ ଜଳବିବାଦ ନେଇ ରାଜ୍ୟ ସରକାର ରାଜନୀତି କରୁଛନ୍ତି। ହେଲେ ରାଜ୍ୟର ଅନ୍ୟ ପ୍ରମୁଖ ନଦୀ ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବଂଶଧାରାର ବହୁ ପରିମାଣର ଜଳ ସମୁଦ୍ରକୁ ଚାଲିଯାଉଛି। ଏହାର ସଂରକ୍ଷଣ କରାଯାଉନାହିଁ, ତେଣୁ ସରକାର ଏ ଦିଗରେ କାର୍ଯ୍ୟ କରନ୍ତୁ। ଶାସକ ଦଳ ସଭ୍ୟ ଅନନ୍ତ ଦାସ ନଦୀ ସଂଯୋଗୀକରଣ ନେଇ ପ୍ରଶ୍ନ କରିବା ସହ ବର୍ଷା ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। କେତେକ କାର୍ଯ୍ୟକ୍ରମରେ ଜଳସେଚନକୁ ପୂର୍ବାପେକ୍ଷା କମ୍ ଅନୁଦାନ ମିଳିଥିବା ଅନନ୍ତ କହିଥିଲେ। ଏହା ପରେ ରୋହିତ ପୂଜାରୀ ରାଜ୍ୟ ସରକାରଙ୍କ ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ। ହେଲେ ହୀରାକୁଦ ଏବଂ ରେଙ୍ଗାଲିଡ୍ୟାମ ଦ୍ୱାରା ପ୍ରଭାବିତଙ୍କୁ ନ୍ୟାୟ ମିଳୁ ନ ଥିବା ଉଲ୍ଲେଖ କରିଥିଲେ। ସର୍ବୋପରି ମାଇକ୍ରୋ ଜଳସେଚନ ଉପରେ ଗୁରୁତ୍ୱାରୋପ କରିବାକୁ ରୋହିତ ମତ ରଖିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଥିଲେ ଯେ, ମହାନଦୀ ଉପରେ ଛତିଶଗଡ ଡ୍ୟାମ ନିର୍ମାଣ ନେଇ ରାଜ୍ୟ ସରକାର ସ୍ପଷ୍ଟ ମତ ରଖନ୍ତୁ। କୁହାଯାଇଥିବା ୪୧.୮୯ ଲକ୍ଷ ହେକ୍ଟର ଜମି ଜଳସେଚିତ ହେବା କୌଣସି ବାସ୍ତବତା ନାହିଁ। ତେଣୁ ସରକାର କେଉଁ ବ୍ଲକରେ କେତେ ପରିମାଣରେ ଚାଷ ଜମି ଜଳସେଚିତ, ସେ ନେଇ ତଥ୍ୟ ପ୍ରଦାନ କରନ୍ତୁ ବୋଲି ମୋହନ କହିଛନ୍ତି।

କଂଗ୍ରେସ ସଭ୍ୟ ସୁରେଶ ରାଉତରାୟ ମଧ ମହାନଦୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସୁରେଶ କହିଛନ୍ତି ଯେ, ଛତିଶଗଡ ୭ଟି ବ୍ୟାରେଜ କରିଦେଲା, ଅଥଚ ରାଜ୍ୟ ସରକାର ଜାଣି ପାରିଲେ ନାହିଁ। କୁଆଡେ ପାଣି ନ ମଡାଇ ସରକାର ଜଳସେଚନର ବାହାବା ନେଉଛନ୍ତି। ଶାସକ ସଭ୍ୟ ପ୍ରଫୁଲ୍ଲ ସାମଲ ଖର୍ଚ୍ଚଦାବିକୁ ସମର୍ଥନ କରିବା ସହ ନଦୀ ବିବାଦର ତୁରନ୍ତ ସମାଧାନ ପାଇଁ ମତ ରଖିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ମଧ ଜଳସେଚନ ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିଥିଲେ। ସରକାରୀ ତଥ୍ୟରେ ତାଳମେଳ ନ ରହିବା, ଚାଷ ଜମି ଅପେକ୍ଷା ଅଧିକ ଜମିକୁ ଜଳସେଚିତ ହୋଇଥିବା ଦର୍ଶାଇବା ଘଟଣାକୁ ସମାଲୋଚନା କରିଥିଲେ। ଏଥିସହିତ ମରୁଡି ପ୍ରଭାବିତ ଅଞ୍ଚଳରେ ଜଳସେଚନ ସୁବିଧା ପାଇଁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତି ନେଇ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ମୀନାକ୍ଷୀ ମହନ୍ତ, ନିତ୍ୟାନନ୍ଦ ସାହୁ, ଭାସ୍କର ମଢେଇ, ମୁକେଶ ପାଲ ଏବଂ ମଦନମୋହନ ଦତ୍ତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଗାଁ ଅର୍ଥ ବ୍ୟବସ୍ଥାର ବିକାଶ କରିବ ଭିଏଲ୍‌ଇ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧୬।୭(ବ୍ୟୁରୋ)



ଭିଏଲ୍‌ଇ (ଭିଲେଜ୍ ଲେଭଲ୍ ଏଣ୍ଟରପ୍ରିନ୍ୟୁର୍ସ) ଦ୍ୱାରା ଗାଁ ଅର୍ଥ ବ୍ୟବସ୍ଥାର ବିକାଶ ହୋଇପାରିବ। ସେହିପରି ମହିଳାମାନଙ୍କ ଆତ୍ମବିଶ୍ୱାସକୁ ପରିପ୍ରକାଶ ସହିତ ଗ୍ରାମାଞ୍ଚଳ ଉଦ୍ୟମଶୀଳତାକୁ ଗତି ଦେବ। କମନ୍ ସର୍ଭିସ୍ ସେଣ୍ଟର(ସିଏସ୍‌ସି) ଦିବସ ଅବସରରେ ନୂଆଦିଲ୍ଲୀଠାରେ ମଙ୍ଗଳବାର ସିଏସ୍‌ସି ଓମେନ୍ ଭିଏଲ୍‌ଇ ୱାର୍କଶପ୍‌କୁ ଉଦ୍‌ଘାଟନ କରି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଓ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେଙ୍କ ଉପସ୍ଥିତ ଥିଲେ। ଘରର ସମସ୍ତ ବିଷୟକୁ ପରିଚାଳନା କରିବାରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭିଏଲ୍‌ଇ ଦ୍ୱାରା ସେମାନଙ୍କ ଦକ୍ଷତାର କିପରି ଲାଭ ଉଠାଯାଇପାରିବ ସେନେଇ ଧର୍ମେନ୍ଦ୍ର ଆଲୋକପାତ କରିଥିଲେ। ସିଏସ୍‌ସି ମାଧମରେ ଏଲ୍‌ପିଜି ଗ୍ୟାସର ପଞ୍ଜୀକରଣ ଓ ରିଫିଲ୍ କରିବା ଓଡ଼ିଶାରୁ ଆରମ୍ଭ ହୋଇଛି । ଏହି ମଡେଲ୍ ଏଲ୍‌ପିଜି ବିତରଣ ନେଟୱର୍କକୁ ବିସ୍ତାର କରିବାରେ ସାହାଯ୍ୟ କରିପାରିବ। ଏହାବ୍ୟତୀତ ଗାଁଗୁଡିକରେ ଏସ୍‌ଏଚ୍‌ଜି ପରମ୍ପରାକୁ ଉତ୍‌ଥାନ କରିବା ପାଇଁ ପ୍ରୋତ୍ସାହିତ କରିପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି ।

# ହିନ୍ଦୋଳ ବନାଞ୍ଚଳରେ ପୁଣି ହାତୀ ଛୁଆ ମୃତ

## ୨ମାସରେ ୪ ମଲେଣି

ରାସୋଳ, ୧୬।୭(ଡି.ଏନ୍.ଏ.)


ମୃତ ହାତୀ ଶାବକ

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳରେ ଅସୁରକ୍ଷିତ ହୋଇପଡ଼ିଛନ୍ତି ହାତୀ। ବିଭିନ୍ନ କାରଣରୁ ସଂରକ୍ଷିତ ଜଙ୍ଗଲରେ ହାତୀ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ମଙ୍ଗଳବାର ସକାଳେ ବମ୍ପା ସେକ୍ସନ ଅଧୀନ ଭିଙ୍ଗିରା ସଂରକ୍ଷିତ ଜଙ୍ଗଲରେ ଏକ ହାତୀ ଛୁଆର ମୃତଦେହ ଉଦ୍ଧାର କରାଯାଇଛି। ଏହାର ଆନୁମାନିକ ବୟସ ୬ମାସ ହେବ। ଗତ ଦୁଇମାସ ମଧ୍ୟରେ ଏହା ହେଉଛି ୪ର୍ଥ ଘଟଣା। ବନ ବିଭାଗର ଅବହେଳା ଯୋଗୁ ବନାଞ୍ଚଳରେ ହାତୀଙ୍କ ଏପରି ଅକାଳ ମୃତ୍ୟୁ ହେଉଥିବାବେଳେ ଏହାକୁ ନେଇ କ୍ଷୋଭବ୍ୟକ୍ତ କରିଛନ୍ତି ପରିବେଶବିତ୍।

ଗିରିଧରପ୍ରସାଦ ପଞ୍ଚାୟତ ଅଞ୍ଚଳରେ ମାସେ ହେଲେ ଏକ ପଲରେ ୧୫ରୁ ଊର୍ଦ୍ଧ୍ୱ ହାତୀ ବ୍ୟାପକ ଉପଦ୍ରବ ସୃଷ୍ଟି କରି ଚାଲିଛନ୍ତି। ଜରଡ଼ା, ବୁହାଲିପାଳ, ବାବନ୍ଧ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଶି ଘରଦ୍ୱାର, ଫଳ ବଗିଚା ନଷ୍ଟ କରିବା ସହ ଧାନଚାଉଳ ଖାଇଯାଉଛନ୍ତି। ଉକ୍ତ ହାତୀପଲରେ ୩ଟି ହାତୀ ଛୁଆ ଥିଲେ। ସେଥିରୁ ଗୋଟିଏ ଜୁଲାଇ ୪ରେ ବାଲିସାହି ଅଞ୍ଚଳରେ ପ୍ରାଣ ହରାଇଥିଲା। ଏହାର କାରଣ ଅଦ୍ୟାବଧି ଅସ୍ପଷ୍ଟ ରହିଛି। ସେହିପରି କନକାରେ ଅସୁସ୍ଥ ହୋଇପଡ଼ିଥିବା ଏକ ହାତୀ ଛୁଆକୁ ବନ ବିଭାଗ ଉଦ୍ଧାର କରିଥିଲା। ତେବେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପୂର୍ବରୁ ତାକୁ ଜଙ୍ଗଲକୁ ଛାଡ଼ି ଦିଆଯାଇଥିଲା। ତାଳଗଣ୍ଡା ଗ୍ରାମ ନିକଟରେ ଉକ୍ତ ହାତୀ ଶାବକର ମୃତଦେହ ଠାବ କରାଯାଇଥିଲା। ଗତ ଜୁନ୍ ୧୨ରେ ବାଲିମି ଥାନା କଡ଼ଲା ଗ୍ରାମ ଉପକଣ୍ଠ କର୍ଣ୍ଣପୁର ବିଟ୍ ଅଞ୍ଚଳରେ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ପଡ଼ି ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ହିନ୍ଦୋଳ ରେଞ୍ଜରେ ହାତୀମୃତ୍ୟୁ ସଂଖ୍ୟା ବଢୁଥିବାବେଳେ ବନ ବିଭାଗର ନିଦ ଭାଙ୍ଗୁନାହିଁ। ହାତୀ ଉପଦ୍ରୁତ ଅଞ୍ଚଳରେ ପାଟ୍ରୋଲିଂ କରାଯାଉ ନ ଥିବା ଅଭିଯୋଗ ହେଉଛି। ବନ ବିଭାଗର ଅବହେଳା ଅଞ୍ଚଳରୁ ହାତୀବଂଶ ଲୋପ କରିଦେବ ବୋଲି ପରିବେଶବିତ୍‌ମାନେ ଉଦ୍‌ବେଗର ସହ କହିଛନ୍ତି।

### ସ୍ତ୍ରୀଙ୍କୁ ମାରି ଟାଙ୍ଗି ଦେଲେ ସ୍ୱାମୀ

କୋରାପୁଟ,୧୬।୭(ସ୍ୱ.ପ୍ର.)

ଦମ୍ପତିଙ୍କ ଭିତରେ ପାଟିତୁଣ୍ଡ ଚାଲେ। କିନ୍ତୁ ମଙ୍ଗଳବାର ଏହି ପାରିବାରିକ ଅଶାନ୍ତି ଉଗ୍ର ରୂପ ନେଇଥିଲା। କ୍ରୋଧରେ ଉନ୍ମତ୍ତ ସ୍ୱାମୀ ଠେଙ୍ଗାରେ ସ୍ତ୍ରୀଙ୍କୁ ପିଟିପିଟି ମାରିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ରଶି ଲଗାଇ ମୃତଦେହକୁ ଘରେ ଟାଙ୍ଗିଦେଇଛନ୍ତି। କୋରାପୁଟ ଜିଲାର ଆଦିବାସୀ ଅଧ୍ୟୁଷିତ ଦଶମନ୍ତପୁର ବ୍ଲକରେ ଏଭଳି ଅଭାବନୀୟ କାଣ୍ଡ ଘଟିଛି। ସୂଚନା ଅନୁଯାୟୀ, ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ଫଟକିଜାମ ଗ୍ରାମର ପାଲମା ବାଘ ଓ ସ୍ତ୍ରୀ ଚମ୍ପାବତୀଙ୍କ ମଧ୍ୟରେ ମଙ୍ଗଳବାର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପାଲମା ଠେଙ୍ଗାରେ ସ୍ତ୍ରୀ ଚମ୍ପାବତୀଙ୍କୁ ମାଡ଼ ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ନିଜ ଦୋଷ ଲୁଚାଇବା ପାଇଁ ସେ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଉଦ୍ୟମ କରିଥିଲେ। ସ୍ତ୍ରୀଙ୍କ ମୃତଦେହକୁ ରଶି ଲଗାଇ ଘରେ ଟଙ୍ଗାଇ ଦେଇଥିଲେ। ଦଶମନ୍ତପୁର ଥାନା ପୋଲିସ ଆତ୍ମହତ୍ୟା ଖବର ପାଇବା ପରେ ପାଲମାଙ୍କ ଘରୁ ମୃତଦେହ ଜବତ କରିଥିଲା।

### ଡାକ୍ତରଖାନାରୁ ମୃତଦେହକୁ ଦୋଳାରେ ବୋହି ନେବା ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ସିଡିଏମ୍‌ଓ

ଭବାନୀପାଟଣା,୧୬।୭(ଡି.ଏନ.ଏ.)

ଶବବାହକ ଗାଡି ଆସିବାରେ ବିଳମ୍ବ ହେବା ଯୋଗୁ ମୃତଦେହକୁ ଦୋଳାରେ ବୋହି ୫ କି.ମି. ଦୂର ଗାଁକୁ ନେଲେ ଆଦିବାସୀ ପରିବାର। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କାଣିଗୁମାରେ ଏଭଳି ଏକ ଘଟଣାର ଭିଡିଓ ଭାଇରାଲ ହେବା ପରେ ଲୋକଲୋଚନକୁ ଆସିଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ବନଲତା ଦେବୀ ଘଟଣାର ତଦନ୍ତ ପାଇଁ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି।

ଜିଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ କାଣିଗୁମା ପିଏଚ୍‌ସିରେ ଗତ ସୋମବାର ପୂର୍ବାହ୍ନ ୯ଟାରେ କାଣିଗୁମା ଗାଁର ନିଗାଡି ମାଝି(୫୫)ଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଥୁ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧିକ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ସେଠାରୁ ତାଙ୍କୁ ପୁଣି କାଣିଗୁମା ପିଏଚ୍‌ସିକୁ ଅଣାଯାଇଥିଲା। ଅପରାହ୍ନ ପ୍ରାୟ ୨ଟାରେ କାଣିଗୁମା ଡାକ୍ତରଖାନାରେ ନିଗାଡିଙ୍କ ମୃତ୍ୟୁ ହୋଇଯାଇଥିଲା। ହେଲେ ଶବବାହକ ଗାଡି ଆସିବାରେ ବିଳମ୍ବ ହେବାରୁ ମୃତଦେହକୁ ପରିବାର ଲୋକେ ଦୋଳା କରି ପ୍ରାୟ ୫ କି.ମି. ବୋହି ଘରକୁ ଆଣିଥିଲେ। ପ୍ରକାଶଥାଉକି, ଥୁ.ରାମପୁର ବ୍ଲକରେ ଶବବାହକ ଗାଡି ନାହିଁ। ଥୁ.ରାମପୁର, କଲମପୁର ଓ ଜୟପାଟଣା ବ୍ଲକକୁ ମାତ୍ର ଗୋଟିଏ ମହାପ୍ରୟାଣ ଗାଡି ଯୋଗାଇ ଦିଆଯାଇଛି। ତାହା ପୁଣି କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥାଏ।

ସୂଚନାଯୋଗ୍ୟ ଯେ, ୨୦୧୭ରେ କଳାହାଣ୍ଡିର ଦାନ ମାଝି ନିଜ ସ୍ତ୍ରୀଙ୍କ ମୃତଦେହକୁ କାନ୍ଧରେ ବୋହି ୧୩ କି.ମି. ଚାଲି ଯିବା ଘଟଣା ସାରାଦେଶରେ ହଇଚଇ ସୃଷ୍ଟି କରିଥିଲା। ଏହା ପରେ ସରକାର ପ୍ରତ୍ୟେକ ମୃତଦେହକୁ ସମ୍ମାନ ଦେବା ପାଇଁ ଘୋଷଣା କରିଥିଲେ। ଏହା ସତ୍ତ୍ୱେ ଥୁଆମୂଳ ରାମପୁର ବ୍ଲକରେ ପୁଣି ଥରେ ଆତ୍ମୀୟ ମୃତଦେହ ଦୋଳାରେ ବୋହିବା ଘଟଣା ସରକାରଙ୍କ ଆନ୍ତରିକତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଆଜି ପାଟକୁରା ନିର୍ବାଚନ ପ୍ରଚାରରେ ସାମିଲ ହେବେ ମୁଖ୍ୟମନ୍ତ୍ରୀ

କେନ୍ଦ୍ରାପଡ଼ା ଅଫିସ, ୧୬।୭

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ରାପଡ଼ା ଜିଲା ଗସ୍ତ କରି ପାଟକୁରା ନିର୍ବାଚନୀମଣ୍ଡଳୀରେ ଦଳୀୟ ପ୍ରଚାର କାର୍ଯ୍ୟରେ ସାମିଲ ହେବେ। ସେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ପାଇଁ ପ୍ରଚାର କରିବେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ପୂର୍ବାହ୍ନ ୯ଟା ୫୦ ମିନିଟରେ ସେ ଡେରାବିଶ ବ୍ଲକ ବାରିମୂଳ ହେଲିପାଡରେ ହେଲିକପ୍ଟରରୁ ଓହ୍ଲାଇବେ। ୧୦ଟାରେ ହାଇଟେକ୍ ବସ ଯୋଗେ ନହଙ୍ଗ, ସନ୍ଥପୁରା, ନୋଳସାହି, ରଘୁଦେଇପୁର, ସଦାନନ୍ଦପୁର, ପଞ୍ଚୁପାଣ୍ଡବ ବଜାର, ବଳଭଦ୍ରପୁର, ନୂଆହାଟଛକ, ଗୋଲରହାଟ, ବାଲିଆ, ପଲେଇ, ଚାନ୍ଦୋଳ, ଚଣ୍ଡିବଜାର ଓ ଖମୋଳ ଆଦି ଛକକୁ ଯାଇ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିବେ। ଅପରାହ୍ନ ୧୨ଟା ୪୫ରୁ ୧ଟା୪୫ ପର୍ଯ୍ୟନ୍ତ ଜଣ୍ଟିଲେ ଆଇବିରେ ରହି ଗରଦପୁର ବ୍ଲକର ନୂଆପଡାକୁ ଯିବେ। ସେଠାରୁ ବେଡାରି, ପାଟକୁରା, ଗରଦପୁର, କଳାବୁଦା, କୋରୁଆ, ମାହାଳ, ନଡିଆ ବରେଇ ଛକ ଓ କୁନ୍ଦାଳଠାରେ ସାବିତ୍ରୀଙ୍କ ପାଇଁ ପ୍ରଚାର କରିବେ। ସେହିପରି ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବନ୍ଧକଟା, ପେଣ୍ଠ, କୁଳସାହି, ଜମପଡା, କରିଲୋପାଟଣା ଆଦି ସ୍ଥାନକୁ ଯାଇ ପ୍ରଚାର କରିବା ଲାଗି କାର୍ଯ୍ୟକ୍ରମ ରହିଛି। ଅପରପକ୍ଷେ ବାବୁଲିଙ୍କୁ ଗୁଳିମାଡ଼ ଘଟଣାରେ କେନ୍ଦ୍ରାପଡା ଜିଲାରେ ବିଭିନ୍ନ ସଂଗଠନ ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଜିଲା ବନ୍ଦ ଡାକରା ଦିଆଯାଇଛି। ଫଳରେ ପ୍ରଚାର କାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।

■ ପରିବାର ନିୟୋଜନ ଅସ୍ତ୍ରୋପଚାରରେ ତ୍ରୁଟି

# ମୂତ୍ରନଳୀ କାଟିଦେଲେ ଡାକ୍ତର

ନୟାଗଡ଼ ଅଫିସ,୧୬।୭

ନୟାଗଡ଼ ଜିଲା ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳାଙ୍କ ପରିବାର ନିୟୋଜନ ଅସ୍ତ୍ରୋପଚାର ସମୟରେ ଡାକ୍ତର ମୂତ୍ରନଳୀ କାଟି ଦେଇଛନ୍ତି। ଏହା ଡାକ୍ତର ନିଜେ ମହିଳାଙ୍କ ପରିବାର ସଦସ୍ୟଙ୍କୁ ଜଣାଇଛନ୍ତି। ତେବେ ଡାକ୍ତରଙ୍କ ଖାମଖିଆଲ ମନୋଭାବ ଯୋଗୁ ଏହିଭଳି ତ୍ରୁଟି ହେଲା ବୋଲି ମହିଳାଙ୍କ ସ୍ୱାମୀ ଦଶପଲ୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ଦଶପଲ୍ଲା ବ୍ଲକ ଖଣ୍ଡପଡ଼ା ଗ୍ରାମର ରାମଚନ୍ଦ୍ର ବରାଡ଼ଙ୍କ ସ୍ତ୍ରୀ କାଳିଆ ବରାଡ଼ ସୋମବାର ପୂର୍ବାହ୍ନ ୧୦ଟାରେ ପରିବାର ନିୟୋଜନ ଅସ୍ତ୍ରୋପଚାର ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ମଧ୍ୟାହ୍ନ ୧୨ଟାରେ ଡାକ୍ତର କାଳିଆଙ୍କ ଅସ୍ତ୍ରୋପଚାର କରାଇଥିଲେ। ମହିଳାଙ୍କ ଶିରା ଖୋଜି ନ ପାଇବାରୁ ଭୁଲବଶତଃ ମୂତ୍ରନଳୀ କାଟି ଦେଇଥିବା ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ମୂତ୍ରନଳୀ କଟିଯିବା ଫଳରେ କାଳିଆଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ବର୍ତ୍ତମାନ ସେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି। ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମହିଳାଙ୍କ ସ୍ୱାମୀ ଦଶପଲ୍ଲା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ( ସିଡିଏମ୍‌ଓ) ଡା. ଶ୍ୱେତ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ପରିବାର ନିୟୋଜନ ସମୟରେ ଅନେକ କ୍ଷେତ୍ରରେ ଏହିଭଳି ଘଟିଥାଏ। ଏହି ଘଟଣା ପରେ ସମ୍ପୃକ୍ତ ଡାକ୍ତର ମୂତ୍ରନଳୀର ଚିକିତ୍ସା କରିଛନ୍ତି। ବର୍ତ୍ତମାନ ମହିଳାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଆଣ୍ଟିବାୟୋଟିକ୍ ଦିଆଯାଉଛି। ୭ ଦିନ ଭିତରେ ସେ ସୁସ୍ଥ ହୋଇଯିବେ ବୋଲି ସିଡିଏମ୍‌ଓ ପ୍ରକାଶ କରିଥିଲେ।

■ ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣା

# ସ୍ଥିତି ଅନୁଧ୍ୟାନ କଲେ ନିରାପତ୍ତା କମିଶନର

ରାୟଗଡା ଅଫିସ୍, ୧୬।୭– ଗତ ୨୫ ତାରିଖରେ ରାୟଗଡ଼ା ଜିଲା ସିଙ୍ଗାପୁର ରୋଡ ଓ କେଉଟଗୁଡା ଷ୍ଟେଶନ୍ ମଧ୍ୟରେ ସମଲେଶ୍ୱରୀ ଏକ୍ସପ୍ରେସରେ ନିଆଁ ଲାଗିବା ଘଟଣାର ତଦନ୍ତ କରିଛନ୍ତି ରେଳବାଇ ନିରାପତ୍ତା କମିଶନର । ଟିମ୍ ମୁଖ୍ୟ ତଥା କମିଶନର ଆର୍.କେ. ଶର୍ମା ଟ୍ରେନର ଇଞ୍ଜିନରେ ବସି କୋରାପୁଟ–ରାୟଗଡା ରେଳପଥ ଅନୁଧ୍ୟାନ କରିଥିଲେ। କମିଶନର ଶର୍ମାଙ୍କ ନେତୃତ୍ୱରେ ଏହି ଟିମ୍‌ରେ ପୂର୍ବତଟ ରେଳପଥର ମୁଖ୍ୟ ନିରାପତ୍ତା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ବିଶାଖାପାଟଣା ଡିଆର୍‌ଏମ୍ ଚେତନ ଶ୍ରୀବାସ୍ତବ, ବରିଷ୍ଠ ଡିଭିଜନାଲ ଅପରେଶନ ମ୍ୟାନେଜର ଏନ୍.ଏନ୍ ସିଂ ଅଛନ୍ତି। ଉକ୍ତ ଟିମ୍ କେଉଟଗୁଡା ରେଳ ଷ୍ଟେଶନ୍‌କୁ ଯାଇଥିଲେ । ସେଠାରେ ଦୀର୍ଘ ୨ଘଣ୍ଟା ଧରି ଅନୁସନ୍ଧାନ କରିଥିଲେ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

LIC ଭାରତୀୟ ଜୀବନ ବୀମା ନିଗମ
भारतीय जीवन बीमा निगम LIFE INSURANCE CORPORATION OF INDIA
ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ
ଜୀବନ ପ୍ରକାଶ, ସୂର୍ଯ୍ୟନଗର, ୟୁନିଟ୍–୭, ଭୁବନେଶ୍ୱର–୭୫୧୦୦୧
ନିଜର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବାଛି ନିଅନ୍ତୁ LICରେ ଏକ ବୃତ୍ତି
ଭାରତର ସର୍ବାଧିକ ବିଶ୍ୱାସଯୋଗ୍ୟ ସେବା ବ୍ରାଣ୍ଡ ଏବଂ ଅଗ୍ରଣୀ ଜୀବନ ବୀମା ସଂସ୍ଥା ଆପଣଙ୍କୁ ସହରୀ ବୃତ୍ତିକ ଅଭିକର୍ତ୍ତା (Urban Career Agent) ଭାବେ ବୃତ୍ତି ଆରମ୍ଭ କରିବା ପାଇଁ ଏକ ସ୍ୱର୍ଣ୍ଣିମ ଅବସର ପ୍ରଦାନ କରୁଅଛି।
ସହରାଞ୍ଚଳରେ ଯୁବକ/ଯୁବତୀଙ୍କ ପାଇଁ ନିଗମର ସ୍ୱରୋଜଗାର ଯୋଜନା ଆବେଦନ ପତ୍ର ଜମା କରିବାର ଶେଷ ତାରିଖ – ୨୯।୦୭।୨୦୧୯ ଏବଂ ପରୀକ୍ଷା ୧୧।୦୮।୨୦୧୯ରେ ଅନୁଷ୍ଠିତ ହେବ।
(କ) ବୟସ ସୀମା: ୦୧।୦୭।୨୦୧୯ ସୁଦ୍ଧା ୨୧ରୁ ୩୫ବର୍ଷ, ଶେଷ ଜନ୍ମଦିନ ପର୍ଯ୍ୟନ୍ତ (ଅନୁସୂଚିତ ଜାତି/ଜନଜାତି ଏବଂ ପୂର୍ବତନ ସୈନିକ ଏବଂ ବିକ୍ରୟ ଓ ବିପଣନରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କ ନିମନ୍ତେ ବୟସ ସୀମା ୪୦ବର୍ଷ ପର୍ଯ୍ୟନ୍ତ କୋହଳର ବ୍ୟବସ୍ଥା ଅଛି)।
(ଖ) ଯୋଗ୍ୟତା ଏବଂ ସର୍ତ୍ତାବଳୀ: ଦ୍ୱାଦଶ (HSC)
ନିଗମର କର୍ମଚାରୀ, ଅଭିକର୍ତ୍ତା, କେନ୍ଦ୍ର/ରାଜ୍ୟ ସରକାର ଏବଂ ରାଷ୍ଟ୍ରାୟତ୍ତ ଶିଳ୍ପର କର୍ମଚାରୀଙ୍କ ପତି/ପତ୍ନୀ ଯୋଗ୍ୟ ନୁହଁନ୍ତି। ଉନ୍ନୟନ ଅଧିକାରୀ/ଅଭିକର୍ତ୍ତାଗଣ/କର୍ମଚାରୀଙ୍କ ସମ୍ପର୍କୀୟ ଯୋଗ୍ୟ ନୁହଁନ୍ତି। ଅବସର ପ୍ରାପ୍ତ/ସେବା ନିବୃତ୍ତ କର୍ମଚାରୀ ପୂର୍ବତନ ଅଭିକର୍ତ୍ତାଙ୍କୁ UCA ନିମନ୍ତେ ଅନୁମତି ପ୍ରଦାନ କରାଯିବ ନାହିଁ।
(ଗ) ସହରୀ ବୃତ୍ତିଧାରୀ ଅଭିକର୍ତ୍ତାଙ୍କ
• ପ୍ରଥମ ଏଜେନ୍ସି ବର୍ଷରେ ପ୍ରତିମାସ ୧୦,୦୦୦ଟଙ୍କା, ଦ୍ୱିତୀୟ ଏଜେନ୍ସି ବର୍ଷରେ ପ୍ରତିମାସ ୯,୦୦୦ଟଙ୍କା ଏବଂ ତୃତୀୟ ଏଜେନ୍ସି ବର୍ଷରେ ପ୍ରତିମାସ ୮,୦୦୦ଟଙ୍କାର ନିର୍ଦ୍ଧାରିତ ବୃତ୍ତି ନିର୍ଦ୍ଧାରିତ ବୀମା ପୂରଣ କଲେ ମିଳିବ।
• ୭୫% ବୃତ୍ତି ମାସ ଶେଷରେ ପ୍ରଦାନ କରାଯିବ। ୨୫% ମାସିକ ବୃତ୍ତି ୧୨ମାସ ପାଇଁ ଏକକାଳୀନ ବର୍ଷ ଶେଷରେ ଦିଆଯିବ।
• ବିକ୍ରି କରିଥିବା ପଲିସୀ ଉପରେ ଆକର୍ଷଣୀୟ କମିଶନ।
• ଉତ୍ପାଦକତା ଉପରେ ଆଧାରିତ ଅତିରିକ୍ତ Incentive ଅର୍ଜନ କରନ୍ତୁ।
• ଉତ୍ତମ ବ୍ୟବସାୟ କରୁଥିବା ଅଭିକର୍ତ୍ତାଙ୍କୁ ଦୁଇଚକିଆଯାନ ନିମନ୍ତେ ଅଗ୍ରିମ ମିଳିବ।
• ସର୍ତ୍ତ ଅନୁସାରେ ତିନିବର୍ଷ ପୂର୍ତ୍ତି ପରେ ମୁଖ୍ୟ ଜୀବନ ବୀମା ଉପଦେଷ୍ଟା/CLIA ନିମନ୍ତେ ଯୋଗ୍ୟ ବିବେଚିତ ହେବେ।
(ଘ) ଆବାସିକ ଅନୁବନ୍ଧ: ନିଯୁକ୍ତି ନିମନ୍ତେ ପ୍ରକାଶିତ ବିଜ୍ଞାପନ ତାରିଖ ସୁଦ୍ଧା ବୃତ୍ତିଗତ, ଅଭିକର୍ତ୍ତା ଶାଖା କାର୍ଯ୍ୟାଳୟର କ୍ଷେତ୍ରାଧିକାର ମଧ୍ୟରେ ଅନ୍ୟୁନ ଏକ ବର୍ଷର ନିବାସୀ ହୋଇଥିବା ଆବଶ୍ୟକ।
ଇଚ୍ଛୁକ ବ୍ୟକ୍ତି ଭାରତୀୟ ଜୀବନ ବୀମା ନିଗମର ବୃତ୍ତିଗତ ଅଭିକର୍ତ୍ତା ଶାଖା କାର୍ଯ୍ୟାଳୟ/ CAB ଭୁବନେଶ୍ୱରର ଶାଖା ପରିଚାଳକଙ୍କ ନିକଟରୁ ସମ୍ପୂର୍ଣ୍ଣ ବିବରଣୀ ପ୍ରାପ୍ତ କରିପାରିବେ।
ଶାଖା ପରିଚାଳକଙ୍କ ନାମ: ଶ୍ରୀଯୁକ୍ତ ଟି.ଆର୍. ଦୋରା, ମୋ: ୯୪୩୭୦୬୨୨୨୩
ଶାଖା କାର୍ଯ୍ୟାଳୟର ଠିକଣା
ଭଞ୍ଜ କମ୍ପ୍ଲେକ୍ସ, ପ୍ଲଟ୍ ନମ୍ବର– ୩୭୪(ଅଂଶ), ବମିଖାଲ, ବମିଖାଲ ଦୁର୍ଗାମଣ୍ଡପର ପଛପାର୍ଶ୍ୱ, ଭୁବନେଶ୍ୱର – ୧୦
ବରିଷ୍ଠ ମଣ୍ଡଳ ପ୍ରବନ୍ଧକ

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly salary upto Rs.25,000/-.
Contact Immediately
Mob: 8763257042

OFFICE STAFF ଆବଶ୍ୟକ
ଭୁବନେଶ୍ୱର officeରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Mob:- 9938414918

WANTED
For Pre-School and Kid School at Malkangiri and Jeypore.
Female Teacher Wanted.
Contact- Mob No.-
7750893821
7894796759

URGENT REQUIREMENT AT
PARAKRAM A Unit of Overfly Services Pvt Ltd
1. ACCOUNTANT (Male)
Quali. B.Com with Tally.
2. BACK OFFICE EXECUTIVE (Female)
Good communication in odia, Hindi, English with Good computer Skill.
SALARY BEST IN INDUSTRY
BHUBANESWAR
Mob : 7873380001

Reputed Organisation dealing in Industrial Products REQUIRES Marketing Manager / Sales Engineer with exp. of 4/5 yrs. Reqd. for different Branches in Odisha. Sr. Accountant : B.Com with Exp. 4/5 yrs., Data Feeder/Office Asst. : with computer knowledge. Apply within 7 days. Attractive Salary.
SINGHEE TRADING COMPANY, 57, Budhanagar, BBSR- 6, Email : singhi.motor@gmail.com
Web : singheemotor.com

କୁଏତ୍ ତେଲ କମ୍ପାନୀରେ ଶୀଘ୍ର ଆବଶ୍ୟକ
ଡ୍ରାଇଭର, ଅପରେଟର, ୱେଲ୍ଡର, ଇଲେକ୍ଟ୍ରିସିଆନ୍, ହେଲପର, ଫିଟର, ପେଣ୍ଟର, ପ୍ଲମ୍ବର, ସିକ୍ୟୁରିଟି ଗାର୍ଡ
ଦରମା ୩୫,୦୦୦/-, ୨ ବର୍ଷ କଣ୍ଟ୍ରାକ୍ଟ, ଆଡଭାନ୍ସ ଟଙ୍କା ନାହିଁ
କମଲ ପ୍ଲେସ୍‌ମେଣ୍ଟ, ରଙ୍ଗିଲାପାର୍କ, ବିନ୍ଦୋଲି, ସୁରଟ, ଗୁଜୁରାଟ୍
ଶିଘ୍ର ଯିବେ ପାସ୍‌ପୋର୍ଟ ଜରୁରୀ
9157312448, 9157012447

REQUIRE ADMINISTRATOR
for Liaisoning Job. Experience knowledge of English, Computer Literate some past experience of Liaisoning with Govt. authorities, travel dept. etc.
Please Contact
9830876020, 9090292242

ଚେନ୍ନାଇ ପାଇଁ ଆବଶ୍ୟକ
ଲୋଡ୍‌ମ୍ୟାନ୍
ଲେବର କଣ୍ଟ୍ରାକ୍ଟର
ଲରି ଡ୍ରାଇଭର-ହେଭି ଡ୍ୟୁଟି ଲାଇସେନ୍ସ
ଦରମା: 15000/-ରୁ 25000/-
ଯୋଗାଯୋଗ: 9437886614 / 8249083251

URGENTLY REQUIRED (ADVERTISEMENT)
Maheswari +2 Science & Arts College (HSS) required the following post on a regular basis.
Post- 1. Principal, Qualification- Post Graduate in Science / Arts With minimum 55% of marks (Higher qualification, Retired Lecturer, Reader will be given preference). Experience- More than 5years & above teaching experience
Post- 2. Marketing Manager (1) For Nursing Institutions) (ANM, GNM, B.Sc. Nursing DMLT, +2 Science & Arts), Qualification- Graduation in any discipline. 3. Salary is negotiable. A walk in interview for the said posts will be taken on date 20.07.2019 at 11.00am. Applicant is informed to come with certificates and Bio-data.
• No TA/DA will be provided for the interview. •Bio-data may also be send through our email: maheswariscience college@gmail.com
Contact No:- 9437158472, 9937693555
Chairman Nursing Group of Institutions, At/Po-Sankara, Dist-Sundargarh

CAREER OPPORTUNITIES IN HYDERABAD
A prestigious construction company is looking for competent and dynamic candidates for following positions.
Candidates must have at least 4 years site experience. Our smart construction standards will upgrade your knowledge, be best steps for your career.
▪ Electrician
▪ Plumber
▪ Duct Fitter
▪ Unskilled Worker
Please contact with following phone number/facebook page.
Call: 09910195228
/@hydhrmanagement

REFCEM®
Since 1983.....
Situation Vacant
RRPL, Bhubaneswar invites application for the following Posts;

| Post | Qualification | Experience |
|---|---|---|
| 1. Accountant | B.com with Tally & above | 7 yrs min |
| 2. Supervisor | +2 & above | 10 yrs min |
| 3. Mechanical Fitter | ITI in Fitter trade | 10 yrs min |
| 4. Electrician | ITI in Elect. Trade | 10 yrs min |
| 5. Security Guard (M) | HSC PASS | |

Salary is based on industry and experience. Mail your CV / Contact on : rrpl2019@rediffmail.com, Contact : 7381095402 & 7381095422

See CAREER APPOINTMENT on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LTD.

OPTCL Lifeline of Odisha

(A Government of Odisha Undertaking)
Office of The Superintending Engineer (Civil), Civil Works Circle,
Bhoinagar, Bhubaneswar-751022, CIN : U40102OR2004SGC007553

No.1137 **E-TENDER CALL NOTICE NO. 02 OF 19-20** Dt. 16.07.2019

**Tenders are invited from experienced bidders through e-tender for the works mentioned in ETCN No. 02 of 19-20 from Sl. No. 1 to 15**, Cost of Tender Paper is **₹6,000/- + 12% GST**, EMD : **1% of Estimated Cost put to Tender Value**. Online download and submission of bid will start from **11.00 hrs of Dt.18.07.2019** and end on **Dt.31.07.2019** up to **5.00 PM**. Date of opening of bid for ETCN No. 02/19-20 is on **Dt. 05.08.2019** at **11.00 hrs**. For details please visit our website **www.tendersorissa.gov.in. Corrigendum if any will be published in the website only.**

**I/C Superintending Engineer (C)**

Please connect us : optcl.odisha optcl_odisha energyodisha

E.mail- rw_sonepur@yahoo.co.in

## GOVT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION, SONEPUR
### 1st Corrigendum to e-Procurement Notice
### No.SNPR/Online-01/ 2019-20

No.185-O :- This is to notify that, the Availability of tender on line for bidding, last date & time of seeking tender clarification, date & time of opening of technical bid & date & time of opening of financial bid are hereby extended as follows due to some technical error.

1. Availability of tender on line for bidding from 25.07.2019 at 11.00 A.M. to 6.08.2019 Up to 5.00 P.M
2. Last date & time of seeking tender clarification on dated.5.08.2019 up to 5.00 PM.
3. Date & time of opening of Technical Bid on dated.09.08.2019 at 11.30 AM.
4. Date & time of opening of Financial Bid on dated.19.08.2019 at 11.30 AM.

**Sd./- Executive Engineer**
**R.W. Division Sonepur**

25054/11/0003/1920

## WESCO WESCO UTILITY

Headquarters: At/Po- Burla, Dist.-Sambalpur-768017, Odisha Ph.-0663-2432804,
E-mail: purchase@wescoodisha.com / wesco@wescoodisha.com

### E-TENDER NOTICE

For and on behalf of WESCO Utility, the undersigned invites tender through E-Tenders mode on two part bidding system from eligible bidders, who comply with the terms and conditions laid in the tender documents for supply of the following materials.

1. NIT : WESCO/ O&M/LT XLPE AB Cable (50mm2)/02, Date: 12.07.2019
   Supply of ISI Marked (3 x 50 + 1 x35+1x16) mm2 LT XLPE AB Cable– 40 KM
2. NIT : WESCO/O&M/LT XLPE AB CABLE (95mm2)/03, Date: 12.07.2019
   Supply of ISI Marked (3 x 95 + 1 x70+1x16) mm2 LT XLPE AB Cable– 50KM

For detailed specification, terms and conditions, EMD, etc, please visit our website:www.wescoodisha.com/tenders & www.tenderwizard.com/WESCO.
The eligible bidders are requested to apply through e-tender mode only.

Sd/- General Manager (Purchase)

## ROURKELA DEVELOPMENT AUTHORITY
**UDITNAGAR, ROURKELA-769012**

**No. 1881/RDA** **Dated: 15.07.2019**

**PROCLAMATION**

It is hereby informed to the General public that Sri Lokanath Swain and Sri Ladu Kishore Swain both are the S/o Late Rama Chandra Swain dependant/Legal Heirs of Late Rama Chandra Swain have applied for mutation of House Site No-E/94, UNDER Site & Services Scheme, Stage-I, Chhend, ROURKELA-15 in their favour consequent upon death of their father. If anybody has got objection to the proposed mutation. He/ She may file objection petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expiry of the stipulated Period.

**Sd./- Secretary**
**Rourkela Development Authority**

## The Odisha Small Industries Corporation Ltd.
**( A Government of Odisha Undertaking) )**
***(An ISO:9001:2008 certified Govt.Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com,osicltd@rediffmail.com website: osicltd.in

### SHORT TENDER CALL NOTICE

RefNo.2576/OSIC Dt. 16.07.2019

Managing Director, The Odisha Small Industries Corporation Ltd.( OSIC ),( A Govt. of Odisha Undertaking ) Industrial Estate , Madhupatna, Cuttack – 753010 invites short Tenders in sealed cover from the manufacturing firms approved by State level technical committee of Directorate of Agriculture and Farmers Empowerment (DA & FE) as well as registered with( DA & FE ) and OSIC for supply of following Agril. Implements for F .Y.: 2019 - 20 :

1. Bullock drawn cotton bond ridger ( light )
2. Bullock drawn cotton bond ridger ( heavy )
3. Bicycle Wheel Weeder
4. Bullock drawn cotton bond ridger with beams

The Bidders must submit the test- report of the above items either from any recognised institution of Govt. of Odisha or Govt. of India along with the quotation. The sealed quotation should reach this office by 2 PM on 19.7.19 which will be opened at 2.30 PM on the same date. The OSIC service charges @3% should be included in the quoted Price. The authority reserves the right to negotiate the rate with the firm and cancel the Tender without assigning any reason thereof.

**MANAGING DIRECTOR**

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦାରିଙ୍ଗବାଡ଼ି, ଜିଲ୍ଲା: କନ୍ଧମାଳ

ବିଜ୍ଞାପନ ସଂଖ୍ୟା: ୨୩୬୪ ତାରିଖ: ୦୬।୦୭।୧୯

ଏତଦ୍ୱାରା ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ ୨୦୧୮–୧୯ ଆର୍ଥିକ ବର୍ଷର ଏପ୍ରିଲ–୨୦୧୮ ଠାରୁ ମାର୍ଚ୍ଚ–୨୦୧୯ ପର୍ଯ୍ୟନ୍ତ ପଞ୍ଚାୟତ ସମିତି, ସମସ୍ତ ଗ୍ରାମପଞ୍ଚାୟତ ଓ ଅନ୍ୟାନ୍ୟ ବିଭାଗମାନଙ୍କ ଦ୍ୱାରା ସମ୍ପାଦିତ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଶତପ୍ରତିଶତ ମଷ୍ଟରରୋଲ ତନଖି, ମଧୁବାବୁ ଭତ୍ତା ଯୋଜନା ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ଭତ୍ତା ଯୋଜନା ଅନ୍ତର୍ଗତ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ନିମ୍ନ ସୂଚୀମତେ ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ହେବ। ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀ ନୋଟିସ୍ ମାଧ୍ୟମରେ ଉପରୋକ୍ତ ବିଷୟରେ ବହୁଳ ପ୍ରଚାର କରିବା ନିମନ୍ତେ ଅନୁରୋଧ କରାଗଲା। ଏହି କାର୍ଯ୍ୟକ୍ରମକୁ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ, ଭି.ଆର୍.ପି. ଏବଂ ମେଟ୍‌ମାନେ ଆୟୋଜନ ତଥା ପରିଚାଳନା କରିବେ। ଏହି ସଭାରେ ନିର୍ବାଚିତ ଜନ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଜବ୍‌କାର୍ଡ଼ଧାରୀ ଶ୍ରମିକ, ଭତ୍ତାଗ୍ରହୀତା ଓ ସର୍ବସାଧାରଣ ଉପସ୍ଥିତ ରହି ସମୀକ୍ଷାରେ ଭାଗନେବା ନିମନ୍ତେ ଅନୁରୋଧ କରାଯାଉଛି।

**କାର୍ଯ୍ୟସୂଚୀ: ଗ୍ରାମସଭା ହେବାର ସ୍ଥାନ– ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୧୦ଘଟିକା**

| ଗ୍ରା.ପ.ର ନାମ | ଦଳର ସଂଖ୍ୟା | ଗ୍ରାମପଞ୍ଚାୟତ ଜନଶୁଣାଣି / ସାମାଜିକ ସମୀକ୍ଷା | ବ୍ଲକସ୍ତରୀୟ ଜନଶୁଣାଣି | ନୋଡ଼ାଲ ଅଧିକାରୀ |
|---|---|---|---|---|
| ଭ୍ରମରବାଡ଼ି | ୧ | ୨୯।୦୭।୨୦୧୯ | ୧୫।୧୧।୨୦୧୯ | ଅନୁପମା ଗନିକ, ସହକାରୀ ନିର୍ବାହୀ ଯନ୍ତ୍ରୀ |
| ଦନେକବାଡ଼ି | ୨ | ୨୯।୦୭।୨୦୧୯ | | କେଦାର ଚନ୍ଦ୍ର ପଣ୍ଡା, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ |
| ବାଡ଼ାବାଙ୍ଗା | ୩ | ୨୯।୦୭।୨୦୧୯ | | କ୍ଷେତ୍ରୀବର ଯାନୀ, ଆକାଉଣ୍ଟ ଅଧିକାରୀ |
| ଗଦାପୁର | ୪ | ୨୯।୦୭।୨୦୧୯ | | ମଙ୍ଗୁଳି ଚରଣ ପ୍ରଧାନ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ |
| ପର୍ତ୍ତମାହା | ୫ | ୨୯।୦୭।୨୦୧୯ | | ନିହାର ରଞ୍ଜନ ବେହେରା, ଯୋଗାଣ ଅଧିକାରୀ |
| କାଟିଙ୍ଗିଆ | ୬ | ୨୯।୦୭।୨୦୧୯ | | ସନାତନ ମଲ୍ଲିକ, ବି.ଏଲ୍.ସି. |
| ସୋନପୁର | ୭ | ୨୯।୦୭।୨୦୧୯ | | ଅକ୍ଷୟ କୁମାର ପ୍ରଧାନ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର |
| ଗୁମିକିଆ | ୮ | ୨୯।୦୭।୨୦୧୯ | | ଧୀରେନ୍ଦ୍ର ବଳିଆରସିଂହ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର |
| ବାମୁଣୀଗାଁ | ୧ | ୧୫।୦୮।୨୦୧୯ | | ମଙ୍ଗୁଳି ଚରଣ ପ୍ରଧାନ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ |
| ତାଲୁଙ୍ଗିଆ | ୨ | ୧୫।୦୮।୨୦୧୯ | | କେଦାର ଚନ୍ଦ୍ର ପଣ୍ଡା, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ |
| ସରାମୁଳି | ୩ | ୧୫।୦୮।୨୦୧୯ | | ନିହାର ରଞ୍ଜନ ବେହେରା, ଯୋଗାଣ ଅଧିକାରୀ |
| ସିର୍କାବର୍ଗ | ୪ | ୧୫।୦୮।୨୦୧୯ | | ଅକ୍ଷୟ କୁମାର ପ୍ରଧାନ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର |
| କିରିକୁଟି | ୫ | ୧୫।୦୮।୨୦୧୯ | | କ୍ଷେତ୍ରୀବର ଯାନୀ, ଆକାଉଣ୍ଟ ଅଧିକାରୀ |
| ବୁଢ଼ାଗୁଡ଼ା | ୬ | ୧୫।୦୮।୨୦୧୯ | | ସନାତନ ମଲ୍ଲିକ, ବି.ଏଲ୍.ସି. |
| ଶ୍ରୀନୀକେତା | ୭ | ୧୫।୦୮।୨୦୧୯ | | ଅନୁପମା ଗନିକ, ସହକାରୀ ନିର୍ବାହୀ ଯନ୍ତ୍ରୀ |
| ସିଆଙ୍ଗବାଲି | ୮ | ୧୫।୦୮।୨୦୧୯ | | ଧୀରେନ୍ଦ୍ର ବଳିଆରସିଂହ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର |
| ପ୍ଲିହେରୀ | ୧ | ୩୦।୦୮।୨୦୧୯ | | ସୁଦର୍ଶନ ବେହେରା, ବି.ଏଲ୍.ସି. |
| ଦାସିଙ୍ଗବାଡ଼ି | ୨ | ୩୦।୦୮।୨୦୧୯ | | ମଙ୍ଗୁଳି ଚରଣ ପ୍ରଧାନ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ |
| ଗ୍ରୀନବାଡ଼ି | ୩ | ୨୬।୦୮।୨୦୧୯ | | ଅନୁପମା ଗନିକ, ସହକାରୀ ନିର୍ବାହୀ ଯନ୍ତ୍ରୀ |
| ହାତିମୁଣ୍ଡା | ୪ | ୩୦।୦୮।୨୦୧୯ | | ସନାତନ ମଲ୍ଲିକ, ବି.ଏଲ୍.ସି. |
| ଝିଞ୍ଜିରିଗୁଡ଼ା | ୫ | ୩୦।୦୮।୨୦୧୯ | | ଅକ୍ଷୟ କୁମାର ପ୍ରଧାନ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର |
| କୁମ୍ଭାରିଗାଁ | ୬ | ୩୦।୦୮।୨୦୧୯ | | ନିହାର ରଞ୍ଜନ ବେହେରା, ଯୋଗାଣ ଅଧିକାରୀ |
| ସିମନବାଡ଼ି | ୭ | ୩୦।୦୮।୨୦୧୯ | | ଧୀରେନ୍ଦ୍ର ବଳିଆରସିଂହ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର |
| ତିଲୋରି | ୮ | ୩୦।୦୮।୨୦୧୯ | | କେଦାର ଚନ୍ଦ୍ର ପଣ୍ଡା, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ |
| ଦାରିଙ୍ଗବାଡ଼ି | ୯ | ୩୦।୦୮।୨୦୧୯ | | କ୍ଷେତ୍ରୀବର ଯାନୀ, ଆକାଉଣ୍ଟ ଅଧିକାରୀ |

**ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ–ତଥା–କାର୍ଯ୍ୟକ୍ରମ ଅଧିକାରୀ, ଦାରିଙ୍ଗବାଡ଼ି**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ଼
## ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ
### ବିଜ୍ଞାପନ

**ସଂଖ୍ୟା.୨୦୯/୧୯** **ତା: ୧୫।୦୭।୧୯**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନଲିଖିତ ଶିଶୁମାନେ ଦେବଗଡ଼ ଜିଲ୍ଲା ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶନାମା ବଳରେ ଶିଶୁଯତ୍ନ ଅନୁଷ୍ଠାନରେ ରହିଆସୁଅଛନ୍ତି। ଅନେକ ଦିନହେଲା ଏହି ଶିଶୁମାନଙ୍କ ପିତାମାତା କିମ୍ବା କୌଣସି ସମ୍ପର୍କୀୟ ଦେଖାକରିବାକୁ ଆସୁନାହାନ୍ତି। ଏହି ଶିଶୁମାନଙ୍କର ଯଦି କେହି ପିତାମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦)ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଦେବଗଡ଼ ଫୋନ୍ ନଂ.– ୦୬୬୪୧–୨୨୬୬୪୫ କିମ୍ବା ଜିଲ୍ଲା ଶିଶୁ ମଙ୍ଗଳ ସମିତି, ଦେବଗଡ଼ ଫୋନ୍ ନଂ.– ୦୬୬୪୧–୨୨୬୬୪୩ କୁ ଯୋଗାଯୋଗ କରିପାରିବେ। ଉପରୋକ୍ତ ସମୟ ସୀମା ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ। ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮ (୧) ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ କରାଯାଇ ଥଇଥାନ କରାଯିବ।

**ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ।**

**ସ୍ୱା./– ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଦେବଗଡ଼**

| କ୍ର. ନଂ. | ଶିଶୁର ନାମ ଠିକଣା | ଲିଙ୍ଗ/ଜନ୍ମ ତରିଖ/ବୟସ | ପ୍ରବେଶ ତାରିଖ | ଶିଶୁ ରହିଥିବା ଶିଶୁ ଗୃହର ନାମ | ଫଟୋ |
|---|---|---|---|---|---|
| ୧ | ଶଙ୍କର ନାୟକ ପି–୰ରମେଶ ନାୟକ, ତେଲିକୁସୁମ, ଗଣ୍ଡମ, ଡିମିରିକୁଦା, ଦେବଗଡ | ପୁଅ ୧୮।୦୭।୨୦୧୭ | ୧୮।୦୧।୨୦୧୯ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ସପୋର୍ଟ ଦେବଗଡ଼ |  |
| ୨ | ଉମା ପୁର୍ତ୍ତୀ, ପିତା–ରମେଶ ପୁର୍ତ୍ତୀ, ଦାନ୍ତରିବାହଲ, ବାରକୋଟ, ଦେବଗଡ଼ | ଝିଅ ୨୫।୦୮।୨୦୦୩ | ୦୮।୦୯।୨୦୧୭ | ଶିଶୁ ଗୃହ ସପୋର୍ଟ, ଦେବଗଡ଼ |  |
| ୩ | ଅମ୍ବିକା ନାୟକ, ମାତା–ପାର୍ବତୀ ନାୟକ, ରଙ୍ଗିୟାଗୁଡା, ପୁରୁଣାଗଡ, ଦେବଗଡ଼ | ଝିଅ ୧୫।୦୩।୨୦୧୦ | ୧୮।୦୮।୨୦୧୭ | ଶିଶୁ ଗୃହ ସପୋର୍ଟ, ଦେବଗଡ଼ |  |


# ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଦେବଗଡ଼
## (ଜାତୀୟ ରାଜପଥ ନୋଂ-୬(୪୯)
## ସର୍ବସାଧାରଣ ନୋଟିସ

**No.XXXII-01:-** ଜାତୀୟ ରାଜପଥ ଆଇନର ୧୯୫୬ (Act 48 of 1956) ର ଧାରା ୩(କ) ଉପଧାରା ୩(୧) ମୁତାବକ ଯେହେତୁ ଭାରତ ସରକାର ସଡ଼କ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନୋଂ–୬(୪୯) ରାଜ୍ୟର ଦେବଗଡ଼ ଜିଲ୍ଲା ଅନ୍ତର୍ଗତ ଦେବଗଡ଼ ତହସିଲର ତିଳେଇବଣୀଠାରୁ ବିଞ୍ଜବାହାଲ ରାସ୍ତା ସମ୍ପ୍ରସାରଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବ୍ୟୟରେ ସାର୍ବଜନୀନ ଉଦ୍ଦେଶ୍ୟରେ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ ଆଇନ ୪୮) ଧାରା ୩(କ) ଉପଧାରା ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନୋଂ–S.O-1849(E) ତା. 15.05.2014 ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି। ପୁନର୍ବାର ଜମି ଅଧିଗ୍ରହଣ ଆବଶ୍ୟକ ପଡ଼ିବାରୁ ବଣିଆକିଲିଣ୍ଡା, ବଡ଼ବାଲିପୋଷି, ଭୁକାବେଡ଼ା, ବ୍ରଜମୋହନପୁର, ୟୁନିଟ–୨, ୟୁନିଟ–୪, ୟୁନିଟ–୭, ମିରିଗିଡିଆସାହି, ୟୁନିଟ–୯, ରଜାମୁଣ୍ଡା, କଳାମାଟି, କୁରଡ, କୁରେଇଁବାହାଲ, ନୂଆଭୂଇଁ, ଟାଇଁସର, ତିଳେଇବଣି ଗ୍ରାମରୁ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା S.O. No-୧୮୪୯(E) ତା ୨୪।୦୫।୨୦୧୯ ଦ୍ୱାରା ଅତିରିକ୍ତ ଜମି ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି।

ଏତଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ ବ୍ୟକ୍ତି ଭୂମି ମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସୂଚନା ପ୍ରକାଶିତ ହେବାର ୨୧ ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କାହାର ଆପତ୍ତି ଥାଏ, ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧି ପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ଭୂ–ଅର୍ଜନ ଅଧିକାରୀ, ଜାତୀୟ ରାଜପଥ ନୋଂ–୬(୪୯) ତଥା ତହସିଲଦାର, ଦେବଗଡ଼ଙ୍କ କାର୍ଯ୍ୟାଳୟ ଠିକଣାରେ ଉପରୋକ୍ତ ଆଇନ ଧାରା ୩(ଗ) ଉପଧାରା ୧ ଅନୁସାରେ ଆପତ୍ତି ଦରଖାସ୍ତ ଦାଏର କରିପାରିବେ। ଏ ସମ୍ପର୍କରେ ଧାରା ୩ (ଗ) ଉପଧାରା (୨) ଅନୁଯାୟୀ କ୍ଷମତାସମ୍ପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ।

ଏହି ଜମିର ନକ୍ସା ତଥା ବିଶଦ ବିବରଣୀ ଭୂ–ଅର୍ଜନ ଅଧିକାରୀଙ୍କ ଜାତୀୟ ରାଜପଥ ନୋଂ–୬(୪୯) ତଥା ତହସିଲଦାର ଦେବଗଡ଼ଙ୍କ କାର୍ଯ୍ୟାଳୟରେ ସରକାରୀ ଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ଉପଲବ୍ଧ ହେଉଅଛି।

### ତଫସିଲ
**ରାଜ୍ୟ- ଓଡ଼ିଶା, ଜିଲ୍ଲା-ଦେବଗଡ଼, ତହସିଲ- ଦେବଗଡ଼**

| କ୍ରମିକ ସଂଖ୍ୟା | ଗ୍ରାମ | ପ୍ଲଟ୍ ନଂ | ସ୍ୱତ୍ୱ | କିସମ | ଏରିଆ (ଏକର) |
|---|---|---|---|---|---|
| ୧ | ବଣିଆକିଲିଣ୍ଡା | ୫୪/ ୮୭୩ | ରୟତି | ଗୋଡ଼ା ଦୁଇ | ୦.୧୨ |
| ୨ | ବଣିଆକିଲିଣ୍ଡା | ୫୪/୮୭୯ | ରୟତି | ଗୋଡ଼ା ଦୁଇ | ୦.୧୪ |
| ୩ | ବଣିଆକିଲିଣ୍ଡା | ୯୪/୮୭୭ | ରୟତି | ଗୋଡ଼ା ଦୁଇ | ୦.୧୨ |
| ୧ | ବଡ଼ବାଲିପୋଷି | ୧୯/୩୨୧ | ରୟତି | ମାଳ ସାଧାରଣ | ୦.୦୨ |
| ୨ | ବଡ଼ବାଲିପୋଷି | ୧୯/୩୨୨ | ରୟତି | ମାଳ ସାଧାରଣ | ୦.୦୫ |
| ୧ | ଭୁକାବେଡ଼ା | ୧୬୦ | ରୟତି | ଘରବାରି | ୦.୦୧ |
| ୨ | ଭୁକାବେଡ଼ା | ୪୩୩ | ରୟତି | ଘରବାରି | ୦.୦୧ |
| ୧ | ବ୍ରଜମୋହନପୁର | ୧୧୮ | ସରକାରୀ | ଗୋଡ଼ା ଦୁଇ | ୦.୦୧ |
| ୨ | ବ୍ରଜମୋହନପୁର | ୧୩୨/୧୮୮ | ରୟତି | ଘରବାରି | ୦.୦୨ |
| ୩ | ବ୍ରଜମୋହନପୁର | ୧୩୨/୧୮୯ | ରୟତି | ଘରବାରି | ୦.୦୨ |
| ୪ | ବ୍ରଜମୋହନପୁର | ୧୩୨/୧୯୦ | ରୟତି | ଘରବାରି | ୦.୦୨ |
| ୫ | ବ୍ରଜମୋହନପୁର | ୧୩୨/୧୯୧ | ରୟତି | ଘରବାରି | ୦.୦୨ |
| ୬ | ବ୍ରଜମୋହନପୁର | ୧୩୨/୧୯୨ | ରୟତି | ଘରବାରି | ୦.୦୨ |
| ୭ | ବ୍ରଜମୋହନପୁର | ୧୩୨/୧୯୩ | ରୟତି | ଘରବାରି | ୦.୦୨ |
| ୮ | ବ୍ରଜମୋହନପୁର | ୧୩୨/୧୯୪ | ରୟତି | ଘରବାରି | ୦.୦୨ |
| ୯ | ବ୍ରଜମୋହନପୁର | ୧୩୨/୧୯୫ | ରୟତି | ଘରବାରି | ୦.୦୨ |
| ୧୦ | ବ୍ରଜମୋହନପୁର | ୧୩୨/୨୧୬ | ରୟତି | ଘରବାରି | ୦.୦୨ |
| ୧୧ | ବ୍ରଜମୋହନପୁର | ୧୩୨/୨୧୭ | ରୟତି | ଘରବାରି | ୦.୦୨ |
| ୧୨ | ବ୍ରଜମୋହନପୁର | ୧୩୨/୨୨୫ | ରୟତି | ଘରବାରି | ୦.୦୮ |
| ୧ | ୟୁନିଟ-୨, ସାନ ବାଲିପୋଷି | ୧୩୮ | ରୟତି | ଗୋଡ଼ା ଦୁଇ | ୦.୦୧ |
| ୨ | ୟୁନିଟ-୨, ସାନ ବାଲିପୋଷି | ୧୨୨ | ରୟତି | ବେର୍ଣ୍ଣା ସାଧାରଣ | ୦.୧୦ |
| ୩ | ୟୁନିଟ-୨, ସାନ ବାଲିପୋଷି | ୧୨୬ | ରୟତି | ବେର୍ଣ୍ଣା ସାଧାରଣ | ୦.୦୫ |
| ୪ | ୟୁନିଟ-୨, ସାନ ବାଲିପୋଷି | ୧୨୭ | ରୟତି | ବେର୍ଣ୍ଣା ସାଧାରଣ | ୦.୦୪ |
| ୫ | ୟୁନିଟ-୨, ସାନ ବାଲିପୋଷି | ୧୨୮ | ରୟତି | ବେର୍ଣ୍ଣା ସାଧାରଣ | ୦.୧୪ |
| ୬ | ୟୁନିଟ-୨, ସାନ ବାଲିପୋଷି | ୧୩୨ | ରୟତି | ବେର୍ଣ୍ଣା ସାଧାରଣ | ୦.୦୪ |
| ୭ | ୟୁନିଟ-୨, ସାନ ବାଲିପୋଷି | ୧୩୪ | ରୟତି | ବେର୍ଣ୍ଣା ସାଧାରଣ | ୦.୦୮ |
| ୮ | ୟୁନିଟ-୨, ସାନ ବାଲିପୋଷି | ୧୩୪/ ୨୯୯ | ରୟତି | ଗୋଡ଼ା ଦୁଇ | ୦.୦୨ |
| ୯ | ୟୁନିଟ-୨, ସାନ ବାଲିପୋଷି | ୧୩୫ | ରୟତି | ଗୋଡ଼ା ଦୁଇ | ୦.୦୧ |
| ୧୦ | ୟୁନିଟ-୨, ସାନ ବାଲିପୋଷି | ୧୩୬ | ରୟତି | ଗୋଡ଼ା ଦୁଇ | ୦.୦୮ |
| ୧୧ | ୟୁନିଟ-୨, ସାନ ବାଲିପୋଷି | ୧୩୭ | ସରକାରୀ | ପାଣି ମାହାର | ୦.୦୨ |
| ୧୨ | ୟୁନିଟ-୨, ସାନ ବାଲିପୋଷି | ୧୩୯ | ରୟତି | ବାହାଳ ସାଧାରଣ | ୦.୦୫ |
| ୧୩ | ୟୁନିଟ-୨, ସାନ ବାଲିପୋଷି | ୧୪୨ | ରୟତି | ମାଳସାଧାରଣ | ୦.୦୬ |
| ୧୪ | ୟୁନିଟ-୨, ସାନ ବାଲିପୋଷି | ୧୪୩ | ସରକାରୀ | ନାଳ | ୦.୦୬ |
| ୧୫ | ୟୁନିଟ-୨, ସାନ ବାଲିପୋଷି | ୧୫୧ | ରୟତି | ବାହାଳ ସାଧାରଣ | ୦.୦୩ |
| ୧୬ | ୟୁନିଟ-୨, ସାନ ବାଲିପୋଷି | ୧୫୨ | ରୟତି | ବାହାଳ ସାଧାରଣ | ୦.୦୫ |
| ୧୭ | ୟୁନିଟ-୨, ସାନ ବାଲିପୋଷି | ୧୯୩ | ରୟତି | ବାହାଳ ସାଧାରଣ | ୦.୦୫ |
| ୧୮ | ୟୁନିଟ-୨, ସାନ ବାଲିପୋଷି | ୧୯୫ | ରୟତି | ବାହାଳ ସାଧାରଣ | ୦.୦୩ |
| ୧୯ | ୟୁନିଟ-୨, ସାନ ବାଲିପୋଷି | ୧୯୫/ ୩୫୩ | ରୟତି | ବାହାଳ ସାଧାରଣ | ୦.୦୧ |
| ୨୦ | ୟୁନିଟ-୨, ସାନ ବାଲିପୋଷି | ୨୦୩ | ସରକାରୀ | ଗୋଚର | ୦.୦୨ |
| ୨୧ | ୟୁନିଟ-୨, ସାନ ବାଲିପୋଷି | ୨୦୪ | ରୟତି | ବେର୍ଣ୍ଣା ସାଧାରଣ | ୦.୧୨ |
| ୨୨ | ୟୁନିଟ-୨, ସାନ ବାଲିପୋଷି | ୨୦୫ | ରୟତି | ବାହାଳ ସାଧାରଣ | ୦.୦୮ |
| ୨୩ | ୟୁନିଟ-୨, ସାନ ବାଲିପୋଷି | ୩୦୧ | ସରକାରୀ | ରାସ୍ତା | ୦.୦୩ |
| ୧ | ୟୁନିଟ-୪, ପୁରୁଣାଗଡ | ୧୧୯୩ | ସରକାରୀ | ପତିତ | ୦.୦୧ |
| ୨ | ୟୁନିଟ-୪, ପୁରୁଣାଗଡ | ୧୧୯୪ | ସରକାରୀ | ବଗାୟତ | ୦.୦୧ |
| ୩ | ୟୁନିଟ-୪, ପୁରୁଣାଗଡ | ୧୧୯୭ | ସରକାରୀ | ବଗାୟତ | ୦.୦୨ |
| ୪ | ୟୁନିଟ-୪, ପୁରୁଣାଗଡ | ୧୨୦୦ | ରୟତି | ମାଳ ସାଧାରଣ | ୦.୦୩ |
| ୫ | ୟୁନିଟ-୪, ପୁରୁଣାଗଡ | ୧୨୧୭ | ରୟତି | ବାହାଳ ସାଧାରଣ | ୦.୦୩ |
| ୬ | ୟୁନିଟ-୪, ପୁରୁଣାଗଡ | ୧୨୧୮ | ରୟତି | ବାହାଳ ସାଧାରଣ | ୦.୦୨ |
| ୭ | ୟୁନିଟ-୪, ପୁରୁଣାଗଡ | ୧୨୧୯ | ରୟତି | ବାହାଳ ସାଧାରଣ | ୦.୦୧ |
| ୮ | ୟୁନିଟ-୪, ପୁରୁଣାଗଡ | ୧୨୩୦ | ରୟତି | ବାହାଳ ସାଧାରଣ | ୦.୦୨ |
| ୯ | ୟୁନିଟ-୪, ପୁରୁଣାଗଡ | ୧୨୩୪ | ରୟତି | ବାହାଳ ସାଧାରଣ | ୦.୦୨ |
| ୧୦ | ୟୁନିଟ-୪, ପୁରୁଣାଗଡ | ୧୨୩୫ | ରୟତି | ବେର୍ଣ୍ଣା ସାଧାରଣ | ୦.୦୧ |
| ୧୧ | ୟୁନିଟ-୪, ପୁରୁଣାଗଡ | ୧୨୩୬ | ରୟତି | ବାହାଳ ସାଧାରଣ | ୦.୦୨ |
| ୧୨ | ୟୁନିଟ-୪, ପୁରୁଣାଗଡ | ୧୨୩୭ | ରୟତି | ବାହାଳ ସାଧାରଣ | ୦.୦୨ |
| ୧୩ | ୟୁନିଟ-୪, ପୁରୁଣାଗଡ | ୧୨୫୫ | ରୟତି | ବାହାଳ ସାଧାରଣ | ୦.୦୩ |
| ୧୪ | ୟୁନିଟ-୪, ପୁରୁଣାଗଡ | ୧୨୫୬ | ରୟତି | ବାହାଳ ସାଧାରଣ | ୦.୦୨ |
| ୧୫ | ୟୁନିଟ-୪, ପୁରୁଣାଗଡ | ୧୨୫୭ | ରୟତି | ବାହାଳ ସାଧାରଣ | ୦.୦୨ |
| ୧୬ | ୟୁନିଟ-୪, ପୁରୁଣାଗଡ | ୧୨୬୬ | ରୟତି | ବାହାଳ ସାଧାରଣ | ୦.୦୧ |
| ୧୭ | ୟୁନିଟ-୪, ପୁରୁଣାଗଡ | ୧୨୭୫ | ରୟତି | ବାହାଳ ସାଧାରଣ | ୦.୦୨ |
| ୧୮ | ୟୁନିଟ-୪, ପୁରୁଣାଗଡ | ୧୨୭୬ | ରୟତି | ବାହାଳ ସାଧାରଣ | ୦.୦୪ |
| ୧୯ | ୟୁନିଟ-୪, ପୁରୁଣାଗଡ | ୧୨୭୭ | ରୟତି | ବାହାଳ ସାଧାରଣ | ୦.୦୩ |
| ୨୦ | ୟୁନିଟ-୪, ପୁରୁଣାଗଡ | ୧୨୭୮ | ରୟତି | ମାଳ ସାଧାରଣ | ୦.୦୪ |
| ୨୧ | ୟୁନିଟ-୪, ପୁରୁଣାଗଡ | ୧୨୭୯ | ରୟତି | ବାହାଳ ସାଧାରଣ | ୦.୦୧ |
| ୨୨ | ୟୁନିଟ-୪, ପୁରୁଣାଗଡ | ୧୨୯୨ | ରୟତି | ମାଳ ସାଧାରଣ | ୦.୦୧ |
| ୨୩ | ୟୁନିଟ-୪, ପୁରୁଣାଗଡ | ୧୨୯୪ | ରୟତି | ମାଳ ସାଧାରଣ | ୦.୦୪ |
| ୨୪ | ୟୁନିଟ-୪, ପୁରୁଣାଗଡ | ୧୨୯୫ | ରୟତି | ବାହାଳ ସାଧାରଣ | ୦.୦୨ |
| ୨୫ | ୟୁନିଟ-୪, ପୁରୁଣାଗଡ | ୧୨୯୬ | ରୟତି | ମାଳ ସାଧାରଣ | ୦.୦୧ |
| ୨୬ | ୟୁନିଟ-୪, ପୁରୁଣାଗଡ | ୧୩୦୩ | ରୟତି | ମାଳ ସାଧାରଣ | ୦.୦୧ |
| ୨୭ | ୟୁନିଟ-୪, ପୁରୁଣାଗଡ | ୧୩୩୮ | ରୟତି | ମାଳ ସାଧାରଣ | ୦.୧୬ |
| ୨୮ | ୟୁନିଟ-୪, ପୁରୁଣାଗଡ | ୧୩୫୩ | ରୟତି | ମାଳ ସାଧାରଣ | ୦.୦୨ |
| ୨୯ | ୟୁନିଟ-୪, ପୁରୁଣାଗଡ | ୧୩୫୪ | ରୟତି | ବାହାଳ ସାଧାରଣ | ୦.୦୨ |
| ୩୦ | ୟୁନିଟ-୪, ପୁରୁଣାଗଡ | ୧୩୫୫ | ରୟତି | ମାଳ ସାଧାରଣ | ୦.୦୧ |
| ୩୧ | ୟୁନିଟ-୪, ପୁରୁଣାଗଡ | ୧୩୫୭ | ରୟତି | ବାହାଳ ସାଧାରଣ | ୦.୦୨ |
| ୩୨ | ୟୁନିଟ-୪, ପୁରୁଣାଗଡ | ୧୩୬୫ | ରୟତି | ବାହାଳ ସାଧାରଣ | ୦.୦୪ |
| ୩୩ | ୟୁନିଟ-୪, ପୁରୁଣାଗଡ | ୧୩୬୭/ ୪୦୦୩ | ରୟତି | ମାଳ ସାଧାରଣ | ୦.୧୦ |
| ୩୪ | ୟୁନିଟ-୪, ପୁରୁଣାଗଡ | ୧୬୨୯ | ସରକାରୀ | ବଗାୟତ | ୦.୦୪ |
| ୩୫ | ୟୁନିଟ-୪, ପୁରୁଣାଗଡ | ୧୬୩୨ | ରୟତି | ଗୋଡ଼ା-୧ | ୦.୦୩ |
| ୩୬ | ୟୁନିଟ-୪, ପୁରୁଣାଗଡ | ୧୬୩୮ | ସରକାରୀ | ବଗାୟତ | ୦.୦୬ |
| ୩୭ | ୟୁନିଟ-୪, ପୁରୁଣାଗଡ | ୧୬୩୯/ ୪୦୧୫ | ରୟତି | ଗୋଡ଼ା-୧ | ୦.୦୨ |
| ୩୮ | ୟୁନିଟ-୪, ପୁରୁଣାଗଡ | ୧୬୪୦ | ରୟତି | ଗୋଡ଼ା-୧ | ୦.୦୪ |
| ୩୯ | ୟୁନିଟ-୪, ପୁରୁଣାଗଡ | ୨୯୪/ ୪୦୦୪ | ରୟତି | ମାଳ ସାଧାରଣ | ୦.୦୮ |
| ୪୦ | ୟୁନିଟ-୪, ପୁରୁଣାଗଡ | ୩୮୮ | ରୟତି | ମାଳ ସାଧାରଣ | ୦.୦୧ |
| ୪୧ | ୟୁନିଟ-୪, ପୁରୁଣାଗଡ | ୩୮୯ | ରୟତି | ବେର୍ଣ୍ଣା ସାଧାରଣ | ୦.୦୬ |
| ୪୨ | ୟୁନିଟ-୪, ପୁରୁଣାଗଡ | ୩୯୨୬ | ରୟତି | ମାଳ ସାଧାରଣ | ୦.୦୪ |
| ୧ | ୟୁନିଟ-୭, ମିରିଗିଡିଆସାହି | ୧୪୦୫ | ରୟତି | ମାଳ ସାଧାରଣ | ୦.୦୧ |
| ୧ | ୟୁନିଟ-୯, ରଜାମୁଣ୍ଡା | ୧୩୭ | ସରକାରୀ | ଗୋଚର | ୦.୧୦ |
| ୨ | ୟୁନିଟ-୯, ରଜାମୁଣ୍ଡା | ୧୩୨ | ରୟତି | ଗୋଡ଼ା-୨ | ୦.୦୩ |
| ୩ | ୟୁନିଟ-୯, ରଜାମୁଣ୍ଡା | ୧୩୩ | ରୟତି | ବେର୍ଣ୍ଣା ସାଧାରଣ | ୦.୦୧ |
| ୪ | ୟୁନିଟ-୯, ରଜାମୁଣ୍ଡା | ୧୩୯ | ରୟତି | ବେର୍ଣ୍ଣା ସାଧାରଣ | ୦.୦୬ |
| ୫ | ୟୁନିଟ-୯, ରଜାମୁଣ୍ଡା | ୧୪୦ | ରୟତି | ବେର୍ଣ୍ଣା ସାଧାରଣ | ୦.୦୧ |
| ୧ | କଳାମାଟି | ୧୧୧/ ୯୪୦ | ରୟତି | ଘରବାରି | ୦.୦୧ |
| ୨ | କଳାମାଟି | ୧୬୦ | ସରକାରୀ | ପାହାଡ଼ | ୦.୦୯ |
| ୩ | କଳାମାଟି | ୨୦୧ | ରୟତି | ମାଳ ସାଧାରଣ | ୦.୦୨ |
| ୪ | କଳାମାଟି | ୨୦୩ | ରୟତି | ମାଳ ସାଧାରଣ | ୦.୦୨ |
| ୫ | କଳାମାଟି | ୨୦୪ | ସରକାରୀ | ଗୋଚର | ୦.୦୨ |
| ୬ | କଳାମାଟି | ୨୦୮ | ରୟତି | ଗୋଡ଼ା-୨ | ୦.୦୧ |
| ୭ | କଳାମାଟି | ୨୧୮ | ରୟତି | ଗୋଡ଼ା-୨ | ୦.୦୧ |
| ୮ | କଳାମାଟି | ୩୯/ ୮୭୬ | ରୟତି | ଗୋଡ଼ା-୨ | ୦.୩୨ |
| ୯ | କଳାମାଟି | ୫୩/ ୧୦୧୦ | ରୟତି | ଘରବାରି | ୦.୦୪ |
| ୧ | କୋରଡ଼ | ୧୦୩୮/ ୨୭୦୨ | ରୟତି | ମାଳ ସାଧାରଣ | ୦.୦୩ |
| ୨ | କୋରଡ଼ | ୧୧୯୬ | ରୟତି | ବାହାଳ ସାଧାରଣ | ୦.୦୮ |
| ୩ | କୋରଡ଼ | ୧୧୯୬/ ୨୫୮୭ | ରୟତି | ବାହାଳ ସାଧାରଣ | ୦.୦୫ |
| ୪ | କୋରଡ଼ | ୧୧୯୬/ ୨୫୯୩ | ରୟତି | ବାହାଳ ସାଧାରଣ | ୦.୧୩ |
| ୫ | କୋରଡ଼ | ୧୪୨୭ | ରୟତି | ମାଳ ସାଧାରଣ | ୦.୦୪ |
| ୬ | କୋରଡ଼ | ୧୪୩୩ | ରୟତି | ମାଳ ସାଧାରଣ | ୦.୦୧ |
| ୭ | କୋରଡ଼ | ୧୪୩୯ | ରୟତି | ମାଳ ସାଧାରଣ | ୦.୦୧ |
| ୮ | କୋରଡ଼ | ୧୪୪୦/ ୨୬୭୯ | ରୟତି | ଘରବାରି | ୦.୧୪ |
| ୯ | କୋରଡ଼ | ୧୪୪୧/ ୨୬୮୦ | ରୟତି | ଘରବାରି | ୦.୦୩ |
| ୧୦ | କୋରଡ଼ | ୧୮୬୮ | ରୟତି | ଗୋଡ଼ା-୨ | ୦.୦୪ |
| ୧୧ | କୋରଡ଼ | ୧୮୬୯ | ରୟତି | ଗୋଡ଼ା-୨ | ୦.୦୪ |
| ୧୨ | କୋରଡ଼ | ୧୮୭୦ | ସରକାରୀ | ନଦୀ | ୦.୦୪ |
| ୧୩ | କୋରଡ଼ | ୧୮୭୨ | ରୟତି | ଘରବାରି | ୦.୦୨ |
| ୧୪ | କୋରଡ଼ | ୧୮୭୩ | ସରକାରୀ | ବଗାୟତ-୨ | ୦.୦୭ |
| ୧୫ | କୋରଡ଼ | ୧୮୭୪ | ରୟତି | ଗୋଡ଼ା-୧ | ୦.୦୧ |
| ୧୬ | କୋରଡ଼ | ୧୮୭୭ | ସରକାରୀ | ନଦୀ | ୦.୦୨ |
| ୧୭ | କୋରଡ଼ | ୨୫ | ରୟତି | ମାଳ ସାଧାରଣ | ୦.୦୫ |
| ୧୮ | କୋରଡ଼ | ୫୧୬ | ରୟତି | ମାଳ ସାଧାରଣ | ୦.୦୧ |
| ୧୯ | କୋରଡ଼ | ୫୧୭ | ସରକାରୀ | ବଗିଚା | ୦.୦୧ |
| ୨୦ | କୋରଡ଼ | ୫୧୮ | ସରକାରୀ | ବିଜେ ସ୍ଥଳୀ | ୦.୦୧ |
| ୨୧ | କୋରଡ଼ | ୫୨୨ | ରୟତି | ବେର୍ଣ୍ଣା ସାଧାରଣ | ୦.୦୧ |
| ୨୨ | କୋରଡ଼ | ୫୨୩ | ରୟତି | ବେର୍ଣ୍ଣା ସାଧାରଣ | ୦.୦୧ |
| ୨୩ | କୋରଡ଼ | ୫୩୭ | ରୟତି | ବେର୍ଣ୍ଣା ସାଧାରଣ | ୦.୦୩ |
| ୨୪ | କୋରଡ଼ | ୫୪୧ | ରୟତି | ବାହାଳ ସାଧାରଣ | ୦.୦୩ |
| ୨୫ | କୋରଡ଼ | ୫୪୩ | ରୟତି | ବାହାଳ ସାଧାରଣ | ୦.୦୨ |
| ୨୬ | କୋରଡ଼ | ୫୪୮ | ରୟତି | ବାହାଳ ସାଧାରଣ | ୦.୦୨ |
| ୨୭ | କୋରଡ଼ | ୯୨୮ | ରୟତି | ବାହାଳ ସାଧାରଣ | ୦.୦୬ |
| ୨୮ | କୋରଡ଼ | ୯୩୧ | ରୟତି | ବେର୍ଣ୍ଣା ସାଧାରଣ | ୦.୦୬ |
| ୨୯ | କୋରଡ଼ | ୯୩୮ | ରୟତି | ବେର୍ଣ୍ଣା ସାଧାରଣ | ୦.୦୫ |
| ୩୦ | କୋରଡ଼ | ୯୩୯ | ରୟତି | ବେର୍ଣ୍ଣା ସାଧାରଣ | ୦.୦୪ |
| ୧ | କୁରେଇଁବାହାଲ | ୧୦୩ | ରୟତି | ଘରବାରି | ୦.୦୨ |
| ୨ | କୁରେଇଁବାହାଲ | ୧୭୨ | ସରକାରୀ | ମାଳ ସାଧାରଣ | ୦.୦୧ |
| ୩ | କୁରେଇଁବାହାଲ | ୧୭୩ | ରୟତି | ମାଳ ସାଧାରଣ | ୦.୦୧ |
| ୪ | କୁରେଇଁବାହାଲ | ୧୭୪ | ରୟତି | ମାଳ ସାଧାରଣ | ୦.୦୨ |
| ୫ | କୁରେଇଁବାହାଲ | ୧୭୭ | ରୟତି | ମାଳ ସାଧାରଣ | ୦.୧୦ |
| ୬ | କୁରେଇଁବାହାଲ | ୧୭୮ | ରୟତି | ମାଳ ସାଧାରଣ | ୦.୦୧ |
| ୭ | କୁରେଇଁବାହାଲ | ୨୬୦ | ରୟତି | ମାଳ ସାଧାରଣ | ୦.୦୧ |
| ୮ | କୁରେଇଁବାହାଲ | ୨୬୨ | ରୟତି | ବେର୍ଣ୍ଣା ସାଧାରଣ | ୦.୦୩ |
| ୯ | କୁରେଇଁବାହାଲ | ୨୯୫ | ରୟତି | ମାଳ ସାଧାରଣ | ୦.୦୨ |
| ୧୦ | କୁରେଇଁବାହାଲ | ୨୯୮ | ରୟତି | ବେର୍ଣ୍ଣା ସାଧାରଣ | ୦.୦୧ |
| ୧ | ନୂଆଭୂଇଁ | ୨୪ | ରୟତି | ଗୋଡ଼ା-୨ | ୦.୦୪ |
| ୨ | ନୂଆଭୂଇଁ | ୨୪/ ୬୫୦ | ରୟତି | ଗୋଡ଼ା-୨ | ୦.୦୪ |
| ୩ | ନୂଆଭୂଇଁ | ୨୪/ ୬୬୧ | ରୟତି | ଗୋଡ଼ା-୨ | ୦.୦୪ |
| ୪ | ନୂଆଭୂଇଁ | ୨୪/ ୬୬୬ | ରୟତି | ଗୋଡ଼ା-୨ | ୦.୦୩ |
| ୧ | ଟାଇଁସର | ୧୮୨୭ | ସରକାରୀ | ବଗାୟତ-୨ | ୦.୦୧ |
| ୨ | ଟାଇଁସର | ୧୮୨୮ | ରୟତି | ଗୋଡ଼ା-୨ | ୦.୦୧ |
| ୩ | ଟାଇଁସର | ୧୮୨୯ | ରୟତି | ମାଳ ସାଧାରଣ | ୦.୦୨ |
| ୪ | ଟାଇଁସର | ୧୮୩୪ | ରୟତି | ବେର୍ଣ୍ଣା ସାଧାରଣ | ୦.୦୪ |
| ୫ | ଟାଇଁସର | ୧୮୩୫ | ରୟତି | ବେର୍ଣ୍ଣା ସାଧାରଣ | ୦.୦୩ |
| ୬ | ଟାଇଁସର | ୧୮୩୬ | ରୟତି | ବେର୍ଣ୍ଣା ସାଧାରଣ | ୦.୦୧ |
| ୭ | ଟାଇଁସର | ୧୮୩୭ | ରୟତି | ବେର୍ଣ୍ଣା ସାଧାରଣ | ୦.୦୧ |
| ୮ | ଟାଇଁସର | ୬୧୫ | ରୟତି | ମାଳ ସାଧାରଣ | ୦.୦୧ |
| ୯ | ଟାଇଁସର | ୬୧୮ | ରୟତି | ଗୋଡ଼ା-୨ | ୦.୦୧ |
| ୧୦ | ଟାଇଁସର | ୬୧୯ | ରୟତି | ଗୋଡ଼ା-୨ | ୦.୦୨ |
| ୧୧ | ଟାଇଁସର | ୬୨୪ | ରୟତି | ଗୋଡ଼ା-୨ | ୦.୦୧ |
| ୧୨ | ଟାଇଁସର | ୬୨୫ | ରୟତି | ଗୋଡ଼ା-୨ | ୦.୦୩ |
| ୧୩ | ଟାଇଁସର | ୬୫୪ | ରୟତି | ଗୋଡ଼ା-୨ | ୦.୦୧ |
| ୧୪ | ଟାଇଁସର | ୬୫୫ | ରୟତି | ଗୋଡ଼ା-୨ | ୦.୦୧ |
| ୧ | ତିଳେଇବଣି | ୧/୧୨୮ | ସରକାରୀ | ବେର୍ଣ୍ଣା ସାଧାରଣ | ୦.୦୨ |
| ୨ | ତିଳେଇବଣି | ୧୧୬/ ୧୬୨ | ସରକାରୀ | ଉନ୍ନତ ଯୋଜନା ଯୋଗ୍ୟ | ୦.୦୯ |
| ୩ | ତିଳେଇବଣି | ୧୧୬/ ୨୧୯ | ରୟତି | ଘରବାରି | ୦.୦୩ |
| ୪ | ତିଳେଇବଣି | ୧୧୬/ ୨୨୦ | ସରକାରୀ | ବସ୍ତି ଯୋଗ୍ୟ | ୦.୦୨ |
| ୫ | ତିଳେଇବଣି | ୧୧୬/ ୨୮୩ | ରୟତି | ମାଳ ସାଧାରଣ | ୦.୦୨ |
| ୬ | ତିଳେଇବଣି | ୧୧୬/ ୨୯୫ | ରୟତି | ମାଳ ସାଧାରଣ | ୦.୦୫ |
| ୭ | ତିଳେଇବଣି | ୧୧୮/ ୧୪୨ | ସରକାରୀ | ଗୋଡ଼ା-୨ | ୦.୧୦ |
| ୮ | ତିଳେଇବଣି | ୧୧୮/ ୧୪୩ | ସରକାରୀ | ଗୋଡ଼ା-୨ | ୦.୦୩ |
| ୯ | ତିଳେଇବଣି | ୧୧୮/ ୧୪୪ | ରୟତି | ଘରବାରି | ୦.୦୪ |
| ୧୦ | ତିଳେଇବଣି | ୧୧୮/ ୨୦୬ | ସରକାରୀ | ପତିତ | ୦.୦୪ |
| ୧୧ | ତିଳେଇବଣି | ୧୧୮/ ୨୨୪ | ରୟତି | ଗୋଡ଼ା-୨ | ୦.୦୮ |
| ୧୨ | ତିଳେଇବଣି | ୧୧୮/ ୨୨୮ | ରୟତି | ଗୋଡ଼ା-୨ | ୦.୧୧ |
| ୧୩ | ତିଳେଇବଣି | ୧୧୮/ ୨୩୦ | ରୟତି | ଗୋଡ଼ା-୨ | ୦.୦୪ |
| ୧୪ | ତିଳେଇବଣି | ୧୧୮/ ୨୯୭ | ରୟତି | ମାଳ ସାଧାରଣ | ୦.୦୩ |
| ୧୫ | ତିଳେଇବଣି | ୧୧୮/ ୩୧୨ | ରୟତି | ମାଳ ସାଧାରଣ | ୦.୦୩ |
| ୧୬ | ତିଳେଇବଣି | ୧୧୯/ ୨୦୪ | ସରକାରୀ | ଗୋଡ଼ା-୨ | ୦.୦୧ |
| ୧୭ | ତିଳେଇବଣି | ୧୧୯/ ୨୦୭ | ସରକାରୀ | ପତିତ | ୦.୦୪ |
| ୧୮ | ତିଳେଇବଣି | ୧୧୯/ ୨୨୧ | ରୟତି | ଘରବାରି | ୦.୦୭ |
| ୧୯ | ତିଳେଇବଣି | ୧୧୯/୨୨୩ | ରୟତି | ଘରବାରି | ୦.୦୮ |
| ୨୦ | ତିଳେଇବଣି | ୧୪୫ | ସରକାରୀ | ହାଟ | ୦.୩୨ |
| ୨୧ | ତିଳେଇବଣି | ୧୬୩/ ୩୭୫ | ରୟତି | ଘରବାରି | ୦.୦୩ |
| ୨୨ | ତିଳେଇବଣି | ୧୯/ ୧୨୬ | ସରକାରୀ | ମାଳ ସାଧାରଣ | ୦.୦୧ |
| ୨୩ | ତିଳେଇବଣି | ୧୯/ ୧୨୭ | ସରକାରୀ | ଗୋଡ଼ା-୨ | ୦.୦୧ |
| ୨୪ | ତିଳେଇବଣି | ୨୫/ ୧୮୩ | ରୟତି | ଘରବାରି | ୦.୦୪ |
| ୨୫ | ତିଳେଇବଣି | ୨୫/ ୧୮୫ | ସରକାରୀ | ଘରବାରି | ୦.୦୧ |
| ୨୬ | ତିଳେଇବଣି | ୨୭ | ରୟତି | ମାଳ ସାଧାରଣ | ୦.୦୧ |
| ୨୭ | ତିଳେଇବଣି | ୩୧୫ | ରୟତି | ମାଳ ସାଧାରଣ | ୦.୦୨ |
| ୨୮ | ତିଳେଇବଣି | ୩୪ | ରୟତି | ମାଳ ସାଧାରଣ | ୦.୦୧ |
| ୨୯ | ତିଳେଇବଣି | ୩୫ | ରୟତି | ମାଳ ସାଧାରଣ | ୦.୦୧ |
| ୩୦ | ତିଳେଇବଣି | ୩୯ | ସରକାରୀ | ଗୋଚର | ୦.୦୫ |
| ୩୧ | ତିଳେଇବଣି | ୭୪ | ରୟତି | ବେର୍ଣ୍ଣା ସାଧାରଣ | ୦.୦୩ |
| ୩୨ | ତିଳେଇବଣି | ୭୪/ ୨୦୨ | ସରକାରୀ | ବେର୍ଣ୍ଣା ସାଧାରଣ | ୦.୦୨ |
| ୩୩ | ତିଳେଇବଣି | ୭୫ | ରୟତି | ଘରବାରି | ୦.୦୨ |
| ୩୪ | ତିଳେଇବଣି | ୭୬ | ରୟତି | ଗୋଡ଼ା-୨ | ୦.୦୧ |
| ୩୫ | ତିଳେଇବଣି | ୭୭ | ସରକାରୀ | ଘରବାରି | ୦.୦୧ |
| ୩୬ | ତିଳେଇବଣି | ୭୭/ ୩୫୮ | ରୟତି | ଘରବାରି | ୦.୦୪ |
| ୩୭ | ତିଳେଇବଣି | ୭୯ | ରୟତି | ଘରବାରି | ୦.୦୩ |
| ୩୮ | ତିଳେଇବଣି | ୮୦ | ରୟତି | ଘରବାରି | ୦.୦୩ |
| ୩୯ | ତିଳେଇବଣି | ୮୧ | ରୟତି | ବଗାୟତ-୨ | ୦.୦୧ |
| ୪୦ | ତିଳେଇବଣି | ୮୫ | ରୟତି | ଘରବାରି | ୦.୦୨ |
| ୪୧ | ତିଳେଇବଣି | ୮୮ | ସରକାରୀ | ଘରବାରି | ୦.୦୨ |
| ୪୨ | ତିଳେଇବଣି | ୮୯ | ସରକାରୀ | ଗୋଡ଼ା-୨ | ୦.୦୩ |
| ମୋଟ | | | | | ୭.୪୯ |

**ସ୍ୱା./- ତହସିଲଦାର ତଥା ଭୂ-ଅର୍ଜନ ପ୍ରାଧିକାରୀ, ଜାତୀୟ ରାଜପଥ ନୋଂ ୬(୪୯), ଦେବଗଡ଼**

24183/14/0002/1920

## ନଳିତା



ନଳିତା କିଆରିରେ ଅଧିକ ପାଣି ରହିଲେ ଝୋଟର ମାନ କମିଯାଏ। ତେଣୁ ଆବଶ୍ୟକ ମୁତାବକ ପାଣି ରଖି ବଳକା ପାଣି କାଟି ଦିଅନ୍ତୁ। ଅନ୍ତଚାଷ ସମୟରେ ନଳିତା ଗଛ ଲମ୍ବା ହେବା ପାଇଁ ଶାଖାପ୍ରଶାଖାଗୁଡ଼ିକୁ ଛିଡ଼ାଇ ଦିଅନ୍ତୁ। ନଳିତାରେ ଗୋଡାପୋକ ଏବଂ କାଣ୍ଡବିନ୍ଧା ପୋକର ଦମନ ପାଇଁ ପ୍ରତି ଏକ ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ୍ କିମ୍ବା ଫୋସାଲୋନ୍ ମିଶାଇ ସିଞ୍ଚନ କରନ୍ତୁ।

## କପାରେ କୀଟ ଆକ୍ରମଣ କରୁଥିଲେ...



କପା ପତ୍ର ପ୍ରତି ୨ଟି ପୂର୍ଣ୍ଣାଙ୍ଗ ପତ୍ରଡିଆଁ ପୋକ ବା ୫୦ଟି ପତ୍ରରେ ୫୦-୧୦୦ଟି ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଅକ୍ସି ଡେମିଟନ୍ ମିଶାଇ ସକାଳବେଳା ଶୁଖିଲାପାଗ ଦେଖି ସିଞ୍ଚନ କରନ୍ତୁ। ଜଉପୋକ, ପତ୍ରଡିଆଁ ପୋକ ଆଦି ଶୋଷକ କୀଟ ଆକ୍ରମଣକୁ କିଛି ପରିମାଣରେ ସହ୍ୟ କରାଯାଇପାରେ, ଅତ୍ୟଧିକ ହେଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ କିମ୍ବା ଥାୟୋମେଥୋକ୍ସାମକୁ ସିଞ୍ଚନ କରନ୍ତୁ। ସଂବାଲୁଆ ପୋକର ଦମନ ସକାଶେ କୀଟନାଶକ ପ୍ରୟୋଗର ଆବଶ୍ୟକତା ନାହିଁ। କିନ୍ତୁ ଅତ୍ୟଧିକ ହେଲେ ଏକର ପ୍ରତି ୧୦କିଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳବେଳା ପ୍ରୟୋଗ କରନ୍ତୁ।

# କୃଷି ବନୀକରଣ



ଗୟାଧର ଶିଅଳ

ବର୍ଷାର ଅନିୟମିତତା, ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟା, କୃଷି ଶ୍ରମିକମାନଙ୍କର ଅଭାବ, କୃଷି ଓ କୃଷି ଆନୁଷଙ୍ଗିକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି, ବଜାରୀକରଣର ଅନିଶ୍ଚିତତା ଆଦି ଓଡ଼ିଶାର କୃଷକ ଭାଇଙ୍କର ପାରମ୍ପରିକ ଚାଷ ପ୍ରତି ଥିବା ଆଗ୍ରହକୁ ହ୍ରାସ କରିଛି। ସେମାନେ ଉକ୍ତ ଅନୁର୍ବର ଜମିରେ ଏକ ବିକଳ୍ପ ଚାଷ (କୃଷି ବନୀକରଣ) ପଦ୍ଧତି ଯାହା ଅପେକ୍ଷାକୃତ କମ୍ ଶ୍ରମ ଦରକାର କରୁଥିବ, ନିଶ୍ଚିତ ରୋଜଗାରର ପନ୍ଥା ହୋଇଥିବ, ପରିବେଶ ସୁରକ୍ଷା କରୁଥିବ- ତାହାରି ଅନ୍ୱେଷଣରେ ଅଛନ୍ତି। ପ୍ରକୃତିଦତ୍ତ ପ୍ରାକୃତିକ ଜଙ୍ଗଲର ହ୍ରାସ ଏକ ପରିତାପର ବିଷୟ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଚାହିଦା ତାହା ମେଣ୍ଟାଇ ପାରୁନାହିଁ।

ଚାଷୀ ଭାଇମାନେ ଘରର ଆସବାବପତ୍ର, କୃଷି ଉପକରଣ, ଗୋଖାଦ୍ୟ, ଗୃହ ନିର୍ମାଣ, ଫଳ, ଜାଳେଣି କାଠ ଇତ୍ୟାଦି ପାଇବା ପାଇଁ ଆବଶ୍ୟକ ବିଭିନ୍ନ ଗଛ ପ୍ରାକୃତିକ ଜଙ୍ଗଲରୁ ଚାହିଦା ମୁତାବକ ପାଇପାରୁ ନାହାନ୍ତି। ଏହିସବୁ ଆବଶ୍ୟକତା ପୂରଣ କରିବା କୌଣସି ଗୋଟିଏ ଗଛରୁ ଲାଭ କରି ହେବ ନାହିଁ। ତେଣୁ ଭିନ୍ନ ଭିନ୍ନ ଗଛର ଆବଶ୍ୟକତା ରହିଛି। ନୂତନ ଚାରା ସୃଷ୍ଟି କରି ବିଭିନ୍ନ କୃଷି ଅନୁପଯୋଗୀ ସ୍ଥାନରେ ବୃକ୍ଷରୋପଣ କରିବା ଅତ୍ୟନ୍ତ ଜରୁରୀ ହୋଇପଡିଛି। କୃଷି ବନୀକରଣ ଦ୍ୱାରା ଚାଷୀମାନଙ୍କର ଉତ୍ପାଦନ ବୃଦ୍ଧି ହେବା ସହ ଆୟର ନୂତନ ପନ୍ଥା ସୃଷ୍ଟି ହୋଇପାରିବ। ଓଡ଼ିଶାର ଜଳବାୟୁରେ ବିଭିନ୍ନ ପ୍ରକାର ବୃକ୍ଷ ଚାଷ ବେଶ୍ ଲାଭଜନକ ଭାବରେ କରାଯାଇ ପାରିବ। ବୃକ୍ଷରୋପଣ ଏବଂ ନୂତନ ବନୀକରଣ ମାଧ୍ୟମରେ ବିଭିନ୍ନ ପ୍ରକାର ଅନୁର୍ବର ଏବଂ ଅବ୍ୟବହୃତ ସ୍ଥାନକୁ ଉପଯୋଗ କରାଯାଇଥାଏ। ସର୍ବସାଧାରଣ ଅନୁଷ୍ଠାନ ଯଥା ବିଦ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର, ଧର୍ମୀୟ ଅନୁଷ୍ଠାନ ଆଦିକୁ ମଧ୍ୟ ଅଗ୍ରାଧିକାର ଭିତ୍ତିରେ ବନୀକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ। ବନୀକରଣ ଜମିରୁ ଅର୍ଥ ଉପାର୍ଜନ ହେବା ସହ କୃଷି ପରିବେଶର ଭାରସାମ୍ୟ ରକ୍ଷା କରି ଚାଷ ଜମିକୁ ଅଧିକ ଉତ୍ପାଦନଶୀଳ କରି କୃଷି ଉତ୍ପାଦନର ଅଭିବୃଦ୍ଧି ଘଟେ। ଏହାସହ ଅନାବୃଷ୍ଟି, ଅତିବୃଷ୍ଟି, ମରୁଡି, ତାପମାତ୍ରା ବୃଦ୍ଧି, ସାମୁଦ୍ରିକ ବାତ୍ୟା ଆଦି ହ୍ରାସ ପାଏ।



**କୃଷି ବନୀକରଣରେ ବ୍ୟବହୃତ ଗଛର ପ୍ରକାର ଭେଦ:**

- *ନିର୍ମାଣ କାଠ ହେଉଥିବା ଗଛ:* ଜାମୁ, ଶିଶୁ, ଶାଳ, ପିଆଶାଳ, ଶାଗୁଆନ, ବାବୁଲ, ଝାଉଁ ଇତ୍ୟାଦି।
- *ଚାଷ ଉପକରଣ ହେଉଥିବା ଗଛ:* ଶିଶୁ, ଶାଳ, କୁସୁମ, ବାବୁଲ, ଗମ୍ଭାରୀ, ଶିରିଶ, ଅର୍ଜ୍ଜୁନ, ଅସନ,ତାଳ, ବଉଳ, ସୁବାବୁଲ ଇତ୍ୟାଦି।
- *ଘରର ଆସବାବପତ୍ର କାଠ ଗଛ:* ଆମ୍ବ, ଗମ୍ଭାରୀ, ଶାଗୁଆନ, ଶିଶୁ, ମାଞ୍ଜିଅମ୍, ଆକାଶିଆ, ପଣସ, ଚାକୁଣ୍ଡା, ଶାଳ, ପିଆଶାଳ, ଶିରିଶ ଇତ୍ୟାଦି।
- *ଜାଳେଣି କାଠ ଗଛ:* ଝାଉଁ, ଆକାଶିଆ, ବାବୁଲ, ବରକୋଳି, ତେନ୍ତୁଳି, ଚାକୁଣ୍ଡା ଇତ୍ୟାଦି।
- *ଗୋଖାଦ୍ୟ ଗଛ:* ବାବୁଲ, ସୁବାବୁଲ, ବରକୋଳି, କୃଷ୍ଣଚୂଡା, ଅଗସ୍ତି, କାଞ୍ଚନ, ଶିଶୁ, ଶିରିଶ ଇତ୍ୟାଦି।
- *ସବୁଜସାର/ଜୈବିକ ସାର ଗଛ:* ଅଗସ୍ତି, କରଞ୍ଜ, କାଞ୍ଚନ, ଗ୍ଲାରିସିଡିଆ, ଚାକୁଣ୍ଡା, ସୁବାବୁଲ, ଶିରିଶ, ଶିଶୁ, କୃଷ୍ଣଚୂଡା ଇତ୍ୟାଦି।
- *ଫଳଗଛ:* କାଜୁ, ବେଲ, ଆତ, ପଣସ, ଅଁଳା, ଆମ୍ବ, ଆମ୍ବଡା, ପିଜୁଳି, ଜାମୁ, ତାଳ, ନଡିଆ, ବରକୋଳି, କଇଥ, ପେସ୍ତାବାଦାମ ଇତ୍ୟାଦି।
- *ଫୁଲଗଛ:* କଦମ୍ବ, କୃଷ୍ଣଚୂଡା, ଚମ୍ପା, ବଉଳ, ନାଗେଶ୍ୱର, ରାଧାଚୂଡା, ଅଶୋକ ଇତ୍ୟାଦି।
- *ଖାଦ୍ୟ ଯୋଗାଉଥିବା ଗଛ:* ଅଗସ୍ତି, କାଞ୍ଚନ, ପଣସ, ସଜନା, ଆମ୍ବ, ତେନ୍ତୁଳି ଇତ୍ୟାଦି।
- *କାଠ, ଫଳ ଏବଂ ଗୋଖାଦ୍ୟ ଗଛ:* ଆମ୍ବ, ଜାମୁ, ବରକୋଳି, ମହୁଲ ଇତ୍ୟାଦି। *କାଠ ଏବଂ ଖାଦ୍ୟ ଗଛ:* ପଣସ, ଆମ୍ବ, କାଜୁ, ତାଳ, ତେନ୍ତୁଳି, ପିଜୁଳି, ବରକୋଳି, କଇଥ, ବଉଳ ଇତ୍ୟାଦି।



କୃଷି ବନୀକରଣ ଏକ ମିଶ୍ରିତ ଫସଲ ଚାଷ ପଦ୍ଧତି, ଯେଉଁଥିରେ କି ଜଙ୍ଗଲ ଜାତୀୟ ଗଛ ସହ ଶସ୍ୟ ଜାତୀୟ ଫସଲ, ଗୋପାଳନ ସହିତ ତୃଣଜାତୀୟ ଫସଲ ବା ଗୋଖାଦ୍ୟ ଗଛକୁ ମିଶାଇ ଚାଷ କରାଯାଇଥାଏ...

- *ଶୋଭା ବର୍ଦ୍ଧନକାରୀ ଗଛ:* ବଉଳ, କୃଷ୍ଣଚୂଡା, ରାଧାଚୂଡା, ବିଷ୍ଣୁଚୂଡା, ପୋଲାଙ୍ଗ, କରଞ୍ଜ, ସୁନାରୀ, ଅଶୋକ, ଦେବଦାରୁ ଇତ୍ୟାଦି।
- *ଅର୍ଥକରୀ ଗଛ:* ଶାଗୁଆନ, ନଡିଆ, ବାଦାମ, ଡାଳଚିନି, ଅର୍ଜ୍ଜୁନ, ଅସନ, ଶିମିଳି, ଅଁଳା ଇତ୍ୟାଦି।
- *ଔଷଧୀୟ ଗଛ:* ବେଲ, ଅଶୋକ, ନାଗେଶ୍ୱର, ଅଁଳା, ବଉଳ ନିମ୍ବ ଇତ୍ୟାଦି।
- *କୁଟୀର ଶିଳ୍ପ ପାଇଁ ଗଛ:* କୁସୁମ, ଅର୍ଜ୍ଜୁନ, ଅସନ, ବାଉଁଶ, ବରକୋଳି ଇତ୍ୟାଦି।
- *କାଗଜ ଶିଳ୍ପ ପାଇଁ ଗଛ:* ଇଉକାଲିପଟାସ, ମଲ୍‌ବେରି, ବାଉଁଶ ଆଦି।
- *ଉଦ୍ଭିଦଜାତ ତୈଳ ପାଇଁ ଗଛ:* ନିମ୍ବ, କରଞ୍ଜ, ପୋଲାଙ୍ଗ, ମହୁଲ, କୁସୁମ ଆଦି।
- *ମକରନ୍ଦ ଉତ୍ପାଦନକାରୀ ଗଛ:* ନିମ୍ବ, ଶିଶୁ, ଜାମୁ, ମହୁଲ, ଶିମିଳି, ସଜନା, ଇଉକାଲିପଟାସ, ତେନ୍ତୁଳି, ଶିରିଶ ଆଦି।
- *ରେଣୁ ଉତ୍ପାଦନକାରୀ ଗଛ:* ସୁନାରୀ, କୃଷ୍ଣଚୂଡା, ଡାଳିମ୍ବ ଆଦି।
- *ରେଣୁ ଓ ମକରନ୍ଦ ଉତ୍ପାଦନକାରୀ ଗଛ:* ନଡିଆ, ଲେମ୍ବୁ, ପିଜୁଳି, କାଜୁ ଇତ୍ୟାଦି।
- *ମୃତ୍ତିକା ସଂରକ୍ଷଣକାରୀ ଗଛ:* କାଜୁ, ଶିଶୁ, ଝାଉଁ, ନିମ୍ବ, ପୋଲାଙ୍ଗ ଇତ୍ୟାଦି।

ସାଧାରଣତଃ ପ୍ରଥମ ମୌସୁମୀ ବର୍ଷା ପରେ ଗଛ ଲଗାଯାଇଥାଏ। ତା'ପୂର୍ବରୁ ଗାତ ଓ ଚାରା ପ୍ରସ୍ତୁତି କରାଯାଇଥାଏ। ଚାରାଗୁଡିକ(ବନୀକରଣ ଲାଗି) ମୁଖ୍ୟତଃ ମଞ୍ଜିରୁ ହିଁ ଉତ୍ପାଦନ କରାଯାଏ। କୌଣସି ଅଞ୍ଚଳରେ ଗଛ ଲଗାଇବା ପାଇଁ ସ୍ଥାନ ନିରୂପଣ କଲାବେଳେ ଉକ୍ତ ସ୍ଥାନର ଭୌଗୋଳିକ ସ୍ଥିତି ତଥା ଜଳବାୟୁ ପରିସ୍ଥିତି ଓ ଗଛ ଲଗାଇବାର ଉଦ୍ଦେଶ୍ୟ ପ୍ରତି ଲକ୍ଷ୍ୟ ରଖିବା ଆବଶ୍ୟକ। ଯେଉଁ ଅଞ୍ଚଳରେ ବୃକ୍ଷରୋପଣ କରାଯିବ, ସେଠାରେ ପ୍ରାକୃତିକ ପରିବେଶରେ ଆପେ ବଢୁଥିବା ଗଛମାନଙ୍କର କଥା ପ୍ରଥମେ ବିଚାରକୁ ନିଆଯାଏ, ଯାହାକୁ ସୂଚକ ବୃକ୍ଷ (ଇଣ୍ଡିକେଟର ପ୍ଲାଣ୍ଟ) ବୋଲି କହନ୍ତି। ସମୟକ୍ରମେ ଉକ୍ତ ଅଞ୍ଚଳରେ ଗଛଗୁଡିକ ସେଠାରେ ଥିବା ମୃତ୍ତିକା ଓ ଜଳବାୟୁରେ ସହଜରେ ପ୍ରତିଷ୍ଠିତ ହୋଇପାରନ୍ତି। ଗଛର ଏକାଧିକ ଉପଯୋଗ ଯେତେଦୂର ସମ୍ଭବ ଯଥା ଜାଳେଣି କାଠ, ଗୋଖାଦ୍ୟ, ଫୁଲ, ଫଳ, ଆସବାବପତ୍ର ପାଇଁ କାଠ, ସବୁଜସାର ଇତ୍ୟାଦି ହୋଇପାରିବ। କୃଷିବନୀକରଣ ଏକ ମିଶ୍ରିତ ଫସଲ ଚାଷ ପଦ୍ଧତି, ଯେଉଁଥିରେ କି ଜଙ୍ଗଲ ଜାତୀୟ ଗଛ ସହିତ ଶସ୍ୟ ଜାତୀୟ ଫସଲ, ଗୋପାଳନ ସହିତ ତୃଣଜାତୀୟ ଫସଲ ବା ଗୋଖାଦ୍ୟ ଗଛକୁ ମିଶାଇ କରି ଚାଷ କରାଯାଇଥାଏ। ଏହି ଚାଷ ପଦ୍ଧତି ଦ୍ୱାରା ଚାଷୀ ଭାଇମାନେ ଏକ ସମୟରେ ଗୋଟାଏ ସ୍ଥାନରୁ ୫ଟି ଏଫ୍ ଯଥା ଜାଳେଣି କାଠ, ତୃଣ, ସାର, ତନ୍ତୁଜାତୀୟ ପଦାର୍ଥ ଏବଂ ଖାଦ୍ୟଶସ୍ୟ ପାଉଥିବାରୁ ଏହା ଏକ ଚିରନ୍ତନ ତଥା ସମୟ ଉପଯୋଗୀ ପଦକ୍ଷେପ। କୃଷି ବନୀକରଣ କାର୍ଯ୍ୟକ୍ରମ ସମସ୍ତଙ୍କର ସହଯୋଗରେ ଏକ ବିପ୍ଳବରେ ପରିଣତ ହୋଇପାରିବ ଏବଂ ସର୍ବୋପରି ଏକ ସୁସ୍ଥ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ବାତାବରଣ ପ୍ରସ୍ତୁତିରେ ସହାୟକ ହୋଇପାରିବ। କେବଳ ସେତିକି ନୁହେଁ, ସବୁଜ ଉଦ୍ଭିଦ ଉତ୍ପାଦକ ହୋଇଥିବାରୁ ପରିବେଶ ଶୃଙ୍ଖଳାର ଅନ୍ୟ ୪ଟି ଉପାଦାନ ଯଥା- ଜଳ, ବାୟୁ, ମୃତ୍ତିକା ଏବଂ ଜୀବଜଗତ ଏହା ଉପରେ ନିର୍ଭରଶୀଳ। ବାସ୍ତବରେ ବୃକ୍ଷରୋପଣ ବା ବନୀକରଣ କରିବା ସମସ୍ତଙ୍କର ଉତ୍ତରଦାୟିତ୍ୱ ରହିଛି। ଏହାର ଆବଶ୍ୟକତା ଉପଲବ୍ଧି କରି ମହାତ୍ମା ଗାନ୍ଧୀ କହିଥିଲେ, ଟୁମରୋସ୍ ଇକୋଲୋଜି ଇଜ୍ ମୋର୍ ଇମ୍ପୋର୍ଟାଣ୍ଟ ଦ୍ୟାନ୍ ଟୁଡେଜ୍ ଇକୋନୋମି। ସମସ୍ତଙ୍କର ସାମୂହିକ ପ୍ରୟାସ ନ ହେଲେ ସମଗ୍ର ଜୀବଜଗତ ବିପଦାପନ୍ନ ହେବ। ବ୍ୟକ୍ତିଗତ ଓ ସାମୂହିକ ଭାବେ ଆମକୁ ମିଳିମିଶି ସବୁଜ ବନାନୀ ସୃଷ୍ଟି, ସୁରକ୍ଷା ଓ ପରିଚାଳନା କରିବା ବିଧେୟ।

*-ବନ ବିଜ୍ଞାନୀ, ଓୟୁଏଟି, ଭୁବନେଶ୍ୱର, ମୋ:୯୪୩୭୦୩୧୨୦୯*

# ଘର ଅଗଣାରେ କୁକୁଡ଼ା ପାଳନ

କୁକୁଡା ପାଳନ ପାଇଁ ଅଳ୍ପ ମୂଳଧନ ଓ ଜମିର ଆବଶ୍ୟକତା ପଡିଥାଏ ତଥା ଅଳ୍ପ ସମୟରେ ଲାଭ ମିଳି ପାରିଥାଏ। ଏହା ବର୍ଷସାରା ସ୍ଥିର ରୋଜଗାର ଯୋଗାଇଥାଏ। ପ୍ରାଣୀଜ ପୁଷ୍ଟିସାର ହିସାବରେ ଜୀବନର ସୃଷ୍ଟିରୁ ଆରମ୍ଭ କରି ଜୀବନର ପ୍ରତ୍ୟେକ ଅବସ୍ଥାରେ ଅଣ୍ଡା ଓ ମାଂସର ଆବଶ୍ୟକତା ରହିଛି। ବଢୁଥିବା ପିଲା, ଗର୍ଭବତୀ ମହିଳା ତଥା ବୃଦ୍ଧ ଓ ରୋଗଣା ଲୋକମାନଙ୍କ ପାଇଁ ଏହାର ଆବଶ୍ୟକତା ଅଧିକ। ଅତି ପୁରାତନ ସମୟରୁ ଗ୍ରାମାଞ୍ଚଳରେ ଲୋକେ ପ୍ରାୟ ଘରେ ଘରେ କୁକୁଡା ରଖି ନିଜ ପରିବାର ପାଇଁ ପ୍ରାଣୀଜ ପୁଷ୍ଟିସାର ବ୍ୟବସ୍ଥା କରୁଥିଲେ। ବୈଜ୍ଞାନିକଙ୍କ ମତରେ ପ୍ରତ୍ୟେକ ପ୍ରାପ୍ତ ବୟସ୍କ ଲୋକଙ୍କ ପାଇଁ ବର୍ଷକୁ ୧୮୦ଟି ଅଣ୍ଡା ଓ ହାରାହାରି ୩.୫ କିଲୋ ମାଂସର ଆବଶ୍ୟକତା ରହିଛି। ପ୍ରତିବଦଳରେ ଭାରତରେ ବର୍ଷକୁ ଜଣପିଛା ୬୯ଟି ଅଣ୍ଡା ଓ ୨.୫ କିଲୋ ମାଂସ ମିଳିପାରୁଛି। ଗ୍ରାମାଞ୍ଚଳର ଏହି ହାର ଆହୁରି କମ୍।

**ପ୍ରକାର ଭେଦ:** କୁକୁଡା ସାଧାରଣତଃ ତିନି ପ୍ରକାର, ଯଥା ଅଣ୍ଡାଦିଆ (କଳିଙ୍ଗ ବ୍ରାଉନ୍, ହ୍ୱାଇଟ୍ ଲେଗହର୍ଣ୍ଣ), ମାଂସ ଉପଯୋଗୀ (ବ୍ରୟଲର, ଅସିଲ୍, କଡକନାଥ, ବ୍ଲାକ୍ ରକ୍) ତଥା ଉଭୟ ଅଣ୍ଡା ଓ ମାଂସ ଉପଯୋଗୀ (ବନରାଜା, ରେନ୍‌ବୋ ରୁଷ୍ଟର, ଆରଆଇଆର)। ଆଗରୁ କୁକୁଡା ବର୍ଷକୁ ପ୍ରାୟ ୧୦୦ଟି ଅଣ୍ଡା ଦେଉଥିଲା ବେଳେ ଏବେ କିଛି ଉନ୍ନତ କୁକୁଡା ବର୍ଷକୁ ୧୫୦ରୁ ୨୬୦ ପର୍ଯ୍ୟନ୍ତ ଅଣ୍ଡା ଦେଉଛନ୍ତି। ଅଣ୍ଡାଦିଆ କୁକୁଡାମାନେ ୫-୬ ମାସରୁ ଆରମ୍ଭ କରି ୨ରୁ ୩ ବର୍ଷ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ଏହାଛଡା ଦେଶୀ କୁକୁଡା ୩ ମାସ ବୟସରେ ୭୫୦ -୧୦୦୦ ଗ୍ରାମ୍ ହେଲା ବେଳେ ଉନ୍ନତ କୁକୁଡାମାନେ ୧.୨-୨ କିଲୋ ଓଜନ ହୋଇଥାନ୍ତି। ତେବେ ଘର ଅଗଣାରେ କୁକୁଡ଼ା ପାଳନ ପାଇଁ ବନରାଜା, ରେନବୋ ରୁଷ୍ଟର, ଅସିଲ୍ ଓ କଡକନାଥ ଉପଯୁକ୍ତ।

**କୁକୁଡା ପାଳନ ପଦ୍ଧତି:** ପ୍ରଥମ ପର୍ଯ୍ୟାୟରେ ଅଳ୍ପ କୁକୁଡା ରଖି କୁକୁଡା ପାଳନର କୌଶଳ ଜାଣିବା ପରେ ଅଧିକ କୁକୁଡା ରଖିବା ଦରକାର। ଦେଶୀ କୁକୁଡା ଅପେକ୍ଷା ଉନ୍ନତ କୁକୁଡା ଅଧିକ ଯତ୍ନ ଆବଶ୍ୟକ କରିଥାନ୍ତି। ବୈଜ୍ଞାନିକ ଉପାୟରେ କୁକୁଡା ପାଳନର କିଛି ପଦ୍ଧତି ସମ୍ପର୍କରେ...

ବାସଗୃହ- କୁକୁଡା ପାଇଁ ଘର ଅଗଣାରେ ଏକ ଉଚ୍ଚ ସ୍ଥାନରେ ମାଟି ବା ସିମେଣ୍ଟର ନଡା ବା ଆଜବେଷ୍ଟସ ଛପରଯୁକ୍ତ ଘର ତିଆରି କରନ୍ତୁ। କୁକୁଡା ପିଛା ୧ରୁ ୨ ବର୍ଗ ଫୁଟ ହିସାବରେ ଚଟାଣ ରଖି ୬ ଫୁଟ୍ ବା ଅଧିକ ଉଚ୍ଚତାରେ ଛପର କରନ୍ତୁ। ଘର ମଧ୍ୟ ଦେଇ ବାୟୁ ଚଳାଚଳ କରିବା ପାଇଁ ବିପରୀତ କାନ୍ଥରେ ୨ଟି ବଡ଼ ଝରକାର ବ୍ୟବସ୍ଥା କରନ୍ତୁ। ଏହାଦ୍ୱାରା କୁକୁଡା ମଳରୁ ଆର୍ଦ୍ରତା ତଥା ଦୁର୍ଗନ୍ଧ (ଆମୋନିଆ ବାଷ୍ପ) ଦୂର ହୋଇଥାଏ ତଥା ଶୁଦ୍ଧ ପବନ ମିଳିଥାଏ। କୁକୁଡା ଘର ଓ ତା'ର ପରିପାର୍ଶ୍ୱରେ ପାଣି କିମ୍ବା ଅନାବନା ଘାସ ଓ ଅଳିଆ ଆବର୍ଜନା ଜମିବାକୁ ଦିଅନ୍ତୁ ନାହିଁ।

କୁକୁଡା ଚିଆଁର ଯତ୍ନ: ଦିନିକିଆ କୁକୁଡା ଚିଆଁ କେନ୍ଦ୍ରୀୟ କୁକ୍କୁଟ ବିକାଶ ସଂଗଠନ (ପୂର୍ବାଞ୍ଚଳ), ଭୁବନେଶ୍ୱର କିମ୍ବା କୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ହ୍ୟାଚେରିରୁ ଆଣନ୍ତୁ। ଘରେ ପହଞ୍ଚିଲା ପରେ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ସୁଜି/ ମକାଗୁଣ୍ଡ ସହିତ ଇଲେକ୍‌ଟ୍ରୋଲାଇଟ୍ ବା ଗୁଡ଼/ଚିନି-ଲୁଣ ପାଣି ପିଇବାକୁ ଦିଅନ୍ତୁ। ଚଟାଣରେ ୨-୪ ଇଞ୍ଚ ବହଳର ହାଲୁକା ଏବଂ ଶୁଷ୍କ ପଦାର୍ଥ ଯଥା କରତଗୁଣ୍ଡ, ମୋଟା କାଗଜଗୁଣ୍ଡ, କୁଣ୍ଡା ଅଗାଡ଼ି ଇତ୍ୟାଦି (ଲିଟର) ବିଛାଇ ତା' ଉପରେ କାଗଜ ପକାଇ ସେଥିରେ ପ୍ରଥମ ୨-୩ ଦିନ ଖାଇବାକୁ ଦିଅନ୍ତୁ। ଚାରି କଡ଼ ବନ୍ଦ ରଖିବା ପାଇଁ କାର୍ଡ଼ବୋର୍ଡ ବା ଟିଣ ସିଟ୍ ବ୍ୟବହାର କରି ତାକୁ ଗୋଲାକାର ଆକାର କରନ୍ତୁ। ପରେ ବଜାରରେ ମିଳୁଥିବା କୁକୁଡ଼ା ଦାନା ଆଣି ପ୍ରଥମ ୬ ସପ୍ତାହ ପର୍ଯ୍ୟନ୍ତ ଖାଇବାକୁ ଦିଅନ୍ତୁ। କୁକୁଡା ଆଣିବା ପୂର୍ବରୁ ଘର ସଫାସୁତୁରା ତଥା ଚୂନରେ ବିଶୋଧନ କରି ରଖନ୍ତୁ। ଏହି ସମୟରେ ବିଦ୍ୟୁତ ବଲ୍‌ବ ଅଥବା ବ୍ରୁଡର ବ୍ୟବହାର କରି ତାଙ୍କ ଦେହର ତାପମାତ୍ରାକୁ ବଜାୟ ରଖିବା ଦରକାର। ପ୍ରଥମଦିନ କୁକୁଡ଼ା ଚିଆଁ ଆଲୋକରେ ରହିବା ସମୟରେ ସେମାନଙ୍କର ଗତିବିଧିକୁ ଭଲଭାବରେ ପ୍ରତି ଦୁଇତିନି ଘଣ୍ଟା ବ୍ୟବଧାନରେ ଲକ୍ଷ୍ୟ କରନ୍ତୁ। ବ୍ରୁଡରରେ ଠିକ୍ ତାପମାତ୍ରା ଥିଲେ ଚିଆଁମାନେ ସମ୍ପୂର୍ଣ୍ଣ ପରିମିତ ସ୍ଥାନରେ ବିଛାଡ଼ି ହୋଇ ରହିଥାନ୍ତି। କିନ୍ତୁ ଦରକାରଠାରୁ କମ୍ ତାପମାତ୍ରା ମିଳୁଥିଲେ ଚିଆଁ ସମଭାବରେ ନ ରହି କେବଳ ବଲ୍‌ବର ତଳ ଭାଗରେ ରୁଣ୍ଡ ହୋଇ ରହିଥାନ୍ତି ତଥା ଅଧିକ ତାପମାତ୍ରା ମିଳୁଥିଲେ ଚିଆଁଗୁଡ଼ିକ ବଲ୍‌ବରୁ ଦୂରେଇ ରହନ୍ତି। ଚିଆଁ ପ୍ରତି ୨ ୱାଟ ଲାଇଟ ଦରକାର ପଡ଼ିଥାଏ। ଠିକ୍ ସେହିପରି ଆବଦ୍ଧ କାର୍ଡ଼ବୋର୍ଡଟି ୨-୩ ସପ୍ତାହ ପରେ କାଢ଼ି ଦେବା ଦରକାର। କୁକୁର ବା ଅନ୍ୟାନ୍ୟ ଜନ୍ତୁଙ୍କଠାରୁ ରକ୍ଷା କରିବା ପାଇଁ କୁକୁଡା ଛୁଆଙ୍କୁ ଦୃଷ୍ଟି ଦେବା ଦରକାର। ଦିନିକିଆ କୁକୁଡାଙ୍କୁ ୩-୪ ସପ୍ତାହ ପର୍ଯ୍ୟନ୍ତ ସାବଧାନତାର ସହିତ ରଖନ୍ତୁ।

**ବୈଜ୍ଞାନିକଙ୍କ ମତରେ ଜଣେ ପ୍ରାପ୍ତ ବୟସ୍କ ଲୋକଙ୍କ ପାଇଁ ବର୍ଷକୁ ୧୮୦ଟି ଅଣ୍ଡା ଓ ହାରାହାରି ୩.୫ କିଲୋ ମାଂସର ଆବଶ୍ୟକତା ରହିଛି।**



(କ୍ରମଶଃ..)

**-ରଞ୍ଜନ କୁମାର ମହାନ୍ତ**
**-ସାରଦା ପ୍ରସନ୍ନ ସାହୁ**

# ପନିପରିବା ଚାଷ ସମ୍ପର୍କରେ...

ବାଇଗଣ, ଲଙ୍କାମରିଚ ଫସଲ ତଳି ପକାନ୍ତୁ। ଜଳ ନିଷ୍କାସିତ ଉଚ୍ଚ ନିଗିଡ଼ା ଜମିରେ ତଳି ପ୍ରସ୍ତୁତ କରନ୍ତୁ।

**ତଳି ପ୍ରସ୍ତୁତି:** ୩ ଫୁଟ ଚଉଡ଼ା, ୧୦ ଫୁଟ ଲମ୍ବ ଓ ୬ ଇଞ୍ଚ ଉଚ୍ଚର ପଟି ତିଆରି କରନ୍ତୁ। ଦୁଇ ପଟି ମଧ୍ୟରେ ଯିବା ଆସିବା ଓ ପାଣି ନିଗିଡ଼ିବା ପାଇଁ ଜାଗା ଛାଡ଼ନ୍ତୁ। ପଟିର ଚାରିପଟୁ ମାଟି ନେଇ ପଟି ଉପରେ ପକାଇଲେ ତାହା ବିଲଠାରୁ ଉଚ୍ଚ (୬ ଇଞ୍ଚ) ହୋଇଯିବ। ପ୍ରତି ପଟିରେ ୨-୩ ଝୁଡ଼ି ଗୁଣ୍ଡଖତ ଦେଇ ମାଟିରେ ମିଶାନ୍ତୁ। ତା' ପରେ ପ୍ରତି ପଟିରେ ପ୍ରାୟ ୭୫ ଗ୍ରାମ୍ ୟୁରିଆ, ୧୦୦ ଗ୍ରାମ୍ ସିଙ୍ଗଲ ସୁପର ଫସ୍‌ଫେଟ୍ ଓ ୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍ ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ। ତଳି ପଟିରେ ମଞ୍ଜିଗୁଡ଼ିକୁ ଅଧ ଇଞ୍ଚ ଗହୀରରେ ଧାଡ଼ି ଧାଡ଼ି କରି ବୁଣନ୍ତୁ। ଏହି ମଞ୍ଜିକୁ ପ୍ରାୟ ଦେଢ଼ ଗ୍ରାମ୍ ଫିମ୍ପିନାଶକ(କାର୍ବେଣ୍ଡିଜିମ୍ ୩୭.୫%/ ଥିରାମ୍ ୩୭.୫%/ରିଡୋମିଲ୍ ଏମ୍.ଜେଡ୍ କି.ଗ୍ରା. ପ୍ରତି ୨ ଗ୍ରାମ୍ ହିସାବରେ)ରେ ବିଶୋଧନକରି ବୁଣନ୍ତୁ। ମଞ୍ଜି ବୁଣିବା ପରେ ଛଣ ବା ନଡ଼ା କିମ୍ବା ପଲିଥିନ୍ ଦ୍ୱାରା ପତଳା ଭାବେ ଘୋଡ଼ାଇ ତା' ଉପରେ ଅଳ୍ପ ପାଣି ସିଞ୍ଚିଦିଅନ୍ତୁ। ତଳିପଟି ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ପକାଇଲେ ପିମ୍ପୁଡ଼ି ମଞ୍ଜିକୁ ନଷ୍ଟ କରିପାରିବେନି। ୪ରୁ ୫ ଦିନ ପରେ ମଞ୍ଜି ଗଜା ହେଲେ ପଲିଥିନ୍ ବା ନଡ଼ାଗୁଡ଼ିକୁ କାଢ଼ି ଦିଅନ୍ତୁ। ଯଦି ଆଗରୁ ତଳି ପକାଇଥିବେ, ୨୫ ରୁ ୩୦ ଦିନର ହୋଇଗଲେ ଚାରା ବିଶୋଧନ କରି ଜମିରେ ଲଗାନ୍ତୁ। ଏକ ଏକର ବାଇଗଣ ଓ ଲଙ୍କାମରିଚ ଚାଷପାଇଁ ଉପରୋକ୍ତ ଆକାରର ତଳି ପଟାଳି ଯଥାକ୍ରମେ ୯ଟି ଏବଂ ୧୫ଟି ଆବଶ୍ୟକ ହୋଇଥାଏ। ଅଧିକ ବର୍ଷାରୁ ତଳି ଘରାକୁ ରକ୍ଷା କରିବା ଲାଗି ସୁଡ଼ଙ୍ଗ ଆକାରରେ ପଲିଥିନ୍ ବାନ୍ଧି ପଟିରେ ଘୋଡ଼ାଇ ରଖନ୍ତୁ।



-ବାଇଗଣ ମଞ୍ଜି ହେକ୍ଟର ପ୍ରତି ୫୦୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୭୫୦ ଗ୍ରାମ୍ ଆବଶ୍ୟକ। ଯଦି ସଙ୍କର କିସମର ବିହନ ବ୍ୟବହାର କରୁଥାନ୍ତି ତେବେ ବାଇଗଣ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଓ ଲଙ୍କାମଞ୍ଜି ୩୦୦ ଗ୍ରାମ୍ ବ୍ୟବହାର କରନ୍ତୁ।



-ବାଇଗଣର ଉନ୍ନତ କିସମଗୁଡ଼ିକ ହେଲା - ମୁକ୍ତକେଶୀ, ପୁଷା କ୍ରାନ୍ତି, ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, କ୍ଲଷ୍ଟାର୍, ଗ୍ରୀନ୍ ଷ୍ଟାର୍। ସଙ୍କର ଜାତୀୟ କିସମ ହିସାବରେ ସୁଫଳା, ଲଙ୍ଗ୍-୧୩, ଗ୍ରୀନ୍ ଲଙ୍ଗ୍, ବ୍ଲାକ୍ ରାଉଣ୍ଡ୍, ସୁରୁଚି, ଭୀମ, ପ୍ରୀତମ୍, ଏମ୍.ଏଚ୍.ବି.-୧ ଆଦି ଚାଷ କଲେ ଭଲ ଅମଳ ମିଳିପାରିବ। କଞ୍ଚାଲଙ୍କା ପାଇଁ ଉପଯୁକ୍ତ କିସମଗୁଡ଼ିକ ହେଲା - ଉତ୍କଳ ଆଭା, ଉତ୍କଳ ରାଗିଣୀ, ସୂର୍ଯ୍ୟମୁଖୀ, ପନ୍ତ ସି-୧। ଶୁଖିଲା ଲଙ୍କା ପାଇଁ ଉପଯୁକ୍ତ କିସମ ଗୁଡ଼ିକ ହେଲା - ପୁଷାଜ୍ୱାଳା, ଉତ୍କଳ ରଶ୍ମି, ପୁଷା ସଦାବାହାର, ସିନ୍ଦୂର, ଲାମ୍ ଏକ୍ସ-୩୫।

“ ଅଭିବୃଦ୍ଧି ଲାଗି ୨୦୨୦ ସୁଦ୍ଧା ଇଣ୍ଡଷ୍ଟ୍ରିଆଲ ପାର୍କ ନିର୍ମାଣ କରିବାକୁ ମୋବାଇଲ ଫୋନ ନିର୍ମାତା ଟ୍ରାନ୍ସିଶନ ଇଣ୍ଡିଆ ଯୋଜନା ପ୍ରସ୍ତୁତ କରିଛି।
– ଅରିଜିତ୍ ତଳପାତ୍ର, ଟ୍ରାନ୍ସିଶନ ଇଣ୍ଡିଆ ସିଇଓ



“ ଦୀର୍ଘମିଆଦି ଋଣର ନବୀକରଣ ବ୍ୟବସ୍ଥା ଆପଣାଯିବା ସହ କେତେକ ପଦକ୍ଷେପ ନିଆଯିବା କାରଣରୁ ଡିସିବି ବ୍ୟାଙ୍କ ଦୁଇଟି ତ୍ରୈମାସ ପରେ ଲାଭ କରିବ।
– ମୁରଲୀ ଏମ. ନଟରାଜନ, ଡିସିବି ବ୍ୟାଙ୍କ ଏମ୍‌ଡି ତଥା ସିଇଓ



## ସଂକ୍ଷେପରେ

### ୯.୩୪ ଲକ୍ଷ କୋଟିକୁ ହ୍ରାସ ପାଇଛି ବ୍ୟାଙ୍କ ଏନ୍‌ପିଏ

**ନୂଆଦିଲ୍ଲୀ,୧୬-୭:** କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ କାରଣରୁ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକର ମୋଟ ଅନାଦାୟ ଋଣ(ଏନ୍‌ପିଏ) ପରିମାଣ ୨୦୧୮-୧୯ରେ ୧.୦୨ ଲକ୍ଷ କୋଟି ଟଙ୍କା ହ୍ରାସ ପାଇ ୯.୩୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ପାର୍ଲାମେଣ୍ଟରେ ପ୍ରକାଶ କରିଛନ୍ତି। ସୀତାରାମନ୍ କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ସମସ୍ୟାର ସମାଧାନ ଲାଗି ସରକାର ଏନ୍‌ପିଏର ରେକଗନାଇଜେଶନ ବା ଚିହ୍ନଟ କରିବା, ରିଜଲ୍ୟୁଶନ, ଋଣ ଆଦାୟ ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପୁନଃପୁଞ୍ଜିକରଣ ବା ରିକାପିଟାଲାଇଜେଶନ ବ୍ୟବସ୍ଥା ଆଣିଛନ୍ତି । ଆର୍‌ବିଆଇ ତଥ୍ୟ ଅନୁଯାୟୀ,୨୦୧୮ ମାର୍ଚ୍ଚରେ ଏନ୍‌ପିଏ ପରିମାଣ ୧୦,୩୬,୧୮୭ କୋଟି ଟଙ୍କାର ସର୍ବାଧିକ ସ୍ତର ଛୁଇଁଥିଲା। ଏହାପରେ ନୂଆ ପଦକ୍ଷେପ ମାନ ଗ୍ରହଣ କରାଯିବା ପରେ ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ଏଥିରେ ୧,୦୨,୫୬୨ କୋଟି ଟଙ୍କା ହ୍ରାସ ପାଇ ୯,୩୩,୬୨୫ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସୀତାରାମନ୍ କହିଛନ୍ତି।

### ୩୭,୯୪୬ କୋଟିର ଜିଏସ୍‌ଟି ଫାଙ୍କି ଧରାପଡ଼ିଛି

**ନୂଆଦିଲ୍ଲୀ,୧୬-୭:** ଟିକସ ଅଧିକାରୀମାନେ ଆର୍ଥିକ ବର୍ଷ ୨୦୧୮-୧୯ରେ ୩୭,୯୪୬ କୋଟି ଏବଂ ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍‌ରେ ୬୫୨୦ କୋଟି ଟଙ୍କାର ଜିଏସଟି ଫାଙ୍କି ଧରିପାରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ପାର୍ଲାମେଣ୍ଟରେ ଏକ ପ୍ରଶ୍ନର ଉତ୍ତର ଦେଇଛନ୍ତି। ଅନ୍ୟପକ୍ଷରେ ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍‌ରେ ୨୮୦୫ କୋଟି ଏବଂ ୨୦୧୮-୧୯ରେ ୧୬୨୦ ମାମଲାରେ ୧୧,୨୫୧.୨୩ କୋଟି ଟଙ୍କାର ଜାଲ୍ ଇନ୍‌ଭଏସ ମାଧ୍ୟମରେ ଟ୍ୟାକ୍ସ କ୍ରେଡିଟ ଧରାଯାଇଛି ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି। ଏ ସଂକ୍ରାନ୍ତରେ ୧୫୪ ଜଣଙ୍କୁ ଗିରଫ କରାଯାଇଥିବା ସେ ସୂଚାଇଛନ୍ତି। ଚଳିତବର୍ଷ ଏପ୍ରିଲରୁ ଜୁନ୍ ମଧ୍ୟରେ ୨୮୦୪.୯୮ କୋଟି ଟଙ୍କାର ୬୬୬ ଜାଲ୍ ଇନ୍‌ଭଏସ ମାମଲା ଧରାପଡିଛି।

### ଆଇଏମ୍‌ଏଫ୍ ଏମ୍‌ଡି ପଦରୁ କ୍ରିଷ୍ଟିନ୍ ଲେଗାର୍ଡଙ୍କ ଇସ୍ତଫା

ୱାଶିଂଟନ,୧୬-୭
ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଏମ୍‌ଡି ପଦବୀରୁ କ୍ରିଷ୍ଟିନ ଲେଗାର୍ଡ ଇସ୍ତଫା ଦେଇଛନ୍ତି। ଆଇଏମ୍‌ଏଫ୍ ବୋର୍ଡକୁ ସାକ୍ଷାତ୍ କରି ଇସ୍ତଫା ପତ୍ର ଦେଇଥିବା ସେ ମଙ୍ଗଳବାର କହିଛନ୍ତି। ତାଙ୍କ ଇସ୍ତଫାପତ୍ରକୁ ଆଇଏମ୍‌ଏଫ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମଣ୍ଡଳୀ ଗ୍ରହଣ କରିଛନ୍ତି। ୧୨ ସେପ୍ଟେମ୍ବରଠାରୁ ତାଙ୍କର ଇସ୍ତଫାପତ୍ର କାର୍ଯ୍ୟକାରୀ ହେବ ବୋଲି ଲେଗାର୍ଡ ମଙ୍ଗଳବାର କହିଛନ୍ତି। ତାଙ୍କ ଇସ୍ତଫା ପରେ ଡେଭିଡ୍ ଲିପ୍ଟନ ଅସ୍ଥାୟୀ ଏମ୍‌ଡି ଭାବେ କାର୍ଯ୍ୟ କରିବେ। ୟୁରୋପୀୟ ପରିଷଦ ତାଙ୍କୁ ୟୁରୋପିଆନ ସେଣ୍ଟ୍ରାଲ ବ୍ୟାଙ୍କର ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରିଛନ୍ତି। ଆଇଏମ୍‌ଏଫ୍ ଲାଗି ଲେଗାର୍ଡଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହିଥିବା ବୋର୍ଡ ପକ୍ଷରୁ କୁହାଯାଇଛି।

### ନିଗମ ହେବ ରାଏବରେଲୀ କୋଚ୍ ଫ୍ୟାକ୍ଟ୍ରି

ଲକ୍ଷ୍ନୌ,୧୬-୭
ରୋଲିଂ ଷ୍ଟକର ୮ ଉତ୍ପାଦନ ୟୁନିଟକୁ ନିଗମୀକରଣ କରିବାକୁ ସରକାର ଯୋଜନା ରଖିଛନ୍ତି। ଏହା ରାଏବରେଲୀସ୍ଥିତ ମଡର୍ନ କୋଚ୍ ଫ୍ୟାକ୍ଟ୍ରି(ଏମ୍‌ସିଏଫ୍)ଠାରୁ ଆରମ୍ଭ ହେବ। ୧୦ ଦିନ ମଧ୍ୟରେ ଏ ନେଇ ଏକ ପ୍ରସ୍ତାବ ଦେବାକୁ ରେଳ ମନ୍ତ୍ରଣାଳୟ ଅଧିନରେ କାର୍ଯ୍ୟ କରୁଥିବା କନ୍‌ସଲ୍‌ଟାନ୍ସି ପ୍ରତିଷ୍ଠାନ ରାଇଟ୍‌ସକୁ କୁହାଯାଇଛି। ବିଭିନ୍ନ ଆନୁଷଙ୍ଗିକ ପ୍ରସଙ୍ଗ ଉପରେ ବିଚାର କରିବା ପରେ ଏହା ସରକାରଙ୍କୁ ରିପୋର୍ଟ ଦେବ। ୪୫ ଦିନ ମଧ୍ୟରେ ରିପୋର୍ଟ ଏବଂ ଆଗାମୀ ୨ ମାସ ମଧ୍ୟରେ ଅନ୍ୟ ୭ ୟୁନିଟର ସମାନ ପ୍ରକାର ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

### ଇଣ୍ଡିଗୋ ବିବାଦ:ନିଜ ଅଂଶଧନ ବିକିବେନି ଗଙ୍ଗୱାଲ

ନୂଆଦିଲ୍ଲୀ,୧୬-୭
ଇଣ୍ଡିଗୋ ବିମାନ କମ୍ପାନୀର ଦୁଇ ସହ ପ୍ରତିଷ୍ଠାତାଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଏପରି ସ୍ଥିତିରେ କମ୍ପାନୀରେ ଥିବା ନିଜ ଅଂଶଧନ ବିକ୍ରି ନ କରିବାକୁ ରାକେଶ ଗଙ୍ଗୱାଲ ମଙ୍ଗଳବାର କହିଛନ୍ତି। ଗଙ୍ଗୱାଲ କମ୍ପାନୀର କର୍ପୋରେଟ ଗଭର୍ନାସରେ ତ୍ରୁଟି ଦର୍ଶାଇ ଏହାର ସମାଧାନ ଲାଗି ସେବିର ସହାୟତା ଲୋଡିଛନ୍ତି। ଏକ ଲମ୍ବା ଇନିଂସ ଖେଳିବା ଲାଗି ଆସିଛି, ଏଣୁ କମ୍ପାନୀର ନିଜ ଅଂଶଧନ ବିକ୍ରି କରିବା କିମ୍ବା ବଢ଼ାଇବାର ଇଚ୍ଛା ନାହିଁ ବୋଲି ସେ କହିଛନ୍ତି।

# ମାଗଣାରେ ମିଳିବନି ବିଜୁଳି

ନୂଆଦିଲ୍ଲୀ,୧୬-୭

ରାଜନୈତିକ କାରଣରୁ ରାଜ୍ୟ ସରକାରଗୁଡ଼ିକ ଚାଷୀ, ଗରିବଙ୍କୁ ମାଗଣାରେ ବିଜୁଳି ଯୋଗାଇ ଦେଉଛନ୍ତି। ଏଥିପାଇଁ ସେମାନେ କେନ୍ଦ୍ର ସରକାରଙ୍କଠାରୁ ରିହାତି ଚାହୁଁଛନ୍ତି। ଏଣିକି ସେ ସୁବିଧା ଆଉ ସେମାନଙ୍କୁ ମିଳିବ ନାହିଁ। ମାଗଣା ବିଜୁଳି କେହି ଦେଇପାରିବେ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ରାଜ୍ୟ ସରକାର ଚାହିଁଲେ ମାଗଣାରେ ବିଜୁଳି ଦେଇପାରନ୍ତି। ତେବେ ସେମାନଙ୍କୁ ନିଜ ବଜେଟରୁ ଏଥିପାଇଁ ଦେୟ ଭରଣା କରିବାକୁ ହେବ।

କେନ୍ଦ୍ର ଶକ୍ତିମନ୍ତ୍ରୀ ଆର୍.କେ. ସିଂ ୨୦ତମ ବାର୍ଷିକ ପିଟିସି ଭାରତ ଦିବସର ଉତ୍ସବରେ ଯୋଗଦେଇ କହିଛନ୍ତି ଯେ, ଭାରତ ଏକ ନୂଆ ବ୍ୟବସ୍ଥା ଆଡ଼କୁ ଅଗ୍ରସର ହେଉଛି। ଏହି ନୂଆ ବ୍ୟବସ୍ଥାରେ ବିଜୁଳି ଉପଭୋକ୍ତାଙ୍କୁ ପୂର୍ବରୁ ଦେୟ ପ୍ରଦାନ କରିବାକୁ ହେବ। ପରେ ସେମାନେ ବିଜୁଳି ବ୍ୟବହାର କରିପାରିବେ। ରାଜ୍ୟ ସରକାରଗୁଡ଼ିକ ସମାଜର କେତେକ ବର୍ଗଙ୍କୁ ନିଃଶୁଳ୍କରେ ବିଜୁଳି ଯୋଗାଇ ପାରିବେ। ତେବେ ସେମାନେ ବଜେଟରେ ଏଥିପାଇଁ ବ୍ୟବସ୍ଥା କରିବେ। ତାଙ୍କର କହିବାନୁଯାୟୀ, ଦେଶକୁ ଦେୟ ଓ ଯୋଗାଣ ମଧ୍ୟରେ ଏକ ସମନ୍ୱୟ ସୃଷ୍ଟିକରିବାକୁ ହେବ। ଗ୍ରାହକ ପ୍ରଥମେ ଦେୟ ଦେବେ, ପରେ ତାଙ୍କୁ ବିଜୁଳି ମିଳିବ। ମାଗଣା ବିଜୁଳି ଭଳି କିଛି ବ୍ୟବସ୍ଥା ନାହିଁ। ନିବେଶ ବିନା ବିଜୁଳି ଉତ୍ପାଦନ ସମ୍ଭବ ନୁହେଁ। ଏଥିପାଇଁ ଅର୍ଥ ଜରୁରୀ। କାହାକୁ ନା କାହାକୁ ଏହା ଦେବାକୁ ହେବ। ଶକ୍ତିକେନ୍ଦ୍ରଗୁଡ଼ିକ ବିଜୁଳି କ୍ରୟ ଚୁକ୍ତି ବିନା ହିଁ କୋଇଲା ପାଇପାରିବେ। କୋଇଲା ବ୍ୟବହାର କରି ଯେକୌଣସି କମ୍ପାନୀ ବିଜୁଳି ଉତ୍ପାଦନ ପାଇଁ ଶକ୍ତି କେନ୍ଦ୍ର ପ୍ରତିଷ୍ଠା କରିପାରିବେ ବୋଲି ଶକ୍ତି ମନ୍ତ୍ରୀ ସିଂ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନର ବ୍ୟବସ୍ଥାରେ ବିଦ୍ୟୁତ୍ ଯୋଗାଣକାରୀ କମ୍ପାନୀଙ୍କ ସହ ଦୀର୍ଘକାଳୀନ ଯୋଗାଣ ଚୁକ୍ତି ପରେ ହିଁ ତାପଜ ବିଦ୍ୟୁତ କେନ୍ଦ୍ରଗୁଡ଼ିକୁ କୋଇଲା ଯୋଗାଇ ଦିଆଯାଉଛି। ଏବେ ଏହି କାରଣରୁ ଅଧିକାଂଶ ତାପଜ ବିଦ୍ୟୁତ କେନ୍ଦ୍ର କୋଇଲା ଅଭାବରେ ବନ୍ଦ ହେବାର ଦ୍ୱାରଦେଶରେ ପହଞ୍ଚିଛି। ସେ କହିଛନ୍ତି ଯେ, ଆଗାମୀ ଦିନରେ ଘରେ ଘରେ ସ୍ମାର୍ଟମିଟର ଲାଗିବ। ମୋବାଇଲ ରିଚାର୍ଜ ଭଳି ପୂର୍ବରୁ ଟଙ୍କା ଦେବା ପରେ ହିଁ ଘରକୁ ବିଜୁଳି ମିଳିବ। ୨୦୨୨ ସୁଦ୍ଧା ଏହି କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ଉପଭୋକ୍ତାଙ୍କୁ ବିଲ୍ ପ୍ରଦାନ ପାଇଁ ଲାଇନ ଲଗାଇବାକୁ ପଡିବ ନାହିଁ। ବିଜୁଳି ଯୋଗାଣକାରୀ କମ୍ପାନୀଙ୍କୁ ବିଲ୍ ଦେବାକୁ ପଡିବ ନାହିଁ। କ୍ଷତି କମିବ ଏବଂ କମ୍ପାନୀଙ୍କ ଲାଭ ବଢ଼ିବ।

**ସ୍ପଷ୍ଟ କଲା କେନ୍ଦ୍ର**



- ରାଜ୍ୟ ଦେବାକୁ ଚାହିଁଲେ ବଜେଟ୍‌ରେ ବ୍ୟବସ୍ଥା କରିବେ
- ମୋବାଇଲ ଭଳି ବ୍ୟବସ୍ଥା ଆସିବ
- ରିଚାର୍ଜ କଲେ ମିଳିବ ବିଜୁଳି
- ଘରେ ଘରେ ଲାଗିବ ସ୍ମାର୍ଟ ମିଟର

**ସମସ୍ତଙ୍କୁ ୨୪ ଘଣ୍ଟିଆ ବିଜୁଳି**

ଗ୍ରାହକ ଆଧାରିତ ଏକ ବିଜୁଳି ଯୋଗାଣ ଯୋଜନା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ସପ୍ତାହକୁ ୭ ଦିନ ୨୪ ଘଣ୍ଟିଆ ବିଜୁଳି ଯୋଗାଣ ପାଇଁ ବ୍ୟବସ୍ଥା ହେବ ବୋଲି କେନ୍ଦ୍ର ସରକାର ମଙ୍ଗଳବାର କହିଛନ୍ତି। ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଜାତୀୟ ବିଦ୍ୟୁତ୍ ଯୋଜନା(ଏନ୍‌ଇପି) ଅଧୀନରେ ବିଦ୍ୟୁତ ଉତ୍ପାଦନ ଓ ପରିବହନ ସେକ୍ଟରକୁ ନେଇ ଏକ ଯୋଜନା ପ୍ରସ୍ତୁତ ହେଉଛି। ଏଥିରେ ଗ୍ରାହକଙ୍କୁ କେନ୍ଦ୍ରବିନ୍ଦୁରେ ରଖି ଯୋଗାଣ ଯୋଜନାକୁ କାର୍ଯ୍ୟକାରୀ କରାଯିବ। କେନ୍ଦ୍ର ଶକ୍ତିମନ୍ତ୍ରୀ ଆର୍.କେ.ସିଂ ମଙ୍ଗଳବାର ଏହି ଯୋଜନାର ସମୀକ୍ଷା କରିଛନ୍ତି। ଏ ସମ୍ପର୍କରେ ଏକ ଚିଠା ପ୍ରସ୍ତାବ ଦିଆଯାଇଛି। ସମସ୍ତ ଗ୍ରାହକଙ୍କ ଘରେ ଯେପରି ମିଟର ଲାଗିପାରିବ ସେ ଦିଗରେ ପଦକ୍ଷେପ ନିଆଯିବ। ଗ୍ରାହକଙ୍କୁ ଉତ୍ତମ ବିଜୁଳି ଯୋଗାଣ ପାଇଁ ଉଚ୍ଚ କାରିଗରୀ କୌଶଳ ବ୍ୟବହାର କରାଯିବ।



## ବଜାରରେ ବିଏମ୍‌ଡବ୍ଲ୍ୟୁ ଏସ୍ ୧୦୦୦ ଆର୍‌ଆର୍

ଗୁରୁଗ୍ରାମ,୧୬-୭

ବିଏମ୍‌ଡବ୍ଲ୍ୟୁ ମୋଟରାଡ୍ ପକ୍ଷରୁ ନୂଆ ବିଏମ୍‌ଡବ୍ଲ୍ୟୁ ଏସ୍ ୧୦୦୦ ଆର୍‌ଆର୍ ସୁପର ବାଇକ ଭାରତ ବଜାରରେ ପ୍ରବେଶ କରିଛି। କମ୍ପାନୀର କମ୍ପ୍ଲିଟ୍‌ଲି ବିଲ୍‌ଟ ଅପ୍ ୟୁନିଟ(ସିବିୟୁ) ଗୁଡିକରୁ ଗ୍ରାହକମାନେ ଏହାକୁ ବୁକ୍ କରିବାକୁ ସକ୍ଷମ ହେବେ। ଏହି ସ୍ପୋର୍ଟସ ବାଇକ ଗ୍ରାହକଙ୍କୁ ଏକ ରୋମାଞ୍ଚକର ଅନୁଭୂତି ପ୍ରଦାନ କରିବାକୁ ସକ୍ଷମ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଥିରେ ଅତ୍ୟାଧୁନିକ ହାଇଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଏକ ଅତୁଳନୀୟ ରାଇଡିଂ ଅଭିଜ୍ଞତା ପ୍ରଦାନ କରିବା ଲାଗି କମ୍ପାନୀ ମଡେଲଟିରେ ବିଏମ୍‌ଡବ୍ଲ୍ୟୁ ସିଫ୍ଟ କାମ୍ ଟେକ୍ନୋଲୋଜି ବ୍ୟବହାର କରିଛି। ସ୍ପୋର୍ଟସ ୱାର୍ଲଡରେ ଏହା ଏକ ପ୍ରମୁଖ ମଡେଲ ଭାବେ ଉଭା ହେବ ବୋଲି ଆଶା ରହିଥିବା କମ୍ପାନୀର ଏସିଆ ପାସିଫିକ ମୁଖ୍ୟ ଦିମିତ୍ରିଶ ରପ୍ତିସ କହିଛନ୍ତି। ଏହା ୩ଟି ଭାରିଆଣ୍ଟରେ ଉପଲବ୍ଧ ହେଉଥିବା ବେଳେ ବଜାର ଦର ୧୮.୫୦ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।



## ପିଆଜିଓ ଆଣିଲା ନୂଆ ଆପେ ସିଟି ପ୍ଲସ

ଭୁବନେଶ୍ୱର,୧୬-୭(ବ୍ୟୁରୋ)

ପିଆଜିଓ ଭେଇକିଲ ପ୍ରାଇଭେଟ ଲିମିଟେଡ(ପିଭିପିଏଲ୍) ପକ୍ଷରୁ ନୂଆ ଆପେ ସିଟି ପ୍ଲସ ତିନିଚକିଆ ଯାନ ବଜାରକୁ ଓଡିଶା ଆସିଛି। ମିଡ୍ ବଡି ସେଗ୍‌ମେଣ୍ଟରେ କମ୍ପାନୀ ଏହାକୁ ବଜାର ପ୍ରବେଶ କରାଇଛି। ସ୍ଥାନୀୟ ଏକ ହୋଟେଲରେ ଏହାକୁ କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଅଭିନାଶ ଚତୁର୍ବେଦୀ ଏବଂ ଶ୍ରୀବିନାୟକ ମୋଟର୍ସ ସିଇଓ ସଞ୍ଜୀବ ଅଗ୍ରୱାଲ ଉନ୍ମୋଚନ କରିଥିଲେ। ୩ ଭଲ୍‌ଭ ଟେକ୍ନୋଲୋଜି, ୨୩୦ ସିସି ଇଞ୍ଜିନ ଏବଂ ଏଏଫ୍ ଶୃଙ୍ଖଳାରେ ଏହା ଦେଶର ପ୍ରଥମ ଯାନ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କମ୍ପାନୀର ଇଣ୍ଡିଆ ଏବଂ ଇଟାଲୀ ଟିମ୍ ଯାନଟିକୁ ମିଳିତ ଭାବେ ଉନ୍ନତୀକରଣ କରିଛନ୍ତି। ଏହା ଏଲ୍‌ପିଜି, ସିଏନ୍‌ଜି, ପେଟ୍ରୋଲ ଏବଂ ଡିଜେଲ ଭାରିଆଣ୍ଟରେ ଉପଲବ୍ଧ। ୩ଟି ରଙ୍ଗରେ ଏହା ଆସୁଛି। ୩୬ ମାସ ଏବଂ ୧ ଲକ୍ଷ କିମିର ୱାରେଣ୍ଟି ମଡେଲରେ ପ୍ରଦାନ କରାଯାଇଛି। ଏହି ଅବସରରେ ଗ୍ରାହକଙ୍କ ଲାଗି ସୁପର ସେଭର ସ୍କିମ ଘୋଷଣା କରାଯାଇଥିବା ବେଳେ ଏଥିରେ ସର୍ଭିସ,ମେଣ୍ଟେନାନ୍ସ, ପାର୍ଟସ, ଲେବର ଚାର୍ଜ ଉପରେ ରିହାତି ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମ ଅବସରରେ ମହିନ୍ଦ୍ରା ଫାଇନାନ୍ସ ପକ୍ଷରୁ ଦିଲୀପ ସାହୁ, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ ଶାଖା ପ୍ରବନ୍ଧକ ନିରଞ୍ଜନ କର, ଶ୍ରୀବିନାୟକ ମୋଟର୍ସର ଜିଏମ୍ ଧର୍ମାଶିଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଭତ୍ତା ସହ ସ୍କିଲ୍ ଟ୍ରେନିଂ ନେବେ ୫ କୋଟି ଏମ୍‌ଜିଏନ୍‌ଆର୍‌ଇଜିଏ ଶ୍ରମିକ

ନୂଆଦିଲ୍ଲୀ,୧୬-୭

କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ସାମିଲ ୫ କୋଟି ଶ୍ରମିକଙ୍କୁ ଦକ୍ଷତା ପ୍ରଶିକ୍ଷଣ ଦେବେ। ସେମାନଙ୍କୁ ଯେପରି ଉନ୍ନତ ରୋଜଗାର ମିଳିବ ସେଥିପାଇଁ ସେମାନଙ୍କର ଦକ୍ଷତା ବୃଦ୍ଧି କରାଯିବ। ମିଡିଆ ସହ ଆଲୋଚନା କାଳରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ସଚିବ ଅମରଜିତ ସିହ୍ନା କହିଛନ୍ତି ଯେ, ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ସାମିଲ ଶ୍ରମିକଙ୍କ ସ୍କିଲ୍ ବା ଦକ୍ଷତା ବୃଦ୍ଧିର ଆବଶ୍ୟକତା ରହିଛି। ସେ କେତେ ଦିନ ଧରି ଅଣକୁଶଳୀ ଶ୍ରମିକ ଭାବେ ଜୀବନଯାପନ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାର ଗତ ୨ ବର୍ଷ ହେବ ଏହି ଯୋଜନାକୁ ସୀମିତ ସ୍ତରରେ ଆରମ୍ଭ କରିଥିଲେ। ଏବେ ଏହାକୁ ଯୋଜନାବଦ୍ଧ ଭାବେ ବ୍ୟାପକ ସ୍ତରରେ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଏଭଳି ପ୍ରଶିକ୍ଷଣ ଲାଗି ଟ୍ରେନିଂ କ୍ୟାମ୍ପର ଆୟୋଜନ କରାଯିବ। ଏଥିରେ ସାମିଲ ଶ୍ରମିକଙ୍କୁ ଭତ୍ତା ମଧ୍ୟ ଦିଆଯିବ।

## ଏୟାର ଇଣ୍ଡିଆ ବିକ୍ରି ପାଇଁ ହେବ ରୋଡ୍ ଶୋ

ନୂଆଦିଲ୍ଲୀ,୧୬-୭

ମୋଦି ସରକାର ପ୍ରଥମ କାର୍ଯ୍ୟକାଳ ବେଳେ ରାଷ୍ଟ୍ରାୟତ୍ତ ଏୟାରଲାଇନ୍ସ କମ୍ପାନୀ ଏୟାର ଇଣ୍ଡିଆକୁ ବିକ୍ରି ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ତେବେ ଦ୍ୱିତୀୟ କାର୍ଯ୍ୟକାଳରେ ଏହି କମ୍ପାନୀକୁ ବିକ୍ରି କରିବାକୁ ସରକାର ନୂଆ ପନ୍ଥା ଆପଣାଇବାକୁ ଯାଉଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଏୟାର ଇଣ୍ଡିଆର ବିକ୍ରି ପାଇଁ ସରକାର ଆସନ୍ତା ମାସରେ ଏକ୍ସପ୍ରେଶନ ଅଫ୍ ଇଣ୍ଟ୍ରେଷ୍ଟ ବା ଆଗ୍ରହପତ୍ର ଜାରି କରିବାକୁ ଯାଉଛନ୍ତି। ଆଗ୍ରହପତ୍ର ଜାରି କରିବା ପୂର୍ବରୁ ସମ୍ଭାବ୍ୟ କ୍ରେତାଙ୍କ ସହ ସରକାର ଆଲୋଚନା କରିବାକୁ ଆଗ୍ରହୀ। ଏହା ପରେ ରୋଡ ଶୋ ଆୟୋଜନ କରିବାକୁ ସରକାରଙ୍କ ଯୋଜନା ରହିଛି। କିଛି ଗୋପନୀୟ ତଥ୍ୟକୁ ବାଦ୍ ଦେଲେ ଆଗ୍ରହୀ କ୍ରେତା ଏୟାର ଇଣ୍ଡିଆର ଖାତାବହି ଯାଞ୍ଚ କରିପାରିବେ ଏବଂ ଶେୟାର କ୍ରୟ ଚୁକ୍ତିକୁ ମଧ୍ୟ ପରଖି ପାରିବେ ବୋଲି ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏ ସମ୍ପର୍କରେ ଅର୍ଥ ମନ୍ତ୍ରଣାଳୟର ମୁଖପାତ୍ର ଡି.ଏସ୍.ମାଲିକ ଏବଂ ଏୟାର ଇଣ୍ଡିଆର ମୁଖପାତ୍ର ଧନଞ୍ଜୟ କୁମାରଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଚଳିତ ଆର୍ଥିକ ବର୍ଷରେ ଏୟାର ଇଣ୍ଡିଆର ବିକ୍ରି ଶେଷ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ତାଙ୍କ ବଜେଟ ଭାଷଣରେ ଉଲ୍ଲେଖ କରିଥିଲେ। ଟିକସଦାତାଙ୍କ ପ୍ରାୟ ୩୦,୦୦୦ କୋଟି ଟଙ୍କାରେ ଏବେ ଏୟାର ଇଣ୍ଡିଆ ବଜାରରେ ତିଷ୍ଠି ରହିଛି। ବିମାନ ସେକ୍ଟରରେ ଘରୋଇ କମ୍ପାନୀଙ୍କ ପ୍ରତିଯୋଗିତାର ସମ୍ମୁଖୀନ ହୋଇ ନ ପାରିବା ଯୋଗୁ ଏୟାର ଇଣ୍ଡିଆ କ୍ରମାଗତ କ୍ଷତି ସହିଚାଲିଛି। କମ୍ପାନୀ ଉପରେ ୮.୪ ବିଲିୟନ ଡଲାର ଋଣ ରହିଥିବା ବେଳେ ଗତ ଆର୍ଥିକ ବର୍ଷ ସୁଦ୍ଧା ଏହା ୭୬୦୦ କୋଟି ଟଙ୍କାରୁ ଅଧିକ କ୍ଷତି ସହିଛି।

**ଦିଲ୍ଲୀ-ଟରଣ୍ଟୋ ମଧ୍ୟରେ ସିଧା ଫ୍ଲାଇଟ୍**

ଘରୋଇକରଣର ଦ୍ୱାରଦେଶରେ ପହଞ୍ଚିବା ସତ୍ତ୍ୱେ ଏୟାର ଇଣ୍ଡିଆ ବିଶ୍ୱ ପର୍ଯ୍ୟଟନ ଦିବସ(ସେପ୍ଟେମ୍ବର ୨୭)ଠାରୁ ଦିଲ୍ଲୀ-ଟରଣ୍ଟୋ ସିଧାସଳଖ ଫ୍ଲାଇଟ ଚଳାଇବ ବୋଲି ସିଏମ୍‌ଡି ଅଶ୍ୱିନୀ ଲୋହାନୀ ପ୍ରକାଶ କରିଛନ୍ତି। ଇନ୍ଦୋର-ଦୁବାଇ ମଧ୍ୟରେ ଆରମ୍ଭ ହୋଇଥିବା ପ୍ରଥମ ଫ୍ଲାଇଟରେ ଯାତ୍ରା କରିବା ଅବସରରେ ସେ କହିଛନ୍ତି ଯେ, ପର୍ଯ୍ୟଟନ କ୍ଷେତ୍ରରେ ଅପାର ସମ୍ଭାବନାକୁ ଦୃଷ୍ଟିରେ ରଖି ଏୟାର ଇଣ୍ଡିଆ ପକ୍ଷରୁ ଅକ୍ଟୋବର ଠାରୁ ନାଇରୋବିକୁ ସିଧାସଳଖ ଫ୍ଲାଇଟ ଚଳାଇବାର ଯୋଜନା ରହିଛି। ଏହାଛଡ଼ା ଅକ୍ଟୋବରରୁ ଭୋପାଳ-ବାଙ୍ଗାଲୋର ମଧ୍ୟରେ ବିମାନ ଚଳାଚଳ କରାଯିବ। ଜନସାଧାରଣଙ୍କ ଦାବି ଅନୁଯାୟୀ କମ୍ପାନୀ ଇନ୍ଦୋରରୁ ବ୍ୟାଙ୍କକ ମଧ୍ୟରେ ଏକ ବିମାନ ଉଡ଼ାଣ କରିବ।

## ଓଡ଼ିଶା ଚାଷୀଙ୍କ ମାସିକ ଆୟ ୫ ହଜାରରୁ କମ୍

ନୂଆଦିଲ୍ଲୀ,୧୬-୭



ଓଡ଼ିଶାର ଚାଷୀଙ୍କ ମାସିକ ହାରାହାରି ଆୟ ୫୦୦୦ ଟଙ୍କାରୁ କମ୍। ଅର୍ଥାତ ଜଣେ ଚାଷୀ ଦୈନିକ ୧୬୬ ଟଙ୍କା ଆୟ କରୁଛି। ଏହି ଅର୍ଥରେ ଜଣେ ଚାଷୀ ପରିବାର ଦୈନନ୍ଦିନ କିପରି ଗୁଜୁରାଣ ମେଣ୍ଟାଉଛି ତାହା ସହଜରେ ଅନୁମେୟ। ‘ପରିସ୍ଥିତି ଆକଳନ ସର୍ଭେ’ ମାଧ୍ୟମରେ ନ୍ୟାଶନାଲ ସାମ୍ପୁଲ ସର୍ଭେ ଅଫିସ୍ (ଏନ୍‌ଏସ୍‌ଏସ୍‌ଓ)ପକ୍ଷରୁ ଚାଷୀ ପରିବାରର ଆୟ ଆକଳନ କରାଯାଉଛି। ୨୦୧୩ରେ ନ୍ୟାଶନାଲ ସାମ୍ପୁଲ ସର୍ଭେର ୭୦ତମ ରାଉଣ୍ଡ ପରେ ୨୨ ରାଜ୍ୟର ଚାଷୀଙ୍କ ମାସିକ ହାରାହାରି ଆୟ ୧୦ ହଜାର ଟଙ୍କା ଥିବା ଆକଳନ କରାଯାଇଥିଲା। ଏଥିରେ ଦରମା/ମଜୁରି, ଫସଲ ବିକ୍ରି, ପଶୁପାଳନରୁ ଲାଭ ଏବଂ ଅଣକୃଷିଜନିତ ଆୟକୁ ହିସାବକୁ ନିଆଯାଇଛି। ବିହାରରେ ଚାଷୀଙ୍କ ମାସିକ ହାରାହାରି ଆୟ ସର୍ବନିମ୍ନ ସ୍ତର ୩୫୫୮ ଟଙ୍କା ରହିଛି। ପଶ୍ଚିମବଙ୍ଗର ଚାଷୀଙ୍କ ମାସିକ ଆୟ ୩୯୮୦ ଟଙ୍କା, ଉତ୍ତରାଖଣ୍ଡରେ ୪୭୦୧ ଟଙ୍କା, ଝାଡ଼ଖଣ୍ଡରେ ୪୭୨୧ ଟଙ୍କା, ୪୯୨୩ ଟଙ୍କା ଉତ୍ତର ପ୍ରଦେଶରେ ଏବଂ ଓଡ଼ିଶାରେ ୪୯୭୬ ଟଙ୍କା ଚାଷୀଙ୍କ ମାସିକ ହାରାହାରି ଆୟ ହେଉଥିବା ସର୍ଭେରୁ ଜଣାପଡିଛି। ହରିୟାନାର ଚାଷୀ ସର୍ବାଧିକ ୧୪,୪୩୪ ଟଙ୍କା ଆୟ ସହ ଶୀର୍ଷରେ ରହିଛି ବୋଲି ରାଜ୍ୟ ସଭାରେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ପ୍ରକାଶ କରିଛନ୍ତି। ମୌସୁମୀର ଅନିୟମିତତା, ଜଳସେଚନ ସୁବିଧାର ଅଭାବ, ରୋଗପୋକ ଆକ୍ରମଣ ଯୋଗୁ ଚାଷୀଙ୍କ ଆୟ ବୃଦ୍ଧିରେ ବଡ଼ ବାଧକ ବୋଲି ସେ କହିଛନ୍ତି। ୨୦୧୮-୧୯ରେ କୃଷି, ଜଙ୍ଗଲ ଏବଂ ମତ୍ସ୍ୟ ପାଳନ କ୍ଷେତ୍ରରେ ଅଭିବୃଦ୍ଧି ମାତ୍ର ୨.୯% ରହିଛି। ଏହାର ପୂର୍ବବର୍ଷ ଅଭିବୃଦ୍ଧି ହାର ୫% ରହିଥିଲା। ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଏ କ୍ଷେତ୍ରରେ ବିକାଶ ହାର ମାଇନସ୍ ୦.୧ ପ୍ରତିଶତ ରହିଛି ବୋଲି ସେ କହିଛନ୍ତି।

## ‘ବିମୁଦ୍ରୀକରଣ ପରେ ମ୍ୟୁଚୁଆଲ ଫଣ୍ଡ ନିବେଶ ବଢ଼ିଛି’

ଭୁବନେଶ୍ୱର,୧୬-୭(ବ୍ୟୁରୋ)



**ସ୍ୱାତୀ କୁଲକର୍ଣ୍ଣି**
ଇଭିପି ଏବଂ ଫଣ୍ଡ ମ୍ୟାନେଜର, ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ

ବିମୁଦ୍ରୀକରଣ ପରେ ଦେଶରେ ମ୍ୟୁଚୁଆଲ ଫଣ୍ଡ ନିବେଶ ପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି। ଲୋକମାନେ ସିଷ୍ଟମେଟିକ ଇନଭେଷ୍ଟମେଣ୍ଟ ପ୍ଲାନ (ଏସ୍‌ଆଇପି) ଦ୍ୱାରା ନିବେଶ ଲାଗି ଅଧିକ ଆଗ୍ରହ ଦେଖାଉଛନ୍ତି। ଏପରିସ୍ଥିତିରେ ନିବେଶ ନେଇ ଲୋକମାନେ କିଭଳି ଠିକ୍ ନିଷ୍ପତ୍ତି ନେବେ ତାକୁ ଧ୍ୟାନରେ ରଖାଯାଇଛି ବୋଲି ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ଇଭିପି ଏବଂ ଫଣ୍ଡ ମ୍ୟାନେଜର ସ୍ୱାତୀ କୁଲକର୍ଣ୍ଣି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ମୁଦ୍ରାସ୍ଫୀତି ଲୋକଙ୍କର ସଞ୍ଚୟ କ୍ଷମତାକୁ ପ୍ରଭାବିତ କରୁଛି। ଦେଶର ମୁଦ୍ରାସ୍ଫୀତି ୧୦ରୁ ୪% ସ୍ତରକୁ ଖସିଛି। ଜଣେ ଠିକ୍ ଭାବେ ପ୍ରସ୍ତୁତ କିମ୍ବା ସଚେତନ ନ ହେଲେ ନିବେଶ କିମ୍ବା ସଞ୍ଚୟ କରିପାରିବ ନାହିଁ। ବିଭିନ୍ନ ଆର୍ଥିକ ଆବଶ୍ୟକତା ପୂରଣ କରିବା ବେଳେ ଲୋକଙ୍କର ସଞ୍ଚୟ ସଙ୍କୁଚିତ ହେଉଥିବା ଦେଖାଯାଉଛି। ଏପରି କ୍ଷେତ୍ରରେ ଦୈନନ୍ଦିନର ଆବଶ୍ୟକତା ପୂରଣ ସହ ଅର୍ଥକୁ ଠିକ୍ ଭାବେ ନିବେଶ କରିବାର କୌଶଳକୁ ବିଚାର କରିବା ବୁଦ୍ଧିମାନର କାର୍ଯ୍ୟ ହେବ। ଏହାକୁ ଧ୍ୟାନରେ ରଖି ନିବେଶକଙ୍କୁ ନିବେଶ ସଂକ୍ରାନ୍ତ ସଚେତନତା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଛନ୍ତି।

ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଫଣ୍ଡ ମ୍ୟାନେଜରଙ୍କ ଦେଶର ୨୫ ସହର ପରିଦର୍ଶନ କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଲକର୍ଣ୍ଣି କହିଛନ୍ତି, ଚ୍ୟାନେଲ ପାର୍ଟନର, ଅଂଶୀଦାରଙ୍କ ମଧ୍ୟରେ ନିବେଶ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ଏବଂ ସଚେତନତା ପାଇଁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ଦ୍ୱାରା ସାରା ଦେଶର ୫ ହଜାରରୁ ଊର୍ଦ୍ଧ୍ୱ ଅଂଶୀଦାରଙ୍କୁ ଭେଟିବା ନେଇ ଯୋଜନା ରହିଛି। ଏଥି ଲାଗି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି।

ଓଡ଼ିଶା ଉପରେ ମତ ଦେଇ ସେ କହିଛନ୍ତି, ରାଜ୍ୟରେ ନିବେଶ ଟ୍ରେଣ୍ଡରେ ଦ୍ରୁତ ଅଭିବୃଦ୍ଧି ଘଟୁଛି। ଏଠାକାର ମୋଟ ନିବେଶକଙ୍କ ମଧ୍ୟରୁ ୩୫% ଇକ୍ୱିଟିରେ,୨୦% ହାଇବ୍ରିଡ, ୩୦% ଲିକ୍ୱିଡିଟି ଏବଂ ୧୫% ନିବେଶକ ଡେଟ୍ ପ୍ରଡକ୍ଟରେ ନିବେଶ କରୁଛନ୍ତି। ଓଡିଶାରେ ମିଳିତ ଭାବେ ଇକ୍ୱିଟି ଏବଂ ହାଇବ୍ରିଡ ପ୍ରଡକ୍ଟରେ ଭଲ ରେସପନ୍ସ ମିଳୁଛି।

ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ଙ୍କ ନିବେଶ ଉପରେ ବଜେଟରେ ସରକାର ସରଚାର୍ଜ ଲାଗୁ କରିବାକୁ ପ୍ରସ୍ତାବ ଦେବା ପରେ ଷ୍ଟକ ବଜାରରେ ଆସିଥିବା ପ୍ରଭାବ ଉପରେ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ବଜାରରେ ସମୟ ସମୟରେ ବିଭିନ୍ନ ପ୍ରଭାବ ରହୁଛି। ଏ ନେଇ ଘରୋଇ ନିବେଶକଙ୍କ ନିବେଶ ପ୍ରଭାବିତ ହେବ ନାହିଁ। ବର୍ତ୍ତମାନ ଦେଶର ମୋଟ ଜିଡିପିକୁ ଟିକସର ଅଂଶ ବଢାଇବା ଦିଗରେ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଲୋକମାନେ ଅଧିକ ଭାବେ ରିଟର୍ନ ଫାଇଲ କରନ୍ତୁ ବୋଲି ସରକାର ବିଚାର କରୁଛନ୍ତି। ଏହା ହେଲେ ଟିକସ ସଂଗ୍ରହ ବୃଦ୍ଧି ଘଟିବ ବୋଲି ସେ ମତ ଦେଇଛନ୍ତି।

“ ଭାରତ ଭବିଷ୍ୟତରେ ଭାରୋତ୍ତୋଳନରେ ଚାଇନାର ସମତୁଲ ହୋଇପାରିବ, ଏପରିକି ଏହି ଖେଳର ଏକ ପାୱାର ହାଉସ୍ ହୋଇପାରିବ ।

–କିରେନ ରିଜୁଜି, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ



“ ଭାରତରେ ପ୍ରଚଳିତ ବକ୍ସିଂ ସିଷ୍ଟମ ଉତ୍ସାହଜନକ। ଦେଶର ଗୌରବ ବିଧୁରୀ ଟୋକିଓ ଅଲିମ୍ପିକ୍ସରେ ପଦକ ଜିତିବାର ସମ୍ଭାବନା ରହିଛି ।

–ଆମିର ଖାଁ, ଷ୍ଟାର ପ୍ରଫେଶନାଲ ବକ୍ସର



# ଆଜିଠାରୁ କଟକରେ ଟେବୁଲ ଟେନିସ୍‌ର ମହାମେଳା

**ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ୍ କ୍ରୀଡ଼ାର ୨୧ତମ ସଂସ୍କରଣ ପାଇଁ କ୍ଷେତ୍ର ପ୍ରସ୍ତୁତ। ବୁଧବାରଠାରୁ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହେବ ଟେବୁଲ ଟେନିସର ଏହି ମହାମେଳା। ଏଥିପାଇଁ ଇନ୍‌ଡୋର ଷ୍ଟାଡିୟମକୁ ନୂଆ ରୂପ ଦିଆଯାଇଥିବାବେଳେ ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ ରାଜ୍ୟ ଆସୋସିଏଶନ ଓ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଭାରତ ସମେତ ବିଭିନ୍ନ ଦେଶର ପ୍ରତିଯୋଗୀମାନେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଛନ୍ତି। ଏବେ କେବଳ ଟୁର୍ନାମେଣ୍ଟ ଆରମ୍ଭକୁ ଅପେକ୍ଷା।**

କଟକ ଅଫିସ,୧୬।୭

ବୁଧବାରଠାରୁ କଟକରେ ଆରମ୍ଭ ହେବ ୨୧ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ କ୍ରୀଡ଼ାର ମହାମୁକାବିଲା। ପ୍ରତିଯୋଗିତା ସ୍ଥଳ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ । ୧୨ଟି ଦେଶର ପ୍ରତିଦ୍ୱନ୍ଦ୍ୱୀ ଏଥିରେ ଭାଗନେବେ । ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଦଳଗତ ବିଭାଗର ମୁକାବିଲା ହେବା ବେଳେ ୨୦ରୁ ଉଦ୍‌ଯାପନୀ ଦିବସ ତଥା ୨୨ ତାରିଖ ପର୍ଯ୍ୟନ୍ତ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ବିଭାଗର ମ୍ୟାଚ୍ ଖେଳାଯିବ। ଲିଗ ପର୍ଯ୍ୟାୟ ୨ ରାଉଣ୍ଡ ବିଶିଷ୍ଟ ହେବ । ୩ୟ ରାଉଣ୍ଡଟି ହେବ ନକଆଉଟ ପର୍ଯ୍ୟାୟ।

- ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ପ୍ରସ୍ତୁତ
- ଭାଗନେବେ ୧୨ ଦେଶର ପ୍ରତିଯୋଗୀ
- ଟିମ୍ ଇଭେଣ୍ଟ, ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଖେଳାଯିବ ମ୍ୟାଚ୍
- ଉଭୟ ମହିଳା ଓ ପୁରୁଷ ବିଭାଗ ଗ୍ରୁପ୍ 'ବି'ରେ ଭାରତ
- ମଙ୍ଗଳବାର ବିଭିନ୍ନ ଦେଶର ଖେଳାଳିଙ୍କ ଅଭ୍ୟାସ

ତେବେ ଫାଇନାଲ ଗୁଡ଼ିକ ଦୂରଦର୍ଶନରେ ସିଧାପ୍ରସାରଣ କରାଯିବ ବୋଲି ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛିନ୍। ଉଭୟ ମହିଳା ଓ ପୁରୁଷ ବିଭାଗରେ ଭାରତ ଗ୍ରୁପ–ବିରେ ସ୍ଥାନ ପାଇଛି । ବିଶ୍ୱ ର୍‍ୟାଙ୍କିଙ୍ଗ୍‌କୁ ଦୃଷ୍ଟିରେ ରଖି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇଥିବା ଦେଶ ଗୁଡ଼ିକୁ ସ୍ଥାନିତ କରାଯାଇଛି। ପୁରୁଷ ବିଭାଗରେ ଭାରତ ସମେତ ସିଙ୍ଗାପୁର ଓ ସ୍କଟଲାଣ୍ଡ ଏହି ଗ୍ରୁପରେ ଅଛନ୍ତି । ମହିଳା ବିଭାଗର ଗ୍ରୁପ–ବିରେ ଦକ୍ଷିଣ ଆଫ୍ରିକା ଓ ପଡ଼ୋଶୀ ରାଷ୍ଟ୍ର ଶ୍ରୀଲଙ୍କା ସହ ଭାରତ ସ୍ଥାନ ପାଇଛି । ପୁରୁଷ ବିଭାଗରେ ଶକ୍ତିଶାଳୀ ସିଙ୍ଗାପୁର ଭାରତ ପାଇଁ ପଦକ ହାସଲରେ ବାଧା ସୃଷ୍ଟି କରିବ ବୋଲି ପୂର୍ବାନୁମାନ କରାଯାଉଥିଲା । ହେଲେ ଭେଟେରାନ ଖେଳାଳିଙ୍କୁ ବିଶ୍ରାମ ଦେଇ ସିଙ୍ଗାପୁର ନବାଗତଙ୍କୁ ସାମିଲ କରି ଟୁର୍ନାମେଣ୍ଟକୁ ଓହ୍ଲାଇଛି। ୨୦୧୩ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୫ଟି ଓ ୨୦୧୫ ସଂସ୍କରଣରେ ୪ଟି ଟାଇଟଲ ଜିତିଥିବା ଏହି ଦେଶ ଚଳିତଥରର ଭଲ ପ୍ରଦର୍ଶନ କରିବାନେଇ ଆଶଙ୍କା ରହିଛି। ସେହିପରି ମହିଳା ବିଭାଗରେ ଭାରତର ମୁକାବିଲା ହେବ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କାର ପ୍ରତିଦ୍ୱନ୍ଦ୍ୱୀଙ୍କ ସହ । ଗ୍ରୁପ–ଏରେ ରହିଥିବା ଇଂଲଣ୍ଡ ମଧ୍ୟ ବିଶ୍ୱ ଟେବୁଲ ଟେନିସ କ୍ରୀଡ଼ା ମାନଚିତ୍ରରେ ଏକ ଶକ୍ତିଶାଳୀ ରାଷ୍ଟ୍ର । ଲିଆମ ପିଚଫର୍ଡ ଓ ପଲ ଡ୍ରିଙ୍କହଲଙ୍କ ଭଳି ନାମୀଦାମୀ ଖେଳାଳି ଚଳିତ ଥର ଇଂଲଣ୍ଡ ଦଳରେ ନାହାନ୍ତି। ସାମୁଏଲ ୱାଲକର ଦଳର ନେତୃତ୍ୱ ନେବେ । ନାଇଜେରିଆର ଭେଟେରିଆନ ଟିଟି ଖେଳାଳି ଅରୁଣା କ୍ୱାଦ୍ରି, ସେଗୁନ ଟୋରିଓଲା ମଧ୍ୟ ଦଳରେ ନାହାନ୍ତି । ସମସ୍ତ ଦିଗକୁ ଦୃଷ୍ଟିରେ ରଖିଲେ ଘରୋଇ ପରିବେଶରେ ଭାରତ ପାଇଁ ଟାଇଟଲ ଜିତିବାର ଆଶା ଅଧିକ।



ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡ଼ିୟମ୍ । (ଫଟୋ: ରାଜକିଶୋର ମହାନ୍ତି)

## ଅଭ୍ୟାସରେ ଶକ୍ତି ପ୍ରଦର୍ଶନ

ଦୀର୍ଘ ୩ ଘଣ୍ଟାରୁ ଅଧିକ ସମୟ ଧରି ଭାରତୀୟ ଖେଳାଳି ଅଭ୍ୟାସ କରିଛନ୍ତି । ସଚିନ ତେନ୍ଦୁଲକର ଇନଡୋର ହଲ ବଦଳରେ ଟୁର୍ନାମେଣ୍ଟର ଭେନ୍ୟୁ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମରେ ଦଳର ତାରକା ଖେଳାଳି ଏ. ଶରଥ କମଲ, ମନିକା ବାତ୍ରା, ଅର୍ଚ୍ଚନା କାମଥ ଅଭ୍ୟାସକୁ ଓହ୍ଲାଇଥିଲେ । କିଛି ସମୟର ୱାର୍ମଅପ ପରେ ଭାରତୀୟ ଖେଳାଳିଙ୍କ ଅଭ୍ୟାସ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ଟୁର୍ନାମେଣ୍ଟ ଆରମ୍ଭ ପୂର୍ବରୁ ଏହା ଭାରତୀୟ ଖେଳାଳିଙ୍କ ଏକ ପ୍ରକାର ଶକ୍ତିପ୍ରଦର୍ଶନ ବୋଲି ଦର୍ଶକ କହିଛନ୍ତି ।

## ଭାରତ ପାଇଁ ଅଧିକ ସୁଯୋଗ

**ଇଂଲଣ୍ଡ ଦଳର ପ୍ରମୁଖ ଖେଳାଳି ହେଉଛନ୍ତି ସାମ ୱାକର । ୨୦୧୮ ଗୋଲ୍ଡକୋଷ୍ଟ ଓ ଲଣ୍ଡନ ବିଶ୍ୱକପରେ ଇଂଲଣ୍ଡ ଦଳ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ସାମ ଏହି ପଦକ ଜିତାଇବାରେ ମୁଖ୍ୟ ଭୂମିକାରେ ଥିଲେ । ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ହେଉଥିବା ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିୟନଶିପରେ ସେ ଯୋଗ ଦେଇଛନ୍ତି । ଏହି ଅବସରରେ ତାଙ୍କ ସହ ସାକ୍ଷାତ୍କାର...**



ସାମ ୱାକର

**ଟୁର୍ନାମେଣ୍ଟ ପାଇଁ ଏହି ପରିବେଶ କିପରି ଅଛି ବୋଲି ଆପଣ ଅନୁଭବ କରୁଛନ୍ତି ?**

☛ ଷ୍ଟାଡିୟମଟି ବହୁତ ସୁନ୍ଦର ଲାଗୁଛି। ଦର୍ଶକ ଭରପୂର ରହିଲେ ପ୍ରତ୍ୟେକ ମ୍ୟାଚ୍ ଆପେଆପେ ରୋମାଞ୍ଚକର ହେବ । ଖେଳାଳିମାନେ ମଧ୍ୟ ଉତ୍ସାହିତ ହେବେ ।

**ଓଡ଼ିଶାରେ ଅତିଥି ଭାବେ କିପରି ସ୍ୱାଗତ ସମ୍ବର୍ଦ୍ଧନା ପାଇଛନ୍ତି ?**

☛ କିଛି ଘଣ୍ଟା ହେବ ଏଠାରେ ରହିଛି । ବର୍ତ୍ତମାନ ସୁଦ୍ଧା ସମସ୍ତେ ଭଲ ପାଇବା ଦେଉଛନ୍ତି। ଓଡ଼ିଶାର ନାଁ ବହୁତ ଆଗରୁ ଶୁଣିଛି । ଟୁର୍ନାମେଣ୍ଟ ସରିବା ବେଳକୁ ଅନେକ ଅନୁଭୂତି ନେଇ ଫେରିବି ବୋଲି ଆଶା ।

**ଟୁର୍ନାମେଣ୍ଟରେ ଇଂଲଣ୍ଡ ଦଳର ଯୋଜନା ନେଇ କ'ଣ କହିବେ?**

☛ ସେଭଳି କୌଣସି ନିର୍ଦ୍ଦିଷ୍ଟ ଯୋଜନା ନାହିଁ । ପ୍ରତ୍ୟେକ ଖେଳାଳି ଭଲ ଖେଳିବାକୁ ଚେଷ୍ଟା କରିବେ ବୋଲି ପ୍ରସ୍ତୁତ ହୋଇ ଅଛୁ ।

**କେଉଁ ଦେଶ ପ୍ରତି ଅଧିକ ସତର୍କ ହେବେ?**

☛ ନିଶ୍ଚିତ ଭାବେ ଭାରତ। ଘରୋଇ ପରିବେଶରେ ସେମାନେ ଭଲ ଖେଳିବେ। ଏହାଛଡ଼ା ନାଇଜେରିଆ, ସ୍କଟଲାଣ୍ଡ, ସିଙ୍ଗାପୁର ବି ଭଲ ଖେଳି ପାରନ୍ତି । ଆମେ ଚାମ୍ପିୟନ ହେବାର ଲକ୍ଷ୍ୟ ରଖିଛୁ। ଖେଳ ଆରମ୍ଭ ହେବା ପରେ ଏହା ସ୍ପଷ୍ଟ ହେବ କେଉଁ ଦଳ ଚାମ୍ପିୟନ ହେଉଛି । ତଥାପି ଭାରତ ପାଇଁ ସୁଯୋଗ ଅଧିକ ରହିଛି ।

–ସାକ୍ଷାତ: କୁମାରଶ୍ରୀ





ୱେଲ୍ସ ଦଳର ଦୁଇ ମହିଳା ଖେଳାଳିଙ୍କ ଅଭ୍ୟାସ।

## ଟିଟିର ହେବ ସେଣ୍ଟର ଅଫ୍ ଏକ୍ସିଲେନ୍ସି

ରାଜ୍ୟରେ ଟିଟି କ୍ରୀଡ଼ାର ସେଣ୍ଟର ଅଫ ଏକ୍ସିଲେନ୍ସି ଖୁବଶୀଘ୍ର ପ୍ରତିଷ୍ଠା କରାଯିବ। କଟକ ଓ ଭୁବନେଶ୍ୱର ଏବେ ଭାରତୀୟ କ୍ରୀଡ଼ାର ରାଜଧାନୀ ବୋଲି ଚର୍ଚ୍ଚା ହେଉଛି। ଏଣୁ କ୍ରୀଡ଼ାର ଭିତ୍ତିଭୂମି ବିକାଶ କରାଯିବା ସହ କ୍ରୀଡ଼ାବିତଙ୍କ ବିକାଶ ଦିଗରେ ପ୍ରଚେଷ୍ଟା କରାଯିବ ବୋଲି ରାଜ୍ୟ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ବିଶାଲ କୁମାର ଦେବ ଖବରଦାତା ସମ୍ମିଳନୀରେ କହିଛନ୍ତି।

## ଇଂଲଣ୍ଡ ପକ୍ଷରୁ ଖେଳିବେ ଦକ୍ଷିଣ ଆଫ୍ରିକା ଖେଳାଳି

ଟୁର୍ନାମେଣ୍ଟରେ କମ୍ ଖେଳାଳି ନେଇ ଆସିଛି ଇଂଲଣ୍ଡ ଦଳ । ଉଭୟ ପୁରୁଷ ଓ ମହିଳା ବର୍ଗରେ ମାତ୍ର ୩ଜଣ ଲେଖାଏ ଖେଳାଳି ଅଛନ୍ତି । ଯାହା ଇଂଲଣ୍ଡ ଦଳ ପାଇଁ ସମସ୍ୟା ସୃଷ୍ଟି କରିଛି। ପୁରୁଷ ଦଳରେ ସାମ ୱାକର, ଟମ ଜାର୍ଭିସ ଓ ଡେଭିଡ ମ୍ୟାକବେଥ ରହିଥିବା ବେଳେ ମହିଳା ଦଳରେ ଟିନଟିନ ହୋ, ଡେନିସ ପାଏଟ ଓ ଏମିଲି ବଲ୍ଟନ ରହିଛନ୍ତି । ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଇଂଲଣ୍ଡ ଦଳ ଦକ୍ଷିଣଆଫ୍ରିକାର କିଛି ଖେଳାଳିଙ୍କୁ ନେଇ ପ୍ରତିଯୋଗିତାକୁ ଓହ୍ଲାଇବ । ଦକ୍ଷିଣଆଫ୍ରିକା କୋଚ୍ ମଧ୍ୟ ଏଥିରେ ସମ୍ମତି ଜଣାଇଛନ୍ତି ।



ଭାରତର ତାରକା ମହିଳା ଖେଳାଳି ମନିକା ବାତ୍ରାଙ୍କ ଅଭ୍ୟାସ।

## ଭାରତ ପ୍ରମୁଖ ଦାବିଦାର: ଶରଥ

ପୁରୁଷ ଦଳଗତ ବିଭାଗ ତଥା ହୋମ ଆସୋସିଏଶନ କପର ପ୍ରମୁଖ ଦାବିଦାର ଭାରତ ବୋଲି କହିଛନ୍ତି ଭାରତୀୟ ପୁରୁଷ ଦଳର ଅଧିନାୟକ ଏ.ଶରଥ କମଲ । ୨୦୧୫ ସଂସ୍କରଣରେ ମଧ୍ୟ ଏହି ଟାଇଟଲ ଭାରତୀୟ ଦଳର ଅକ୍ତିଆରରେ ଥିଲା । ଚଳିତଥର ମଧ୍ୟ ଏହି କପ ଭାରତ ବଜାୟ ରଖିବା ସମ୍ଭାବନା ବୋଲି ସେ କହିଛନ୍ତି । ଇଂଲଣ୍ଡ ନିଜ ଗ୍ରୁପରେ ସବୁଠାରୁ ଶକ୍ତିଶାଳୀ ଥିଲେ ମଧ୍ୟ ଦଳରେ ଅଭିଜ୍ଞ ଖେଳାଳିଙ୍କ ଅଭାବ ରହିଛି । ଏଣୁ ଅନ୍ତିମ ମୁକାବିଲାରେ ଭାରତୀୟ ଖେଳାଳି ଭାରି ପଡ଼ିବେ । ନାଇଜେରିଆ ଓ ସିଙ୍ଗାପୁର ଦଳରେ ମଧ୍ୟ କେତେଜଣ ବରିଷ୍ଠ ଖେଳାଳିଙ୍କ ଅଭାବ ପରିଲକ୍ଷିତ ହେବ, ଯାହାର ଫାଇଦା ଭାରତ ଉଠାଇବ ବୋଲି ବିଶ୍ୱ ର୍‍ୟାଙ୍କିଙ୍ଗ୍ ୩୨ତମ ସ୍ଥାନରେ ଥିବା ଏହି ଖେଳାଳି କହିଥିଲେ ।

## ଚାପରେ ନାହୁଁ : ମନିକା

ଭାରତର ସମସ୍ତ ଖେଳାଳି ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ଅଛନ୍ତି । କେହି ବି ଚାପରେ ନାହାନ୍ତି। ଘରୋଇ ପରିବେଶ, ଏଣୁ ଭାରତ ବହୁତ ଭଲ ପ୍ରଦର୍ଶନ କରିବ। ଗତ କୋରିଆ ଓପନରେ ଚାଇନା ଖେଳାଳିଙ୍କୁ ପରାସ୍ତ କରିଥିଲି । ଭାରତୀୟ ଖେଳାଳିମାନେ ଚାଇନାର ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇବା କ୍ୱଚିତ। ମନୋବଳ ଏବେ ଦୃଢ଼ ଅଛି। ଏହି ମାନସିକତା ନେଇ ପ୍ରତ୍ୟେକ ମ୍ୟାଚ୍ ଖେଳିବି।

## କେଉଁ ଗ୍ରୁପ୍‌ରେ କିଏ

**ମହିଳା**

ଗ୍ରୁପ–ଏ: ସିଙ୍ଗାପୁର, ୱେଲ୍ସ, ସ୍କଟଲାଣ୍ଡ
ଗ୍ରୁପ–ବି: ଭାରତ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା
ଗ୍ରୁପ–ସି: ଅଷ୍ଟ୍ରେଲିଆ, ମାଲେସିଆ, ସାଇପ୍ରସ
ଗ୍ରୁପ–ଡି: ନାଇଜେରିଆ, ଇଂଲଣ୍ଡ, ବାଂଲାଦେଶ

**ପୁରୁଷ**

ଗ୍ରୁପ–ଏ: ଇଂଲଣ୍ଡ, ଶ୍ରୀଲଙ୍କା, ସାଇପ୍ରସ
ଗ୍ରୁପ–ବି: ଭାରତ, ସିଙ୍ଗାପୁର, ସ୍କଟଲାଣ୍ଡ
ଗ୍ରୁପ–ସି: ନାଇଜେରିଆ, ମାଲେସିଆ, ବାଂଲାଦେଶ
ଗ୍ରୁପ–ଡି: ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ୱେଲ୍ସ



ପ୍ରାକ୍ଟିସ ଅବସରରେ ଭାରତର ଅଚନ୍ତ ଶରଥ କମଲ।



ବିଶ୍ୱକପ୍ ଫାଇନାଲରେ କେହି ପରାଜିତ ହୋଇ ନାହାନ୍ତି। ବିଜେତା ଘୋଷଣା ପାଇଁ ବାଉଣ୍ଡରି ନିୟମ ଅନୁସରଣ କରାଯାଇଥିଲା ମାତ୍ର ।
–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ କ୍ରିକେଟ ଅଧିନାୟକ



ରବିବାର ବିଶ୍ୱକପ୍ ଫାଇନାଲର ଫଳାଫଳ ଯେପରି ନିରୂପିତ ହେଲା ତାହା ଦୁର୍ଭାଗ୍ୟଜନକ। ଆଇସିସି ନିୟମର ସମୀକ୍ଷା ଆବଶ୍ୟକ ।
–ଗ୍ୟାରି ଷ୍ଟେଡ୍, ନ୍ୟୁଜିଲାଣ୍ଡ କୋଚ୍

## ସଂକ୍ଷେପରେ

### ବିଜୟବୀରଙ୍କୁ ତୃତୀୟ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୧୬।୭ (ପି.ଟି.):** ଜର୍ମାନୀର ସୁଲ୍‌ଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ଶୁଟିଂ ବିଶ୍ୱକପ୍‌ରେ ବିଜୟବୀର ସିଦ୍ଧୁ ତାଙ୍କର ତୃତୀୟ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେ ଏବଂ ରାଜକନ୍‌ୱର ସିଂ ସାନ୍ଧୁ ଓ ଆଦର୍ଶ ସିଂଙ୍କୁ ନେଇ ଭାରତୀୟ ଦଳ ୨୫ ମିଟର ପୁରୁଷ ଇଭେଣ୍ଟ ଜିତିଛନ୍ତି। ପ୍ରତିଯୋଗିତାରେ ଆଦର୍ଶଙ୍କ ପାଇଁ ଏହା ହେଉଛି ଦ୍ୱିତୀୟ ସ୍ୱର୍ଣ୍ଣ। ମଙ୍ଗଳବାର ଥିଲା ପ୍ରତିଯୋଗିତାର ତୃତୀୟ ଦିବସ। ଭାରତ ଏପର୍ଯ୍ୟନ୍ତ ୭ ସ୍ୱର୍ଣ୍ଣ ସହ ମୋଟ ୧୬ ପଦକ ସହ ଟେବୁଲର ଶୀର୍ଷରେ ରହିଛି। ମଙ୍ଗଳବାର ଭାରତ ଏହାର ଦ୍ୱିତୀୟ ପଦକ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ପାଇଥିଲା। ହୃଦୟ ହଜାରିକା, ୟଶ ବର୍ଦ୍ଧନ ଏବଂ ପାର୍ଥ ମାଖିଜାଙ୍କୁ ନେଇ ଭାରତୀୟ ଟିମ୍ ମୋଟ ୧୮୭୭.୪ ପଏଣ୍ଟ ସ୍କୋର କରି ରୌପ୍ୟ ଜିତିଥିଲା। ସ୍ୱର୍ଣ୍ଣ ଜିତିଥିବା ଚାଇନିଜ ଟିମ୍‌ଠାରୁ ମାତ୍ର ୦.୪ପଏଣ୍ଟ ପଛରେ ରହିଥିଲା। ଏହି ପ୍ରକ୍ରିୟାରେ ଚାଇନା ଜୁନିୟର ବିଶ୍ୱରେକର୍ଡ ସମକକ୍ଷ ହୋଇଥିଲା।

### ଭଲିବଲ୍ କୋଚ୍ ପ୍ରଫୁଲ୍ଲଙ୍କ ପରଲୋକ



**ଭୁବନେଶ୍ୱର,୧୬।୭(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାର ବୟୋଜ୍ୟେଷ୍ଠ ଭଲିବଲ୍ ପ୍ରଶିକ୍ଷକ ପ୍ରଫୁଲ୍ଲ ସିଂହସାମନ୍ତଙ୍କ ଦେହାନ୍ତ ହୋଇଯାଇଛି। ଭୁବନେଶ୍ୱରର ଶୈଳଶ୍ରୀବିହାରସ୍ଥିତ ବାସଭବନରେ ସେ ସୋମବାର ଅପରାହ୍ନ ୩.୩୦ରେ ୮୪ ବର୍ଷରେ ପ୍ରାଣତ୍ୟାଗ କରିଛନ୍ତି। ଗତ କିଛିମାସ ଧରି ସେ କର୍କଟ ରୋଗରେ ପିଡିତ ଥିଲେ। ମୃତ୍ୟୁଖବର ପାଇ ବହୁ କ୍ରୀଡ଼ାପ୍ରେମୀ ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ପୁଅବୋହୂ ନାତିନାତୁଣୀ ଉପସ୍ଥିତ ଥିଲେ। ପ୍ରଫୁଲ୍ଲ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଦୀର୍ଘ ୩୫ ବର୍ଷଧରି ଭଲିବଲ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ ଓ ୧୯୯୨ରେ ଅବସର ଗ୍ରହଣ କରିଥିଲେ।

### ନୀତୀଶ ୟୁପି ଯୋଦ୍ଧା ଅଧିନାୟକ

**ନୂଆଦିଲ୍ଲୀ, ୧୬।୭ (ପି.ଟି.):** ଜୁଲାଇ ୨୦ରୁ ଆରମ୍ଭ ହେବ ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍)ର ୭ମ ସଂସ୍କରଣ। ମଙ୍ଗଳବାର ଯୁବ ଡିଫେଣ୍ଡର ନୀତୀଶ କୁମାରଙ୍କୁ ୟୁପି ଯୋଦ୍ଧାର ଅଧିନାୟକ ଭାବେ ମନୋନୀତ କରାଯାଇଛି। ଗ୍ରେଟର ନଏଡ଼ାଭିତ୍ତିକ ଏହି ଫ୍ରାଞ୍ଚାଇଜ୍ ପିକେଏଲ୍‌ର ୫ମ ସଂସ୍କରଣରେ ପ୍ରଥମ ପଦାର୍ପଣ କରିଥିଲା। ଦଳ ଭାଗ ନେଇଥିବା ଏହାର ଉଭୟ ସଂସ୍କରଣରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ୟୁପି ଯୋଦ୍ଧା ଏଥର ଜୁଲାଇ ୨୪ରେ ହାଇଦ୍ରାବାଦରେ ଏହାର ପ୍ରଥମ ଗେମ୍ ବେଙ୍ଗଲ ୱାରିୟର୍ସ ବିପକ୍ଷରେ ଖେଳିବ।

## କୋଚ୍ ପଦ ପାଇଁ ବିସିସିଆଇର ଦରଖାସ୍ତ ଆହ୍ୱାନ

# ୬୦ ବର୍ଷରୁ କମ୍, ୨ ବର୍ଷ ଅଭିଜ୍ଞତା

**ନୂଆଦିଲ୍ଲୀ, ୧୬।୭ (ପି.ଟି.)**

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପୁରୁଷ ଦଳର ମୁଖ୍ୟ ପ୍ରଶିକ୍ଷକଙ୍କ ସମେତ ସପୋର୍ଟ ଷ୍ଟାଫ୍ ଲାଗି ମଙ୍ଗଳବାର ବିଧିବଦ୍ଧ ଭାବେ ଦରଖାସ୍ତ ଆହ୍ୱାନ କରିଛି। ଭାରତୀୟ ଦଳର ହାଇପ୍ରୋଫାଇଲ ପଦ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତି ପାଇଁ ବିସିସିଆଇ ଏହାର ଯୋଗ୍ୟତା ମାନଦଣ୍ଡ ମଧ୍ୟ ନିର୍ଦ୍ଧାରିତ କରିଛି। ଜଣେ ବ୍ୟକ୍ତି ୬୦ ବର୍ଷରୁ କମ୍ ବୟସ ହୋଇଥିବା ସହ ଅନ୍ତର୍ଜାତୀୟସ୍ତରରେ ଅତିକମ୍‌ରେ ୨ ବର୍ଷର କୋଚିଂ ଅଭିଜ୍ଞତା ରହିଥିଲେ ମୁଖ୍ୟ ପ୍ରଶିକ୍ଷକ ପଦ ପାଇଁ ଆବେଦନ କରିବାକୁ ସମର୍ଥ ହୋଇପାରିବେ ବୋଲି ଜଣାପଡ଼ିଛି। ଏଥିସମେତ ବ୍ୟାଟିଂ, ବୋଲିଂ, ଫିଲ୍ଡିଂ, କଣ୍ଡିସନିଂ ପ୍ରଶିକ୍ଷକ, ପ୍ରଶାସନିକ ମ୍ୟାନେଜର ଏବଂ ଫିଜିଓଥେରାପିଷ୍ଟ ପଦବୀ ପାଇଁ ମଧ୍ୟ ବିସିସିଆଇ ଦରଖାସ୍ତ ଆହ୍ୱାନ କରିଛି। ଏହି ସମସ୍ତ ପଦବୀ ଲାଗି ଆବେଦନ କରିବାର ଅନ୍ତିମ ସମୟ ଜୁଲାଇ ୩୦ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରହିଛି।

ଜୁଲାଇ ୨୦୧୭ରେ ରବି ଶାସ୍ତ୍ରୀ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତି ହେବା ପୂର୍ବରୁ ଭାରତୀୟ ଦଳର ସପୋର୍ଟ ଷ୍ଟାଫ୍ ଲାଗି ୯ଟି ଯୋଗ୍ୟତା ମାନଦଣ୍ଡ ରଖିଥିଲା। କିନ୍ତୁ ଏଥର ମୁଖ୍ୟ ପ୍ରଶିକ୍ଷକ ସମେତ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ପ୍ରଶିକ୍ଷକ ଲାଗି କେବଳ ୩ଟି ଯୋଗ୍ୟତା



ରବି ଶାସ୍ତ୍ରୀ

ମାନଦଣ୍ଡ ରଖିଛି। ମୁଖ୍ୟ ପ୍ରଶିକ୍ଷକ ପଦ ପାଇଁ ଜଣେ ଅତିକମ୍‌ରେ ୨ ବର୍ଷ ଧରି ଗୋଟିଏ ଟେଷ୍ଟ ଖେଳୁଥିବା ଦେଶର କିମ୍ବା ୩ ବର୍ଷ ଧରି ଆସୋସିଏଟ୍ ସଦସ୍ୟ ରାଷ୍ଟ୍ର/'ଏ' ଟିମ୍/ ଆଇପିଏଲ୍ ଦଳର ପ୍ରଶିକ୍ଷକ ରହିଥିବା ଆବଶ୍ୟକ। ଏଥିସହିତ ଆବେଦନକାରୀଙ୍କର ଅତିକମ୍‌ରେ ୩୦ ଟେଷ୍ଟ କିମ୍ବା ୫୦ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍‌ରେ ଖେଳିଥିବାର ଅଭିଜ୍ଞତା ରହିଥିବା ଜରୁରୀ। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ପ୍ରଶିକ୍ଷକ ପଦବୀ ଲାଗି ମ୍ୟାଚ୍ ଖେଳିବା ସଂଖ୍ୟାକୁ ଛାଡ଼ିଦେଲେ ବାକି ସମସ୍ତ ଯୋଗ୍ୟତା ମାନଦଣ୍ଡ ସମାନ ରହିଛି। ଏହି ୩ଟି ବିଭାଗର ଆବେଦନକାରୀ ଅତିକମ୍‌ରେ ୧୦ ଟେଷ୍ଟ କିମ୍ବା ୨୫ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍‌ରେ ଖେଳିବାର ଅଭିଜ୍ଞତା ରହିଥିବା ଆବଶ୍ୟକ। ସେହିଭଳି ସପୋର୍ଟ ଷ୍ଟାଫ୍ ପାଇଁ ବୟସ ସମୟସୀମା ୬୦ ରହିଛି। ଭାରତୀୟ ଦଳର ଆଗାମୀ ୱେଷ୍ଟଇଣ୍ଡିଜ ଟୁର୍‌କୁ ନଜରରେ ରଖି ଶାସ୍ତ୍ରୀଙ୍କ ସମେତ ବର୍ତ୍ତମାନ ସପୋର୍ଟ ଷ୍ଟାଫ୍ ରହିଥିବା ଭରତ ଅରୁଣ (ବୋଲିଂ କୋଚ୍), ସଞ୍ଜୟ ବାଙ୍ଗର (ବ୍ୟାଟିଂ) ଓ ଆର୍. ଶ୍ରୀଧର (ଫିଲ୍ଡିଂ)ଙ୍କ ସମୟସୀମାକୁ ୪୫ ଦିନ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ସେମାନେ ସେମାନଙ୍କ ପଦବୀରେ ରହିବେ। ଏଥିସହ ସପୋର୍ଟ ଷ୍ଟାଫ୍ ନିଯୁକ୍ତି




ଲାଗି ସେମାନେ ବିସିସିଆଇ ନିକଟରେ ପୁନଃ ଆବେଦନ କରିପାରିବେ ବୋଲି ଜଣାପଡ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ, ବିବାଦୀୟ ଘଟଣାକ୍ରମେ ଅନିଲ କୁମ୍ବଲେ ୨୦୧୭ରେ ଭାରତୀୟ ଦଳ ଛାଡ଼ିବା ପରେ ଶାସ୍ତ୍ରୀଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। ୫୭ ବର୍ଷୀୟ ଶାସ୍ତ୍ରୀ ଏଥିପୂର୍ବରୁ ଅଗଷ୍ଟ ୨୦୧୪ରୁ ୨୦୧୬ ଜୁନ୍ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ୍ ଦଳର ଡିରେକ୍ଟର ରହିଥିଲେ। ତେବେ ଶାସ୍ତ୍ରୀଙ୍କ ପ୍ରଶିକ୍ଷଣ କାଳରେ ଭାରତ ଆଇସିସିର ଗୋଟିଏ ହେଲେ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ଜିତିପାରି ନାହିଁ।

## ଷ୍ଟୋକ୍ସଙ୍କୁ ନାଇଟ୍ ଉପାଧି ମିଳିବ



**ଲଣ୍ଡନ, ୧୬।୭ (ପି.ଟି.):** ବିଶ୍ୱକପ୍ ହିରୋ ଇଂଲଣ୍ଡ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କୁ ନାଇଟ୍ ଉପାଧି ପ୍ରଦାନ କରାଯିବ। ଦିନିକିଆ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଷ୍ଟୋକ୍ସ ଜବରଦସ୍ତ ପ୍ରଦର୍ଶନ କରିଥିଲେ ଓ ଇଂଲଣ୍ଡକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ସେ ୯୮ଟି ବଲର ସମ୍ମୁଖୀନ ହୋଇ ଉପଯୋଗୀ ୮୪ ରନ ସଂଗ୍ରହ କରିଥିଲେ ଓ ମ୍ୟାଚ୍‌କୁ ଟାଇ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଷ୍ଟୋକ୍ସଙ୍କ ଏହି ସାହସିକ ପ୍ରଦର୍ଶନ ଇଂଲଣ୍ଡ ପ୍ରଧାନମନ୍ତ୍ରୀ ପଦ ଦୌଡ଼ରେ ଆଗରେ ଥିବା ଦୁଇ ପ୍ରାର୍ଥୀ ବୋରିସ୍ ଜନସନ ଓ ଜେରେମି ହଣ୍ଟଙ୍କୁ ବେଶ୍ ପ୍ରଭାବିତ କରିଛି। ଷ୍ଟୋକ୍ସଙ୍କୁ ନାଇଟ ଉପାଧି ମିଳିବା ଉଚିତ ନେଇ ପ୍ରଶ୍ନ ହେବାକୁ ଜନସନ 'ନିଶ୍ଚିତ ଭାବେ ହଁ' ବୋଲି ଉତ୍ତର ଦେଇଛନ୍ତି। ହଣ୍ଟ ମଧ୍ୟ ଏହି ପ୍ରଶ୍ନର ସମାନ ଉତ୍ତର ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଏପର୍ଯ୍ୟନ୍ତ କ୍ରିକେଟରେ ଅବଦାନ ପାଇଁ ୧୧ଜଣ ଇଂଲଣ୍ଡ କ୍ରିକେଟରଙ୍କୁ ନାଇଟ୍ ଉପାଧିରେ ଭୂଷିତ କରାଯାଇଛି। ଶେଷଥର ପାଇଁ ପୂର୍ବତନ ଟେଷ୍ଟ ଓ ଦିନିକିଆ ଅଧିନାୟକ ଆଲିଷ୍ଟର କୁକ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ୨୮ ବର୍ଷୀୟ ଷ୍ଟୋକ୍ସ ବ୍ରିଷ୍ଟଲରେ ଏକା ମାରପିଟ୍ ଘଟଣା ପାଇଁ ତଦନ୍ତର ସମ୍ମୁଖୀନ ହୋଇଥିଲେ ଓ ୨୦୧୭-୧୮ ଆଶେସ ଖେଳିବାରୁ ବଞ୍ଚିତ ହୋଇଥିଲେ। ତେବେ ପରେ ସେ ଏଥିରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ। ଷ୍ଟୋକ୍ସ ସଦ୍ୟସମାପ୍ତ ବିଶ୍ୱକପ୍‌ରେ ମୋଟ ଉପରେ ୪୬୫ ରନ ସଂଗ୍ରହ କରିବା ସହ ୭ଟି ଉଇକେଟ ଅକ୍ତିଆର କରିଥିଲେ। ଅଧିନାୟକ ଇଅନ ମୋର୍ଗାନ ଷ୍ଟୋକ୍ସଙ୍କ ପ୍ରଦର୍ଶନକୁ ଭୂୟସୀ ପ୍ରଶଂସା କରିଛନ୍ତି। ଷ୍ଟୋକ୍ସଙ୍କୁ ସେ ଅସାଧାରଣ ଓ ଅତିମାନବୀୟ ବୋଲି ଘୋଷଣା କରିଥିଲେ।

## ସ୍ଥାନ ପାଇଲେନି ଧୋନୀ

**ନୂଆଦିଲ୍ଲୀ, ୧୬।୭ (ପି.ଟି.):** କ୍ରିକେଟ ମହାକୁମ୍ଭର ଦ୍ୱାଦଶ ସଂସ୍କରଣ ସଦ୍ୟସମାପ୍ତ ହୋଇଥିବାବେଳେ ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ତାଙ୍କର ବିଶ୍ୱକପ୍ ଏକାଦଶ ଦଳ ଚୟନ କରିଛନ୍ତି। ତେବେ ସଚିନଙ୍କ ବିଶ୍ୱକପ୍



ଏକାଦଶ ଦଳରେ ଅଭିଜ୍ଞ ଭାରତୀୟ ଉଇକେଟ୍‌କିପର ମହେନ୍ଦ୍ର ସିଂ ଧୋନୀଙ୍କୁ ସ୍ଥାନ ନ ମିଳିବା ସବୁଠୁ ଚର୍ଚ୍ଚାର ବିଷୟ ହୋଇଛି। ଧୋନୀଙ୍କ ବଦଳରେ ବିଶ୍ୱଚାମ୍ପିୟନ ଇଂଲଣ୍ଡ ଦଳର ଜନି ବେୟାରଷ୍ଟୋ ଉଇକେଟ୍‌କିପର ଭାବେ ସ୍ଥାନ ପାଇଛନ୍ତି। ବିଶ୍ୱକପ୍ ରନର୍ସଅପ୍ ନ୍ୟୁଜିଲାଣ୍ଡ ଅଧିନାୟକ ତଥା ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ବିଜେତା କେନ୍ ୱିଲିୟମସନଙ୍କୁ ଏହି ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସଚିନ ତାଙ୍କର ଦଳରେ ବିରାଟ କୋହଲିଙ୍କ ସମେତ ରୋହିତ୍ ଶର୍ମା, ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜାଙ୍କ ରୂପରେ ୫ ଜଣ ଭାରତୀୟ ଖେଳାଳିଙ୍କୁ ସ୍ଥାନ ଦେଇଛନ୍ତି। ରୋହିତ୍ ଟୁର୍ଣ୍ଣାମେଣ୍ଟର ସର୍ବାଧିକ ସ୍କୋରର ରହିଥିବାବେଳେ ଜାଡେଜା ମାତ୍ର ୨ଟି ମ୍ୟାଚ୍ ଖେଳି ସ୍ଥାନ ପାଇବାରେ ସକ୍ଷମ ହୋଇଛନ୍ତି। ସେହିଭଳି ବାଂଲାଦେଶ ଅଲ୍‌ରାଉଣ୍ଡର ଶାକିବ ଅଲ୍ ହାସନଙ୍କୁ ଏହି ଏକାଦଶରେ ସ୍ଥାନ ମିଳିଛି। ପାଣ୍ଡ୍ୟାଙ୍କ ବ୍ୟତୀତ ଫାଇନାଲ ମ୍ୟାଚ୍‌ର ହିରୋ ବେନ୍ ଷ୍ଟୋକ୍ସ ୨ୟ ବ୍ୟାଟିଂ ଅଲ୍‌ରାଉଣ୍ଡର ଭାବେ ରହିଛନ୍ତି। ଟୁର୍ଣ୍ଣାମେଣ୍ଟର ସର୍ବାଧିକ ଉଇକେଟ୍ ହାସଲକାରୀ ବୋଲର ମିଚେଲ ଷ୍ଟାର୍କ ଓ ଇଂଲଣ୍ଡର ଉଦୀୟମାନ ଜୋଫ୍ରା ଆର୍ଚର ଦ୍ରୁତ ବୋଲିଂ ବିଭାଗରେ ସ୍ଥାନ ପାଇଛନ୍ତି।

### ସଚିନଙ୍କ ବିଶ୍ୱକପ୍ ଏକାଦଶ

ରୋହିତ୍ ଶର୍ମା, ଜନି ବେୟାରଷ୍ଟୋ (ଉଇକେଟ୍‌କିପର), କେନ୍ ୱିଲିୟମସନ (ଅଧିନାୟକ), ବିରାଟ କୋହଲି, ଶାକିବ ଅଲ୍ ହାସନ, ବେନ୍ ଷ୍ଟୋକ୍ସ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ମିଚେଲ ଷ୍ଟାର୍କ, ଯଶପ୍ରୀତ୍ ବୁମ୍‌ରା ଓ ଜୋଫ୍ରା ଆର୍ଚର।

## ଭାରତ-ସିରିଆ ମ୍ୟାଚ ଡ୍ର

**ଅହମ୍ମଦାବାଦ, ୧୬।୭ (ପି.ଟି.):** ଭାରତ ଓ ସିରିଆ ମଧ୍ୟରେ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଲିଗ୍ ମ୍ୟାଚ ୧-୧ ଗୋଲ୍‌ରେ ବରାବର ଭାବେ ଶେଷ ହୋଇଛି। ସ୍ଥାନୀୟ ଇକେଏ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚର ୫୨ତମ ମିନିଟ୍‌ରେ ୧୮ବର୍ଷୀୟ ସେଣ୍ଟ୍ରାଲ ଫରୱାର୍ଡ ନରେନ୍ଦର ଗେହଲଟ ଏକ ଗୋଲ ସ୍କୋର କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। କିନ୍ତୁ ସିରିଆ ତରଫରୁ ଫିରାସ ଅଲ୍ ଖାତିବ ୭୮ତମ ମିନିଟ୍‌ରେ ଏକ ଗୋଲ ଦେଇ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ତାଜିକସ୍ତାନ ବିପକ୍ଷ ଏହାର ପ୍ରଥମ ମ୍ୟାଚ ୨-୪ ଏବଂ ଉତ୍ତର କୋରିଆ ବିପକ୍ଷରେ ୨-୫ ଗୋଲରେ ହାରିଯାଇଥିଲା। ମଙ୍ଗଳବାର ମ୍ୟାଚରେ ଗୋଟିଏ ପଏଣ୍ଟ ପାଇ ଦଳ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ଭାରତ ଏହି ମ୍ୟାଚ ଡ୍ର' ରଖିବା ଦ୍ୱାରା ସିରିଆର ଫାଇନାଲ ଖେଳିବା ଆଶା ଧୂଳିସାତ୍ ହୋଇଯାଇଛି। ଫାଇନାଲ ପାଇଁ ଯୋଗ୍ୟତା ହାସଲ ଲାଗି ଏହି ପଶ୍ଚିମ ଏସୀୟ ଦେଶକୁ ଗୋଟିଏ ବିଜୟ ଆବଶ୍ୟକ ପଡୁଥିଲା। ମାତ୍ର ଦଳ ୩ଟି ମ୍ୟାଚରୁ ୪ ପଏଣ୍ଟ ସହ ଟେବୁଲରେ ତୃତୀୟ ସ୍ଥାରେ ରହିଥିଲା।

## ନ୍ୟୁଜିଲାଣ୍ଡ ଦଳର ପ୍ରତ୍ୟାବର୍ତ୍ତନ ସମାରୋହ ଘୁଞ୍ଚିଲା

**ୱେଲିଂଟନ,୧୬।୭(ପି.ଟି.)**

ଆଇସିସି ବିଶ୍ୱକପ୍‌ରେ ରନର୍ସଅପ୍ ବିବେଚିତ ହୋଇଥିବା ନ୍ୟୁଜିଲାଣ୍ଡ ଦଳର ପ୍ରତ୍ୟାବର୍ତ୍ତନ ସମାରୋହକୁ ଘୁଞ୍ଚାଇ ଦିଆଯାଇଛି। ଦଳର ସଦସ୍ୟମାନେ ଅଲଗା ଅଲଗା ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବାରୁ ବର୍ତ୍ତମାନ ଏହି ସମାରୋହ ଆୟୋଜନକୁ ଘୁଞ୍ଚାଇ ଦିଆଯାଇଛି ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ତରଫରୁ କୁହାଯାଇଛି। ଫାଇନାଲରେ ସମାନ ସ୍କୋର ଯୋଗୁ ମ୍ୟାଚ ଟାଇ ହୋଇଥିଲା। ଫଳରେ ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ ମଧ୍ୟ ସମାନ ସ୍କୋର କରି ନ୍ୟୁଜିଲାଣ୍ଡ ମ୍ୟାଚ୍ ଟାଇ ରଖିଥିଲା। ତେବେ ଅପେକ୍ଷାକୃତ ଅଧିକ ବାଉଣ୍ଡରି ମାରିଥିବାରୁ ଇଂଲଣ୍ଡ ବିଜୟୀ ଘୋଷିତ ହୋଇଥିଲା। ଫଳରେ ଇଂଲଣ୍ଡ ଚାମ୍ପିୟନ ହୋଇ ଇତିହାସ ସୃଷ୍ଟି କରିଥିଲା। ଫାଇନାଲ ମୁକାବିଲାରେ ଇଂଲଣ୍ଡ ୨୨ଟି ଚୌକା ଓ ଦୁଇ ଛକା ମାରିଥିଲା। ଅନ୍ୟପଟେ ନ୍ୟୁଜିଲାଣ୍ଡ ୧୭ଟି ବାଉଣ୍ଡରି ମାରିଥିଲା।

ସମାରୋହ ଆୟୋଜନ ସଂକ୍ରାନ୍ତରେ ଦେଶର କ୍ରୀଡ଼ାମନ୍ତ୍ରୀ ଗ୍ରାଣ୍ଟ ରବର୍ଟସନଙ୍କ ସହ ଆଲୋଚନା ଓ ପ୍ରଧାନମନ୍ତ୍ରୀ ଜାକିଣ୍ଡା ଆର୍ଡେରନଙ୍କୁ



ନ୍ୟୁଜିଲାଣ୍ଡ ଦଳର ଖେଳାଳିମାନେ।

ମଧ୍ୟ ଏନେଇ ଅବଗତ କରିଛୁ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭିଡ ହ୍ୱାଇଟ୍ କହିଛନ୍ତି। ଖେଳାଳିମାନେ ଭିନ୍ନ ସମୟ ତଥା ବିମାନରେ ଘରକୁ ଫେରୁଛନ୍ତି। ଏପରିକି କେତେଜଣ କ୍ରିକେଟର ଏପର୍ଯ୍ୟନ୍ତ ଘରକୁ ଫେରିନାହାନ୍ତି। ଆଉ କେତେକେ ଅନ୍ୟାନ୍ୟ ଚୁକ୍ତି ଅନୁସାରେ ଖେଳିବାର କାର୍ଯ୍ୟକ୍ରମ ରଖିଛନ୍ତି। ତେଣୁ ଏପରିସ୍ଥଳେ ପ୍ରତ୍ୟାବର୍ତ୍ତନ ସମାରୋହ ଆୟୋଜନ କରିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ସାରା ବିଶ୍ୱକପ୍ ଓ ଖାସ୍ କରି ଫାଇନାଲରେ ଜବରଦସ୍ତ ପ୍ରଦର୍ଶନ କରିଥିବା କାରଣରୁ ନ୍ୟୁଜିଲାଣ୍ଡ ଜନସାଧାରଣ ଏହି ସମାରୋହ ଆୟୋଜନ କରିବାକୁ ଉତ୍ସୁକ ରହିଛନ୍ତି। ଆମେ ମଧ୍ୟ ପ୍ରଶଂସକଙ୍କ ଇଚ୍ଛାକୁ ସମ୍ମାନ ଦେବାକୁ ଚାହୁଁଛୁ ବୋଲି ହ୍ୱାଇଟ୍ କହିଛନ୍ତି।

## ଦ୍ୟୁତୀଙ୍କ ନାମରେ ଆଥଲେଟିକ ଟ୍ରାକ୍

**ଭୁବନେଶ୍ୱର, ୧୬।୭(କ୍ରୀଡ଼ା ପ୍ରତିନିଧି)**

ଇଟାଲିର ନାପୋଲିଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ମହିଳା ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶାର ଦ୍ୟୁତୀ ଚାନ୍ଦଙ୍କୁ ମଙ୍ଗଳବାର କିଟ୍ ଓ କିସ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ପ୍ରତି କିଟ୍‌ରେ ଅଧ୍ୟୟନରତ ଭାରତର ଏହି ସ୍ପ୍ରିଣ୍ଟ କୁଇନ୍‌ଙ୍କ ନାମରେ ଖୁବ ଶୀଘ୍ର ଏକ ଆଥଲେଟିକ ଟ୍ରାକ ନାମିତ ହେବ। ଆଥଲେଟିକ ଟ୍ରାକ କାମ ସମ୍ପୂର୍ଣ୍ଣ ହେବା ପରେ ଏହାର ନାମ 'ଦ୍ୟୁତୀ ଚାନ୍ଦ ଆଥଲେଟିକ ଟ୍ରାକ' ହେବ ବୋଲି ମଙ୍ଗଳବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଭବିଷ୍ୟତରେ ଏଠାରେ ପ୍ରତିଷ୍ଠା କରାଯିବାକୁ ଥିବା ଆଥଲେଟିକ ଏକାଡେମିର ମୁଖ୍ୟ ଭାବେ ଦ୍ୟୁତୀଙ୍କୁ ଅବସ୍ଥାପିତ କରାଯିବ। ଏହା ହେଉଛି ଦ୍ୟୁତୀଙ୍କୁ କିଟ୍ ଓ କିସ୍‌ର ସର୍ବଶ୍ରେଷ୍ଠ ଉପହାର ବୋଲି ସେ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଦ୍ୟୁତୀ ଭାରତର ପ୍ରଥମ




ଦ୍ୟୁତୀ ଚାନ୍ଦଙ୍କୁ କିଟ୍ ତରଫରୁ ସମ୍ବର୍ଦ୍ଧନା ଦିଆଯାଉଛି।

ଧାବିକା ଭାବେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟର ଦୌଡ଼ରେ ୧୧.୩୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରଥିଲେ। ''କିଟ୍, କିସ୍ ଏବଂ ଅଚ୍ୟୁତ ସାମନ୍ତଙ୍କ ସହଯୋଗ ପାଇଁ ମୁଁ ଆଜି ଏଠାରେ ପହଞ୍ଚିବା ସମ୍ଭବ ହୋଇପାରିଛି। ଭବିଷ୍ୟତରେ ଓଡ଼ିଶା ତଥା ଦେଶ ପାଇଁ ଆହୁରି ସୁନାମ ଆଣି ପାରିବି ବୋଲି ମୋର ଦୃଢ଼ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି'' ବୋଲି ଦ୍ୟୁତୀ କହିଛନ୍ତି। କାର୍ଯ୍ୟକ୍ରମରେ କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଦ୍ୟୁତୀଙ୍କ କୋଚ ଏନ. ରମେଶ, କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷିକେଶ ମହାନ୍ତି, କୁଳସଚିବ ଡ. ସସ୍ମିତାରାଣୀ ସାମନ୍ତ ପ୍ରମୁଖ ଉପସ୍ଥିତ ରହି ଦ୍ୟୁତୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଇଂଲଣ୍ଡ: ସର୍ବାଧିକ ରନ୍, ଛକା

**ନୂଆଦିଲ୍ଲୀ, ୧୬।୭**

ଆଇସିସି ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ରୋମାଞ୍ଚକ ଭାବେ କ୍ରିକେଟ୍‌ର ମକ୍କା ଲର୍ଡ୍ସ ଗ୍ରାଉଣ୍ଡରେ ସମାପ୍ତ ହୋଇଛି। ଫାଇନାଲରେ ମ୍ୟାଚ୍ ଓ ସୁପର ଓଭର ଟାଇ ରହିବା ଫଳରେ ଆଇସିସି ନିୟମ ଅନୁଯାୟୀ ଅଧିକ ବାଉଣ୍ଡାରୀ ଭିତ୍ତିରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଇଂଲଣ୍ଡ ନୂଆ ଚାମ୍ପିୟନ ବିବେଚିତ ହୋଇଛି। ଦେଢ଼ମାସ ଧରି ଚାଲିଥିବା କ୍ରିକେଟ୍‌ର ଏହି ମହାକୁମ୍ଭ ସମାପ୍ତ ହୋଇଯାଇଥିବାବେଳେ ଏବେ ପୂରା ବିଶ୍ୱକପ୍‌କୁ ନଜର ପକାଇଲେ ଚାମ୍ପିୟନ ଇଂଲଣ୍ଡ ଟୁର୍ଣ୍ଣାମେଣ୍ଟରେ ସବୁଠାରୁ ଅଧିକ ରନ୍ ସଂଗ୍ରହକାରୀ ଦଳ ହେବାର ସୌଭାଗ୍ୟ ଲାଭ କରିଛି। ବିଶ୍ୱକପ୍‌ରେ ସମସ୍ତ ମ୍ୟାଚ୍‌କୁ ମିଶାଇଲେ ମୋଟ୍ ୨୨ ହଜାର ୪୧୨ ରନ ସଂଗୃହୀତ ହୋଇଛି। ଯେଉଁଥିରୁ ଇଂଲଣ୍ଡ ଦଳ ଏକାକୀ ୧୧ ମ୍ୟାଚ୍‌ରୁ ୩୧୮୩ ରନ୍ ସଂଗ୍ରହ କରିଛି। ବିଶ୍ୱକପ୍‌ର ୧୪ ପ୍ରତିଶତ ରନ୍ ଇଂଲଣ୍ଡ ନାମରେ ରହିଥିବାବେଳେ



ଇଅନ ମୋର୍ଗାନ

ସେମିଫାଇନାଲରୁ ବିଦାୟ ନେଇଥିବା ଭାରତ ନାମରେ ୧୧ ପ୍ରତିଶତ ରନ୍ ଲିପିବଦ୍ଧ ହୋଇଛି। ବିରାଟ ବାହିନୀ ୯ ମ୍ୟାଚ୍‌ରୁ ମୋଟ୍ ୨୫୧୬ ରନ କରିଛି। ସେମିଫାଇନାଲରେ ଇଂଲଣ୍ଡ ନିକଟରୁ ହାରିଥିବା ଅଷ୍ଟ୍ରେଲିଆ (୨୯୦୧ ରନ) ଏହି ତାଲିକାର ୨ୟ ସ୍ଥାନ ଲାଭ କରିଛି। ଅଧିକ ରନ୍ ସଂଗ୍ରହ କରିବାରେ ବାଂଲାଦେଶ ତାଲିକାରେ ୩ଟି ଦେଶ ଉପରେ ରହିଛି।

### ଛକା-ଚୌକା ତାଲିକା

| ଦେଶ | ଛକା | ଚୌକା |
|---|---|---|
| ଇଂଲଣ୍ଡ | ୭୬ | ୨୮୩ |
| ୱେଷ୍ଟଇଣ୍ଡିଜ | ୫୯ | ୧୭୦ |
| ଅଷ୍ଟ୍ରେଲିଆ | ୪୪ | ୨୭୧ |
| ଭାରତ | ୩୬ | ୨୩୨ |
| ପାକିସ୍ତାନ | ୨୮ | ୧୮୭ |
| ଦକ୍ଷିଣ ଆଫ୍ରିକା | ୨୭ | ୧୫୫ |
| ଆଫଗାନିସ୍ତାନ | ୨୭ | ୧୭୦ |
| ନ୍ୟୁଜିଲାଣ୍ଡ | ୨୩ | ୧୭୫ |
| ବାଂଲାଦେଶ | ୨୧ | ୨୧୦ |
| ଶ୍ରୀଲଙ୍କା | ୧୬ | ୧୩୩ |

### ସର୍ବାଧିକ ୬ ମାରିଥିବା ବ୍ୟାଟ୍ସମ୍ୟାନ

| ବ୍ୟାଟ୍ସମ୍ୟାନ | ଦେଶ | ଛକା |
|---|---|---|
| ଇଅନ ମୋର୍ଗାନ | ଇଂଲଣ୍ଡ | ୨୨ |
| ଆରୋନ ଫିଞ୍ଚ୍ | ଅଷ୍ଟ୍ରେଲିଆ | ୧୮ |
| ରୋହିତ୍ ଶର୍ମା | ଭାରତ | ୧୪ |
| ଜାସନ ରଏ | ଇଂଲଣ୍ଡ | ୧୨ |
| କ୍ରିସ ଗେଲ୍ | ୱେଷ୍ଟଇଣ୍ଡିଜ | ୧୨ |

### ମୋର୍ଗାନ, ରୋହିତ୍ ସର୍ବାଗ୍ରେ

ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ବିଶ୍ୱକପ୍‌ରେ ସର୍ବାଧିକ ଛକା ମାରିଥିବା ବ୍ୟାଟ୍ସମ୍ୟାନ ବନିଛନ୍ତି। ୨୨ ଛକା ସହ ମୋର୍ଗାନ ତାଲିକାର ଶୀର୍ଷରେ ରହିଥିବାବେଳେ ଅଷ୍ଟ୍ରେଲିଆ ଅଧିନାୟକ ଆରୋନ୍ ଫିଞ୍ଚ୍ (୧୮) ଓ ଭାରତୀୟ ଦଳର ଉପ-ଅଧିନାୟକ ରୋହିତ୍ ଶର୍ମା (୧୪)ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ଲାଭ କରିଛନ୍ତି। ଅପରପକ୍ଷରେ ଯଦି ଚୌକା ଉପରେ ନଜର ପକାଯାଏ ତେବେ ରୋହିତ୍ (୬୭) ତାଲିକାର ଶୀର୍ଷରେ ରହିଛନ୍ତି। ସମାନ ସଂଖ୍ୟକ ଚୌକା ମାରିଥିଲେ ମଧ୍ୟ ଅଧିକ ମ୍ୟାଚ୍ ଖେଳିଥିବାରୁ ଜନି ବେୟାରଷ୍ଟୋଙ୍କୁ ୨ୟ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଜୁଲାଇ ୧୭/୨୦୧୯ Bhubaneswar, Wednesday, July 17/ 2019

## ୧୬ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

କଟକ ରୋଡ/ ବାଲିଅନ୍ତା, ୧୬।୭(ଡି.ଏନ୍.ଏ.)

ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ପୃଥକ୍ ଦୁଇଟି ସ୍ଥାନରୁ ପୋଲିସ ଦୁଇଜଣଙ୍କୁ ଗିରଫ କରିଛି। ଜଣେ ହେଲେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଧୀନ ଜୟନାବାଗ ଅଞ୍ଚଳର ବିଚିତ୍ର ବେହେରା। ବଡ଼ଗଡ଼ ଥାନା ପୋଲିସ ତାଙ୍କଠାରୁ ୮ଗ୍ରାମ ବ୍ରାଉନସୁଗାର ଓ ଗୋଟିଏ ବାଇକ୍ ଜବତ ହୋଇଛି। ଏ ନେଇ ଥାନାରେ ମାମଲା (ନଂ.୧୬୬/୧୯)ରୁଜୁ ହୋଇଛି। ସେହିଭଳି ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ଓ ଆଖପାଖ ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି କରୁଥିବା ଜାଣିବା ପରେ ପୋଲିସ ପୂର୍ବ ଯୋଜନା କରି ଏକ କଲେଜ ସମ୍ମୁଖରେ ବିକ୍ରି କରୁଥିବା ଯୁବକଙ୍କୁ ଗିରଫ କରିଛି। ସେ ହେଲେ କଟକ ସଦର ଥାନା ଅଧୀନ ଗଙ୍ଗେଶ୍ୱରଗଡର ସର୍ବେଶ୍ୱର ପାତ୍ର(୨୫)। ପୋଲିସ ତାଙ୍କଠାରୁ ୮ଗ୍ରାମ ବ୍ରାଉନସୁଗାର ପାଉଚ, ଗୋଟିଏ ବାଇକ, ମୋବାଇଲ ଓ ୧ହଜାର ଟଙ୍କା ଜବତ କରିଛି। ଏ ନେଇ ପୋଲିସ ଥାନାରେ ନଂ.୧୭୧/୧୯ରେ ଏକ ମାମଲା ରୁଜୁ କରିଛି।

■ ଜିଲା ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ ୟୁନିଟ୍‌ର ସମୀକ୍ଷା ବୈଠକ

# ୨୦୩୦ ସୁଦ୍ଧା ଏଡ୍‌ସମୁକ୍ତ ଓଡ଼ିଶା ଲକ୍ଷ୍ୟ

ଭୁବନେଶ୍ୱର, ୧୬।୭(ବ୍ୟୁରୋ)



ସମୀକ୍ଷା ବୈଠକରେ ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଓ ଅନ୍ୟ ଅଧିକାରୀମାନେ।

ଜିଲା ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ ୟୁନିଟ୍‌ର ସମୀକ୍ଷା ବୈଠକ ମଙ୍ଗଳବାର ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ)ଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଅଧ୍ୟକ୍ଷତା କରି ୨୦୩୦ ସୁଦ୍ଧା ଏଡ୍‌ସ ବିଲୋପ ପାଇଁ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି। ଏହି କାର୍ଯ୍ୟ ପାଇଁ ସମସ୍ତେ ମିଳିତ ଭାବେ ପ୍ରଚେଷ୍ଟା କରିବାକୁ ସଚିବ ପରାମର୍ଶ ଦେଇଛନ୍ତି। ବିଗତ ବର୍ଷଗୁଡ଼ିକ ତୁଳନାରେ ଓସାକ୍ସର କାର୍ଯ୍ୟରେ ଉନ୍ନତି ପରିଲକ୍ଷିତ ହୋଇଛି। ପୂର୍ବ ଅପେକ୍ଷା ରାଜ୍ୟରେ ବର୍ତ୍ତମାନ ଟି.ବି-ଏଚ୍‌ଆଇଭି ମଧ୍ୟରେ ପାର୍ଥକ୍ୟ ହ୍ରାସ ପାଇଛି। ଏଡ୍‌ସ ନିରାକରଣ ପାଇଁ ଅଧିକ ପ୍ରଚାର ଓ ପ୍ରସାର ଉପରେ ଅଧିକ ଦୃଷ୍ଟିଦେବା ପାଇଁ ସମସ୍ତ ଅଧିକାରୀଙ୍କୁ ସଚିବ କହିଛନ୍ତି।

ବିଭାଗର ଯୁଗ୍ମ ସଚିବ ତଥା ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶିକା ଗୁହା ପୁନମ ତାପସ କୁମାର କହିଥିଲେ ଯେ, ଏଆରଟିରୁ ବଞ୍ଚିତ ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିମାନଙ୍କୁ ପଞ୍ଜୀକୃତ କରାଇ ଉପଯୁକ୍ତ ଔଷଧ ସେବନ ପାଇଁ ପରାମର୍ଶ ଓ ପରୀକ୍ଷା କେନ୍ଦ୍ର (ଆଇସିଟିସି)ର ପରାମର୍ଶଦାତାମାନେ ପ୍ରତି ସପ୍ତାହର ଗୁରୁବାର ଦିନ କାର୍ଯ୍ୟ କରିବେ। ଟି.ବି ଓ ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିଙ୍କ ନିମନ୍ତେ ଉଦ୍ଦିଷ୍ଟ ପୋଷଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ରାଜ୍ୟର ୯୦ ପ୍ରତିଶତ ଲୋକ ନିଜର ଏଚଆଇଭି ସ୍ଥିତି ବିଷୟରେ ଜାଣିବା ନିମନ୍ତେ ଏହାର ପରୀକ୍ଷାକୁ ବ୍ୟାପକ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିସହିତ ରାଜ୍ୟରେ ଥିବା ସମସ୍ତ ଜେଲ, ସ୍ୱାଧାର ଗୃହ ଓ ଗ୍ରାମାଞ୍ଚଳରେ ଭିଏଚ୍‌ଏନ୍‌ଡିରେ ଏଚ୍‌ଆଇଭି ପରୀକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲା ଟି.ବି. ଅଧିକାରୀ ଏବଂ ଡିପିଏମ୍‌ମାନଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ସଚିବ ଡା. ବି.କେ. ବ୍ରହ୍ମା ଏବଂ ଡା. ହରପ୍ରସାଦ ପଟ୍ଟନାୟକଙ୍କ ସମେତ ଓସାକ୍ସର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଇଏଏସ୍ ଅଫିସର ଶ୍ରୀମନ୍ଦିର ପରିଚାଳନା କରିବା ଠିକ୍ ନୁହେଁ: ବାହିନୀପତି

ପୁରୀ ଅଫିସ, ୧୬।୭

ଶ୍ରୀମନ୍ଦିରକୁ ଆଇଏଏସ୍ ଅଫିସର ତଥା ଅମଲାତନ୍ତ୍ର ପରିଚାଳନା କରିବା ଠିକ୍ ନୁହେଁ। ଏହି ବ୍ୟବସ୍ଥାକୁ ପରିବର୍ତ୍ତନ କରାଯିବା ଦରକାର ବୋଲି କହିଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ମଙ୍ଗଳବାର ଗୋବର୍ଦ୍ଧନ ମଠରେ ଆୟୋଜିତ ଗୁରୁପୂର୍ଣ୍ଣିମା ମହୋତ୍ସବରେ ଯୋଗଦେଇ ବାହିନୀପତି କହିଥିଲେ, ନିକଟରେ ଭିଲାଇ ଗସ୍ତବେଳେ ସେଠାକାର ଜଗନ୍ନାଥ ମନ୍ଦିରକୁ ଯାଇଥିଲି। ଠାକୁରଙ୍କୁ ଦର୍ଶନ କରିବା ସହିତ ପ୍ରସାଦ ସେବନର ସୁଯୋଗ ମଧ୍ୟ ପାଇଲି। ବହୁ ଓଡ଼ିଆ ମୋତେ ଏକ ପ୍ରଶ୍ନ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରୁ କେହି ବଡ଼ ନୁହେଁ। ସେହିପରି ଧର୍ମଗୁରୁ ଭାବେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କଠାରୁ ମଧ୍ୟ କେହି ବଡ଼ ନୁହେଁ। କିନ୍ତୁ ଆଇଏଏସ୍ ଅଫିସର ତଥା ଅମଲାମାନେ ଶ୍ରୀମନ୍ଦିର ପରିଚାଳନା କରୁଛନ୍ତି, ଯାହା ଠିକ୍ ନୁହେଁ। ପୂର୍ବରୁ ଗଜପତି ମହାରାଜା ଏବଂ ଶଙ୍କରାଚାର୍ଯ୍ୟ ପରିଚାଳନା କରୁଥିଲେ। ବର୍ତ୍ତମାନ ଯେଉଁ ପରିବର୍ତ୍ତନ କରାଯାଇଛି ସେଥିରେ ହସ୍ତକ୍ଷେପ କରିବା ଲାଗି ବାହିନୀପତି ରାଜ୍ୟପାଳଙ୍କୁ ନିବେଦନ କରିଥିଲେ। ବାହିନୀପତି ଏହା ମଧ୍ୟ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଠାକୁର। ସେହିପରି ଜଗତଗୁରୁ ଶଙ୍କରାଚାର୍ଯ୍ୟ ହେଉଛନ୍ତି ବିଶ୍ୱର ଗୁରୁ। ବିଶ୍ୱକୁ ରକ୍ଷା କରିବା ଲାଗି ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଜଗନ୍ନାଥ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥାନ୍ତି। ଅନ୍ୟପକ୍ଷରେ ଗୋ ଚାଲାଣ ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରି ବାହିନୀପତି କହିଥିଲେ, କୋରାପୁଟ ଜିଲାରୁ ପ୍ରତ୍ୟେକ ଦିନ ହଜାର ହଜାର ଗୋ ମାତାଙ୍କୁ ଆନ୍ଧ୍ରପ୍ରଦେଶ ଚାଲାଣ କରାଯାଉଛି । ତେଣୁ ଏ ଦିଗରେ ସମସ୍ତେ ଯତ୍ନବାନ ହେଲେ ଗୋ ମାତାଙ୍କ ସୁରକ୍ଷା ହୋଇପାରିବ।

■ ଏଟିଏମ୍‌ରେ କମ୍ ଟଙ୍କା ଭର୍ତ୍ତି କରି ୧ କୋଟି ୩୯ ଲକ୍ଷ ହଡ଼ପ

## କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ




ଜବତ ହୋଇଥିବା ଗାଡ଼ି।

ଜଟଣୀ, ୧୬।୭(ଡି.ଏନ.ଏ)

**ଦାମୀ କାର, ଟ୍ରକ୍, ବାଇକ୍ ଜବତ**

ଏଟିଏମ୍‌ରେ ପ୍ରକୃତ ପରିମାଣଠାରୁ କମ୍ ଟଙ୍କା ଭର୍ତ୍ତି କରି ପାଖାପାଖି ୧ କୋଟି ୩୯ ଲକ୍ଷ ଟଙ୍କା ହଡପ କରିଥିବା ଏକ ଘରୋଇ କମ୍ପାନୀର କର୍ମଚାରୀ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଆତ୍ମହତ୍ୟା ଉଦ୍ୟମ କରି ଆହତ ହୋଇଥିବା କର୍ମଚାରୀଙ୍କ ନାମ ମୀନକେତନ ପରିଜା। ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ବଣ୍ଟସାତପୁରୀ ଗ୍ରାମରେ ତାଙ୍କର ଘର। ସେ ସିକ୍ୟୁୟର ଭାଲ୍ୟୁ ଇଣ୍ଡିଆ ଲିମିଟେଡ୍ ନାମକ ଘରୋଇ ସଂସ୍ଥାର କର୍ମଚାରୀ। ଏହି ଘରୋଇ ସଂସ୍ଥା ବିଭିନ୍ନ ବ୍ୟାଙ୍କ ଏଟିଏମ୍‌ରେ ଟଙ୍କା ଭରିବା ଦାୟିତ୍ୱରେ ରହିଛି। ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବା କାର୍ଯ୍ୟରେ ମୀନକେତନ ରହିଥିଲେ। କେଉଁ ଏଟିଏମ୍‌ରେ କେତେ ଟଙ୍କା ଭର୍ତ୍ତି କରାଯିବ ଘରୋଇ ସଂସ୍ଥା କର୍ମଚାରୀଙ୍କୁ ତାଲିକା ଦିଆଯାଇଥାଏ। ହେଲେ ଭର୍ତ୍ତି କରିବା ପ୍ରକୃତ ଟଙ୍କାଠାରୁ ମୀନକେତନ କମ୍ ଟଙ୍କା ଭରିଥାନ୍ତି। ଏଟିଏମ୍ ଭଲ୍‌ଭ ବା ଥାକରେ କମ୍ ପରିମାଣରେ ଟଙ୍କା ରଖିବା ପରେ ପୂରା ଭର୍ତ୍ତି କରାଯାଇଥିବା କମ୍ପାନୀକୁ ଜଣାଇଥାନ୍ତି। ବିଶେଷକରି ଅଧିକ କାରବାର ହେଉ ନ ଥିବା ଏଟିଏମ୍‌ରେ ଏହି ପନ୍ଥା ଅବଲମ୍ବନ କରି ଟଙ୍କା ହଡ଼ପ କରିଥାନ୍ତି। ତେବେ ଘରୋଇ ସଂସ୍ଥାର ଅଡ଼ିଟ୍ ସମୟରେ ଏହା ଜଣାପଡ଼ିଥିଲା। ଜଟଣୀ ଓ ଖୋର୍ଦ୍ଧାର ୨୧ଟି ବ୍ୟାଙ୍କ ଏଟିଏମ୍‌ରୁ ୬ ମାସ ମଧ୍ୟରେ ଏହି ପନ୍ଥା ଅବଲମ୍ବନ କରି ୧ କୋଟି ୩୯ ଲକ୍ଷ ହଡ଼ପ କରିଥିବା ଜଟଣୀ ଥାନାରେ ଜୁଲାଇ୧୪ ରେ କମ୍ପାନୀର ଅଧିକାରୀ ତାପସ କୁମାର ମହାନ୍ତି ଅଭିଯୋଗ କରିଥିଲେ। ତେବେ ଅଡିଟ୍ ପରେ ପ୍ରକୃତ ଘଟଣା କମ୍ପାନୀର ଅଧିକାରୀମାନେ ଜାଣିପାରିଥିବା ଖବରପାଇ ମୀନକେତନ ଥାନାରେ ଅଭିଯୋଗ ହେବା ପୂର୍ବରୁ ୧୨ ତାରିଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଟଙ୍କା ନେଇ ଆସୁଥିବା ସଂସ୍ଥାର ଗାଡ଼ିରେ ଥିବା ସିକ୍ୟୁରିଟି ଗାର୍ଡଙ୍କ ବନ୍ଧୁକ ନେଇ ୧୬ ନଂ. ଜାତୀୟ ରାଜପଥରେ ଏପରି ଉଦ୍ୟମ ସେ କରିଥିଲେ। ତେବେ ଗୁଳି ତାଙ୍କ କାନରେ ବାଜିବାରୁ ସେ ବଞ୍ଚିଯାଇଥିଲେ। ସେ ଆହତ ଅବସ୍ଥାରେ ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି। ମୀନକେତନ ଏପରି ଷ୍ଟାଇଲ୍‌ରେ କେତେଦିନ ହେବ ଟଙ୍କା ହଡ଼ପ କରୁଥିଲେ ଏବଂ ଏଥିରେ ତାଙ୍କୁ ଆଉ କିଏ ସହଯୋଗ କରୁଥିଲେ ସେନେଇ ପୋଲିସ ତଦନ୍ତ ଚଳାଇଛି। ୪ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା ଜାରି ରଖିଛି। ଏହି ଉପାୟରେ ଟଙ୍କା ହଡ଼ପ କରି ମୀନକେତନ ବିପୁଳ ସମ୍ପତ୍ତି ଠୁଳ କରିଥିବା ଜଣାପଡ଼ିଛି। ଗୋଟିଏ ଟ୍ରକ୍, ହୋଣ୍ଡାସିଟି ଓ ଇନୋଭା ଦୁଇଟି କାର୍, ଗୋଟିଏ ପିକ୍‌ଅପ୍ ଭ୍ୟାନ୍, ଗୋଟିଏ ଦାମିକା କେଟିଏମ୍ ବାଇକ୍ ପୋଲିସ ଜବତ କରିଛି। ବାହାଘର ଶୋଭାଯାତ୍ରାରେ ଯାଉଥିବା ଡିଜେ ଜବତ ଟ୍ରକ୍‌ରେ ଫିଟିଂ ହୋଇଥିବା ଅବସ୍ଥାରେ ଧରାପଡ଼ିଥିଲା। ଆହୁରି ଟ୍ରକ୍ ଓ ଦାମିକା ବାଇକ୍ ରହିଥିବା ପୋଲିସ ସୂଚନା ପାଇଛି। ସେଗୁଡ଼ିକୁ ଜବତ କରିବାକୁ ପୋଲିସ ତନାଘନା କରୁଛି। ଗାଡ଼ିଗୁଡ଼ିକ ମୀନକେତନଙ୍କ ସମ୍ପର୍କୀୟ ଭାଇଙ୍କ ନାମରେ ଥିବା ବେଳେ ସେମାନଙ୍କ ଦ୍ୱାରା ଏହାର କାରବାର କରାଯାଉଥିବା ଜାଣିବାକୁ ମିଳିଛି। ତେବେ ଏହି ହଡପ ଟଙ୍କାରେ ମୀନକେତନ ଏହି ବିପୁଳ ସମ୍ପତ୍ତିର ମାଲିକ ହୋଇଛନ୍ତି ନା ନାହିଁ ପୋଲିସ ତାହାର ତଦନ୍ତ କରୁଛି।







27
1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ପାନେ ବିଷ ଜଣକୁ ମାରି ଦେଇପାରେ, କିନ୍ତୁ ଖଣ୍ଡିଏ ଖରାପ ପୁସ୍ତକ ଯୁଗ ଯୁଗ ଧରି ମନୁଷ୍ୟ ସମାଜରେ ବିଷ ସଞ୍ଚାର କରୁଥାଏ।
-ଥୋମାସ ମୁରେ



## ସଂକ୍ଷେପରେ

### ବସ୍ ଭିତରେ ପକେଟ୍‌ମାର, ଜଣେ ଗିରଫ

**କଟକ ଅଫିସ,୧୬।୭:** ବସ୍ ଭିତରେ ପକେଟ୍ ମାର କରିବା ଅଭିଯୋଗରେ ବାଦାମବାଡି ପୋଲିସ ମଙ୍ଗଳବାର ଦରଘାବଜାର ଥାନା ଅନ୍ତର୍ଗତ ହାତୀପୋଖରୀ ଅଞ୍ଚଳର ବଂଶୀଧର ମହାପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ତାଙ୍କଠାରୁ ୫ହଜାର ଟଙ୍କା ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୧୫୬/୧୯) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ଏକ ଘରୋଇ ବସ୍‌ରେ ନୟାଗଡ଼ରୁ ରଞ୍ଜନ ସାହୁ ନାମକ ଜଣେ ବ୍ୟକ୍ତି କଟକ ଆସୁଥିଲେ। ବାଦାମବାଡି ବସଷ୍ଟାଣ୍ଡ ପାଖରେ ବସ୍‌ରେ ଭିଡ ହୋଇଥିବା ବେଳେ ରଞ୍ଜନଙ୍କ ପକେଟ୍‌ରୁ ବଂଶୀଧର ୫ହଜାର ଟଙ୍କା କାଢ଼ି ନେଇଥିଲେ। ବସ୍‌ରେ ଥିବା ଜଣେ କନଷ୍ଟେବଲ ଏହା ଦେଖିବା ପରେ ବଂଶୀଧରଙ୍କୁ ଧରି ଥାନାକୁ ଆଣିଥିଲେ। ପରେ ସେ ନେଇଥିବା ୫ହଜାର ଟଙ୍କା ପୋଲିସ ଜବତ କରିଥିଲା।

### ବିଭିନ୍ନ ବିଦ୍ୟାଳୟରେ ଗୁରୁପୂର୍ଣ୍ଣିମା

**ଚୌଦ୍ୱାର,୧୬।୭(ଡି.ଏନ୍.ଏ.):** ଚୌଦ୍ୱାରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଙ୍ଗଳବାର ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଅବସରରେ ଆଗ୍ରାହାଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ବିଜୟ ପ୍ରତାପ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କର୍ଯ୍ୟକ୍ରମରେ ଟାଙ୍ଗି-ଚୌଦ୍ୱାର ବ୍ଲକ ମାଧମିକ ଶିକ୍ଷକ ସଂଘ ସଭାପତି ଶିବ ପ୍ରସାଦ ପତି ଅତିଥିଭାବେ ଯୋଗଦେଇ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ରମେଶ ଚନ୍ଦ୍ର ମହାରଣା, ଗୁରୁମା ନିରୁପମା ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିତୀଶିକ୍ଷା ପ୍ରଦାନ କରିଥିଲେ। ସେହିପରି ଗାନ୍ଧୀଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଗୁରୁଜି ଦିଗମ୍ବର ବିଶ୍ୱାଳ, ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ବରାଳ, ପୂର୍ବତନ ଶିକ୍ଷକ ସୁଧିର କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଚୌଦ୍ୱାର ଯାତ୍ରା ପଡିଆସ୍ଥିତ ସାଇ ମନ୍ଦିର, ଚାରବାଟିଆ ହାଉସିଂବୋର୍ଡସ୍ଥିତ ସାଇ ମନ୍ଦିର ଓ ଶିଶୁ ସଦନ ପରିସରରେ ଥିବା ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ସାଇବାବାଙ୍କ ରିତିନୀତି ଅନୁସାରେ ପାଳିତ ହୋଇଯାଇଛି।

### ବିଦ୍ୟାଳୟରେ ପରିବେଶ ସଚେତନତା କାର୍ଯ୍ୟକ୍ରମ

**ଫୁଲନଖରା,୧୬।୭(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗଶାସନ ପଞ୍ଚାୟତର ବଡଝରିଲୋସ୍ଥିତ ଶ୍ରୀନିଳଚକ୍ର ଇଂଲିଶ ମିଡିୟମ ସ୍କୁଲରେ ଚାରା ରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ସ୍ୱପ୍ନେଶ୍ୱର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରା ରୋପଣ କରିବା ସହ ପରିବେଶକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ବର୍ଷକୁ ଦୁଇଟି ଚାରା ରୋପଣ କରିବାକୁ ପରାମର୍ଶ ଦେଇଥିଲେ। ପ୍ରିୟଦର୍ଶିନୀ ମହାପାତ୍ର, ଦୀପକ ମହାପାତ୍ର, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ। ପ୍ରତାପ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଜରିପଡ଼ାରେ ସାଇବାବାଙ୍କ ଗୁରୁପୂର୍ଣ୍ଣିମା

**ଫୁଲନଖରା,୧୬।୭(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ଜରିପଡ଼ାସ୍ଥିତ ସାଇମନ୍ଦିର ପରିସରରେ ମଙ୍ଗଳବାର ସାଇବାବାଙ୍କ ଗୁରୁପୂର୍ଣ୍ଣିମା ଉତ୍ସବ ଟ୍ରଷ୍ଟ ପରିଚାଳନା କମିଟି ସଭାପତି ମନୋରଞ୍ଜନ ଖଟୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବାବାଙ୍କ ମହାସ୍ନାନ ପରେ ଗୁରୁ ଅଭିଷେକ ପୂଜା, ସାଇ ସତ୍ୟନାରାୟଣ ପୂଜା, ୧୦୮ ଅଷ୍ଟୋତର ନାମାବଳୀ, ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ବାବାଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ବାବାଙ୍କ ଭଜନ ପରିବେଷଣ କରାଯାଇଥିଲା। ନିରଞ୍ଜନ ଭଞ୍ଜ, ସନ୍ତୋଷ ବିଶ୍ୱାଳ, ଦେବେନ୍ଦ୍ର ପ୍ରଧାନ, ଘନଶ୍ୟାମ ବେଉରା, ରମାକାନ୍ତ ଖଟୁଆ, ସତ୍ୟ ସିଂ, ସୁଜିତ୍ ସିଂ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ନୂଆଗଡ, ମୁଗଭଙ୍ଗାସ୍ଥିତ ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଥିଲା।

■ ୬୫ ଦିନରେ ବଡ଼ମ୍ବା ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ

# ଆଜିଠାରୁ କୋର୍ଟ ସମ୍ମୁଖରେ ବିକ୍ଷୋଭ

**ବଡ଼ମ୍ବା,୧୬।୭(ଡି.ଏନ.ଏ.)**



ସର୍ବଦଳୀୟ ନେତୃମଣ୍ଡଳୀ କୋର୍ଟ ସମ୍ମୁଖରେ ନାରାବାଜି କରୁଛନ୍ତି।

ବଡ଼ମ୍ବାରେ ସବଜଜ୍ କୋର୍ଟ ପ୍ରତିଷ୍ଠା, ବଡ଼ମ୍ବାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା, ମାଣିଆବନ୍ଧ ଫାଣ୍ଡିକୁ ଥାନା ମାନ୍ୟତା ପ୍ରଦାନ ଦାବି ସହିତ ବଡ଼ମ୍ବା ଉପକାରାଗରକୁ ବନ୍ଦ କରାଯିବା ପ୍ରସ୍ତାବ ବିରୋଧରେ ଓକିଲ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ମଙ୍ଗଳବାର ୬୫ ଦିନରେ ପହଞ୍ଚିଛି। ଏହାମଧ୍ୟରେ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ଓକିଲ ସଂଘ ଆନ୍ଦୋଳନରେ ସାମିଲ୍ ହେବା ସହିତ ବଡ଼ମ୍ବା ବନ୍ଦ ଡାକରା ଦିଆଯାଇଥିଲା। ଯାହାକି ଆନ୍ଦୋଳନକୁ ପ୍ରବଳ ଜନ ସମର୍ଥନ ମିଳିଥିବା ଦେଖାଯାଇଥିଲା। ଏଥିସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅସନ୍ତୋଷ ବୃଦ୍ଧି ପାଇଛି। ଦଳମତ ନିର୍ବିଶେଷରେ ସମସ୍ତଙ୍କ ସମର୍ଥନ ଥାଇ ବିଚାର ବିଭାଗ ଓ ସରକାର ଯେଉଁ କାଦୁଅ ଛିଟା ପନ୍ଥା ଅବଲମ୍ବନ କରୁଛନ୍ତି ତାହାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ମଙ୍ଗଳବାର କମିଟି ପକ୍ଷରୁ ଓକିଲ ସଂଘ ଲାଇବ୍ରେରୀ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ମତପ୍ରକାଶ ପାଇଛି। ତେଣୁ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଉକ୍ତ ଅନ୍ଦୋଳନ ଚାଲୁ ରହିବା ସହିତ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ବୈଠକରେ ଉପସ୍ଥିତ ସର୍ବଦଳୀୟ କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ବଡ଼ମ୍ବା ମାଟିର ସମ୍ମାନ ପାଇଁ ଆନ୍ଦୋଳନ ଜାରି ରହିବ ଓ ବିଭିନ୍ନ ପନ୍ଥା ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ନିଷ୍ପତ୍ତି ଅନୁସାରେ ବୁଧବାରଠାରୁ ପ୍ରତ୍ୟେହ କୋର୍ଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହାପରେ ପରବର୍ତ୍ତୀ ଦିବସର କାର୍ଯ୍ୟଶୈଳୀ କ'ଣ ହେବ ତାହା ଉପରେ ବିଚାର ହେବ। ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କଂଗ୍ରେସ ନେତା ଅମୀୟ ପଟ୍ଟନାୟକ, ଦାମୋଦର ରଣା, ଦୀପକ ସାହୁ, ଭାଜପା ନେତା ବିଭୁଦତ୍ତ ପଟ୍ଟନାୟକ, ପରମାନନ୍ଦ ସେଠୀ, କଟକ ଜିଲା ବିଜେଡି କମିଟି ଉପସଭାପତି ରଘୁପତି ମହାନ୍ତି, ଓକିଲ ସଂଘ ପୂର୍ବତନ ସଭାପତି ସୂର୍ଯ୍ୟନାରାୟଣ ମିଶ୍ର, ହରିହର ବଳବନ୍ତରାୟ, ବିଧୂଭୂଷଣ ମହାନ୍ତିଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇ ମତ ରଖିଥିଲେ। ପରେ ସର୍ବଦଳୀୟ ନେତୃମଣ୍ଡଳୀକୁ ନେଇ କୋର୍ଟ ସମ୍ମୁଖରେ ନାରାବାଜି କରାଯାଇଥିବା କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ପରେଶ ମହାନ୍ତି ସୂଚନା ଦେଇଛନ୍ତି।

■ ୪ ଦଫା ଦାବି ନେଇ ଚାଲିଛି ଆନ୍ଦୋଳନ

■ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ବଢ଼ୁଛି ଅସନ୍ତୋଷ

ସରକାରୀ ଜମି ଜବରଦଖଲ ଯୋଗୁ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ବିଳମ୍ବ

## ତହସିଲଦାର, ବିଡିଓଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ

**ନରସିଂହପୁର,୧୬।୭(ସ୍ୱ.ପ୍ର.)**

ନରସିଂହପୁର ବ୍ଲକ ଅନ୍ତର୍ଗତ ଶରଧାପୁର ପଞ୍ଚାୟତ କୃଷ୍ଣପ୍ରସାଦ ଗ୍ରାମରେ ଏକ ସରକାରୀ ଜମି ଜବରଦଖଲକୁ ନେଇ ବିବାଦ ମୁଣ୍ଡ ଟେକିଛି। ଫଳରେ ବୁଧବାର ଗ୍ରାମ କମିଟି ସଭାପତି ଆପର୍ତ୍ତି ସାହୁଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ମହିଳାପୁରୁଷ ଏକ ଶୋଭାଯାତ୍ରାରେ ଆସି ନରସିଂହପୁର ତହସିଲଦାର ରାଜକିଶୋର ଜେନା ଏବଂ ବିଡିଓ ପ୍ରଶାନ୍ତ ତରାଇଙ୍କୁ ଭେଟି ଜବରଦଖଲ ଉଚ୍ଛେଦ ପାଇଁ ଦାବିପତ୍ର ଦେଇଛନ୍ତି। ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତିଯେ, ଗ୍ରାମ ବିଦ୍ୟାଳୟ ପରିସରରେ ଥିବା ଏକ ସରକାରୀ ଜମିକୁ ସେହି ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରିଛନ୍ତି। ଏପରି କି ସେଠାରେ ଗୁହାଳ କରି ଗାଈ ଓ ଛେଳି ବାନ୍ଧୁଛନ୍ତି। ଫଳରେ ଏହି ଜମିରେ ହେବାକୁ ଥିବା ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ ଅଟକି ରହିଛି। ଛୋଟପିଲା ପାଠ ପଢ଼ିବା ପାଇଁ ବିଦ୍ୟାଳୟ ବାରଣ୍ଡାରେ ବସୁଛନ୍ତି। ତେଣୁ ତୁରନ୍ତ ଏହି ଜମିରୁ ଜବରଦଖଲକାରୀଙ୍କୁ ହଟାଯାଇ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯାଉ ବୋଲି ଦର୍ଶାଇଛନ୍ତି।

## ଏବିଭିପିର ପ୍ରତିଭା ଅଭିନନ୍ଦନ ସମାରୋହ

**କଟକ ସଦର,୧୬।୭(ଡି.ଏନ୍.ଏ.)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଆନୁକୂଲ୍ୟରେ ମଙ୍ଗଳବାର ବାଲିଶ୍ରୀ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପ୍ରତିଭା ଅଭିନନ୍ଦନ-୨୦୧୯ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଇଂ. ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଡ. କିଶୋର ଚନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କିଶନନଗର ମଣ୍ଡଳର ୨୦ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଏବିଭିପି କଟକ ନଗର ସମ୍ପାଦକ ଅବକାଶ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କଟକ ଜିଲା ପ୍ରଭାରୀ ଓମପ୍ରକାଶ ପଣ୍ଡା ଅଭିନନ୍ଦନ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଶେଷରେ କଟକ ନଗର ସଭାପତି ବିମଳ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସଫା ହେଲା ଫୁଲନଖରା ଡିଷ୍ଟ୍ରିବ୍ୟୁଟାରୀ କେନାଲ

**ଫୁଲନଖରା,୧୬।୭(ଡି.ଏନ୍.ଏ.)**

ପ୍ରତାପନଗରୀ ଜଳସେଚନ ସବ୍‌ଡିଭିଜନ ଅଧୀନରେ ଥିବା ଫୁଲନଖରା ଡିଷ୍ଟ୍ରିବ୍ୟୁଟାରୀ କେନାଲ ପ୍ରତାପନଗରୀଠାରୁ ଅନନ୍ତପୁର ପର୍ଯ୍ୟନ୍ତ ୬କି.ମି. କେନାଲର ଭିତର ଓ ପାର୍ଶ୍ୱରେ ଗଛ ଓ ଘାସ ଯୋଗୁ ସମସ୍ୟା ସୃଷ୍ଟି କରୁଥିଲା। ଫଳରେ ତଳମୁଣ୍ଡରେ ଥିବା ଚାଷୀମନେ ଠିକ୍‌ଭାବେ ଚାଷ ଜମିକୁ ଜଳସେଚନର ସୁବିଧା ପାଇବାରୁ ବଞ୍ଚିତ ହେଉଥିଲେ। ଏ ନେଇ ଚାଷୀମାନେ ବିଭାଗୀୟ ସହକାରୀ ଯନ୍ତ୍ରୀ ବିଭୁତି ଭୂଷଣ ତାରେଣିଆଙ୍କୁ ଭେଟି ସମସ୍ୟା ସମ୍ପର୍କରେ କହିଥିଲେ। ଚାଷୀଙ୍କ ଅଭିଯୋଗକୁ ଗୁରୁତ୍ୱଦେଇ ମଙ୍ଗଳବାର ଫୁଲନଖରା ଡିଷ୍ଟ୍ରିବ୍ୟୁଟାରୀ କେନାଲ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତିବର୍ଷ କେନାଲରେ ଠିକ୍‌ଭାବେ ସଫେଇ କାର୍ଯ୍ୟ ହେଉ ନ ଥିବାରୁ ତଳମୁଣ୍ଡକୁ ପାଣି ଯାଇ ନ ପାରି ଅଧାବାଟରେ ଜମା ହୋଇ ବନ୍ଧ ଭାଙ୍ଗଯାଇଥାଏ ବୋଲି ଚାଷୀମାନେ କହିଛନ୍ତି।

## ଇନର ହ୍ୱିଲ କ୍ଲବ୍ ପକ୍ଷରୁ ବନ ମହୋତ୍ସବ

**ଆଠଗଡ଼,୧୬।୭(ସ୍ୱ.ପ୍ର.)**

ଆଠଗଡ଼ ଇନରହ୍ୱିଲ କ୍ଲବ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ଏକ ସଚେତନତା ସଭା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁଲିନ୍ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ତଥା ଲେଖିକା ସ୍ୱର୍ଣ୍ଣଲତା ରଥ ଯୋଗଦେଇ ପରିବେଶ ଓ ଜୀବଜଗତର ସୁରକ୍ଷା ଲାଗି ବ୍ୟାପକ ସବୁଜ ବଳୟ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। କ୍ଲବ ସମ୍ପାଦିକା ମଞ୍ଜୁଲତା ମାହାଳିକ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ସହିତ ଆଗାମୀ ଦିନରେ ଚାରାରୋପଣ ଓ ସବୁଜ ବଳୟ ସୃଷ୍ଟି ପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ କ୍ଲବ ସଭ୍ୟମାନେ ମହାତ୍ମା ଗାନ୍ଧୀ ଇଂରାଜୀ ମାଧମ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। କ୍ଲବ ପୂର୍ବତନ ସଭାନେତ୍ରୀ ଦୀପାଳି ଦାଶ, ପୂର୍ବତନ ସମ୍ପାଦକ କଳ୍ପଲତା ଦାଶ, ଜସ୍ମିନ୍ ପଟ୍ଟନାୟକ, ଅଞ୍ଜନା ମିଶ୍ର ଓ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।




ଅତିଥିମାନେ ଚାରା ରୋପଣ କରୁଛନ୍ତି।

## ଜିଲାପାଳ, ସିଏମ୍‌ସି କମିଶନର ବୁଲିଲେ ଦୋଳମୁଣ୍ଡାଇ, ପୀଠାପୁର

**କଟକ ଅଫିସ,୧୬।୭**

**ଗୋପଦ ଅଭିଯାନ**

ଗୋପଦ ଅଭିଯାନରେ ମଙ୍ଗଳବାର ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ ଦୋଳମୁଣ୍ଡାଇ ଓ ପୀଠାପୁର ଅଞ୍ଚଳ ପରିଦର୍ଶନ କରିଥିଲେ। ସେଠାରେ ଜାଗା ଜାଗାରେ ପଡ଼ି ରହିଥିବା ଆବର୍ଜନାକୁ ଉଠାଇ ସଫା କରିବା, ରାସ୍ତାକଡ଼ରେ ବିକ୍ରି କରୁଥିବା ଦୋକାନୀମାନେ ଡଷ୍ଟବିନରେ ଆବର୍ଜନା ପକାଇବା, ଅନ୍ନପୂର୍ଣ୍ଣା ଲେନ୍‌ର ଡ୍ରେନର ସଫେଇ ଏବଂ ଜବରଦଖଲକାରୀଙ୍କୁ ହଟାଇବା ଆଦି କାର୍ଯ୍ୟ କରିବା ପାଇଁ ସିଏମ୍‌ସିକୁ ନିର୍ଦ୍ଦେଶ ଦେଇଥଲେ। ପ୍ରକାଶଥାଉକି, ଗୋପଦ ଅଭିଯାନରେ ବାରବାଟୀ ଓ ଗଡ଼ଖାଇ ଅଞ୍ଚଳ ପରିଦର୍ଶନ ସମୟରେ ଗଡ଼ଖାଇର ପୁନରୁଦ୍ଧାର ପାଇଁ ଜିଲାପାଳ ଚୟନୀ ନିଷ୍ପତ୍ତି ନେଇଥିବା ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନରେ ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ମହାନଗର ନିଗମ, ପୂର୍ତ୍ତ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲାପାଳଙ୍କୁ ଅବଗତ କରିଥିଲେ। ଅନ୍ୟପକ୍ଷରେ ଗୋପଦ ଅଭିଯାନର ନିଷ୍ପତ୍ତି ଅନୁଯାୟୀ ଅନଧିକାର ହଟାଇବା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସୋମବାର ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ରିଂରୋଡସ୍ଥିତ ଏକ ଅନଧିକାର ଭାବେ ଗଢ଼ି ଉଠିଥିବା ହୋଟେଲକୁ ଭାଙ୍ଗି ଦେଇଥିଲେ। ସେହିପରି ସିଏମ୍‌ସି କମିଶନର ଦାସ ଏସ୍‌ସିବି ପରିଦର୍ଶନ କରି ମେଡିକାଲ ପରିସରରେ ପଡୁଥିବା ଅଳିଆକୁ ୨୪ ଘଣ୍ଟା ମଧ୍ୟରେ ଉଠାଇବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

## ୨ୟ ଦିନରେ ଗୋପଦ ଅଭିଯାନ କାର୍ଯ୍ୟକ୍ରମ

**ବାଙ୍କୀ,୧୬।୭(ସ୍ୱ.ପ୍ର.)**

ଗୋପଦ ଅଭିଯାନର ଦ୍ୱିତୀୟ ଦିନରେ ମଙ୍ଗଳବାର ବାଙ୍କୀ ବ୍ଲକ ପକ୍ଷରୁ ରତାଗଡ଼ ଗୋବିନ୍ଦପୁର ଗ୍ରାମରେ ଜନଶୁଣାଣି ହୋଇଛି। ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ କୁମର ପ୍ରଧାନ, ନିର୍ବାହୀ ଅଧିକାରୀ ଦିନବନ୍ଧୁ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ରୂପନୀତା ସ୍ୱାଇଁ, ସରପଞ୍ଚ ତରୁଣ ମହାପାତ୍ର ପ୍ରମୁଖ ଘରକୁ ଘର ବୁଲି ଲୋକଙ୍କଠାରୁ ୨୮ ଅଭିଯୋଗ ଶୁଣିଥିଲେ। ଖାଦ୍ୟ ସୁରକ୍ଷା, ପାଇଖାନା, ଡ୍ରେନେଜ ଓ ଜଳଯୋଗାଣ ସମସ୍ୟା ସମ୍ପର୍କରେ ଜନସାଧାରଣ ଅବଗତ କରାଇଥିଲେ। ସେହିପରି ଡମପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଆର୍ତ୍ତବନ୍ଧୁ ଲେଙ୍କା, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ ମହାପାତ୍ର, ସରପଞ୍ଚ ପୁଷ୍ପଲତା ପରିଡା, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀ ପ୍ରମୁଖ କୁସୁପଙ୍ଗି ଗ୍ରାମବୁଲି ଲୋକଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଖୁବ୍‌ଶୀଘ୍ର ଏସବୁର ନିରାକରଣ କରାଯିବ ବୋଲି ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦିଆଯାଇଛି।

## ମଦ ଜବତ, ୨ ଗିରଫ

**ନରସିଂହପୁର,୧୬।୭(ସ୍ୱ.ପ୍ର.)**

ନରସିଂହପୁରର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏହି ସମୟରେ ସାଗର ଗ୍ରାମର ଗୌରାଙ୍ଗ ନାୟକଙ୍କଠାରୁ ୩ ଲିଟର ଦେଶୀବିଦେଶୀ ଓ ଘୋରାଡିଆ ଗ୍ରାମର ଅକ୍ରୁର ବେହେରାଙ୍କଠାରୁ ୯ଲିଟର ଦେଶୀ ମଦ ଜବତ କରାଯାଇଛି। ପରେ ଚୋରା ମଦ ବିକ୍ରି ଅଭିଯୋଗରେ ଏହି ୨ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଚଢ଼ାଉରେ ଅବକାରୀ ଅଧିକାରୀ ଫାର୍ଥା ମାରାଣ୍ଡି, ବନମାଳି ଖଟୁଆ ଓ ପଙ୍କଜ ବେହେରାଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# କିଶନନଗର ବିକାଶ ମଞ୍ଚର ବିକ୍ଷୋଭ



କିଶନନଗର ବିକାଶ ମଞ୍ଚ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**କଟକ ସଦର,୧୬।୭(ଡି.ଏନ୍.ଏ.)**

୨୧ଦଫା ଦାବି ପୂରଣରେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ପ୍ରତିବାଦରେ ମଙ୍ଗଳବାର କିଶନନଗର ବିକାଶ ମଞ୍ଚ ପକ୍ଷରୁ ସ୍ଥାନୀୟ ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମଞ୍ଚ କର୍ମକର୍ତ୍ତାମାନେ କିଶନନଗର ହାଟ ବଜାରରେ ମିଳିତ ହୋଇ ଶୋଭାଯାତ୍ରାରେ ତହସିଲ କାର୍ଯ୍ୟାଳୟକୁ ଆସିଥିଲେ। ଏହା ପରେ ସମ୍ପାଦକ ସୀତାରାମ ପଣ୍ଡାଙ୍କ ପୌରୋହତ୍ୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତାପ ବେହେରା, କଳ୍ପନା ମହାନ୍ତି, ଅଧୀର ଖଟାଇ, ଗଜେନ୍ଦ୍ର ସ୍ୱାଇଁ, ବାଉରିବନ୍ଧୁ ମହାନ୍ତି, ନୃସିଂହ ଚରଣ ସାହୁ ପ୍ରମୁଖ ବିଭିନ୍ନ ଦାବି ସମ୍ପର୍କରେ ସୂଚନା ଦେଇଥିଲେ। କିଶନନଗର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଖୋଲିବା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅଗ୍ନିଶମ କେନ୍ଦ୍ର, ସମବାୟ ସଂସ୍ଥାକୁ କଟକ ଜିଲାକୁ ଆଣିବା ଭଳି ୨୧ଟି ଦାବି ରହିଛି। ପରେ ମଞ୍ଚ ସଭାପତି ସୟଦ ସାଜିଦ ଅଲ୍ଲୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କିଶନନଗର ତହସିଲଦାର ସୁଚେତା ମହାପାତ୍ରଙ୍କ ସହ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଓଡ଼ିଶା ଆୟୁର୍ବେଦ ସେବାସଂସ୍ଥା ପକ୍ଷରୁ ବନ ମହୋତ୍ସବ

**କଟକ ଅଫିସ,୧୬।୭**

ଓଡ଼ିଶା ଆୟୁର୍ବେଦ ସେବାସଂସ୍ଥା ପକ୍ଷରୁ ଗୁରୁପୂର୍ଣ୍ଣିମା ଅବସରରେ ସ୍ଥାନୀୟ ଓଏମ୍‌ପି ଛକଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଚାରାରୋପଣ କରାଯିବା ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଆୟୁର୍ବେଦ ସେବାସଂସ୍ଥାର ଅଧକ୍ଷ ତଥା ଆୟୁର୍ବେଦ ଗବେଷକ ଡା. ଦୀବନନ୍ଧୁ ମହାରଣା ସଭାପତିତ୍ୱ କରିଥିଲେ। ଆଧାତ୍ମିକ ଗୁରୁ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଉତ୍ସବରେ ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ସେ ନିଜ ବକ୍ତବ୍ୟରେ, ସ୍ୱଳ୍ପ ବ୍ୟୟରେ ଆମ୍ଭମାନଙ୍କୁ ଔଷଧୀୟ ବୃକ୍ଷଲତା ଦ୍ୱାରା ଅନେକ କିଛି ଉପକାର ମିଳିଥାଏ। ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଔଷଧୀୟ ବୃକ୍ଷଲତା ରୋପଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ସତ୍ୟଜିତ ତ୍ରିପାଠୀ, ଡା. ଜଗନ୍ନାଥ ଦାସ, ଡା. ମିନତୀ ମହାରଣା, ଡ. ଭାଗୀରଥି ବେହେରା, ଡ. ଦିବ୍ୟଜ୍ୟୋତି ମହାରଣା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବାଙ୍କୀରେ ବିଶ୍ୱ ସର୍ପ ଦିବସ ପାଳିତ

**ବାଙ୍କୀ,୧୬।୭(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଗୟଳବାଙ୍କ ଶବର ସାହିଠାରେ ମଙ୍ଗଳବାର ବିଶ୍ୱ ସର୍ପ ଦିବସ ସ୍ନେକ୍ ହେଲ୍ପଲାଇନ ସଂଯୋଜକ ଲଳିତ ମୋହନ ପଣ୍ଡା, ସଦସ୍ୟ ଦୁର୍ଗାମାଧବ ମହାପାତ୍ର ଓ ଅମିତ ସାହୁଙ୍କ ମିଳିତ ସହଯୋଗରେ ପାଳିତ ହୋଇଯାଇଛି। ଏହିଅବସରରେ ବିଷଧର ସାପର ଚିହ୍ନଟ ଓ ସାପକାମୁଡ଼ିବାର ପ୍ରାଥମିକ ଚିକିତ୍ସା ଉପରେ ଆଲୋକପାତ କରାଇଥିଲା। ସ୍ନେକ୍ ହେଲ୍ପଲାଇନ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଯୋଗଦେଇ ସାପକାମୁଡିଲେ ଡାକ୍ତରଖାନା ଯିବାକୁ କହିଥିଲେ।

# ରାସ୍ତାରେ ଭାସୁଛି ପାଇପ୍ ପାଣି, ପ୍ରଶାସନର ନିଘା ନାହିଁ

**ଲଳିତଗିରି,୧୬।୭(ସ୍ୱ.ପ୍ର.)**



ପାଇପ ଫାଟି ରାସ୍ତାରେ ପାଣି ଜମିଛି।

ମାହାଙ୍ଗା ବ୍ଲକ ଜଳେଶ୍ୱରପୁର ପଞ୍ଚାୟତସ୍ଥିତ ଗୋବରୀ ପୋଲ ସନ୍ନିକଟରେ ଥିବା ଶ୍ରୀକୃଷ୍ଣପୁର ପାନୀୟ ଜଳଯୋଗାଣ ପ୍ରକଳ୍ପର ଭୂତଳ ପାଇପ୍ ଫାଟିଯାଇଛି। ଏଥିଯୋଗୁ ପାଣି ରାସ୍ତାରେ ଭାସୁଛି। ଲୋକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ହେଲେ ଏଥିପ୍ରତି ପ୍ରଶାସନର ନିଘାନାହିଁ। ଦୀର୍ଘଦିନ ହେବ ଏହି ପାଇପ୍ ଗୁଡ଼ିକର ମରାମତି ନ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପଞ୍ଚାୟତ ଅଧୀନ ପଶୁଲୁଣ୍ଡା ଛକ ଗୋବରୀ ପୋଲ ଓ କୁଆଁପାଳ ଗ୍ରାମର ବିଭିନ୍ନ ଛକରେ ପାଇପ ଫାଟି ରାସ୍ତା ଜଳମଗ୍ନ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଯେତିକି ପାଣି ଲୋକଙ୍କ ପାଖକୁ ଯାଉଛି ତାହା ଅପରିଷ୍କାର। ଏହି ଅପରିଷ୍କାର ଜଳ ପିଇବା ଦ୍ୱାରା ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ରହିଛି। ଗୋବରୀ କୂଳଛକ ନିକଟରେ ୪ରୁ୫ଟି ସ୍ଥାନରେ ପାଇପ ଫାଟିବା ସହ ପାଇପରେ ସଂଯୋଗ ହୋଇଥିବା ଚାବିଗୁଡିକ ମଧ୍ୟ ଭାଙ୍ଗିଯାଇଛି। କୁଆଁପାଳ ବଜାର ନିକଟରେ ମଧ୍ୟ ପାଇପ ଫାଟି ପାଣି ବାହରୁଥିବା ଦେଖିବାକୁ ମିଳୁଛି। ଏହି ପ୍ରକଳ୍ପଟି ବ୍ଲକ୍‌ଠାରୁ ୧୦୦ ମିଟର ଦୂରତାରେ ମଧ୍ୟରେ ହୋଇଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଏ ସମ୍ପର୍କରେ ପଶୁଲୁଣ୍ଡା ଓ କୁଆଁପାଳ ଜନସାଧାରଣ ବ୍ଲକ୍ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ମରାମତି କରିବାକୁ ଦାବି ହୋଇଛି। ଘଟଣା ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ବିଷ୍ଣୁପ୍ରିୟା ସାହୁଙ୍କୁ ପଚାରିବାରୁ ସେ କହିଥିଲେ, କାମର ଏଷ୍ଟିମେଟ ଦିଆଯାଇଛି। ଖୁବ୍‌ଶୀଘ୍ର ଏସବୁ ମରାମତି କରାଯିବ।



ପାନେ ବିଷ ଜଣକୁ ମାରି ଦେଇପାରେ, କିନ୍ତୁ ଖଣ୍ଡିଏ ଖରାପ ପୁସ୍ତକ ଯୁଗ ଯୁଗ ଧରି ମନୁଷ୍ୟ ସମାଜରେ ବିଷ ସଞ୍ଚାର କରୁଥାଏ।
-ଥୋମାସ ମୁରେ



## ସଂକ୍ଷେପରେ

### ଚୋରି କରି ୨ ଜେଲ ଗଲେ

**ଖୋର୍ଦ୍ଧା ଅଫିସ,୧୬।୭**ମୋବାଇଲ ଚୋରି କରି ଠେଙ୍ଗାହାଟର ଚନ୍ଦ୍ରକାନ୍ତ ପଣ୍ଡିତ(୧୯) ଓ ଗ୍ୟାସ୍‌ଚୁଲା ମରାମତି ନାଁରେ ଚୋରି କରି ଜଟଣୀ ଥାନା ଭୀମପୁର ଗାଁର ସୁଶାନ୍ତ ଦାସ(୩୪) ଜେଲ ଯାଇଛନ୍ତି। ସୁଶାନ୍ତ ଗତ ୧୪ ତାରିଖରେ ଖୋର୍ଦ୍ଧାର ସମ୍ରାଟ ହୋଟେଲକୁ ଗ୍ୟାସ ଚୁଲା ମରାମତି କରିବାକୁ ଯାଇଥିଲେ। ଚୁଲା ମରାମତି କରିବାକୁ ଯାଇ ଟେବୁଲ ଡ୍ରରୁ ୩ ହଜାର ଟଙ୍କା ଚୋରାଇ ନେଇଥିଲେ। ହୋଟେଲ ମାଲିକ ବିଶ୍ୱନାଥ ସାହୁଙ୍କ ଅଭିଯୋଗକ୍ରମେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ନଂ. ୨୦୦/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ପରେ ଗିରଫ କରି ନେଇଥିଲା। ସେହିପରି ଗତ ୧୨ ତାରିଖରେ ଚନ୍ଦ୍ରକାନ୍ତ ପଣ୍ଡିତ ମୟୂରଭଞ୍ଜର ସିଲୁ ହାଁସଦାଙ୍କ ଠେଙ୍ଗାହାଟ ଭଡା ଘରୁ ମୋବାଇଲ ଓ ୧୨୦୦ ଟଙ୍କା ଚୋରାଇ ନେଇଥିଲେ। ସିଲୁଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୦୧/୧୯ରେ ମାମଲା ରୁଜୁ କରି ତଦନ୍ତ କରିଥିଲା।

### ବିଶ୍ୱଭୂଷଣ ଆନ୍ଧ୍ର ରାଜ୍ୟପାଳ ଭାବେ ନିଯୁକ୍ତି ପରେ ଖୁସିର ଲହରି

**ଖୋର୍ଦ୍ଧା ଅଫିସ,୧୬।୭:**ପୂର୍ବତନ ମନ୍ତ୍ରୀ, ସାହିତ୍ୟିକ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ରାଷ୍ଟ୍ରପତି ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ଭାବେ ନିଯୁକ୍ତି ଦେବା ପରେ ଚିଲିକା ନିର୍ବାଚନମଣ୍ଡଳୀରେ ଖୁସର ଲହରି ଖେଳିଯାଇଛି। ବାଣପୁର ଗମ୍ଭାରୀମୁଣ୍ଡାର ବିଶ୍ୱଭୂଷଣ ଅଣ କଂଗ୍ରେସ ସଙ୍ଗଠକ ଭାବେ ଜଣାଶୁଣା। ପେଷାରେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ହୋଇଥିବାବେଳେ ନିଶା ଜନସେବା ଓ ସାହିତ୍ୟ ସଂସ୍କୃତି ସାଧନା ଥିଲା। ସ୍ଥାନୀୟ ବାସିନ୍ଦା ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କର ବାପା ଲୋକନାଥ ମିଶ୍ର ଆସାମ ରାଜ୍ୟପାଳ ହୋଇଥିବାବେଳେ ବିଶ୍ୱଭୂଷଣଙ୍କ ନିଯୁକ୍ତି ଚିଲିକା ନିର୍ବାଚନମଣ୍ଡଳୀ ପାଇଁ ଗର୍ବ ଓ ଗୌରବ ଆଣି ଦେଇଛି।

### ବାଣପୁରରେ ଗୁରୁପୂର୍ଣ୍ଣିମା

**ଖୋର୍ଦ୍ଧା ଅଫିସ,୧୬।୭:**ବାଣପୁରର ବିଭିନ୍ନ ଅନୁଷ୍ଠାନରେ ଗୁରୁପୂର୍ଣ୍ଣିମା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ନେହେରୁ ସେବା ସଂଘର ୪ ଶହରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଗୁରୁ ଶ୍ରେଷ୍ଠ ବ୍ୟାସଦେବ ଏବଂ ସଂଘର ପ୍ରତିଷ୍ଠାତା ହରିହର ରାମଙ୍କ ଆରାଧନା କରି ପୂଜା ଅର୍ଚ୍ଚନା କରିଥିଲେ। ଗୁରୁପୂର୍ଣ୍ଣିମାର ଆଧାତ୍ମିକ ବୈଶିଷ୍ଟ୍ୟ ଏବଂ ଜୀବନରେ ଏହାର ଆବଶ୍ୟକତା ସମ୍ପର୍କରେ ସଂସ୍ଥାର ସମ୍ପାଦିକା ସରୋଜିନୀ ଦାଶ, କୋଷାଧ୍ୟକ୍ଷ ଓମ୍‌ପ୍ରକାଶ ଅଗ୍ରୱାଲାଙ୍କ ସମେତ ବୀରେନ୍ଦ୍ର କୁମାର ତ୍ରିପାଠୀ, ପ୍ରଦୀପ କୁମାର ଦାସ ପ୍ରମୁଖ ବର୍ଣ୍ଣନା କରିଥିଲେ। ସେହିପରି ବାଣପୁର ବଜାରସ୍ଥିତ ଶ୍ରୀଶିରିଡି ସାଇ ମନ୍ଦିରରେ ପ୍ରତ୍ୟୁଷରୁ କାକଡ ଆରତୀ ପରେ ବାବାଙ୍କର ମହାସ୍ନାନ ଅନୁଷ୍ଠିତ ହୋଇଥିଲା । ପାରମ୍ପରିକ ପୂଜା ଅର୍ଚ୍ଚନା ପରେ ସାଇ ଅଷ୍ଟୋତ୍ତର ହୋମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ସତ୍ୟ ସାଇଙ୍କ ମନ୍ଦିରରେ ମଧ୍ୟ ପୂର୍ବାହ୍ନରୁ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା।

### ଶର୍ଟସର୍କିଟରୁ ଦୋକାନରେ ଅଗ୍ନିକାଣ୍ଡ

**କଟକରୋଡ,୧୬।୭(ଡି.ଏନ୍.ଏ.)-** ଲକ୍ଷ୍ମୀସାଗର ଥାନା ଅଧୀନ କଳ୍ପନା ଛକ ନିକଟରେ ମଙ୍ଗଳବାର ରାତିରେ ଏକ ଦୋକାନରେ ଅଗ୍ନିକାଣ୍ଡ ଘଟିଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ୯ଟା ୩୦ରେ ଏକ ହୋଟେଲ ନିକଟରେ ଥିବା ଏକ ବ୍ୟାନର ଓ ହୋର୍ଡିଙ୍ଗ ଲେଖାଯାଉଥିବା ଦୋକାନରେ ହଠାତ ନିଆଁ ଲାଗିଯାଇଥିଲା।

### ଗିରିଙ୍ଗାପୁଟ ବିଦ୍ୟାଳୟରେ ଚାରାରୋପଣ

**ପାତ୍ରପଡା,୧୬।୭(ଡି.ଏନ.ଏ):** ବାତ୍ୟା ଫନୀ ପ୍ରଭାବରେ ଉଜୁଡି ଯାଇଥିବା ଗଛ ଯୋଗୁ ବିଦ୍ୟାଳୟର ସବୁଜିମା ନଷ୍ଟ ହୋଇଯାଇଛି। ବ୍ୟାପକ ଚାରାରୋପଣ କରାଯାଇ ଏହାର ପୁନରୁଦ୍ଧାର କରାଯିବାକୁ ଲକ୍ଷ୍ୟ କରି ମଙ୍ଗଳବାର ଭୁବନେଶ୍ୱର ବ୍ଲକ ଗିରିଙ୍ଗାପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ବାରିକ୍, ଠିକାଦାର ସଂସ୍ଥା ପ୍ରଶାନ୍ତ କୁମାର ମହାନ୍ତି, ସ୍କୁଲର ସଭାପତି ଦେବେନ୍ଦ୍ର ଦାସ, ପ୍ରଦୀପ୍ତ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

■ ଛୋଟାଙ୍କ ଉପରେ ଘରଭଙ୍ଗା ପକାଇବନି ପ୍ରଭାବ

# ଜେଲରୁ ମୁକୁଳାଇବାକୁ ଚାଲିଛି ଯୋଜନା

**ଖୋର୍ଦ୍ଧା ଅଫିସ,୧୬।୭**

ପରିବା ଦୋକାନରୁ ବ୍ରାଉନସୁଗାର ଓ ପଥର ଚିଫସ୍ ବ୍ୟବସାୟ କରି ସୁଧାଂଶୁ ପରିଡା ଓରଫ ଛୋଟା ରାତିରାତି ଧନୀ ହୋଇଯାଇଥିଲେ। କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ଟିମ୍‌ର ତାଙ୍କ ଉପରେ ନଜର ପଡିବାରୁ ସେ କୋର୍ଟ ଯାଇ ଆତ୍ମସମର୍ପଣ କରି ଜେଲରେ ରହିଛନ୍ତି। ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକାନଗରରେ ଛୋଟା ସରକାରୀ ଜମିକୁ ବେଆଇନ ଭାବେ ଜବରଦଖଲ କରି କୋଟିଏ ଟଙ୍କାର ଘର କରିଥିଲେ। ତାକୁ ସୋମବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଏଭଳିସ୍ଥଳେ ଗିରଫ ଓ ଘରଭଙ୍ଗା ଛୋଟାଙ୍କ ପାଇଁ ସମସ୍ୟା ହେବନି ବୋଲ ପୂର୍ବତନ କାଉନସିଲର ଓ ସମର୍ଥକମାନେ ଯୁକ୍ତି ବାଢୁଥିବା ଲୋକେ କହୁଛନ୍ତି। ଛୋଟାଙ୍କ ପାଖରେ ରହିଛି ସାଢ଼େ ୨ କୋଟି ଟଙ୍କାର ସୁନା ଅଳଙ୍କାର ଓ ୧୫ କୋଟି ଟଙ୍କା। ଜମିବାଡି ଓ ଅନ୍ୟ ସମ୍ପତ୍ତି ବି ଅଛି। ଛୋଟାଙ୍କ ଟଙ୍କା ଓ ସୁନା ଅଳଙ୍କାର ଠାବ କରିବା ଏତେ ସହଜ ନୁହେଁ। ଏ ନେଇ ଆୟକର, ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ)ଜାଣିବା ମଧ୍ୟ କାଠିକର ପାଠ। ଅନ୍ୟପକ୍ଷେ ଛୋଟାଙ୍କୁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଗିରଫ କରିନି। ସେ ନିଜକୁ ନିଜେ କୋର୍ଟରେ ଆତ୍ମସମର୍ପଣ କରି ଜେଲରେ ଅଛନ୍ତି। ସରକାରୀ ଜମି ଉଚ୍ଛେଦ ବେଳେ ବ୍ରାଉନସୁଗାର ଜବତ ହୋଇନାହିଁ। ପୁଣି ଜବରଦଖଲ ଉଚ୍ଛେଦ ଘର ଯେ ଛୋଟାଙ୍କର ବୋଲି କୌଣସି ପ୍ରମାଣ ନାହିଁ। ଯଦି ଏସ୍‌ଟିଏଫ୍ ଓ ନୟାଗଡ ଟାଉନ ଥାନା ପୋଲିସ ରିମାଣ୍ଡରେ ନେବେ ତେବେ କିଛି ସୁଫଳ ମିଳିବନି। କାରଣ ଛୋଟା ଏପରି ତାଲିମ ନେଇଛନ୍ତି ତାଙ୍କଠାରୁ ବ୍ୟବସାୟ ସମ୍ପର୍କରେ ମୁହଁରୁ ପଦେ କଥା ବାହାରିବ ନାହିଁ। ଛୋଟାଙ୍କୁ ଜେଲରୁ ମୁକୁଳାବା ପାଇଁ ଯୋଜନା ଚାଲିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଦେଖାଯାଉ ପୂର୍ବତନ କାଉନସିଲର କେତେଦିନ ଛୋଟାଙ୍କ ପାଇଁ ଯୁକ୍ତି କରିବେ ଓ ସହଯୋଗ ଯୋଗାଇବେ।

### ସନ୍ଦେହରେ ବିଦ୍ୟୁତ୍ ବିଭାଗ

ସରକାରୀ ଜମିରେ ଘର ହୋଇଥିବାବେଳେ ବିଦ୍ୟୁତ୍ ଦିଆଯାଇଥିଲା କିପରି। ଏଥିରେ ବେଆଇନ କାର୍ଯ୍ୟ ହୋଇଥିବା ଅଭିଯୋଗ ଉଠିଛି। ଏହି ବେଆଇନ କାର୍ଯ୍ୟରେ କେଉଁ ଅଧିକାରୀ ସାମିଲ ଅଛନ୍ତି। ସେହିଭଳି ଛୋଟାଙ୍କର ଜବରଦଖଲ ଉଚ୍ଛେଦ ଘରକୁ ୨୫ ଏମଏମ୍‌ର ବିଦ୍ୟୁତ୍ ତାର ପଡିଥିଲା। ୧୪ଟି ଏସି ଲାଗିଥିଲା। ଗୋଟିଏ ଏସି ଲଗାଇଥିଲେ ବିଦ୍ୟୁତ୍ ବିଭାଗ ଖୋଳତାଡ କରୁଛି। ତେବେ ଛୋଟାଙ୍ଗ ଘରେ ୧୪ ଟି ଏସି ଲଗାଇବାକୁ ଅନୁମତି କିଏ ଦେଇଥିଲା। ଅନ୍ୟପକ୍ଷେ ଛୋଟାଙ୍କର ଗୁରୁଜଙ୍ଗସ୍ଥିତ ଦ୍ୱାରିକାନଗର ଘର ପାଖାପାଖି ଅଞ୍ଚଳରେ କେତେଜଣ ଉପଭୋକ୍ତାଙ୍କ ଘରେ ୨ରୁ ୩ଟି ଏସି ଲାଗିଛି। ତାର ମଧ୍ୟ ତଦନ୍ତ କରାଯାଉନି। ପାଉ(ବ୍ରାଉନସୁଗାର) ବ୍ୟବସାୟ କରୁଥିବା ଲୋକମାନେ ଅଧିକ ସଂଖ୍ୟକ ଏସି ଲଗାଇଛନ୍ତି । ସେପଟେ ଗରିବ କହି ସରକାରୀ ଜମିକୁ ଅକ୍ତିଆର କରି ବିପିଏଲ ସୁବିଧା ମଧ୍ୟ ପାଉଛନ୍ତି।

### ଛୋଟା ଦୋକାନ ଭାଙ୍ଗିବାରେ ଅନୁକମ୍ପା

ସରକାରୀ ଜମିରେ ଘର କରିଥିଲେ ବୋଲି ଗୁରୁଜଙ୍ଗ ଦ୍ୱାରିକାନଗର ଘର ଉଚ୍ଛେଦ କରି ପ୍ରଶାସନ ନିଜ ହାତକୁ ନେଲା। ତେବେ ଖୋର୍ଦ୍ଧା ଟାଉନ ହଲ ସମ୍ମୁଖରେ ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟର ପ୍ରାଚୀର ଉପରେ ୨ଟି ସ୍ଥାୟୀ ଦୋକାନ ଗୃହ ନିର୍ମାଣ ତାଙ୍କର ରହିଛି। ଗୋଟିଏ ପରିବା ଓ ଅନ୍ୟଟି ଥଣ୍ଡା ପାନୀୟ ଦୋକାନ। ଏଥିରେ ଶଟର ବି ଲାଗିଛି। ଦିନ ଦ୍ୱିପ୍ରହରରେ ବଜାର ଉପରେ ଛୋଟା ସ୍ଥାୟୀ ଦୋକାନ ଘର ନିର୍ମାଣ କରିଥିଲେ ମଧ୍ୟ ତହସିଲ କର୍ତ୍ତୃପକ୍ଷ ନୀରବ ଥିଲେ। ଏବେ ଘର ଭଙ୍ଗାଗଲା, ଦୋକାନ ଘର ଭାଙ୍ଗିବାରେ ଅନୁକମ୍ପା କାହିଁକି ବୋଲି ସହରରେ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ତହସିଲଦାର ଦୋକାନ ଘର ଭାଙ୍ଗୁଛନ୍ତି ନାଁ ପୂର୍ବ ତହସିଲଦାରଙ୍କ ଭଳି ନୀରବ ରହୁଛନ୍ତି ସମୟ କହିବ।

### ୧୦ ହଜାର ଟଙ୍କା ବ୍ୟାଙ୍କ ଜମା

ଛୋଟା ଦୈନିକ ୧୦ ହଜାର ଟଙ୍କା ଜମା କରୁଥିଲେ ବୋଲି ଜଣେ ବ୍ରାଉନସୁଗାର ରିଟେଲର ନାଁ ଗୋପନ ରଖି ପ୍ରକାଶ କରିଛନ୍ତି। ଉକ୍ତ ଟଙ୍କା ଖୋର୍ଦ୍ଧା ସହରର ଏକ ବ୍ୟାଙ୍କରେ ଜମା କରାଯାଉଥିଲା। ଜେଲ ଯିବା ପରେ ମଧ୍ୟ ଟଙ୍କା ଜମା ଅବ୍ୟାହତ ରହିଥିବା କୁହାଯାଉଛି। ଜଣେ ପରିବା ଦୋକାନୀ ମାସକୁ ଲକ୍ଷାଧିକ ଟଙ୍କା ବ୍ୟାଙ୍କ ଜମା କରୁଥିଲେ ହେଁ ଆୟକର ବିଭାଗ ବା ଇଡି କିଭଳି ଜାଣିପାରୁନାହିଁ ତାହା ସାଧାରଣଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି।

## ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨ ଅଭିଯୁକ୍ତ ଫେରାର



ଚିକିତ୍ସାଳୟରେ ଚିକିତ୍ସାଧୀନ ଅଭିଯୁକ୍ତ ଦୌଡି ପଳାଇଲେ ।

**ଜଟଣୀ,୧୬।୭(ଡି.ଏନ.ଏ):**

ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମଙ୍ଗଳବାର ପୂର୍ବାହ୍ନରେ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଡାକ୍ତରୀ ପରୀକ୍ଷା କରିବାକୁ ପୋଲିସ ସେମାନଙ୍କୁ ନେଇଥିବା ସମୟରେ ଏପରି ଘଟଣା ଘଟିଥିଲା। ଫେରାର ଦୁଇ ଅଭିଯୁକ୍ତଙ୍କ ନାମ ପୋଲିସ କହୁ ନ ଥିବା ବେଳେ ବ୍ରାଉନ୍‌ସୁଗାର କାରବାରରେ ପୋଲିସ ସେମାନଙ୍କୁ ଧରି ଥାନାରେ ରଖିଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ୨ ଜଣ ଦୌଡ଼ି ପଳାଇବା ସମୟରେ ପୋଲିସ ପଛରୁ ଗୋଡ଼ାଇଥିଲେ ମଧ୍ୟ ସେମାନଙ୍କୁ ଧରି ପାରି ନ ଥିଲା। ପୋଲିସର ଦାୟିତ୍ୱହୀନତାରୁ ଏପରି ଘଟିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ର ସିସିଟିଭି କ୍ୟାମେରାରେ ଏହା କଏଦ ହୋଇଛି। ଏ ନେଇ ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁଙ୍କୁ ପଚାରିବାରେ ବ୍ରାଉନ୍‌ସୁଗାର ଖାଇବାରେ ଅଭ୍ୟସ୍ତ ଦୁଇଜଣଙ୍କୁ ଅଣାଯାଇ ଥାନାରେ ରଖାଯାଇଥିଲା। ସେମାନେ ଅସୁସ୍ଥ ଅନୁଭବ କରିବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନିଆଯାଇଥିଲା ବୋଲି ସେ କହିଛନ୍ତି।

## ବାଣପୁର ଡାକ୍ତରଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୧୬।୭:**

ମୃତ ବ୍ୟକ୍ତିଙ୍କୁ ଗୁରୁତର ଦର୍ଶାଇ ଚିକିତ୍ସା ଦାବି କରି ବାଣପୁର ଡାକ୍ତରଖାନାରେ ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ମାଡମରା ଘଟଣାର ଏଗାର ମାସ ପରେ ମଙ୍ଗଳବାର ବାଣପୁର ପୋଲିସ ଖ୍ରୀଷ୍ଟପଲ୍ଲୀର ସୁଧୀର ବିଶ୍ୱାଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସୁଧୀରଙ୍କୁ ବାଣପୁର ଜେଲକୁ ଯିବାକୁ ପଡିଛି। ପୂର୍ବରୁ ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୮ ସେପ୍ଟେମ୍ବର ୧୬ ରେ ବାଣପୁର ଥାନା ଖ୍ରୀଷ୍ଟପଲ୍ଲୀ ଗ୍ରାମର ପ୍ରଶାନ୍ତ ସାହୁ ବିଦ୍ୟୁତ ଆଘାତରେ ଗୁରୁତର ହୋଇପଡିଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପ୍ରଶାନ୍ତଙ୍କ କେତେଜଣ ସମ୍ପର୍କୀୟ ପ୍ରଶାନ୍ତ ହଲଚଲ ହେଉଥିବା ପ୍ରକାଶ କରି ପୁନର୍ବାର ଚିକିତ୍ସା ପାଇଁ ଡାକ୍ତରଙ୍କ ନିକଟରେ ଦାବି କରିବା ସହ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି କରିଥିଲେ। ତେବେ ମୃତବ୍ୟକ୍ତିଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ଅସଙ୍ଗତ ଘଟଣା ଦର୍ଶାଇ ଡାକ୍ତର ଅକ୍ଷମତା ପ୍ରକାଶ କରିଥିଲେ। ଏ ଘଟଣା ପରେ ଡାକ୍ତରଙ୍କ ଉପରେ କ୍ଷୁବ୍ଧ ହୋଇ ଉପସ୍ଥିତ କେତେଜଣ ଯୁବକ କାର୍ଯ୍ୟରତ ଦୁଇ ଡାକ୍ତରଙ୍କୁ ମାଡ ମାରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭଙ୍ଗାରୁଜା କରିଥିଲେ।

■ ଫନୀରେ ଭାଙ୍ଗିଲା ଷ୍ଟାଫ କ୍ୱାର୍ଟର୍ସ ରୁମ୍

# ଦୁର୍ଦ୍ଦଶା ଭୋଗୁଛନ୍ତି କର୍ମଚାରୀ

**ବେଗୁନିଆ, ୧୫।୭(ଡି.ଏନ୍.ଏ.) –**

### ସେବା ଯୋଗାଇବାରେ ସମସ୍ୟା



ସିକୋ ସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ କ୍ୱାର୍ଟର୍ସ ଭାଙ୍ଗିରୁଜି ଯାଇଛି ।

ବାତ୍ୟା ଫନୀକୁ ଇତିମଧ୍ୟରେ ୭୫ ଦିନ ବିତିଯାଇଛି। ହେଲେ ଏଯାଏ ଅନେକ ସମସ୍ୟାର ସମାଧାନ ହୋଇପାରୁନାହିଁ। ପ୍ରଶାସନର ଅବହେଳା ଯୋଗୁ ବହୁ ବିପନ୍ନ ଦୁଃଖରେ କାଳାତିପାତ କରୁଛନ୍ତି। ବିଶେଷକରି ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ କ୍ଷେତ୍ରରେ ଗୁରୁତର ସମସ୍ୟା ଦେଖାଦେଇଛି। ଖୋର୍ଦ୍ଧା ଜିଲା ବେଗୁନିଆ ଅଞ୍ଚଳରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ଏବଂ ଉପକରଣ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା। ପ୍ରାଥମିକ କ୍ଷୟକ୍ଷତିର ଆକଳନରୁ ପ୍ରାୟ ୭୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣପାଡିଥିଲା। ଅନ୍ୟପକ୍ଷରେ ୨ଟି ସ୍ଥାନରେ ଷ୍ଟାଫ୍ କ୍ୱାର୍ଟର୍ସ ରୁମ୍ ଭାଙ୍ଗିରୁଜି ଯାଇଛି। ଫଳରେ କର୍ମଚାରୀମାନେ ନିଜ ନିଜର ନିଯୁକ୍ତି କେନ୍ଦ୍ରରେ ନ ରହି ଯାଯାବର ଜୀବନଯାପନ ବିତାଉଛି। ଏଥିଯୋଗୁ ରୋଗୀ ସେବା ବ୍ୟାହତ ହେଉଛି। ମେ ୩ ରେ ଫନୀ ତାଣ୍ଡବ ରଚିଥିଲା। ଏଥିଯୋଗୁ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା କର୍ମଚାରୀ ରହଣି ରୁମ୍‌ର ୩ ବଖରା, ସିକୋ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଗୃହ, ବେଙ୍ଗିଟାଙ୍ଗୀ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଗୃହ ଭାଙ୍ଗିଯାଇଥିଲା। ସିମୋର ଏବଂ ବେଗୁନିଆ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା କେନ୍ଦ୍ରର ଗୃହ ନଷ୍ଟ ହୋଇଯାଇଛି। ସେହିପରି ଡାଳତୋଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଷ୍ଟାଫ କ୍ୱାର୍ଟର୍ସ ରୁମ୍‌କୁ ଏଯାଏ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ତେବେ ଏଥିପ୍ରତି ସରକାରଙ୍କ ଦୃଷ୍ଟି ପଡୁ ବୋଲି ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଜଣେ କର୍ମଚାରୀ କୁହନ୍ତି, ଭାଙ୍ଗିଯାଇଥିବା ଗୃହଗୁଡ଼ିକର ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

### ପାରିକୁଦ ଗଡ଼ରେ ଗୁରୁପୂର୍ଣ୍ଣିମା, ଭଜନ ପ୍ରତିଯୋଗିତା

**କୃଷ୍ଣପ୍ରସାଦ,୧୬।୭(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ଗଡ ଗାନ୍ଧୀଛକସ୍ଥିତ ଶ୍ରୀ ଶିରିଡି ସାଇବାବାଙ୍କ ପୀଠରେ ମଙ୍ଗଳବାର ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି । ଶିରିଡ଼ି ସାଇ ସଂସ୍ଥାନ ତରଫରୁ ସାଇ ସଂକୀର୍ତ୍ତନ, ସାଇ ସତ୍‌ଚରିତ ପାରାୟଣ, ନାରାୟଣ ସେବା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସମ୍ପାଦକ ଲିଙ୍ଗରାଜ ଗୌଡ଼ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଉତ୍ସବକୁ କୃଷ୍ଣପ୍ରସାଦ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଅକ୍ଷୟ କୁମାର ଶତ୍ରୁଶଲ୍ୟ ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସରପଞ୍ଚ ରମେଶ ଚନ୍ଦ୍ର ବାହୁବଳେନ୍ଦ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ କଳାକାରଙ୍କୁ ନେଇ ଭଜନ ସମାରୋହ, ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନିକୁଞ୍ଜ କୁମାର ବାରିକୀ, ପ୍ରମୋଦ କୁମାର ପ୍ରଧାନ, ବାଙ୍କନିଧି ଗୌଡ଼, ଶରତ ଚନ୍ଦ୍ର ମହାରଣା, ବିଜୟ କୁମାର ଜେନା ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ । ଅନୁଷ୍ଠାନର ସଭାପତି ରମେଶ ଚନ୍ଦ୍ର ବିଶ୍ୱାଳ, କାର୍ଯ୍ୟକାରୀ ସମ୍ପାଦକ ନବୀନ କୁମାର ଜେନା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ସଚେତନତା ଶିବିର

**ଖୋର୍ଦ୍ଧା ଅଫିସ,୧୬।୭**

ଖୋର୍ଦ୍ଧା ବ୍ଲକ ଆତ୍ମା ସଭାଗୃହରେ ଖରିଫ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ନାରାୟଣ ସେଠୀ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଉପକୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସହକାରୀ କୃଷି ଅଧିକାରୀ ସୁବ୍ରତ ରଥ ଧାନ ଚାଷର ବୀମା କାହିଁକି କରିବା କୃଷକ ଓ କୃଷକ ସାଥୀମାନଙ୍କୁ ବୁଝାଇଥିଲେ। ସ୍ୱଳ୍ପ ବୃଷ୍ଟିରେ ମରୁଡି, ବନ୍ୟା ଓ ବାତ୍ୟାରେ ଫସଲ ନଷ୍ଟ ହେଲେ ସହାୟତା ନିଶ୍ଚିତ ମିଳିବ। ବ୍ଲକ ସହକାରୀ କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ବୀମା କମ୍ପାନୀର ପରାମର୍ଶଦାତା ସୋମନାଥ ବଳିଆରସିଂ ଯୋଗ ଦେଇ ଫସଲ ବୀମାର ସୁଫଳ ଉପରେ ଟିପ୍ପଣୀ ରଖିଥିଲେ। ସହକାରୀ ବୈଷୟିକା ପ୍ରବନ୍ଧିକା ପ୍ରଜ୍ଞା ସୁନନ୍ଦିତା ମିଶ୍ର ଧନ୍ୟବାଦ ଦେଇଥିଲେ। ପରେ ଏହାର ସଚେତନତା ପାଇଁ ରଥ ପରିକ୍ରମା କରିଥିଲା।



ଆତ୍ମା ସଭା ଗୃହ ନିକଟରୁ ବାହାରିଥିବା ଶୋଭାଯାତ୍ରା ରଥ ।

## ଧାରଣାରୁ ହଟିଲେ ଜଳ ଓ ପରିମଳ ମିଶନ କର୍ମଚାରୀ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ):**

ଚାକିରିରୁ ଛଟେଇ ପ୍ରତିବାଦରେ ଲୋୟର ପିଏମଜିଠାରେ ଧାରଣା ଦେଇଥିବା ଜଳ ଓ ପରିମଳ ମିଶନ କର୍ମଚାରୀ ସଂଘ ମଙ୍ଗଳବାର ଧାରଣାକୁ ସ୍ଥଗିତ କରିଛନ୍ତି। ଗତ ୮ ତାରିଖରୁ ୯ ଦିନ ଧରି ଧାରଣାରେ ବସିବା ପରେ ସରକାର ସେମାନଙ୍କ କଥା ନ ଶୁଣିବାରୁ ସଂଘ ଧାରଣାରୁ ହଟିଯାଇଛି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆସନ୍ତା ୧୫ ତାରିଖ ସୁଦ୍ଧା ପୁନଃ ନିଯୁକ୍ତି ଦିଆ ନ ଗଲେ ସପରିବାର ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି।

## ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

**ବୋଲଗଡ଼,୧୬।୭(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ଓ ଅନ୍ୟାନ୍ୟ ସ୍ଥାନରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗେଡିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏନ୍‌ସିସି ଅଧିକାରୀ ଦିବାକର ସାହୁ, ଶିକ୍ଷୟିତ୍ରୀ/ଶିକ୍ଷକ, କ୍ୟାଡ଼େଟ୍ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବୃକ୍ଷରୋପଣ, ସବୁଜ ବନାନୀକରଣ ପାଇଁ ଏକ ସଚେତନାତ୍ମକ ଶୋଭାଯାତ୍ରାରେ ସମସ୍ତେ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲେ। ସେହିପରି ପିଟୁକୁଳିସ୍ଥିତ ଶ୍ରୀରଘୁନାଥଦେବ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଇକୋ କ୍ଲବ ଦାୟିତ୍ୱରେଥିବା ଶିକ୍ଷକ ବିଚିତ୍ରାନନ୍ଦ ରାୟଗୁରୁ ମହାପାତ୍ରଙ୍କ ନେତୃତ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉଦ୍ଦେଶ୍ୟରେ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାବ୍ୟତୀତ ସାନପଦର ସାରସ୍ୱତ ପାଠାଗାର ପକ୍ଷରୁ ବୃକ୍ଷ ବୃଦ୍ଧି ନିମନ୍ତେ ୩ ହଜାର ଚାରା ବଣ୍ଟନ କରାଯାଇଛି । ସୂଚନାଯୋଗ୍ୟ, ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କେତେକ ବିଦ୍ୟାଳୟ ସମେତ ନାଗାପଲ୍ଲୀ ସଂରକ୍ଷିତ ବନ ଅଞ୍ଚଳରେ ବୃକ୍ଷରୋପଣ କରାଯାଇଛି ।




ଅତିଥିଙ୍କ ଦ୍ୱାରା ଚାରାରୋପଣ କରାଯାଉଛି।

■ ୬୦ ବର୍ଷର କୀଟନାଶକ ମାଟିରେ ପୋତିବା ଘଟଣା

# ଜଳ ଜହରର ସ୍ୱୀକାରୋକ୍ତି ପରେ ନାହିଁ ପ୍ରତିକାର

**ଖୋର୍ଦ୍ଧା ଅଫିସ,୧୬।୭**



ପାଣି ଦୂଷିତ ହେବାରୁ ଜିଲାପାଳଙ୍କୁ ଫେରାଦ ହେଉଛନ୍ତି ଜଟଣୀ ୧୧ନଂ ୱାର୍ଡ ବାସିନ୍ଦା ।

■ ଦାୟିତ୍ୱହୀନ କର୍ମଚାରୀ ଓ ଠିକାଦାରଙ୍କ ବିରୋଧରେ ନାହିଁ କାର୍ଯ୍ୟାନୁଷ୍ଠାନ

■ ଛାତ୍ର କଂଗ୍ରେସ, ୧୧ନଂ. ୱାର୍ଡବାସୀଙ୍କ ଜିଲାପାଳଙ୍କୁ ଫେରାଦ

ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ ମାର୍କଫେଡ୍ ଗୋଦାମର ଗର୍ତ୍ତରେ ୬୦ ବର୍ଷର କୀଟନାଶକ ପୋତିବା ଘଟଣାରେ ଦାୟିତ୍ୱହୀନ କର୍ମଚାରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯିବାରେ କଚ୍ଛପ ନୀତି ଅବଲମ୍ବନ କରାଯାଉଛି। ସେହିଭଳି କୀଟନାଶକ ପୋତିବା ପରେ ଜଟଣୀ ସହରର ୧୧ ନଂ. ୱାର୍ଡର ଭୂତଳ ଜଳ ଜହର ହୋଇଯାଇଛି ବୋଲି ଠିକାଦାର ଏବଂ ମାର୍କଫେଡ୍‌ର ମ୍ୟାନେଜରଙ୍କ ସ୍ୱୀକାରୋକ୍ତି ପରେ ପ୍ରତିକାର ବ୍ୟବସ୍ଥା କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ଏଭଳିସ୍ଥଳେ ଜହର ଜଳର ସ୍ଥାୟୀ ପ୍ରତିକାର, ଦାୟିତ୍ୱହୀନ ମାର୍କଫେଡ୍ କର୍ମଚାରୀ ଓ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ମଙ୍ଗଳବାର ଜିଲାପାଳଙ୍କ ନିକଟରେ ୧୧ନଂ. ୱାର୍ଡର ବାସିନ୍ଦା ଓ ଓଡ଼ିଶା ଛାତ୍ର ପ୍ରଦେଶ କଂଗ୍ରେସ ଫେରାଦ୍ ଦେଇଛନ୍ତି। ସେହିଭଳି ଡିସିପି ଭୁବନେଶ୍ୱର, ମାନବିକ ଅଧିକାର କମିଶନ ଭୁବନେଶ୍ୱର, ତହସିଲଦାର ଜଟଣୀ, ଜଟଣୀ ଜେଏମ୍‌ଏଫସିଙ୍କ ନିକଟରେ ଅନୁରୂପ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ ଗତ ୨୮ ତାରିଖରେ ମାର୍କଫେଡ୍ ଗୋଦାମର ଗର୍ତ୍ତରେ ୬୦ ବର୍ଷର କୀଟନାଶକ ପୋତାଯାଇଥିଲା। ଏଗୁଡିକ ଏକ୍ସପାଏରି ହୋଇଥିଲେ ମଧ୍ୟ ମାଟିରେ ପୋତିଲେ ଏହାର ଭୟାବହତା କ'ଣ ହେବ ତା'ର ସମୀକ୍ଷା କରାଯାଇ ନ ଥିଲା। ବର୍ଷା ପରେ ପୋତାଯାଇଥିବା କୀଟନାଶକର ପ୍ରଭାବ ପଡିଲା କି ନାହିଁ ତା'ର ମଧ୍ୟ ସମୀକ୍ଷା ହୋଇ ନ ଥିଲା। ସେହିଭଳି କୀଟନାଶକ ପୋତାଯିବା ପରେ ଜଳ ଜହର ପାଲଟିଥିଲେ ମଧ୍ୟ ଏହାର ପ୍ରତିକାର କରାଯାଉନି। କେବଳ ରିପୋର୍ଟରେ ତ୍ରୁଟି ହୋଇଛି ବୋଲି ସ୍ୱୀକାରୋକ୍ତି କରି ଦେଲେ ଘଟଣାର ସମାଧାନ ହୋଇ ଯାଏନା। ଜହର ପାଲଟିଥିବା ଜଳ କେବଳ ମଣିଷ ନୁହେଁ ସମସ୍ତ ଜୀବଜଗତ ପାଇଁ କ୍ଷତି ସାବ୍ୟସ୍ତ ହେବ। ପାନୀୟ ଜଳ ଓ ଗାଧୋଇବା କାରଣରୁ ୧୧ ନଂ. ୱାର୍ଡ ବାସିନ୍ଦା ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ରହିଛି। ଦେଖାଯାଉ ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ଜିଲା ପ୍ରଶାସନ କେଉଁ ପଦକ୍ଷେପ ନେଉଛି। ଏ ନେଇ ଉପକୃଷି ନିର୍ଦ୍ଦେଶକ ଭାସ୍କର ବାରିକ କୁହନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ପାଣି ସମ୍ପୁଲ ସଂଗ୍ରହ କରି ପରୀକ୍ଷଣ ପାଇଁ ଆରଡବ୍ଲ୍ୟୁଏସ୍‌ଏସ୍‌କୁ ଦିଆଯାଇଛି।



ପାନେ ବିଷ ଜଣକୁ ମାରି ଦେଇପାରେ, କିନ୍ତୁ ଖଣ୍ଡିଏ ଖରାପ ପୁସ୍ତକ ଯୁଗ ଯୁଗ ଧରି ମନୁଷ୍ୟ ସମାଜରେ ବିଷ ସଞ୍ଚାର କରୁଥାଏ।
-ଥୋମାସ ମୁରେ



## ସଂକ୍ଷେପରେ

### ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ, ଯୁବକ ଗିରଫ

**ପୁରୀ ଅଫିସ,୧୬।୭:** ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ଚନ୍ଦନପୁର ଥାନା ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବ୍ରହ୍ମଗିରି ଥାନା ଅଧୀନ ଗଡକୋକଲ ଗ୍ରାମର ରାହୁଲ ଭୋଇ (୨୩)। ପୋଲିସ ସୂଚନା ମୁତାବକ, ରାହୁଲ ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଉଠାଇ ସୋସିଆଲ ମଡ଼ିଆରେ ଭାଇରାଲ କରିଥିଲେ। ସମ୍ପୃକ୍ତ ଯୁବତୀ ଚନ୍ଦନପୁର ଥାନାରେ ଅଭିଯୋଗ କରିଥିଲେ।

### ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ପୁରୀ ଅଫିସ, ୧୬।୭:** ଲୋକନାଥ ରୋଡ଼ ନିକଟ ରାସ୍ତାକଡ଼ରୁ ବାସେଳି ସାହି ଥାନା ପୋଲିସ ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ତାଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ପ୍ରାୟ ୭୦ରୁ ୮୦ବର୍ଷ ମଧ୍ୟରେ ହେବ ବୋଲି ପୋଲିସ କହିଛି। ସେ ଗତ କିଛିଦିନ ଧରି ସେଠାରେ ରହୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଚୋରି ଅଭିଯୋଗରେ ୨ ଗିରଫ

**ପୁରୀ ଅଫିସ,୧୬।୭ :** ଘରେ ପଶି ଚୋରି ଅଭିଯୋଗରେ ବାସେଳିସାହି ଥାନା ପୋଲିସ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଲୋକନାଥରୋଡ଼ର ସନ୍ତୋଷ ମୁଦୁଲି (୨୨)। ସୂଚନା ଅନୁଯାୟୀ, ଗତ ଜୁନ ୨୦ତାରିଖରେ ଗୋବିନ୍ଦ ମିଶ୍ରଙ୍କ ପରିବାର ଘରେ ତାଲା ପକାଇ ବାହାରକୁ ଯାଇଥିଲେ। ସନ୍ତୋଷ ସେହି ଦିନ ରାତିରେ ତାଙ୍କ ଘରେ ପଶି ଜିନିଷପତ୍ର ଭଙ୍ଗାରୁଜା କରିବା ସହ କିଛି ସାମଗ୍ରୀ ଚୋରି କରି ନେଇଯାଇଥିଲେ। ସେହିପରି ମୋବାଇଲ ଚୋରି ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଦାଣ୍ଡିମାଳି ସାହିର ସନ୍ତୋଷ କୁମାର ଦାସଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, କଟକ ମଙ୍ଗରାଜପୁର ଗ୍ରାମର ସୋମନାଥ ସାହୁ ଗତ ୧୪ ତାରିଖରେ ପୁରୀ ଆସି ବାୟା ବାୟାବାବା ମଠରେ ରହିଥିଲେ। ଏହି ସମୟରେ ସନ୍ତୋଷ ତାଙ୍କ ମୋବାଇଲ ଚୋରାଇ ନେଇଥିବା ସୋମନାଥ ଅଭିଯୋଗ କରିଥିଲେ।

### ନିଶା କାରବାର: ଜଣେ ଗିରଫ

**ପୁରୀ ଅଫିସ,୧୬।୭:** ବେଆଇନ ନିଶା କାରବାର ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ସୋମବାର ଜଣକୁ ଗିରଫ କରିଛି। ସେ ହେଲେ ଧୋବାସାହିର ଶୁଭ୍ରାଂଶୁ ମହାନ୍ତି(୨୭)। ରବିବାର ରାତିରେ ଧୋବାସାହି ବହୁମୁଖୀ ଆଶ୍ରୟସ୍ଥଳରେ ଶୁଭ୍ରାଂଶୁ ଏବଂ ଅନ୍ୟ ଜଣେ ଯୁବକ ଏକ ବ୍ୟାଗରେ କୋରାକ୍ସ ବିକ୍ରି କରୁଥିଲେ। ଖବର ପାଇ ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ସାଦା ପୋଷାକରେ ଗ୍ରାହକ ସାଜି ତାଙ୍କ ନିକଟକୁ ଯାଇଥିଲା। ଶୁଭାଂଶୁ କୋରାକ୍ସ ବୋତଲ ହାତକୁ ବଢ଼ାଇବା ବେଳେ ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ଘଟଣାସ୍ଥଳରୁ ଅନ୍ୟଜଣେ ଫେରାର ହୋଇଯାଇଥିଲେ।

### କଣାସରେ ଚୋରା ମଦ କାରବାର ବୃଦ୍ଧି

**କଣାସ, ୧୬।୭(ସ୍ୱ.ପ୍ର.):** କଣାସ ବ୍ଲକର ପ୍ରତ୍ୟେକ ଗ୍ରାମ, ବଜାର ଛକ ମାନଙ୍କରେ ଥିବା ପାନ ଦୋକାନ, ଚା'ଦୋକାନ, ରାଶନ ଦୋକାନରେ ପ୍ରଚୁର ପରିମାଣର ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଏହାର କୁପ୍ରଭାବ ବିଶେଷ ଭାବରେ ଛାତ୍ରୀଛାତ୍ରଙ୍କ ଉପରେ ପଡୁଥିବା ଦେଖାଯାଉଛି। ମଦର କୁପ୍ରଭାବ ଯୋଗୁ ଦିନରେ ଝିଅ ବୋହୂ, ବୁଦ୍ଧିଜୀବୀମାନେ ଯିବାକୁ ନିରାପଦ ମଣୁନାହାନ୍ତି। ବିଶେଷ ଭାବରେ ରଣପୁର ଅଞ୍ଚଳରୁ ଦେଶୀ ମଦ ଚୋରାରେ ଆସି କଣାସ ଅଞ୍ଚଳରେ ବିକ୍ରି ହେଉଥିବାରୁ ଆଗାମୀ ଦିନରେ କଣାସ ଅଞ୍ଚଳରେ ମଦ ମୃତ୍ୟୁ ଘଟିବାର ଆଶଙ୍କା ଦେଖାଦେଇଛି। ଏତେ ପରିମାଣରେ ଚୋରା ମଦ ବିକ୍ରି ହେଉଥିଲେ ମଧ୍ୟ ଅବକାରୀ ବିଭାଗର ବଡବାବୁମାନେ କାହିଁକି ନୀରବ ରହୁଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।

■ଗୋବର୍ଦ୍ଧନ ମଠରେ ଗୁରୁପୂର୍ଣ୍ଣିମା ମହୋତ୍ସବ

# ଜ୍ଞାନ ମାର୍ଗ ହିଁ ଅଧିକ ଶକ୍ତିଶାଳୀ: ରାଜ୍ୟପାଳ

**ପୁରୀ ଅଫିସ,୧୬।୭**

ବିଶ୍ୱରେ ବର୍ତ୍ତମାନ ଶାନ୍ତିର ଆବଶ୍ୟକତା ରହିଛି। ଏହି ଶାନ୍ତି ପ୍ରତିଷ୍ଠାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ସାଧୁସନ୍ଥଙ୍କ ଅବଦାନ ବେଶ୍ ମହତ୍ୱପୂର୍ଣ୍ଣ। ବିଶ୍ୱକୁ ଜଗଦ୍‌ଗୁରୁ ଶଙ୍କରଚାର୍ଯ୍ୟ ହିଁ ଦିଗ୍‌ଦର୍ଶନ ଦେଖାଇପାରିବେ ବୋଲି କହିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ପବିତ୍ର ଆଷାଢ଼ ପୂର୍ଣ୍ଣିମା ତିଥିରେ ମଙ୍ଗଳବାର ଗୋବର୍ଦ୍ଧନ ମଠରେ ଗୁରୁପୂର୍ଣ୍ଣିମା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ଅନୁଷ୍ଠିତ ଧର୍ମସଭାରେ ରାଜ୍ୟପାଳ ଯୋଗଦେଇ କହିଥିଲେ, ଜ୍ଞାନ ମାର୍ଗ ହିଁ ସବୁଠୁ ଅଧିକ ଶକ୍ତିଶାଳୀ। ଶଙ୍କରାଚାର୍ଯ୍ୟ ଯେଉଁ ବୈଦିକ ଗଣିତ ରଚନା କରିଛନ୍ତି ତାହାକୁ ଆଇଆଇଟିରେ ପଢାଇବା ଲାଗି ପରାମର୍ଶ ଦେଇଛି। ଏହି ଅବସରରେ ରାଜ୍ୟପାଳ ବୈଦିକ ଗଣିତର ଉପାଦେୟତା ସମ୍ପର୍କରେ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ।

ସଭାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦେଇ କହିଥିଲେ, ଧର୍ମତନ୍ତ୍ର ଏବଂ ରାଜତନ୍ତ୍ର ମଧ୍ୟରେ ସୁସମ୍ପର୍କ ରହିଲେ ସମାଜ ତଥା ରାଜ୍ୟର ବିକାଶ ହୋଇପାରିବ। ୨,୫୦୦ ବର୍ଷ ପୂର୍ବେ ଭଗବତପାଦ ଆଦି ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ପୁନଃ ସ୍ଥାପନା କରାଇଥିଲେ। ପୂର୍ବରୁ ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ଶ୍ରୀମନ୍ଦିର ସୁପରିଚାଳିତ ହେଉଥିଲା। ବର୍ତ୍ତମାନ କିନ୍ତୁ ସେହି ପରମ୍ପରା କିମ୍ବା ବ୍ୟବସ୍ଥା ଆଉ ନାହିଁ। ସେହିପରି ଗୋବର୍ଦ୍ଧନ ପୀଠ ସମ୍ପର୍କରେ ସେ କହିଥିଲେ ଏହା ହେଉଛି ଭାରତୀୟ ସଂସ୍କୃତି ଓ ପରମ୍ପରା ମହାନ ପୀଠ। ସନାତନ ବୈଦିକ ଧର୍ମର ପବିତ୍ର ସ୍ଥଳ। ଭାରତୀୟ ସଂସ୍କୃତି, ସଭ୍ୟତା ଓ ପରମ୍ପରା ସୁରକ୍ଷା ଦିଗରେ ଶଙ୍କରାଚାର୍ଯ୍ୟଙ୍କ ଅବଦାନ ଅତୁଳନୀୟ। କିନ୍ତୁ ରାଜ୍ୟ ସରକାର ପୀଠ ମହିମା ବୁଝିନାହାନ୍ତି। ଆମକୁ ଶ୍ରୀମନ୍ଦିର ଏବଂ ଗୋବର୍ଦ୍ଧନ ମଠକୁ ଅଧିକ ସୁଦୃଢ଼ କରିବାକୁ ହେବ ବୋଲି ଗଜପତି କହିଥିଲେ । ଶ୍ରୀମନ୍ଦିର ଧାର୍ମିକ ବିଧି ବ୍ୟବସ୍ଥାର ସର୍ବୋଚ୍ଚ ହେଉଛନ୍ତି ଶଙ୍କରାଚାର୍ଯ୍ୟ। କିନ୍ତୁ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୫ରେ ଗୋବର୍ଦ୍ଧନ ପୀଠ ଏବଂ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ଗୋଟିଏ ବି ଶବ୍ଦ ନାହିଁ । ସେହିପରି ଶ୍ରୀମନ୍ଦିର ରେକର୍ଡ ଅଫ୍ ରାଇଟ୍ସରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ଅତି ସଂକ୍ଷିପ୍ତ ଭାବେ ଉଲ୍ଲେଖ କରାଯାଇଛି, ଯାହାର ସେମିତି କୌଣସି ବିଶେଷ ଅର୍ଥ ନାହିଁ ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ ଗଜପତି । ସେହିପରି ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଗୋ ମାତାଙ୍କ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତୀୟ ଗୋ ବଂଶଙ୍କ ପ୍ରତି ବିଦେଶୀଙ୍କ ଶ୍ରଦ୍ଧା ବଢୁଥିବାବେଳେ ଭାରତୀୟଙ୍କଠାରେ କିନ୍ତୁ ସେଭଳି ପରିଲକ୍ଷିତ ହେଉନାହିଁ। ଦେଶୀ ଗାଈଙ୍କ ଗୋବର ଏବଂ ଗୋମୂତ୍ର ଭଳି ପବିତ୍ର ବସ୍ତୁ ଦୁନିଆରେ କିଛି ନାହିଁ। ଏଥିରେ ପର୍ଯ୍ୟାପ୍ତ ଶକ୍ତି ରହିଛି। ଏହା କେବଳ ଆସ୍ଥା କିମ୍ବା ବିଶ୍ୱାସ ନୁହେଁ ଆଧୁନିକ ବିଜ୍ଞାନ ମଧ୍ୟ ଏହା ପ୍ରମାଣିତ କରିଛି ବୋଲି ପରମହଂସ ପ୍ରଜ୍ଞାନାନନ୍ଦ କହିଥିଲେ । ସଭାରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ତାରାପ୍ରସାଦ ବାହିନୀପତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ୨ଟି ପୁସ୍ତକକୁ ରାଜ୍ୟପାଳ ଏବଂ ଗଜପତି ମହାରାଜା ଉନ୍ମୋଚନ କରିଥିଲେ।

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ବେଦ, ଶାସ୍ତ୍ର ସମ୍ମତ ପରମ୍ପରା ଉପରେ ଆଶୀର୍ବଚନ ପ୍ରଦାନ କରିଥିଲେ। ଶଙ୍କରାଚାର୍ଯ୍ୟ କହିଥିଲେ, ମାତା, ପିତା ଓ ଗୁରୁ ଗୋବିନ୍ଦ ଗ୍ରନ୍ଥର ଆଶ୍ରୟ ନିଅ। ଏହା ଜୀବନକୁ ଶ୍ରେଷ୍ଠ କରି ଗଢିତୋଳିବ ଏବଂ ଅହଂକାରକୁ ବିନାଶ କରିବ। ସନାତନ ବୈଦିକ ଧର୍ମର ସ୍ମରଣ ଦ୍ୱାରା ମଣିଷ ଭଗବାନଙ୍କ ଶ୍ରଦ୍ଧାପ୍ରାପ୍ତ ହେବ। ପରମ୍ପରାକୁ ଉଲ୍ଲଂଘନ କରିବା ଦ୍ୱାରା ବିଭିନ୍ନ ପ୍ରକାର ସଙ୍କଟ ସୃଷ୍ଟି ହେଉଛି। ଶାସ୍ତ୍ର ସମ୍ମତ ପରମ୍ପରାକୁ ସବୁବେଳେ ମାନିବା ଦରକାର ବୋଲି ଜଗଦ୍‌ଗୁରୁ ମତବ୍ୟକ୍ତ କରିଥିଲେ। ଗୋବର୍ଦ୍ଧନ ମଠର ମୁଖପାତ୍ର ମନୋଜ ରଥ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ରାଜ୍ୟର ଶିଷ୍ୟ ସାଧକ ଓ ପ୍ରତିନିଧି ଯୋଗଦେଇଥିଲେ ।



ପୁରୀ ଗୋବର୍ଦ୍ଧନ ପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ସ୍ୱାମୀ ପ୍ରଜ୍ଞାନାନନ୍ଦଜୀ ମହାରାଜ।

■ଗୋବର୍ଦ୍ଧନ ପୀଠର ମହିମା ବୁଝୁନାହାନ୍ତି ସରକାର

■ଦେଶୀ ଗାଈଙ୍କ ଗୋବର, ମୂତ୍ର ସବୁଠୁ ପବିତ୍ର

■ଫନୀକୁ ଦୁଇ ମାସ ବିତିଲା

# ରିଲିଫରୁ ବଞ୍ଚିତ ବିନା ରାଶନକାର୍ଡଧାରୀ

**ନିମାପଡ଼ା,୧୬।୭(ଡି.ଏନ୍.ଏ.)**

ବାତ୍ୟା 'ଫନୀ'ରେ ନିମାପଡ଼ା ବ୍ଲକର ୩୨ଟି ପଞ୍ଚାୟତ ଓ ଏନ୍ଏସିର ୧୧ଟି ୱାର୍ଡ ଧ୍ୱସ୍ତବିଧ୍ୱସ୍ତ ହୋଇପଡ଼ିଥିଲା। ପ୍ରାୟ ୫୨ହଜାର ପରିବାରର ୨ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବିପନ୍ନ ହୋଇପଡିଥିଲେ। ବାତ୍ୟା ପ୍ରଭାବିତ ପ୍ରତ୍ୟେକ ବିପନ୍ନ ପରିବାରଙ୍କୁ ୫୦କେଜି ଚାଉଳ ଓ ୩ହଜାର ଟଙ୍କା ସରକାରୀ ରିଲିଫ ଦିଆଯିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ହେଲେ ବାତ୍ୟାର ଦୁଇ ମାସ ପରେ ବି ନିମାପଡ଼ାର ହଜାର ହଜାର ବିପନ୍ନ ପରିବାର ସରକାରୀ ରିଲିଫ ପାଇବାରୁ ବଞ୍ଚିତ ହୋଇଛନ୍ତି। ବାତ୍ୟା ପ୍ରଭାବିତ ନିମାପଡ଼ା ବ୍ଲକର ୩୨ ପଞ୍ଚାୟତର ୪୨ହଜାର ୨୯୨ଜଣ ଓ ଏନ୍ଏସିର ୧୧ ୱାର୍ଡରେ ୨ହଜାର ୮୦୪ଜଣ ରାଶନକାର୍ଡଧାରୀଙ୍କୁ ୫୦କେଜି ଚାଉଳ ଓ ୩ହଜାର ଟଙ୍କା ସରକାରୀ ରିଲିଫ ମିଳିଛି। ସେହିପରି ନିମାପଡ଼ା ବ୍ଲକରେ ପରବର୍ତ୍ତି ସମୟରେ ପ୍ରାୟ ୭ହଜାର ବିନା ରାଶନକାର୍ଡଧାରୀ ବିପନ୍ନ ପରିବାର ଓ ଏନ୍ଏସି ଅଞ୍ଚଳର ୧ହଜାର ୭୮୭ଜଣ ବିନା ରାଶନକାର୍ଡଧାରୀ ପରିବାରଙ୍କୁ ୫୦କେଜି ଚାଉଳ ଓ ୩ହଜାର ଟଙ୍କା ସରକାରୀ ରିଲିଫ ମିଳିଥିବା ବ୍ଲକ ଓ ଏନ୍ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବାତ୍ୟାର ଦୁଇ ମାସ ପରେ ବି ବ୍ଲକ ଓ ଏନ୍ଏସି ଅଞ୍ଚଳର ହଜାର ହଜାର ବିପନ୍ନ ପରିବାର ଏହି ସରକାରୀ ରିଲିଫ ପାଇବାରୁ ବଞ୍ଚିତ ହୋଇଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରାୟ ୩ ହଜାର ବିନା ରାଶନକାର୍ଡଧାରୀ ସରକାରୀ ରିଲିଫ ପାଇବା ପାଇଁ ଦୀର୍ଘଦିନ ହେବ ବ୍ଲକ କାର୍ଯ୍ୟାଳୟରେ ଦରଖାସ୍ତ ଆବେଦନ କରିଥିବା ବେଳେ ଏନ୍ଏସି କାର୍ଯ୍ୟାଳୟରେ ପ୍ରାୟ ୭ଶହ ବିପନ୍ନ ପରିବାର ଦରଖାସ୍ତ ଦେଇ ଆବେଦନ କରିଥିବା ସର୍ବେକ୍ଷଣରୁ ଜଣାପଡିଛି। ବାତ୍ୟାରେ କ'ଣ ଆମର କ୍ଷତି ହୋଇନାହିଁ, ଆମକୁ କାହିଁକି ଅଣଦେଖା କରାଯାଉଛି ବୋଲି ନକୁଳ ସ୍ୱାଇଁ, ସୁରେନ୍ଦ୍ର ବାରିକ, ସୁଦାମ ପଡିଆରି, ବିଶ୍ୱନାଥ ମଲ୍ଲିକ, ଉମାକାନ୍ତ ମିଶ୍ର, ବିଦ୍ୟୁତ୍‌ଲତା ମିଶ୍ରଙ୍କ ସମେତ ଶତାଧିକ ବିପନ୍ନ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବିଡିଓ ଶ୍ରୀଧର ବିଶ୍ୱାଳ କୁହନ୍ତି, ଯୋଗାଣ ଅଧିକାରୀ, ମଙ୍ଗଳ ପ୍ରସାରଣ ଅଧିକାରୀ, ପ୍ରଗତୀ ସହାୟକ ଓ ଅଙ୍ଗନୱାଡି କର୍ମୀଙ୍କୁ ନେଇ ତଦନ୍ତ ଚାଲିଛି। ତଦନ୍ତ ସରିବା ପରେ ଯୋଗ୍ୟ ବିପନ୍ନ ପରିବାରଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଖୁବ୍‌ଶୀଘ୍ର ରିଲିଫ ପ୍ରଦାନ କରାଯିବ।

# ମହିଳା କଲେ ବେଳାଭୂମି ସଫେଇ



ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳାମାନେ।

**କାକଟପୁର, ୧୬।୭(ଡି.ଏନ୍.ଏ.)**

ଅସ୍ତରଙ୍ଗ ବ୍ଲକର ଜାହାନିଆଁ ବେଳାଭୂମିକୁ ଶତାଧିକ ମହିଳା ମଙ୍ଗଳବାର ସଫା କରିଛନ୍ତି। ଏହି ସଫେଇ କାର୍ଯ୍ୟକ୍ରମକୁ ଅସ୍ତରଙ୍ଗ ବ୍ଲକ ଅଧକ୍ଷ ସ୍ୱାଧୀନ କୁମାର ନାୟକ, ଅବୈତନିକ ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୋଭାକର ବେହେରା ପରିଚାଳନା କରିଥିଲେ। ଗୁଣ୍ଡଳବା ପୀରଜାହାନିଆଁ ବନସୁରକ୍ଷା ସମିତି ସଭାନେତ୍ରୀ ଚାରୁଲତା ବିଶ୍ୱାଳ, ସମ୍ପାଦିକା ଜ୍ୟୋସ୍ନାରାଣୀ ନାୟକ, ଛୁରୀଅନା ପଞ୍ଚାୟତର ମହିଳା ମହାସଂଘ ସଭାନେତ୍ରୀ ମଞ୍ଜୁଲତା ମଲ୍ଲିକ, ସମ୍ପାଦିକା ବନପ୍ରିୟା ବାରିକଙ୍କ ନେତୃତ୍ୱରେ ଶତାଧିକ ମହିଳା ଏଥିରେ ସାମିଲ ହୋଇଥିଲେ। ସପ୍ତାହର ପ୍ରତି ମଙ୍ଗଳବାର ମୋ ବିଚ୍ ସଫେଇ ଅଭିଯାନ କରିବାକୁ ପୁରୀ ଜିଲାପାଳ ନିର୍ଦ୍ଦେଶ ଦେବାପରେ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ଏହି ଅଭିଯାନ ଗତ ୯ତାରିଖରୁ ଆରମ୍ଭ କରାଯାଇଥିଲା।

# ରାସ୍ତା ମରାମତି ନ ହେଲେ ଆନ୍ଦୋଳନ

**କଣାସ, ୧୬।୭(ସ୍ୱ.ପ୍ର.)**

କଣାସ ବ୍ଲକର ମୁଖ୍ୟ ରାସ୍ତା କଣାସ–ଘୋରଡିଆ କେନାଲ ବନ୍ଧର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଭାଟପଡା, ତୁଳସୀପୁର, ତାଳପଡା ଗ୍ରାମବସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ମରାମତି ଦାବି କରି ନିରାଶ ହେବାପରେ ମଙ୍ଗଳବାର ଏ ସମ୍ପର୍କରେ ଏକ ଦାବିପତ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କୁ ଦେଇଛନ୍ତି। ୧୦ ଦିନ ମଧ୍ୟରେ ରାସ୍ତା ମରାମତି ନ କଲେ ଆନ୍ଦୋଳନାତ୍ମକ ପ୍ରନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। କଣାସଠାରୁ ଭାଟପଡା, କାତପଡା, ତ୍ରିଲୋଚନପୁର, ନୂଆହାଟ, ବାଲିହୁଙ୍କା, ଶିଶୁଆପଡା ଦେଇ ଘୋରଡିଆ ପର୍ଯ୍ୟନ୍ତ ଯାଇଥିବା ଏହି ୧୦କିମି ବିଶିଷ୍ଟ ରାସ୍ତାରେ ବଡବଡ ଖାଲ ସୃଷ୍ଟିହୋଇ ବର୍ଷାପାଣି ଜମାରହି ଯାତାୟାତରେ ବହୁ ଅସୁବିଧା ସୃଷ୍ଟି କରୁଛି। ଏହି ରାସ୍ତା ଉପରେ ଦୈନନ୍ଦିନ ପାଣ୍ଡିଆକେରା, ତ୍ରିଲୋଚନପୁର, ଗଡବଡପୁଟ, ଗଡସାନପୁଟ ଗ୍ରାମ ପଞ୍ଚାୟତର ଜନସାଧାରଣ କଣାସ ଡାକ୍ତରଖାନା, ବ୍ଲକ ଅଫିସ୍, ତହସିଲ ଅଫିସ୍, କୃଷିବିଭାଗ ଅଫିସ୍, ମୁଖ୍ୟପ୍ରାଣୀଚିକିତ୍ସା କେନ୍ଦ୍ରକୁ ଯାତାୟାତ କରନ୍ତି। ଏହାଛଡ଼ା ଛାତ୍ରୀଛାତ୍ରମାନେ କଣାସ ମହାବିଦ୍ୟାଳୟ, କଣାସ ସରକାରୀ ଉଚ୍ଚବିଦ୍ୟାଳୟ ଏବଂ ଆଖପାଖ ୧୫ଟି ଗ୍ରାମର ଜନସାଧାରଣ ଦୈନନ୍ଦିନ କଣାସ ବଜାରକୁ ରାଶନ ସାମଗ୍ରୀ ଓ ହାଟ କରିବାପାଇଁ ଯାଇଥାନ୍ତି। ରାସ୍ତାରେ ଥିବା ଖାଲ ଗୁଡ଼ିକରେ ବର୍ଷା ପାଣି ଜମାହୋଇ ରହିବାରୁ ବାଇକ୍ ଆରୋହୀ ଏବଂ ସାଇକେଲ୍ ଚାଳକମାନେ ରାସ୍ତାରେ ପଡି ଆହତ ହେଉଛନ୍ତି। ଏ ସମ୍ପର୍କରେ କଣାସ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଠାରୁ ଦାବି ପତ୍ର ପାଇ ଉଚ୍ଚ ଅଧିକାରୀଙ୍କ ନିକଟକୁ ପଠାଇଛି। ଏହି ରାସ୍ତା ମରାମତିପାଇଁ ୯ କୋଟି ଟଙ୍କା ରାଜ୍ୟ ସରକାରଙ୍କ ଠାରୁ ମଞ୍ଜୁର ହୋଇଛି। ଠିକାଦାର ନିଯୁକ୍ତି ପାଇଁ ଟେଣ୍ଡର ଡକାଯାଇଛି। କେତେକ ଠିକାଦାର ଟେଣ୍ଡର ପକାଇଛନ୍ତି ଖୁବ୍‌ଶୀଘ୍ର ରାସ୍ତା ମରାମତି କରାଯିବ।



ଶୋଚନୀୟ ହୋଇପଡିଥିବା କଣାସ–ଘୋରଡିଆ କେନାଲ ବନ୍ଧ।

## ଟୋଲଗେଟ୍ ଜଗୁଆଳିଙ୍କୁ ଆକ୍ରମଣ ଘଟଣା: ଜଣେ ଅଟକ

**ବ୍ରହ୍ମଗିରି, ୧୬।୭(ଡି.ଏନ୍.ଏ.)**

ସତ୍ୟବାଦୀ ଥାନା ଅନ୍ତର୍ଗତ ସୁକଳ ମାର୍କଣ୍ଡପଡା ଟୋଲଗେଟ୍‌ରେ ସୋମବାର ଜଗୁଆଳିଙ୍କୁ ମରାଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖିଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମଗିରି ଅଞ୍ଚଳରୁ ଧାନ ନେବାପାଇଁ ସୋମବାର ତାମିଲନାଡୁର ଏକ ଟ୍ରକ (ଟିଏନ–୫୨ପି–୮୯୮୪) ସୁକଳ ମାର୍କଣ୍ଡପଡା ସ୍ଥିତ ଏକ ଟୋଲ ଗେଟ ଦେଇ ବ୍ରହ୍ମଗିରି ଆସୁଥିଲା। ସେଠାରେ ଜଗୁଆଳି ଭାବେ କାର୍ଯ୍ୟରତ ଥିବା ବ୍ରହ୍ମଗିରି ବ୍ଲକ ଗୌଡିଆଘାଇ ଗ୍ରାମର ଭୁବନେଶ୍ୱର ପ୍ରଧାନ ଟୋଲ ଫି ମାଗିଥିଲେ। ଏହି ସମୟରେ ଉକ୍ତ ଟ୍ରକ ଡ୍ରାଇଭରଙ୍କ ସହ ବଚସା ହୋଇଥିଲା। ଫଳରେ ଟ୍ରକ ଡ୍ରାଇଭର ଉତ୍ତ୍ୟକ୍ତ ହୋଇ ଏକ ଲୁହା ରଡରେ ଭୁବନେଶ୍ୱରଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ଦେଇଥିଲେ। ଫଳରେ ଭୁବନେଶ୍ୱର ଗୁରୁତର ହୋଇଥିଲେ। ଏଭଳି କାଣ୍ଡ ଘଟାଇ ଡ୍ରାଇଭର ଘଟଣାସ୍ଥଳରୁ ଟ୍ରକ ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଟ୍ରକଟିକୁ ପିଛା କରି ବ୍ରହ୍ମଗିରି ଥାନା ଅନ୍ତର୍ଗତ ପଲଙ୍ଗ ଗ୍ରାମରୁ ଜବତ କରି ବ୍ରହ୍ମଗିରି ପୋଲିସକୁ ହସ୍ତାନ୍ତର କରିଥିଲେ। ଘଟଣାଟି ସତ୍ୟବାଦୀ ଥାନା ଅଞ୍ଚଳର ହୋଇଥିବାରୁ ବ୍ରହ୍ମଗିରି ପୋଲିସ ଡ୍ରାଇଭରଙ୍କୁ ଅଟକରଖି ସତ୍ୟବାଦୀ ପୋଲିସକୁ ହସ୍ତାନ୍ତର କରିଛି।

# ବିଦ୍ୟାଳୟ ଶ୍ରେଣୀଗୃହରୁ ସାପ ଉଦ୍ଧାର

**ବ୍ରହ୍ମଗିରି, ୧୬।୭(ଡି.ଏନ୍.ଏ.)**

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଗୌଡସାହି ପ୍ରାଥମିକ ବିଦ୍ୟାଳୟ ପରିସରରୁ ମଙ୍ଗଳବାର ଏକ ନାଗସାପ ଉଦ୍ଧାର କରାଯାଇଛି । ସକାଳୁ ବିଦ୍ୟାଳୟ ଖୋଲି ଛାତ୍ରୀଛାତ୍ରମାନେ ଶ୍ରେଣୀଗୃହରେ ପ୍ରବେଶ କରିବା ସମୟରେ ଏକ ନାଗ ସାପ ଶ୍ରେଣୀଗୃହରେ ରହିଥିବାର ଦେଖିବାକୁ ମିଳିଥିଲା। ଏନେଇ ଛାତ୍ରୀଛାତ୍ରମାନେ ଆତଙ୍କିତ ହୋଇପଡିଥିଲେ। ପରେ ବ୍ରହ୍ମଗିରି ସ୍ନେକ୍ ହେଲ୍‌ପଲାଇନର ସଦସ୍ୟ ସିଦ୍ଧାର୍ଥ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସାପକୁ ଉଦ୍ଧାର କରିବା ପରେ ପାଠ ପଢା ଆରମ୍ଭ ହୋଇଥିଲା।

# ଏସ୍ଏଚ୍‌ଜି ଅର୍ଥ ହଡ଼ପ ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ପାଇଁ ମିଶନ ଶକ୍ତି ନିର୍ଦ୍ଦେଶକଙ୍କୁ ଗୁହାରି

**ପୁରୀ ଅଫିସ,୧୬।୭**

ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ର ସଦସ୍ୟା ଥିବାରୁ ଗୋଷ୍ଠୀରୁ ଲକ୍ଷାଧିକ ଟଙ୍କା ଋଣ ନେଲେ। ହେଲେ ଏବେ ଟଙ୍କା ନ ଦେଇ କିସ୍ତି ଖିଲାପ କରୁଛନ୍ତି। କହିଲେ ଧମକ ଚମକ ଦେଉଛନ୍ତି । ତେଣୁ ସମ୍ପୃକ୍ତ ଅର୍ଥ ହଡ଼ପକାରୀଙ୍କ ବିରୋଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମିଶନ ଶକ୍ତି ନିର୍ଦ୍ଦେଶକଙ୍କ ନିକଟକୁ ମଙ୍ଗଳବାର ସ୍ମାରକପତ୍ର ପଠାଇ ଗୁହାରି ଜଣାଇଛନ୍ତି ସମ୍ପୃକ୍ତ ଏସ୍ଏଚ୍‌ଜି ଗୋଷ୍ଠୀର ଅନ୍ୟ ସଦସ୍ୟ। ସତ୍ୟବାଦୀ ଥାନା ଅଧୀନ ବାଇଁଶବାଡି ଗ୍ରାମର ମା' ଗାୟତ୍ରୀ ଏସ୍ଏଚ୍‌ଜି ଗ୍ରୁପରେ ଏଭଳି ଅବ୍ୟବସ୍ଥା ହୋଇଛି। ମିଶନ ଶକ୍ତି ନିର୍ଦ୍ଦେଶକଙ୍କ ପାଖକୁ ପଠାଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ଏହି ଗ୍ରୁପ୍ ୧୪ବର୍ଷ ହେବ ବିଭିନ୍ନ ପ୍ରକାର ସରକାରୀ ସାହାଯ୍ୟ ଓ ଅର୍ଥ ଦେଣନେଣ ଆଦି ସୁବିଧା ସୁଯୋଗ ବ୍ୟାଙ୍କ ମାଧ୍ୟମରେ ପାଇଆସୁଛନ୍ତି। କିନ୍ତୁ ଗ୍ରୁପ୍‌ର ୪ଜଣ ମହିଳା ବିଭିନ୍ନ ସମୟରେ ଗୋଷ୍ଠୀରୁ ଲକ୍ଷାଧିକ ଟଙ୍କା ଋଣ ନେଇଥିଲେ। ହେଲେ ମନ୍ଦ ଉଦ୍ଦେଶ୍ୟ ରଖି ଟଙ୍କା ନ ଦେଇ ହଡ଼ପ କରିବା ନିମନ୍ତେ କିସ୍ତି ଖିଲାପ କରି ଗ୍ରୁପ୍‌ର କାର୍ଯ୍ୟକ୍ରମକୁ ସୁରୁଖୁରରେ ଚଳାଇବାରେ ବାଧାବିଘ୍ନ ସୃଷ୍ଟି କରୁଛନ୍ତି। ଏଥିରେ ପ୍ରତିବାଦ କଲେ ସେମାନେ ବିଭିନ୍ନ ପ୍ରକାର ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଚମକ ଦେଉଛନ୍ତି। ଏ ସମ୍ପର୍କରେ ପୁରୀ ଜିଲାପାଳ, ଏସ୍‌ପି, ସତ୍ୟବାଦୀ ଥାନା ଆଇଆଇସି ଓ ସତ୍ୟବାଦୀ ସିଡିପିଓଙ୍କୁ ବିଭିନ୍ନ ସମୟରେ ଲିଖିତ ଭାବେ ଅବଗତ କରାଯଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତୁରନ୍ତ ଅର୍ଥ ହଡ଼ପକାରୀଙ୍କ ବିରୋଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବା ଲାଗି ଗ୍ରୁପ୍‌ର ଅନ୍ୟ ସଦସ୍ୟମାନେ ମିଶନ ଶକ୍ତି ନିର୍ଦ୍ଦେଶକଙ୍କୁ ଗୁହାରି କରିଛନ୍ତି।

# ବାଲିହରଚଣ୍ଡୀ ପୀଠରେ ମୋ ବିଚ୍ କାର୍ଯ୍ୟକ୍ରମ

**ବ୍ରହ୍ମଗିରି, ୧୬।୭(ଡି.ଏନ୍.ଏ.)**



ମୋ ବିଚ୍ ଅଭିଯାନରେ ମଙ୍ଗଳବାର ବ୍ରହ୍ମଗିରି ସ୍ଥିତ ବାଲିହରଚଣ୍ଡୀ ପୀଠ, ଭାବକୁଣ୍ଡେଳଶ୍ୱର ଦେବଙ୍କ ପୀଠରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ପ୍ରଶାସନ ଦ୍ୱାରା ମୋ ବିଚ୍ କାର୍ଯ୍ୟକ୍ରମ ଜୁନ ୨୫ ତାରିଖରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବେଳାଭୂମି ଓ ପର୍ଯ୍ୟଟନସ୍ଥଳୀର ସ୍ୱଚ୍ଛତା ଓ ପରିବେଶ ଉପରେ ଗୁରୁତ୍ୱ ଦିଆଯାଇଛି। ପୁରୀ ଜିଲାପାଳ ବଳୱନ୍ତ ସିଂଙ୍କ ଉପସ୍ଥିତରେ ବ୍ରହ୍ମଗିରି ବିଡିଓ ଭାସ୍କର ଚନ୍ଦ୍ର ରଇତ, ତହସିଲଦାର ଅଶୋକ ମହାନ୍ତି ଏବଂ ବିଜୁ ଯୁବବାହିନୀର ସଦସ୍ୟ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ଉଦ୍ୟମରେ ସଫେଇ କରାଯାଇଥିଲା। ପରେ ଜିଲାପାଳ ବାଲିହରଚଣ୍ଡୀ ପୀଠର ସେବାୟତମାନଙ୍କ ସହ ଆଲୋଚନା କରିବା ସହିତ ଏହି ପୀଠର ସ୍ୱଚ୍ଛତା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଭାବକୁଣ୍ଡଳେଶ୍ୱର ଓ ସାତପଡା ଠାରେ ଏହି ଅଭିଯାନରେ ସଫେଇ କରାଯାଇଥିଲା ।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା

**କୋଣାର୍କ, ୧୬।୭(ଡି.ଏନ୍.ଏ.)**

କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ କୋଣାର୍କ ଏନ୍ଏସି ପକ୍ଷରୁ ମଙ୍ଗଳବାର କଠିନ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି ନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲାପାଳ ବଳୱନ୍ତ ସିଂହ ଯୋଗଦେଇଥିଲେ। ପର୍ଯ୍ୟଟନକ୍ଷେତ୍ର କୋଣାର୍କକୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ମଧ୍ୟରେ ଆବର୍ଜନା ମୁକ୍ତ ସହର ଭାବରେ ଗଢି ତୋଳିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସବୁପ୍ରକାର ସାହାଯ୍ୟ ସହଯୋଗ କରାଯିବ। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଥିଲେ। କୋଣାର୍କ ଏନ୍ଏସିରେ ଥିବା ସମସ୍ତ ଘରୁ ଦାୟିତ୍ୱ ନେଇଥିବା ଫିଡବ୍ୟାକ ଫାଉଣ୍ଡେଶନ ପକ୍ଷରୁ ଆବର୍ଜନା ସଂଗ୍ରହ କରାଯିବ। ଏ ନେଇ ଗୋଷ୍ଠୀ ସ୍ତରରେ ସଂପୃକ୍ତ ସଂଗଠନ ପକ୍ଷରୁ ସଚେତନତା ସୃଷ୍ଟି କରାଯିବ ବୋଲି ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହ କୋଣାର୍କର ସମସ୍ତ ସଂଗଠନ ଏହି କାର୍ଯ୍ୟରେ ସାମୂହିକ ଭାବେ ସହଯୋଗ କରି ଆବର୍ଜନା ମୁକ୍ତ କୋଣାର୍କ ଗଠନରେ ବ୍ରତୀହେବାକୁ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ କୋଣାର୍କ ଏନ୍ଏସି ପ୍ରଶାସକ ତଥା ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଫିଡବ୍ୟାକ ଫାଉଣ୍ଡେଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ସିହ୍ନା ଉପସ୍ଥିତ ଥିଲେ। ଅତିଥିମାନେ କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଏହାର ପ୍ରକାର ଭେଦ ଓ ଏହାର ସଦୁପଯୋଗ କରାଯିବା ଉପରେ ମହିଳା ଓ ବିଭିନ୍ନ ବର୍ଗର ସଂଗଠକମାନଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ଫିଡବ୍ୟାକ ଫାଉଣ୍ଡେଶନର ମୁଖ୍ୟ ପରିଚାଳନା ଅଧିକାରୀ ଜ୍ୟୋତିପ୍ରକାଶ, ପରିଚାଳକ ଦେବାଶିଷ ତ୍ରିପାଠୀ, ଲଖବିନ୍ଦର ସିଂ, ଗୋଷ୍ଠୀ ପ୍ରବର୍ତ୍ତକ ଦୀପ୍ତିମୟ ନାୟକ, ସହକାରୀ ଯନ୍ତ୍ରୀ ଶୁଭେନ୍ଦୁ ମିଶ୍ର, ଭାଗୀରଥି ବରାଳ, ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ପୁରୀ ଜିଲାପାଳ ବଲବନ୍ତ ସିଂ ବକ୍ତବ୍ୟ ଦେଉଛନ୍ତି।